‘ଜଲିଏଲ୍ଏଲ୍‌ବି ୪’ରୁ ବାହାରିଲେ ଅକ୍ଷୟ

▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-119 ♦SATURDAY ♦24 OCTOBER 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୪ ♦ସଂଖ୍ୟା-୧୧୯ ♦ଶନିବାର ♦୨୪ ଅକ୍ଟୋବର ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦

ଦିଲ୍ଲୀରେ ପଶି ପାରିବନି ୬ ବର୍ଷର ପୁରୁଣା ଗାଡ଼ି

■ ନୂଆଦିଲ୍ଲୀ,୨୩।୧୦(ଏଜେନ୍ସି): ଆସନ୍ତା ନଭେମ୍ବର ପହିଲାରୁ ରାଜଧାନୀ ଦିଲ୍ଲୀରେ ବିଏସ୍ (ଭାରତ ଷ୍ଟେଜ୍)-୬ ମାନଦଣ୍ଡ ନ ଥିବା ଯାନବାହନ ପ୍ରବେଶ ଉପରେ କଟକଣା ଲାଗିବ। ଦିଲ୍ଲୀ ଏବଂ ଏହାର ଆଖପାଖ ଅଞ୍ଚଳରେ ପ୍ରଦୂଷଣ ବିପଦକୁ ନଜରରେ ରଖି ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଫଳସ୍ୱରୂପ, ଦିଲ୍ଲୀ ସରକାର ପ୍ରଦୂଷଣ ମୁକାବିଲା କରିବା ପାଇଁ ବିଭିନ୍ନ ବ୍ୟବସ୍ଥା କରିବା ଆରମ୍ଭ କରିସାରିଛନ୍ତି। ସରକାର ଏଥର ଦିଲ୍ଲୀରେ ପ୍ରଦୂଷଣ ରୋକିବା ପାଇଁ କେତେକ ନିର୍ଦ୍ଦିଷ୍ଟ ନିୟମ ଆଣିଛନ୍ତି। ଦିଲ୍ଲୀରେ ବର୍ଦ୍ଧିତ ଧୂଆଁ ଏବଂ ବିଷାକ୍ତ ବାୟୁମଣ୍ଡଳର ମୁକାବିଲା ପାଇଁ ଏହି ନିୟମ କାର୍ଯ୍ୟକାରୀ କରାଯାଉଛି। ନୂତନ ନିର୍ଦ୍ଦେଶ ଅନୁଯାୟୀ, ନଭେମ୍ବରରୁ ଆସନ୍ତା ବର୍ଷ ଜାନୁଆରୀ ପର୍ଯ୍ୟନ୍ତ ବାହାର ରାଜ୍ୟରୁ ଆସୁଥିବା ସମସ୍ତ ପେଟ୍ରୋଲ ଏବଂ ଡିଜେଲ ଯାନ ଯେଉଁମାନେ ବିଏସ୍-୬ ମାନଦଣ୍ଡ ଅନୁପାଳନ କରନ୍ତି ନାହିଁ, ସେମାନେ ଦିଲ୍ଲୀରେ ପ୍ରବେଶ କରିପାରିବେନାହିଁ। ତଥାପି, ସିଏନ୍‌ଜି ଏବଂ ଇଭି ଏବଂ ନୂତନତମ ବିଏସ୍ ମାନଦଣ୍ଡ ପୂରଣ କରୁଥିବା ଡିଜେଲ୍ ଟ୍ରକ୍ ଏବଂ ବସ୍ ଗୁଡ଼ିକୁ ଏହି ନିୟମରୁ ଛାଡ଼ ଦିଆଯାଇଛି। ଯଦି କୌଣସି ଯାନ ଏହି ନିଷେଧାଦେଶ ▶ପୃଷ୍ଠା-୭

ଘର ଭିତରେ ବିସ୍ଫୋରଣ; ପରିବାରର ୭ ମୃତ

■ ସିୱାନ,୨୩।୧୦(ଏଜେନ୍ସି): ବିହାରର ସିୱାନ ଜିଲ୍ଲାରେ ଶୁକ୍ରବାର ବାଣ ଗଚ୍ଛିତ ଥିବା ଏକ ଘରେ ଭୟଙ୍କର ବିସ୍ଫୋରଣ ଘଟି ଗୋଟିଏ ପରିବାରର ୭ ଜଣ ପ୍ରାଣ ହରାଇଛନ୍ତି। ବିସ୍ଫୋରଣ ଏ।।ତେ ଭୟଙ୍କର ଥିଲା ଯେ ଘରର ସମ୍ମୁଖ ଅଂଶଟି ସଂପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଆଜି ଅପରାହ୍ନରେ ଏହି ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ କ୍ରମାଗତ ଦୁଇ ଘଣ୍ଟା ଚାଲିଥିଲା ଏବଂ ଏହାକୁ ନେଇ ସଂପୃକ୍ତ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ବାରମ୍ବାର ବିସ୍ଫୋରଣ ହେଉଥିବାରୁ ଉଦ୍ଧାରକାରୀ ଦଳକୁ ଅସୁବିଧାର ସାମ୍ନା କରିବାକୁ ପଡୁଛି। ପ୍ରାଥମିକ ସୂଚନା ଅନୁଯାୟୀ, ସ୍ଥାନୀୟ ବାଣ ବ୍ୟବସାୟୀ ମହମ୍ମଦ ଅମିରୁଦ୍ଦିନ ମିଆଁଙ୍କ ଘରେ ଗଚ୍ଛିତ ଥିବା ବାଣରେ ନିଆଁ ଲାଗିବା ପରେ ଏକାଧିକ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣର ତୀବ୍ରତା ଏତେ ଅଧିକ ଥିଲା ଯେ ଘରର ସାମ୍ନା ଭାଗ ଭୁଶୁଡ଼ି ରାସ୍ତା ଉପରେ ଭଗ୍ନାବଶେଷ ପଡ଼ିଥିଲା। ପ୍ରାୟ ଦୁଇ ଘଣ୍ଟା ଧରି ମଝିରେ ମଝିରେ ବିସ୍ଫୋରଣ ହୋଇଥିଲା। ସିୱାନ ଏସ୍‌ପି ଭରତ ସୋନି କହିଛନ୍ତି ଯେ ବିସ୍ଫୋରଣ ପରେ ଘର ଭିତରେ ୭ ଜଣ ଥିଲେ। ବର୍ତ୍ତମାନ ସୁଦ୍ଧା ୪ ଜଣଙ୍କର ମୃତଦେହ ଉଦ୍ଧାର କରାଯାଇଛି ଏବଂ ଅନ୍ୟ ୩ ଜଣଙ୍କ ସ୍ଥିତି ଜଣାପଡ଼ିନାହିଁ।

ଦାନା ବାନ୍ଧୁଛି ବାତ୍ୟା ‘ଅର୍ଣ୍ଣବ’

▶ ୨୬ରେ ବଙ୍ଗୋପସାଗରରେ ସୃଷ୍ଟି ହେବ ବାତ୍ୟା

▶ ୨୭ରୁ ଦକ୍ଷିଣ ଓ ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା

▶ ୨୮ରେ ଦକ୍ଷିଣ ଓଡ଼ିଶା-ଆନ୍ଧ୍ର ଉପକୂଳରେ ସ୍ଥଳଭାଗ ଛୁଇଁବ

▶ ଘଣ୍ଟାକୁ ୯୦ କିମି ବେଗରେ ପବନ, ୨୯ ଯାଏଁ ବର୍ଷା



■ ଭୁବନେଶ୍ୱର, ୨୩।୧୦ (ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ବାତ୍ୟାରେ ପରିଣତ ହେବ। ଆସନ୍ତା ୨୬ ତାରିଖ ବେଳକୁ ଏହି ବାତ୍ୟା ସୃଷ୍ଟି ହେବା ସେହ ପରବର୍ତ୍ତୀ ସମୟରେ ଆହୁରି ଘନୀଭୂତ ହେବ ଓ ଭୀଷଣ ବାତ୍ୟାର ରୂପ ନେବ। ସମ୍ଭାବ୍ୟ ଭୀଷଣ ବାତ୍ୟାଟି ୨୮ ତାରିଖରେ ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ର ଉପକୂଳ ନିକଟରେ ପହଞ୍ଚିବ। ବର୍ତ୍ତମାନ ସ୍ଥିତି ଓ ପୂର୍ବ ରେକର୍ଡକୁ ଅନୁଶୀଳନ କଲେ ବାତ୍ୟାଟି ଆନ୍ଧ୍ରରେ ସ୍ଥଳଭାଗ ଛୁଇଁବାର ଯଥେଷ୍ଟ ସମ୍ଭାବନା ରହିଛି। ଏହି ବାତ୍ୟା ଆନ୍ଧ୍ରରେ ସ୍ଥଳଭାଗ ଛୁଇଁବା ପରେ ଦିଗ ପରିବର୍ତ୍ତନ କରିବାର ସମ୍ଭାବନା ରହିଥିବାରୁ ଏହା ପ୍ରଭାବରେ ୨୮ ତାରିଖରେ ଦକ୍ଷିଣ ଓଡ଼ିଶାରେ ଭୀଷଣ ବର୍ଷା ଆଶଙ୍କା କରାଯାଉଛି। ଏହିସହିତ ଦକ୍ଷିଣ ଓଡ଼ିଶାର କିଛି ଜିଲ୍ଲାରେ ପବନର ବେଗ ମଧ୍ୟ ଅପେକ୍ଷାକୃତ ଅଧିକ ରହିବା ନେଇ ଆକଳନ କରାଯାଉଛି।

ବଙ୍ଗୋପସାଗରରେ ରହିଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଶୁକ୍ରବାର ସକାଳ ୫.୩୦ ବେଳକୁ ପୂର୍ବ କେନ୍ଦ୍ରୀୟ ଏବଂ ସଂଲଗ୍ନ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଉପରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଶନିବାର ଏହି ଲଘୁଚାପ ଅଧିକ ଘନୀଭୂତ ହୋଇ ଅବପାତରେ ପରିଣତ ହେବା ସହ ଏହାପରେ ପଶ୍ଚିମ-ଉତ୍ତର ପଶ୍ଚିମ ଆଡକୁ ଗତି କରି ୨୫ ତାରିଖ ବେଳକୁ ଗଭୀର ଅବପାତରେ ପରିଣତ ହେବ। ଆସନ୍ତା ୨୬ ତାରିଖରେ ଏହା ବାତ୍ୟାର ରୂପ ନେଇପାରେ। ଏହି ବାତ୍ୟା ସୃଷ୍ଟି ହେବା ପରେ ଆଇଏମ୍‌ଡିର ତାଲିକା ଅନୁଯାୟୀ ଏହାର ନାମ ‘ଅର୍ଣ୍ଣବ’ ରହିବ। ବାତ୍ୟା ସୃଷ୍ଟି ପରେ ପରବର୍ତ୍ତୀ ଦୁଇଦିନରେ ଏହା ପଶ୍ଚିମ ଓ ଉତ୍ତର ପଶ୍ଚିମ ଦିଗରେ ଗତି କରିବା ସହ ଆହୁରି ଶକ୍ତିଶାଳୀ ହେବ। ଆଇଏମ୍‌ଡି ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ସୂଚନା ଅନୁଯାୟୀ ଏହି ଲଘୁଚାପ ବାତ୍ୟାରେ ପରିଣତ ହେବା ପରେ ତା ପରବର୍ତ୍ତୀ ଦୁଇଦିନ ଅର୍ଥାତ ଅକ୍ଟୋବର ୨୭ ଓ ୨୮ ପର୍ଯ୍ୟନ୍ତ ଆହୁରି ଘନୀଭୂତ ହେବ। ୨୮ ବେଳକୁ ଏହି ବାତ୍ୟା ଉତ୍ତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଓଡ଼ିଶା ଉପକୂଳ ନିକଟତର ହେବ। ଏହା ଲଘୁଚାପରେ ପରିଣତ ହେବା ପରେ ଏହା କେଉଁଠାରେ ସ୍ଥଳଭାଗ ଅତିକ୍ରମ କରିବ, ତାହା ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

ସମ୍ଭାବ୍ୟ ବାତ୍ୟା ପ୍ରଭାବରେ ଅକ୍ଟୋବର ୨୭ ଓ ୨୮ ତାରିଖରେ ରାଜ୍ୟର ବର୍ଷା ହେବ। ବିଶେଷ କରି ୨୮ ତାରିଖରେ ରାଜ୍ୟରେ ସବୁଠୁ ଅଧିକ ବର୍ଷା ହେବ। ଏହି ଦୁଇ ଦିନ ଉପକୂଳବର୍ତ୍ତୀ ଜିଲ୍ଲାରେ ମଧ୍ୟ ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହାସହିତ ଦକ୍ଷିଣ ଓଡ଼ିଶାରେ ବର୍ଷା ସାଙ୍ଗକୁ କିଛିକାଂଶରେ ପବନର ବେଗ ବୃଦ୍ଧି ପାଇ ୬୦ କିମି ପର୍ଯ୍ୟନ୍ତ ପହଞ୍ଚିବ ବୋଲି ପାଣିପାଗ କେନ୍ଦ୍ର କହିଛି। କେନ୍ଦ୍ର ପକ୍ଷରୁ ଜାରି ବୁଲେଟିନ୍ ଅନୁଯାୟୀ ୨୭ ତାରିଖରେ ଗଜପତି, ଗଞ୍ଜାମ, ପୁରୀ ସମେତ ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଆଦି ଜିଲ୍ଲାରେ ବର୍ଷା ହେବ। ସେଗିପରି ୨୮ରେ ବର୍ଷାର ପ୍ରଭାବ ବଢ଼ିବା ସହ ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ବର୍ଷା ହେବ। ଏହାକୁ ▶ପୃଷ୍ଠା-୭

ପୁଣି ତେଜିଲା ଜ୍ଞାନେଶ ହଟାଅ ଆନ୍ଦୋଳନ

୧୮ ରାଜ୍ୟର ୮୮ ସହରରେ ବିକ୍ଷୋଭ

■ ନୂଆଦିଲ୍ଲୀ, ୨୩।୧୦ (ଏଜେନ୍ସି): ‘ଭୋଟ ଚୋରି’ ବିବାଦରେ ଫସିଥିବା ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ବିରୋଧରେ ପୁଣି ତେଜିଛି ଆନ୍ଦୋଳନ। ଜ୍ଞାନେଶଙ୍କ ଇସ୍ତଫା ସହିତ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସଆଇଆର) ବାତିଲ ଦାବିରେ ବିଭିନ୍ନ ସଂଗଠନ ପକ୍ଷରୁ ଆଜି ଦିଲ୍ଲୀ ସମେତ ଦେଶର ବିଭିନ୍ନ ରାଜ୍ୟରେ ପୁଣି ଆନ୍ଦୋଳନ ଆରମ୍ଭ ହୋଇଛି। ନୂଆଦିଲ୍ଲୀରେ ନିର୍ବାଚନ କମିସନ ଅଫିସ ଆଗରେ ବିକ୍ଷୋଭ ପାଇଁ ଯାଉଥିବା ଆନ୍ଦୋଳନକାରୀଙ୍କୁ ପୁଲିସ ବାଟରେ ଅଟକାଇବା ପରେ ସେମାନଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ପୁଲିସ ଇତିମଧ୍ୟରେ ଶତାଧିକ ଆନ୍ଦୋଳକାରୀଙ୍କୁ ଅଟକ ରଖିଥିବା ଜଣାପଡ଼ିଛି।

ନିର୍ବାଚନ କମିସନ ଅଫିସ ଆଗରେ ଆନ୍ଦୋଳନକାରୀ-ପୁଲିସ ମୁହାଁମୁହିଁ; ଶତାଧିକ ଅଟକ

ପାର୍ବଣ ପାଇଁ ଶାନ୍ତ ପଡ଼ିଥିବା ଜ୍ଞାନେଶ ହଟାଅ ଆନ୍ଦୋଳନ ଆଜି ପୁଣି ଆରମ୍ଭ ହୋଇଛି। ଏହାକୁ ନେଇ ରାଜଧାନୀ ଦିଲ୍ଲୀ ପୁଣି କମ୍ପିଛି। ବିଭିନ୍ନ ରାଜନୈତିକ ▶ପୃଷ୍ଠା-୭

ଓଲଟ ପାଲଟ

ରାମ ରାଇଜର ଶାସନରେ ଏଠି
ହେଉଛି ରାବଣ ପୋଡ଼ି,
ରାମ ମନ୍ଦିରର ହୁଣ୍ଡିରୁ ଟଙ୍କା
ଡାକୁ ନେଇଯାଏ ତାଡ଼ି।
ମିଛ ରଙ୍ଗମଞ୍ଚ ମିଛ ଏ ନାଟକ
ମିଛ ଖାଲି ଅଭିନୟ,
ରାବଣ ପୋଡୁଛି ରାବଣକୁ ଏଠି
ଶୁଭେ ଖାଲି ଜୟ ଜୟ।
ରାବଣପୋଡ଼ିରେ ଦୁର୍ନୀତି
ହୋଇଯାଏ କିବା ଧ୍ୱଂସ,
ପାଉଁଶ ଗଦାରୁ ଅସଲ ରାବଣ
ଛାଡ଼େ ବିକଟାଳ ହସ ॥

- ଯାଯାବର

ଜିଓ ଆଇପିଓର ବିଶ୍ୱ ରେକର୍ଡ

୧.୩୮ କୋଟିରୁ ଅଧିକ ଆବେଦନ, ୨୨ ଗୁଣରୁ ଅଧିକ ସବସ୍କ୍ରିପ୍ସନ୍

୭.୪୦ ଲକ୍ଷ କୋଟିର ବିଡ୍

■ ମୁମ୍ବଇ, ୨୩।୧୦ (ଏଜେନ୍ସି): ଦେଶର ସର୍ବବୃହତ୍ ଆଇପିଓ ଜିଓ ପ୍ଲାଟଫର୍ମ୍ସ ଆଇପିଓ ଐତିହାସିକ ସମାପ୍ତି ସହ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଛି। ଜିଓର ଏହି ୩୦,୨୯୩ କୋଟି ଟଙ୍କାର ଆଇପିଓକୁ ତିନି ଦିନ ମଧ୍ୟରେ ୧.୩୮ କୋଟିରୁ ଅଧିକ ଆବେଦନ ମିଳିଛି। ବିଶ୍ୱରେ ଯେକୌଣସି ଆଇପିଓ ପାଇଁ ଏହା ଏପର୍ଯ୍ୟନ୍ତ ମିଳିଥିବା ସର୍ବାଧିକ ଆବେଦନ ସଂଖ୍ୟା। ଶୁକ୍ରବାର ସନ୍ଧ୍ୟା ୭ଟାରେ ବିଡ଼ିଂ ବନ୍ଦ ହେବା ସୁଦ୍ଧା ଜିଓ ଆଇପିଓ ୨୨ ଗୁଣରୁ ଅଧିକ ସବସ୍କ୍ରାଇବ୍ ହୋଇଥିଲା। ଆଙ୍କର୍ ଓ ଅଣ-ଆଙ୍କର୍ ନିବେଶକଙ୍କ ମୋଟ ବିଡ୍ ପରିମାଣ ପ୍ରାୟ ୭.୪୦ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଥିଲା। ଏଥିରେ ଅଣ-ଆଙ୍କର୍ ନିବେଶକଙ୍କ ପକ୍ଷରୁ ପ୍ରାୟ ୪.୯୦ ଲକ୍ଷ କୋଟି ଟଙ୍କା ଏବଂ ଆଙ୍କର୍ ନିବେଶକଙ୍କ ପକ୍ଷରୁ ପ୍ରାୟ ୨.୫୦ ଲକ୍ଷ କୋଟି ଟଙ୍କାର ବିଡ୍ ସାମିଲ ରହିଛି। ଜିଓ ଆଇପିଓରେ ରିଟେଲ ବା ଖୁଚୁରା ନିବେଶକଙ୍କ ମଧ୍ୟରେ ମଧ୍ୟ ସେୟାର କିଣିବା ପାଇଁ ଜୋରଦାର ପ୍ରତିଯୋଗିତା ଦେଖିବାକୁ ମିଳିଥିଲା। ▶ପୃଷ୍ଠା-୭

ପୋସ୍କୋ ଇଣ୍ଡିଆ, ଜେଏସ୍‌ଡବ୍ଲ୍ୟୁ, ଏଲ୍ ଆଣ୍ଡ ଟି ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

ଓଡ଼ିଶାକୁ ମିଳିଛି ୫୪,୦୦୦ କୋଟିର ନିବେଶ ପ୍ରସ୍ତାବ

ଆସନ୍ତା ବର୍ଷ ଅକ୍ଟୋବରରେ ହେବ ଓଡ଼ିଶା କେମ୍ ୨୦୨୭

■ ଭୁବନେଶ୍ୱର, ୨୩।୧୦ (ସମିସ): ମୁମ୍ବାଇରେ ଅନୁଷ୍ଠିତ ଇଣ୍ଡିଆ କେମ-୨୦୨୬ରେ ପୁଞ୍ଜି ନିବେଶ କ୍ଷେତ୍ରରେ ଓଡ଼ିଶାକୁ ବଡ଼ ସଫଳତା ମିଳିଛି। ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ଓଡ଼ିଶା ସରକାର ମୋଟ ୯ଟି ଏମ୍‌ଓୟୁ ସହିତ ୪ଟି ଇନ୍‌ଭେଷ୍ଟମେଣ୍ଟ ଇଣ୍ଟେଣ୍ଟ ସ୍ୱାକ୍ଷର କରିଛନ୍ତି। ଏହାଦ୍ୱାରା ଓଡ଼ିଶାକୁ ସମୁଦାୟ ୫୩,୮୯୩.୫୧ କୋଟି ଟଙ୍କାର ନିବେଶ ପ୍ରସ୍ତାବ ଆସିଛି, ଏଥିରେ୨୦,୨୧୦ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆସନ୍ତା ବର୍ଷ ଏହି ସମ୍ମିଳନୀ ଓଡ଼ିଶାରେ ଆୟୋଜନ କରିବା ପାଇଁ ସେ କେନ୍ଦ୍ର ସରକାର ଓ ଫିକି ସହିତ ଆଲୋଚନା କରିଥିଲେ। ଏଥିପାଇଁ ଉଭୟ କ୍ଷେତ୍ରରୁ ସବୁଜ ସଙ୍କେତ ମିଳିଛି। ଆସନ୍ତା ବର୍ଷ ୨୦୨୭ ଅକ୍ଟୋବର ମାସରେ ଓଡ଼ିଶା କେମ- ୨୦୨୭ ଅନୁଷ୍ଠିତ ହେବ। ଏହି ଅବସରରେ ବିଭିନ୍ନ ବିଜନେସ୍ ଲିଡର ମାନଙ୍କ ସହିତ ୨୫ଟି ୱାନ-ଟୁ-ୱାନ ମିଟିଙ୍ଗ୍ ଅନୁଷ୍ଠିତ ହୋଇଛି। ପୋସ୍କୋ ଇଣ୍ଡିଆ, ଜେ.ଏସ୍.ଡବ୍ଲ୍ୟୁ, ଏଲ୍ ଆଣ୍ଡ ଟି ଆଦି କମ୍ପାନୀ ମାନଙ୍କ ସହିତ ଆମେରିକା ଓ ୟୁରୋପିଆନ୍ ୟୁନିଅନ୍‌ର ବିଭିନ୍ନ ଦେଶର କମ୍ପାନୀମାନଙ୍କ ପ୍ରତିନିଧିମାନଙ୍କ ସହିତ ଆଲୋଚନା ହୋଇଛି। ଏହାଦ୍ୱାରା ବିଭିନ୍ନ ସମ୍ଭାବ୍ୟ ନିବେଶକମାନଙ୍କ ସହିତ ଉତ୍ତମ ବୁଝାମଣା ସୃଷ୍ଟି ▶ପୃଷ୍ଠା-୭

ଭାରତ-ଚୀନ୍ ସେନା ମୁହାଁମୁହିଁ

■ ନୂଆଦିଲ୍ଲୀ, ୨୩।୧୦ (ଏଜେନ୍ସି): ଅରୁଣାଚଳ ପ୍ରଦେଶ ସୀମାରେ ପୁଣି ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଛି। ଭାରତୀୟ ସେନା ଓ ଚୀନ୍ ସେନା ଏକାଧିକ ସ୍ଥାନରେ ମୁହାଁମୁହିଁ ଅବସ୍ଥାରେ ଅଛନ୍ତି। ଭାରତ- ତିବ୍ବତ ସୀମା ପୁଲିସ (ଆଇଟିବିପି) ମହାନିର୍ଦ୍ଦେଶକ ଶତ୍ରୁଜିତ କପୁର ଏହି ସୂଚନା ଦେବାପରେ ହଇଚଇ ସୃଷ୍ଟି ହୋଇଛି। ସୀମାରେ ଚୀନ ଦାଦାଗିରୀ ଚଳାଇଥିବା ବେଳେ ଭାରତ ଏହାର କାହିଁକି ଜବାବ ଦେଉନାହିଁ ବୋଲି ବିରୋଧୀ ଦଳ ପ୍ରଶ୍ନ ଉଠାଇଥିବା ବେଳେ ସରକାର କହିଛନ୍ତି ଯେ ଏସଂପର୍କରେ ଚୀନ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ଚାଲିଛି।

ଆଇଟିବିପିର ବାର୍ଷିକ ସମ୍ମାନ ପ୍ରଦାନ ସମାରୋହରେ କପୁର କହିଛନ୍ତି, ଗତ କିଛି ଦିନ ମଧ୍ୟରେ ଅରୁଣାଚଳର ଅନେକ ସ୍ଥାନରେ ଭାରତ ଓ ଚୀନ୍ ସେନା ମଧ୍ୟରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିଲା ଏବଂ ଏହା ଏବେ ବି ଜାରି ରହିଛି। ଜୁଲାଇରୁ ଏହି ଉ।।ତ୍ତେଜନା ଲାଗି ରହିଛି। ବିଶେଷକରି ତାକସିଂ ଅଞ୍ଚଳରେ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ନିକଟରେ ଭାରତୀୟ ସେନାର ନିର୍ଦ୍ଦିଷ୍ଟ ପାଟ୍ରୋଲିଂ ସ୍ଥାନକୁ ଚୀନ୍ ସେନା ବାଧା ଦେଉଛି। ଏହାର ମୁକାବିଲା ପାଇଁ ଆଇଟିବିପି ଗଠନ କରିଛି ‘ଶୌର୍ଯ୍ୟ କମାଣ୍ଡୋ’ ବାହିନୀ। ଉଚ୍ଚ ପାର୍ବତ୍ୟ ଅଞ୍ଚଳରେ ଯୁଦ୍ଧ କରିବା ପାଇଁ ଏହି କମାଣ୍ଡୋମାନେ ସ୍ୱତନ୍ତ୍ର ତାଲିମପ୍ରାପ୍ତ। ଚୀନ୍ ସୀମାରେ ମୁକାବିଲା କରିବା ଆଇଟିବିପି ପାଇଁ ସବୁଠାରୁ ଆହ୍ୱାନପୂର୍ଣ୍ଣ କାର୍ଯ୍ୟ ବୋଲି ସେ ସ୍ୱୀକାର କରିଛନ୍ତି। ସୀମାନ୍ତ ବାହିନୀରେ ଡ୍ରୋନ ଦଳ ଗଠନ, ଗଲୱାନ୍ ଭଳି ପରିସ୍ଥିତିର ମୁକାବିଲା ପାଇଁ ସ୍ୱତନ୍ତ୍ର ଯୁଦ୍ଧ ତାଲିମ ଏବଂ ଭୂତଳ ଭିତ୍ତିଭୂମି ନିର୍ମାଣ ଉପରେ ଜୋର୍ ଦିଆଯାଉଥିବା ସେ ▶ପୃଷ୍ଠା-୭

ପାଟ୍ରୋଲିଂ ସର୍ତ୍ତ ମାନୁନି ଚୀନ ସେନା

ଭାରତ ଜଣାଇଲା ତୀବ୍ର ପ୍ରତିବାଦ

ପୁଅକୁ ଡାକ୍ତର କରିବାକୁ ପଣ

ବନ୍ଧାପଡ଼ିଛି ଶେଷ ସମ୍ବଳ

■ ଭୁବନେଶ୍ୱର/ ଦାରିଙ୍ଗବାଡ଼ି, ୨୩।୧୦ (ସମିସ): ପୁଅ ଡାକ୍ତର ହେବ; ଗରିବଙ୍କ ସେବା କରିବ। ପରିଣତ ବୟସରେ ପହଞ୍ଚିଥିବା ବୃଦ୍ଧ ବାପାମା’ଙ୍କ ଆଖିରେ ଏହି ସ୍ୱପ୍ନ ହିଁ ଭରିଦେଇଛି ବଞ୍ଚିବାର ନୂଆ ଆଶା। ମାତ୍ର ସ୍ୱପ୍ନ ପୂରଣ ପଥରେ ପ୍ରତିବନ୍ଧକ ସାଜିଛି ଅଭାବ ଅନଟନ। ପୁଅର ଡାକ୍ତରୀ ପାଠପଢ଼ା ପାଇଁ ଟଙ୍କା ଯୋଗାଡ଼ କରିବାକୁ ନିଜର ସ୍ୱଳ୍ପ ଜମି ବନ୍ଧା ପକାଇଲେ, ନିଜର ସମ୍ପର୍କୀୟଙ୍କଠାରୁ କରଜ ନେଲେ। ତଥାପି ଆବଶ୍ୟକ ଟଙ୍କା ଯୋଗାଡ଼ ହୋଇ ପାରିଲା ନାହିଁ। ଶେଷରେ ନିଜର ଶେଷ ସମ୍ବଳ କୁହାଯାଉଥିବା ବାର୍ଦ୍ଧକ୍ୟ ଭତ୍ତା କାର୍ଡକୁ ବି ବନ୍ଧା ପକାଇବାକୁ ପଡ଼ିଲା। ଏହି ଦୁଃଖଭରା କାହାଣୀ ହେଉଛି କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ୍ ଧୂସାରି ଗାଁର ୭୦ ବର୍ଷୀୟ କେପାଙ୍ଗ ସୁନାମାଝୀ ଓ ତାଙ୍କ ପତ୍ନୀ ନାଗତାଲୁଙ୍କର।

ଋଣ ଶୁଝିବା ଯାଏଁ ଏସ୍‌ଏଚ୍‌ଜି ନିକଟରେ ବାର୍ଦ୍ଧକ୍ୟ କାର୍ଡ ବନ୍ଧକ

ସୁନାମାଝୀଙ୍କ ପରିବାରରେ ଚାରି ପୁଅ ଓ ଚାରି ଝିଅ। ବଡ଼ ତିନି ପୁଅ ବିବାହ ପରେ ଅଲଗା ରହୁଛନ୍ତି। ଚାରି ଝିଅ ବାହାହୋଇ ଯାଇଛନ୍ତି। କେପାଙ୍ଗ ଶାରୀରିକ ଦିବ୍ୟାଙ୍ଗ, ବୟସାଧିକ୍ୟ ଯୋଗୁଁ ନିୟମିତ ଶାରୀରିକ ପରିଶ୍ରମ କରିବା ତାଙ୍କ ପକ୍ଷରେ କଷ୍ଟଦାୟକ। ନାଗତାଲୁ ଜଙ୍ଗଲରୁ ପତ୍ର ସଂଗ୍ରହ କରି ଖଲି ସିଲେଇ କରୁଥିବାବେଳେ କେପାଙ୍ଗ ନିଜର ସ୍ୱଳ୍ପ ଜମିରେ ଝୁଡ଼ଙ୍ଗ ଚାଷ କରନ୍ତି। ଗଡ଼ାପୁର ସରକାରୀ ବିଦ୍ୟାଳୟରୁ ଦଶମ ପାସ୍ କରିବା ପରେ ପୁଅ ସୁଶାନ୍ତ ବ୍ରହ୍ମପୁରରେ ଏକ କଲେଜରେ ଯୁକ୍ତଦୁଇ ପଢ଼ିଥିଲେ। ପରେ ଗାଁକୁ ଫେରି ଚାଷକାମରେ ବାପାମାଆଙ୍କୁ ସହାୟତା କରିବା ସହ କୌଣସି କୋଚିଂ ନ ନେଇ ନିଜ ଉଦ୍ୟମରେ ନିଟ୍ ପାଇଁ ପ୍ରସ୍ତୁତି କର ସଫଳତା ପାଇଥିଲେ। ଏହା ପରେ ଆରମ୍ଭ ହୋଇଥିଲା ବାସ୍ତବ ସଂଘର୍ଷ। ନାମଲେଖା ପାଇଁ ଆବଶ୍ୟକ ଟଙ୍କା ସେମାନଙ୍କ ପାଖରେ ନ ଥିଲା। ସୁନାମାଝୀ ଦମ୍ପତି ନିଜର ସ୍ୱଳ୍ପ ଚାଷ ଜମିକୁ ଜଣେ ବ୍ୟକ୍ତିଙ୍କ ନିକଟରେ ୧୫ ହଜାର ଟଙ୍କାରେ ବନ୍ଧା ପକାଇଥିଲେ ବି ତାହା ସୁଶାନ୍ତଙ୍କ ନାମଲେଖା ପାଇଁ ପର୍ଯ୍ୟାପ୍ତ ନ ଥିଲା। ଶେଷରେ ବାର୍ଦ୍ଧକ୍ୟ ଭତ୍ତା କାର୍ଡକୁ ସ୍ୱୟଂ ▶ପୃଷ୍ଠା-୭

ବିଶେଷ ଟିପ୍ପଣୀ



ଆନ୍ଧ୍ରପ୍ରଦେଶରେ ଶାସକ ଟିଡିପି ଗୁଣ୍ଡାମାନେ ବିରୋଧୀ ପ୍ରାର୍ଥୀମାନଙ୍କୁ ନାମାଙ୍କନ ପତ୍ର ଦାଖଲ କରିବାରୁ ଖୋଲାଖୋଲି ବାଧା ଦେଉଛନ୍ତି। ସବୁକିଛି ପୁଲିସ ଏବଂ ନିର୍ବାଚନ ଅଧିକାରୀଙ୍କ ସାମ୍ନାରେ ହେଉଛି। ଟିଡିପି ସରକାର ଗଣତନ୍ତ୍ର ପ୍ରତି ଏକ ଉପହାସ ପାଲଟିଛି।

-ପ୍ରଶାନ୍ତ ଭୂଷଣ (ବରିଷ୍ଠ ସୁପ୍ରିମ କୋର୍ଟ ଓକିଲ)



ଭଦୋଦରା ମ୍ୟୁନିସିପାଲ୍ କର୍ପୋରେସନ୍‌ର ସ୍ଥାୟୀ କମିଟି ସର୍ବସମ୍ମତିକ୍ରମେ ୟୁସୁଫ୍ ପଠାନଙ୍କୁ ୯୭୮ ବର୍ଗ ମିଟର ଜମି ଆବଣ୍ଟନକୁ ଅନୁମୋଦନ କରିଛି। ଏହି ପୂର୍ବତନ ଭାରତୀୟ କ୍ରିକେଟରଙ୍କୁ ଏନେଇ ଦୁଇ ବର୍ଷ ପୂର୍ବରୁ ଜବରଦଖଲ ନୋଟିସ୍ ହୋଇଥିଲା। 'ୱାସିଂ ମେସିନ୍'ର ଜୟ ହେଉ।

- ରାଜଦୀପ୍ ସରଦେଶାଇ (ବରିଷ୍ଠ ସାମ୍ବାଦିକ)

ଜେନ୍ Z

ଫ୍ୟାନ୍ ଛାତ୍ର ଆତ୍ମହତ୍ୟାର କାରଣ ହୁଏ ନାହିଁ। ଦୁର୍ନୀତିଗ୍ରସ୍ତ ବ୍ୟବସ୍ଥା ଏହାର ମୁଖ୍ୟ କାରଣ।

-ନେହା ବୋରା @neha_aisa

ତିବ୍ବତ ଭୂମିକମ୍ପରେ ୧୬ ମୃତ

ଲାସା,୨୩।୧୦(ଏଜେନ୍ସି): ତିବ୍ବତରେ ଗତକାଲି ହୋଇଥିବା ଶକ୍ତିଶାଳୀ ଭୂମିକମ୍ପରେ ଅତି କମ୍‌ରେ ୧୬ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୬୫ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ୧୧ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଭୂମିକମ୍ପ ଯୋଗୁଁ ୩୩୦ରୁ ଅଧିକ ଘର ଭୁଶୁଡ଼ି ପଡ଼ିବା ସହ କ୍ଷତିଗ୍ରସ୍ତ ହୋଇଛି। ଏହାକୁ ନେଇ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ଜୋର୍‌ଦାର କରାଯାଇଛି। ନାଗଚୁ ସହରର ବାକେନ୍ କାଉଣ୍ଟିରେ ଏହି ଭୂମିକମ୍ପ ଅନୁଭୂତ ହୋଇଥିବା ସହରର ଭୂମିକମ୍ପ ରିଲିଫ୍ ମୁଖ୍ୟାଳୟ ପକ୍ଷରୁ କୁହାଯାଇଛି। ଗୁରୁବାର ରାତି ପ୍ରାୟ ୧୦ଟା ୩୩ ମିନିଟ୍‌ରେ ଭୂମିକମ୍ପ ହୋଇଥିଲା। ଏହାର କେନ୍ଦ୍ରସ୍ଥଳ ନାଗଚୁ ସହରର ପୂର୍ବ-ଉତ୍ତରପୂର୍ବ ଦିଗରେ ୧୮୩ କିଲୋମିଟର ଦୂରରେ ଥିଲା। ଘଟଣା ପରେ ଶୁକ୍ରବାର ଅଞ୍ଚଳରେ ତୃତୀୟ ସ୍ତରର ଜରୁରିକାଳୀନ ବିପର୍ଯ୍ୟୟ ମୁକାବିଲା ବ୍ୟବସ୍ଥା ଲାଗୁ କରାଯାଇଛି। ଚୀନ୍‌ର ସରକାରୀ ସମ୍ବାଦ ସଂସ୍ଥା ସିନ୍‌ହୁଆ ଅନୁଯାୟୀ, ଭୂମିକମ୍ପ ପ୍ରଭାବିତ ଅଞ୍ଚଳକୁ ରିଲିଫ୍ ସାମଗ୍ରୀ ପଠାଯାଇଛି। ଏଥିରେ ୧,୦୦୦ଟି ଅସ୍ଥାୟୀ ଘର, ୩,୨୦୦ରୁ ଅଧିକ ତମ୍ବୁ, ୨,୮୦୦ରୁ ଅଧିକ ଭାଙ୍ଗି ରଖିହେବା ଶଯ୍ୟା ସହ କମ୍ବଳ, ଚୁଲା ଓ ପୋଷାକ ଆଦି ରହିଛି। ଅନ୍ୟପକ୍ଷରେ, ଉଦ୍ଧାର କାର୍ଯ୍ୟ ଓ ଆହତଙ୍କୁ ତୁରନ୍ତ ଚିକିତ୍ସା ଯୋଗାଇଦେବାକୁ ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍ ନିର୍ଦ୍ଦେଶ ଦେଇଛନ୍ତି। ମୃତାହତଙ୍କ ସଂଖ୍ୟା ହ୍ରାସ କରିବା ସହ ନିଖୋଜଙ୍କୁ ଖୋଜିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି।

୩୧ ଯାଏଁ ସାଉଦିକୁ ବିମାନ ବନ୍ଦ

ନୂଆଦିଲ୍ଲୀ,୨୩।୧୦(ଏଜେନ୍ସି): ସାଉଦି ଆରବରେ ବଦଳୁଥିବା ସୁରକ୍ଷା ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରତୀୟ ବିମାନ କମ୍ପାନି ଇଣ୍ଡିଗୋ ନିଜର ବିମାନ ଚଳାଚଳ ବାତିଲ ଅବଧି ବଢ଼ାଇଛି। ରିୟାଦକୁ ଯିବା ଓ ସେଠାରୁ ଆସିବାକୁ ଥିବା ବିମାନ ସେବା ଅକ୍ଟୋବର ୩୧ ପର୍ଯ୍ୟନ୍ତ ବନ୍ଦ ରହିବ। ସେହିପରି ଜେଦ୍ଦା, ଦାମାମ ଓ ମଦିନାକୁ ଯାତାୟାତ କରୁଥିବା ବିମାନ ଅକ୍ଟୋବର ୨୭ ପର୍ଯ୍ୟନ୍ତ ବାତିଲ ରହିବ ବୋଲି କମ୍ପାନି ପକ୍ଷରୁ କୁହାଯାଇଛି। ଏହା ପୂର୍ବରୁ ଏୟାର ଇଣ୍ଡିଆ ଓ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ସାଉଦି ଆରବକୁ ବିମାନ ଚଳାଚଳ ଅକ୍ଟୋବର ୨୪ ପର୍ଯ୍ୟନ୍ତ ବାତିଲ କରିଥିଲେ। ଅନ୍ୟ ଏକ ବିମାନ କମ୍ପାନି ଆକାସା ଏୟାର ମଧ୍ୟ ରିୟାଦ ଓ ଜେଦ୍ଦାକୁ ବିମାନ ସେବା ଅକ୍ଟୋବର ୨୭ ପର୍ଯ୍ୟନ୍ତ ବନ୍ଦ ରଖିଛି। ଏହି ନିଷ୍ପତ୍ତି ଯୋଗୁଁ ସାଉଦି ଆରବରେ କାର୍ଯ୍ୟରତ ଭାରତୀୟ ଶ୍ରମିକ, ବ୍ୟବସାୟୀ ଓ ତୀର୍ଥଯାତ୍ରୀ ପ୍ରଭାବିତ ହେବେ। ବାତିଲ ହୋଇଥିବା ବିମାନର ନିଶ୍ଚିତ ଟିକେଟ୍ ଥିବା ଯାତ୍ରୀଙ୍କୁ ବାତିଲ ଶୁଳ୍କ ବିନା ସମ୍ପୂର୍ଣ୍ଣ ଅର୍ଥ ଫେରସ୍ତ କିମ୍ବା ବିମାନ ସେବା ସ୍ୱାଭାବିକ ହେବା ପରେ ବିନା ଅତିରିକ୍ତ ଭଡ଼ାରେ ଯାତ୍ରା ତାରିଖ ବଦଳାଇବାର ସୁଯୋଗ ମିଳିବ। ଯାତ୍ରୀମାନେ ସମ୍ପୃକ୍ତ ବିମାନ କମ୍ପାନିର ସହାୟତା କେନ୍ଦ୍ର କିମ୍ବା ଅନ୍‌ଲାଇନ୍ ପୋର୍ଟାଲ୍ ମାଧ୍ୟମରେ ସହାୟତା ପାଇପାରିବେ।

କେରଳ ରାଜଭବନରେ ଆମିଷ ମନା

ଥିରୁଅନନ୍ତପୁରମ୍,୨୩।୧୦(ଏଜେନ୍ସି): କେରଳର ନୂଆ ରାଜ୍ୟପାଳ ଓମ୍ ପ୍ରକାଶ ମାଥୁର ରାଜଭବନର ରୋଷେଇଘରେ କେବଳ ନିରାମିଷ ଖାଦ୍ୟ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିବା ଖବରକୁ ନେଇ ବିବାଦ ଦେଖାଦେଇଛି। କଂଗ୍ରେସ ନେତା କେସି ବେଣୁଗୋପାଳ ଏହାକୁ ସମାଲୋଚନା କରି ନିର୍ଦ୍ଦେଶ ପ୍ରତ୍ୟାହାର ଦାବି କରିଛନ୍ତି। ରାଜଭବନ ସୂତ୍ର ଅନୁସାରେ, ନିରାମିଷାଶୀ ରାଜ୍ୟପାଳ ନିଜ ଓ ତାଙ୍କ କିଛି ବ୍ୟକ୍ତିଗତ କର୍ମଚାରୀଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ ହେଉଥିବା ରୋଷେଇଘରରେ ଏହି କଟକଣା ଲଗାଇଛନ୍ତି। ଅନ୍ୟ କର୍ମଚାରୀଙ୍କ ଖାଦ୍ୟ ପସନ୍ଦ ଉପରେ କୌଣସି ପ୍ରତିବନ୍ଧକ ନାହିଁ। ବେଣୁଗୋପାଳ କହିଛନ୍ତି, କେରଳର ଖାଦ୍ୟ ସଂସ୍କୃତିରେ ଆମିଷର ଗୁରୁତ୍ୱ ରହିଛି। ନିଜ ପସନ୍ଦର ଖାଦ୍ୟ ଖାଇବା ବ୍ୟକ୍ତିଗତ ସ୍ୱାଧୀନତା ଓ ସାମ୍ବିଧାନିକ ଅଧିକାରର ବିଷୟ। ରାଜ୍ୟପାଳଙ୍କ ବ୍ୟକ୍ତିଗତ ପସନ୍ଦ ଅନ୍ୟଙ୍କ ଉପରେ ଲଦିବା ଉଚିତ ନୁହେଁ ବୋଲି ସେ କହିଛନ୍ତି।

ଆମେରିକାରେ ଭାରତୀୟ ନର୍ସଙ୍କୁ ହତ୍ୟା

କାଲିଫର୍ଣ୍ଣିଆ,୨୩।୧୦(ଏଜେନ୍ସି): ଆମେରିକାର କାଲିଫର୍ଣ୍ଣିଆରେ ଭାରତୀୟ ବଂଶୋଦ୍ଭବ ୩୦ ବର୍ଷୀୟା ନର୍ସ ଜସ୍ମିନ୍ ଗିଲ୍‌ଙ୍କୁ ହତ୍ୟା କରାଯାଇଛି। ଏଲ୍ ଡୋରାଡୋ କାଉଣ୍ଟିରୁ ତାଙ୍କ ଦଗ୍ଧ ଓ ପୋତାଯାଇଥିବା ମୃତଦେହର ଅବଶେଷ ଉଦ୍ଧାର କରିଛନ୍ତି ଆମେରିକୀୟ ଅଧିକାରୀ। ଏହି ଘଟଣାରେ ତାଙ୍କ ୨୮ ବର୍ଷୀୟ ସ୍ୱାମୀ ଗୁରିନ୍ଦର ଗିଲ୍‌ଙ୍କୁ ଗିରଫ କରାଯାଇଛି। ତାଙ୍କ ବିରୋଧରେ ହତ୍ୟା ଅଭିଯୋଗ ଲାଗିଥିବାବେଳେ ଜାମିନ ମିଳିନାହିଁ। ପ୍ରଥମେ ଗୁରିନ୍ଦର ଦାବି କରିଥିଲେ ଯେ, ଆମେରିକାର ଇମିଗ୍ରେସନ୍ ଏଜେନ୍ସି ଆଇସ୍ ତାଙ୍କ ପତ୍ନୀଙ୍କୁ ନେଇଯାଇଛି।

ଭାରତୀୟ, ବିଦେଶୀଙ୍କ ଡ୍ରାଇଭିଂ ଲାଇସେନ୍ସର ରଙ୍ଗ ଅଲଗା ହେବ!

ନୂଆଦିଲ୍ଲୀ,୨୩।୧୦(ଏଜେନ୍ସି): ଭାରତୀୟ ଓ ବିଦେଶୀ ନାଗରିକଙ୍କୁ ଦିଆଯାଉଥିବା ଡ୍ରାଇଭିଂ ଲାଇସେନ୍ସର ରଙ୍ଗ ଓ ଡାଞ୍ଚା ଅଲଗା କରିବାକୁ କେନ୍ଦ୍ର ସରକାର ପ୍ରସ୍ତାବ ଦେଇଛନ୍ତି। ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ କେନ୍ଦ୍ରୀୟ ମୋଟର ଯାନ ନିୟମରେ ସଂଶୋଧନ ପାଇଁ ଏହି ଖସଡ଼ା ପ୍ରସ୍ତୁତ କରିଛି। ପ୍ରସ୍ତାବ ଅନୁଯାୟୀ, ନୂଆ କିମ୍ବା ନବୀକରଣ ହେଉଥିବା ଲାଇସେନ୍ସରେ ବ୍ଲଡ଼ଗ୍ରୁପ୍, ମୋବାଇଲ୍ ନମ୍ବର ଓ ଜରୁରୀକାଳୀନ ଯୋଗାଯୋଗ ନମ୍ବର ଦେବା ବାଧ୍ୟତାମୂଳକ ହୋଇପାରେ। ଲାଇସେନ୍ସ ଲାମିନେଟେଡ୍ କିମ୍ବା ପିଭିସି କାର୍ଡ ଆକାରରେ ଜାରି କରାଯିବ। ଏହା ସହିତ ବୟସ ଓ ଠିକଣା ପ୍ରମାଣ ପାଇଁ ଗ୍ରହଣୀୟ ଦସ୍ତାବିଜ୍‌ରେ ପରିବର୍ତ୍ତନ ଏବଂ ଆଫିଡେଭିଟ୍ ତଥା ସତ୍ୟପାଠ ଓ ଜୀବନ ବୀମା ପଲିସିକୁ ପ୍ରମାଣ ଭାବେ ଗ୍ରହଣ କରିବାର ପ୍ରସ୍ତାବ ରହିଛି। ଡ୍ରାଇଭିଂ ପରୀକ୍ଷା ଓ ଲାଇସେନ୍ସ ଶୁଳ୍କ ନିୟମରେ ମଧ୍ୟ ପରିବର୍ତ୍ତନ ପ୍ରସ୍ତାବିତ ହୋଇଛି।

ୟୁରୋପ ଗ୍ରୀଷ୍ମ ପ୍ରବାହରେ ୫୦ ହଜାର ମୃତ୍ୟୁ ଆଶଙ୍କା

ନୂଆଦିଲ୍ଲୀ,୨୩।୧୦(ଏଜେନ୍ସି):ୟୁରୋପରେ ଚଳିତ ବର୍ଷ ଗ୍ରୀଷ୍ମ ଋତୁରେ ଅତ୍ୟଧିକ ତାପମାତ୍ରା ଯୋଗୁଁ ୫୦ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ଆକଳନ କରାଯାଇଛି। ଏଥିମଧ୍ୟରୁ ପ୍ରାୟ ୬୫ ପ୍ରତିଶତ ମୃତ୍ୟୁ ପାଇଁ ମନୁଷ୍ୟକୃତ ଜଳବାୟୁ ପରିବର୍ତ୍ତନ ଦାୟୀ ବୋଲି ଦୁଇଟି ବୈଜ୍ଞାନିକ ଅଧ୍ୟୟନରୁ ଜଣାପଡ଼ିଛି। ଇମ୍ପେରିଆଲ୍ କଲେଜ୍ ଲଣ୍ଡନ ଏବଂ ଲଣ୍ଡନ ସ୍କୁଲ୍ ଅଫ୍ ହାଇଜିନ୍ ଆଣ୍ଡ ଟ୍ରପିକାଲ୍ ମେଡିସିନ୍‌ର ଗବେଷକମାନେ ୮୫୪ଟି ସହରାଞ୍ଚଳର ତଥ୍ୟ ଅନୁଧ୍ୟାନ କରି ଏହି ଆକଳନ କରିଛନ୍ତି। ଜୁନ୍‌ରୁ ଅଗଷ୍ଟ ମଧ୍ୟରେ ସାଧାରଣତଃ ଆଶା କରାଯାଉଥିବା ମୃତ୍ୟୁ ସଂଖ୍ୟାଠାରୁ ଅଧିକ ମୃତ୍ୟୁକୁ 'ଅତିରିକ୍ତ ମୃତ୍ୟୁ' ଭାବେ ଗଣନା କରାଯାଇଛି। ତଥ୍ୟ ଅନୁସାରେ, ଇଟାଲୀରେ ସର୍ବାଧିକ ୧୩,୩୦୩ ମୃତ୍ୟୁ ଆକଳନ କରାଯାଇଥିବାବେଳେ ଫ୍ରାନ୍ସରେ ୭,୨୬୮, ସ୍ପେନ୍‌ରେ ୬,୮୨୪, ଜର୍ମାନୀରେ ୬,୩୪୦ ଏବଂ ବ୍ରିଟେନ୍‌ରେ ୪,୩୫୪ ମୃତ୍ୟୁ ଆକଳନ କରାଯାଇଛି। ଗବେଷକମାନେ ବର୍ତ୍ତମାନର ତାପମାତ୍ରା ଓ ଶିଳ୍ପବିପ୍ଳବ ପୂର୍ବ ସମୟର ଜଳବାୟୁକୁ ତୁଳନା କରି ଏହି ଆକଳନ କରିଛନ୍ତି। ବିଶ୍ୱ ତାପମାତ୍ରା ପ୍ରାୟ ୧.୪ ଡିଗ୍ରି ସେଲସିୟସ୍ ବୃଦ୍ଧି ପାଇବା ଏହି ଉତ୍ତାପ ବୃଦ୍ଧିର ଏକ ପ୍ରମୁଖ କାରଣ ବୋଲି ଅଧ୍ୟୟନରେ ଦର୍ଶାଯାଇଛି।

ୟୁପିରେ ଭୋଟର ଜାଲିଆତି

ବିନା ଆବେଦନରେ ଯୋଡ଼ିଦେଲେ ୧୦,୪୭୦ ଭୋଟର

ଲକ୍ଷ୍ନୌ,୨୩।୧୦(ଏଜେନ୍ସି): ଭୋଟଚୋରି ଅଭିଯୋଗକୁ ନେଇ ନିର୍ବାଚନ କମିସନ ବିବାଦରେ ଥିବା ବେଳେ ଉତ୍ତର ପ୍ରଦେଶରୁ ଏସଂପର୍କରେ ବଡ଼ ଧରଣର ଜାଲିଆତି ଖବର ସାମନାକୁ ଆସିଛି। କୌଣସି ଆବେଦନ କିମ୍ବା କାଗଜପତ୍ର ନଥାଇ ୧୦ ହଜାରରୁ ଅଧିକ ଲୋକଙ୍କ ନାମ ଭୋଟର ତାଲିକାରେ ଯୋଡ଼ାଯାଇଛି। ବିରୋଧୀ ଦଳ ଏହି ଅଭିଯୋଗ ଆଣିବା ପରେ ଏହି ଜାଲିଆତିରେ ସାମିଲ ଥିବା ଦୁଇ ଜଣ ନିର୍ବାଚନ ଅଧିକାରୀ ଏବଂ କମ୍ପ୍ୟୁଟର ଅପରେଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ ଉତ୍ତରପ୍ରଦେଶର ପିଲଭିଟ୍ ବିଧାନସଭା କ୍ଷେତ୍ରର ଭୋଟର ତାଲିକାରେ ୧୦,୪୭ଙ୍କ ନାମକୁ ବିନା ଆବେଦନରେ ଯୋଡ଼ାଯାଇଛି। ଏସଆଇଆର ପରେ ଏପ୍ରିଲରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଥିଲା। କିନ୍ତୁ ଏହାପରେ ମେ' ୩୧ରୁ ଅଗଷ୍ଟ ୨୯ ମଧ୍ୟରେ ଭୋଟରଙ୍କ ତଥ୍ୟ ସଂଶୋଧନ ପାଇଁ ୧୩,୭୭୯ଟି ଫର୍ମ-୮ ଏଣ୍ଟ୍ରି କରିଥିଲେ ଡାଟା ଅପରେଟର। ମାତ୍ର ଏଥିପାଇଁ ଆବଶ୍ୟକ କାଗଜପତ୍ର ନ ଥିଲା। ଏଥିମଧ୍ୟରୁ ୧୦,୪୭୦କୁ ଗ୍ରହଣ କରାଯାଇଥିବା ବେଳେ ତିନି ହଜାରକୁ ଅଗ୍ରାହ୍ୟ କରାଯାଇଥିଲା। କେହି ଆବେଦନ କରିନଥିବା ବେଳେ ଡାଟା ଅପରେଟର ନିଜ ଆଡୁ ଫର୍ମ-୮ ଜରିଆରେ ଏଭଳି କାଣ୍ଡ ଘଟାଇଥିଲେ। ଚୂଡ଼ାନ୍ତ ଭୋଟର ତାଲିକାରେ କେତେକ ଭୋଟରଙ୍କ ପରିଚୟପତ୍ର ନମ୍ବର ସହ ଅନ୍ୟ ବ୍ୟକ୍ତିଙ୍କ ନାମ ଯୋଡ଼ାଯାଇଥିବା ଅଭିଯୋଗ ପରେ ଏହି ମାମଲା ସାମ୍ନାକୁ ଆସିଥିଲା। ସମାଜବାଦୀ ପାର୍ଟି ଓ କଂଗ୍ରେସ ଏହି ଘଟଣାରେ ମୁସଲମାନ ଭୋଟରଙ୍କୁ ଟାର୍ଗେଟ୍ କରାଯାଇଥିବା ଅଭିଯୋଗ କରିଛନ୍ତି। ସେମାନେ କହିଛନ୍ତି ଯେ ୧୩,୧୫୦ ଭୋଟର ପରିଚୟପତ୍ରର ନମ୍ବର ସମାନ ରହିଛି, କିନ୍ତୁ ନାମ ଓ ଠିକଣା ଅଲଗା ଅଲଗା ରହିଛି।

ମୁଖ୍ୟ ନିର୍ବାଚନ ଅଧିକାରୀ ନବଦୀପ ରିନୱା କହିଛନ୍ତି ।।ଯେ ମେ ୩୧ ରୁ ଅଗଷ୍ଟ ୨୯ ମଧ୍ୟରେ କମ୍ପ୍ୟୁଟର ସହାୟକ ଅନିଲ କୁମାର ଫର୍ମ-୮ ମାଧ୍ୟମରେ ୧୩,୭୭୯ଟି ଆବେଦନ ଦାଖଲ କରିଥିଲେ। ସେଥିମଧ୍ୟରୁ ୧୦,୪୭୦ଟି ଆବେଦନକୁ କୌଣସି ଆନୁଷଙ୍ଗିକ ନଥିପତ୍ର କିମ୍ବା ଆବେଦନ ଫର୍ମ ବିନା ମଞ୍ଜୁର କରାଯାଇଥିଲା। ସେ କହିଛନ୍ତି ଯେ ସମଗ୍ର ଘଟଣାର ଯାଞ୍ଚ କରାଯିବ। ଏଥିରେ ଫର୍ମ-୬, ଫର୍ମ-୭ ଏବଂ ଫର୍ମ-୮ ରହିଛି। ସେ କହିଛନ୍ତି ଯେ ଏହା କୌଣସି କମ୍ପ୍ୟୁଟର ତ୍ରୁଟି ନୁହେଁ, ବରଂ ମାନବିକ ତ୍ରୁଟି। ଏହା ଏକ ଅପରାଧ ଏବଂ ଏଥିପାଇଁ ସେମାନଙ୍କୁ ସସପେଣ୍ଡ କରାଯାଇଛି।

ମହାରାଷ୍ଟ୍ର ରାଜନୀତିରେ '୫୦୦ କୋଟି'ର ନିଆଁ

ମୁମ୍ବାଇ,୨୩।୧୦(ଏଜେନ୍ସି): ପ୍ରକୃତ ପ୍ରସଙ୍ଗରୁ ନଜର ହଟାଇବା ଲାଗି ସରକାରୀ ମେଣ୍ଟ ୫୦୦ କୋଟି ଟଙ୍କା ଖର୍ଚ୍ଚ କରିଥିବା ଖବର ମହାରାଷ୍ଟ୍ର ରାଜନୀତି ନିଆଁ ଲଗାଇଛି। ବିଜେପି ଏବଂ ଶିବସେନା ନେତା ଆନ୍ଦୋଳନ ସ୍ଥଗିତ ରଖିବା ଲାଗି ତାଙ୍କୁ ଏହି ଟଙ୍କା ଯାଚିଥିଲେ ବୋଲି ମରାଠା ଆରକ୍ଷଣ ଆନ୍ଦୋଳନକାରୀ ମନୋଜ ଜାରଙ୍ଗେ ଅଭିଯୋଗ କରିବା ସହିତ ଏହାର ଏକ ଅଡିଓ କ୍ଲିପ୍ ଜାରି କରିଛନ୍ତି। ଏହି କ୍ଲିପ୍ ଭାଇରାଲ ହେବାପରେ ରାଜନୀତି ସରଗରମ ହୋଇଛି। ମହାରାଷ୍ଟ୍ର ନବନିର୍ମାଣ ସେନା ମୁଖ୍ୟ ରାଜ ଠାକରେ ଅଭିଯୋଗ କରିଛନ୍ତି ଯେ ବିଜେପି ଗଣମାଧ୍ୟମ ଉପରେ ଚାପ ପକାଇବା ଏବଂ ଧାର୍ମିକ କଠୋରତା ସୃଷ୍ଟି କରି ଗଣତନ୍ତ୍ରର ହତ୍ୟା କରୁଛି। ୨୯ ମିନିଟର ଏହି ଭାଇରାଲ ରେକର୍ଡିଂରେ ବିଜେପି ପଦାଧିକାରୀ, ଜଣେ ବରିଷ୍ଠ ଆରଏସଏସ କାର୍ଯ୍ୟକର୍ତ୍ତା ଏବଂ ସୋସିଆଲ ମିଡିଆ ଇନଫ୍ଲୁଏନ୍ସରମାନେ କଥା ହେଉଛନ୍ତି। ସମ୍ବେଦନଶୀଳ ପ୍ରସଙ୍ଗରୁ ଲୋକଙ୍କ ଦୃଷ୍ଟି ହଟାଇବା ପାଇଁ ରାଜନୈତିକ ରଣନୀତି, ଗଣମାଧ୍ୟମ ଉପରେ ଚାପ ଏବଂ ଧାର୍ମିକ କଠୋରତା ବୃଦ୍ଧି କରିବା ସମ୍ପର୍କରେ ଆଲୋଚନା କରୁଛନ୍ତି। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ଏହି ଅଡିଓ କ୍ଲିପ୍‌ର ଫୋରେନ୍ସିକ୍ ଯାଞ୍ଚ ନିର୍ଦ୍ଦେଶ ଦେଇଛନ୍ତି।

ହେଲେ ଏହା କେବଳ ସମୟ ଗଡ଼ାଇବାକୁ ଚେଷ୍ଟା ବୋଲି ଠାକରେ କହିଛନ୍ତି।

ସେପଟେ ମରାଠା ଆରକ୍ଷଣ ଆନ୍ଦୋଳନକୁ ଦୁର୍ବଳ କରିବା ଏବଂ ତାଙ୍କୁ ଚୁପ୍ କରାଇବା ପାଇଁ ଚକ୍ରାନ୍ତ ହୋଇଥିବା ମନୋଜ ଜାରଙ୍ଗେ ଅଭିଯୋଗ କରିଛନ୍ତି। ସେ ନିଜେ ଏହି ରେକର୍ଡିଂର କିଛି ଅଂଶ ଜାରି କରିବା ପରେ ଏହି ବିବାଦ ସୃଷ୍ଟି ହୋଇଥିଲା। ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ପୁଅ ତଥା ଶିବସେନା ସାଂସଦ ଶ୍ରୀକାନ୍ତ ସିନ୍ଦେଙ୍କ ଜରିଆରେ ଜାରଙ୍ଗେଙ୍କୁ ୫୦୦ କୋଟି ଟଙ୍କା ପଠାଯାଇଛି ବୋଲି ରେକର୍ଡିଂରେ ଜଣେ ମହିଳା ଦାବି କରୁଛନ୍ତି। ବିଧାନସଭା ନିର୍ବାଚନ ପୂର୍ବରୁ ଜାରଙ୍ଗେଙ୍କ ବୃଦ୍ଧି ପାଉଥିବା ରାଜନୈତିକ ପ୍ରଭାବ ଏବଂ ତାଙ୍କ ଆନ୍ଦୋଳନକୁ ପ୍ରତିହତ କରିବା ପାଇଁ ରଣନୀତି ସମ୍ପର୍କରେ ମଧ୍ୟ ଏହି ଅଡିଓରେ ଆଲୋଚନା ରହିଛି। ଅନ୍ୟପକ୍ଷରେ ଶିବସେନା ପକ୍ଷରୁ କୁହାଯାଇଛି ଯେ ଏହାର ମୁଖ୍ୟ ଏକନାଥ ସିନ୍ଦେଙ୍କ ରାଜନୈତିକ ଜୀବନକୁ ସମାପ୍ତ କରିବା ଲାଗି ଜାରଙ୍ଗେଙ୍କ ସହିତ ବିଜେପିର କିଛି ନେତା ଗୁପ୍ତ ବୁଝାମଣା କରିଛନ୍ତି। ସେମାନେ ଜାଣିଶୁଣି ସିନ୍ଦେଙ୍କ ପୁଅଙ୍କ ନାମରେ ଗୁରୁତର ଅଭିଯୋଗ ଆଣିଛନ୍ତି। ଏସଂପର୍କରେ ଶିବସେନାର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ପ୍ରତିବାଦ ଜଣାଇଛି।

କୋର୍ଟରେ ହାଜର ହେଲେ ଆଶୁତୋଷ, ସୌରଭ

ନୂଆଦିଲ୍ଲୀ,୨୩।୧୦(ଏଜେନ୍ସି): ତିହାର ଜେଲ୍‌ରୁ ମୁକୁଳିବା ପରେ କକ୍ରୋଚ୍ ଜନତା ପାର୍ଟି (ସିଜେପି) ନେତା ଆଶୁତୋଷ ରାଙ୍କା, ସୌରଭ ଦାସ ଓ ଅଜିଙ୍କ୍ୟ ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍ ଅଦାଲତରେ ହାଜର ହୋଇଛନ୍ତି। ଯନ୍ତରମନ୍ତରରେ କଥିତ ଶାନ୍ତି ବଣ୍ଡ ଉଲ୍ଲଂଘନ ଓ ଅନଧିକୃତ ପ୍ରବେଶ ଅଭିଯୋଗରେ ଜାମିନ ମିଳିବା ପରେ ସେମାନଙ୍କ ଜାମିନଦାରଙ୍କ ଯାଞ୍ଚ ପ୍ରକ୍ରିୟାକୁ ନେଇ ଅଦାଲତରେ ଶୁଣାଣି ହୋଇଥିଲା। ଅଦାଲତରେ ଉପସ୍ଥିତି ପରେ ନେତାମାନେ କହିଛନ୍ତି, ଶୁଣାଣି ପ୍ରକ୍ରିୟା ସ୍ୱାଭାବିକ ଭାବେ ଶେଷ ହୋଇଛି। ଅଦାଲତ ପରବର୍ତ୍ତୀ ଉପସ୍ଥିତି ପାଇଁ ତାରିଖ ଧାର୍ଯ୍ୟ କରିଛନ୍ତି। ଏହି ମାମଲା ସହ ଜଡ଼ିତ ତଦନ୍ତ ପାଇଁ ଦିଲ୍ଲୀ ପୁଲିସର କ୍ରାଇମ୍ ବ୍ରାଞ୍ଚ ମଧ୍ୟ ସେମାନଙ୍କୁ ସମନ୍ ଜାରି କରିଛି। କନଟ୍ ପ୍ଲେସ୍ ଥାନାରୁ ହସ୍ତାନ୍ତର ହୋଇଥିବା ମାମଲାଗୁଡ଼ିକର ତଦନ୍ତ ଏବେ ଜାରି ରହିଛି। ଆଗାମୀ ଆନ୍ଦୋଳନର ରଣନୀତି ସମ୍ପର୍କରେ ପଚରାଯିବାରୁ ନେତାମାନେ କହିଛନ୍ତି, ଆନ୍ଦୋଳନର ପରବର୍ତ୍ତୀ ପଦକ୍ଷେପ ସାମୂହିକ ଭାବେ ନିଷ୍ପତ୍ତି ନିଆଯିବ। ଏଥିସହ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିକୁ ସେମାନେ ପୁନର୍ବାର ଦୋହରାଇଛନ୍ତି।

ତାମିଲନାଡୁରେ ନିର୍ବାଚନ ଆୟୋଗ ବୈଠକକୁ ବର୍ଜନ

ଚେନ୍ନାଇ,୨୩।୧୦(ଏଜେନ୍ସି): ତାମିଲନାଡୁର ଟିଭିକେ ଓ ପ୍ରମୁଖ ବିରୋଧୀ ଦଳ ଡିଏମ୍‌କେ ସମେତ ଏକାଧିକ ରାଜନୈତିକ ଦଳ ନିର୍ବାଚନ ଆୟୋଗ (ଇସି) ଦ୍ୱାରା ଆୟୋଜିତ ସର୍ବଦଳୀୟ ବୈଠକକୁ ବର୍ଜନ କରିଛନ୍ତି। ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ସମ୍ପର୍କରେ ଆଲୋଚନା ପାଇଁ ଏହି ବୈଠକ ଡକାଯାଇଥିଲା। ଏସ୍‌ଆଇଆର୍‌ରେ ଅନିୟମିତତା ଏବଂ ଅପାରଦର୍ଶିତାର ଅଭିଯୋଗ ଆଣି ଦଳଗୁଡ଼ିକ ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି) ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରିଛନ୍ତି। ବୈଠକରୁ ବାହାରିବା ପରେ ଡିଏମ୍‌କେ ନେତା ଆଇ. ପରନ୍ତାମେନ୍ ଅଭିଯୋଗ କରିଛନ୍ତି ଯେ, ପୂର୍ବରୁ ହୋଇଥିବା ଏସ୍‌ଆଇଆର ପ୍ରକ୍ରିୟାରେ ୭୪ ଲକ୍ଷରୁ ଅଧିକ ଭୋଟରଙ୍କ ନାମ ବେଆଇନ ଭାବେ ହଟାଇ ଦିଆଯାଇଛି। ସେଥିରେ ମୁଖ୍ୟତଃ ଯୁବକ ଓ ମହିଳା ସାମିଲ ଅଛନ୍ତି।

ଦିଲ୍ଲୀ ବିମାନବନ୍ଦରରେ ମାନ୍ ଅଟକ ପଛରେ ଜ୍ଞାନେଶଙ୍କ ଭାଇ!

ନୂଆଦିଲ୍ଲୀ,୨୩।୧୦(ଏଜେନ୍ସି): ପ୍ୟାରିସ୍‌ରୁ ଫେରିବା ପରେ ଦିଲ୍ଲୀ ବିମାନବନ୍ଦରରେ ପ୍ରାୟ ଦୁଇ ଘଣ୍ଟା ରେ ତାଙ୍କୁ ଅଟକ ରଖାଯାଇଥିଲା ବୋଲି ଅଭିଯୋଗ କରିଛନ୍ତି ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍। ଏହି ଅଟକ ପଛରେ ବିମାନବନ୍ଦରର କଷ୍ଟମ୍ସ ମୁଖ୍ୟ ମନୀଷ କୁମାରଙ୍କ ଭୂମିକା ରହିଛି। ମନୀଷ ହେଉଛନ୍ତି ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଭାଇ ବୋଲି ମାନ୍ ଦାବି କରିଛନ୍ତି। ମାନ୍‌ଙ୍କ କହିବା ଅନୁଯାୟୀ, ଅଧିକାରୀମାନେ ତାଙ୍କ ସାମଗ୍ରୀ ଯାଞ୍ଚ ଚାଲିଥିବା କହି ଅପେକ୍ଷା କରାଇଥିଲେ। ହେଲେ ଲଗେଜ୍‌ରୁ କିଛି ମିଳି ନ ଥିଲା। ଆମ୍ ଆଦ୍‌ମୀ ପାର୍ଟି ଅଭିଯୋଗ କରିଛି ଯେ ମାନ୍‌ଙ୍କୁ ପ୍ରାୟ ତିନି ଘଣ୍ଟା ଅଟକ ରଖିବା ପରେ ୫୦ ହଜାର ଟଙ୍କାର ଚାଲାଣ କଟାଯାଇଥିଲା। ଚାଲାଣର କାରଣ ସ୍ପଷ୍ଟ କରାଯାଇନାହିଁ। ଆପ୍‌ର ରାଜ୍ୟ ଗଣମାଧ୍ୟମ ପ୍ରଭାରୀ ବଲତେଜ ପନ୍ନୁ ଏହାକୁ କେନ୍ଦ୍ର ସରକାରଙ୍କ ଚାପ ଓ ମାନ୍‌ଙ୍କୁ ଅପମାନିତ କରିବାର ଉଦ୍ୟମ ବୋଲି ଅଭିଯୋଗ କରିଛନ୍ତି। ତେବେ ଏହି ଅଭିଯୋଗ ନେଇ କଷ୍ଟମ୍ସ ବିଭାଗ ପକ୍ଷରୁ କିଛି କୁହାଯାଇ ନାହିଁ। ମାନ୍‌ଙ୍କ ପ୍ୟାରିସ୍ ଗସ୍ତକୁ କେନ୍ଦ୍ର ଅନୁମତି ନଦେବାରୁ ପଞ୍ଜାବ ସରକାର ହାଇକୋର୍ଟ ଯାଇଥିଲେ। ପଞ୍ଜାବ ଓ ହରିୟାଣା ହାଇକୋର୍ଟ କେନ୍ଦ୍ରର ନିଷ୍ପତ୍ତିକୁ ରଦ୍ଦ କରିଥିଲେ।

ନିର୍ବାଚନ କମିସନରଙ୍କୁ ମାନୁ ନାହାନ୍ତି ଡେପୁଟି କମିସନର!

ନୂଆଦିଲ୍ଲୀ,୨୩।୧୦(ଏଜେନ୍ସି): ନିର୍ବାଚନ ଆୟୋଗର ଜଣେ ବରିଷ୍ଠ ଅଧିକାରୀଙ୍କ କାର୍ଯ୍ୟଶୈଳୀକୁ ନେଇ ଦୁଇ ନିର୍ବାଚନ ଆୟୁକ୍ତ କ୍ୟାବିନେଟ୍ ସଚିବଙ୍କ ଦ୍ୱାରସ୍ଥ ହୋଇଥିଲେ। ସଂପୃକ୍ତ ଅଧିକାରୀ ସେମାନଙ୍କ ଆଦେଶର ପାଳନ କରୁନାହାନ୍ତି ବୋଲି ଅଭିଯୋଗ କରିଥିଲେ। କିନ୍ତୁ କ୍ୟାବିନେଟ୍ ସଚିବ ଏହାଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ। ଏହି ଅଭିଯୋଗଗୁଡ଼ିକ ନିର୍ବାଚନ ଆୟୁକ୍ତଙ୍କ ବ୍ୟକ୍ତିଗତ ସ୍ତରରେ ଆସିଥିବାରୁ ଏବଂ ସମଗ୍ର ଆୟୋଗ ପକ୍ଷରୁ ଆନୁଷ୍ଠାନିକ ଯୋଗାଯୋଗ ହୋଇନଥିବାରୁ ଏହି ପର୍ଯ୍ୟାୟରେ ପଦକ୍ଷେପ ନେବା ଅନୁଚିତ ହୋଇପାରେ ବୋଲି ସଚିବାଳୟ ମତ ଦେଇଥିଲା। ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ଅଧୀନରେ ମିଳିଥିବା ଦସ୍ତାବିଜ୍‌ରୁ ଏହା ଜଣାପଡ଼ିଛି।

ନିର୍ବାଚନ ଆୟୁକ୍ତ ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀ ଗତ ଜୁଲାଇ ୨୯ ତାରିଖରେ ତତ୍କାଳୀନ କ୍ୟାବିନେଟ୍ ସଚିବ ଟିଭି ସୋମନାଥନଙ୍କୁ ପୃଥକ୍ ପୃଥକ୍ ଚିଠି ଲେଖି ବରିଷ୍ଠ ଉପନିର୍ବାଚନ ଆୟୁକ୍ତ ମନୀଷ ଗର୍ଗଙ୍କ କାର୍ଯ୍ୟଶୈଳୀ ଉପରେ ଆପତ୍ତି ଉଠାଇଥିଲେ। ଅଭିଯୋଗ ଅନୁଯାୟୀ, ଗର୍ଗ ନିର୍ବାଚନ ଆୟୋଗର ବରିଷ୍ଠ ଓ ସମକକ୍ଷ ଅଧିକାରୀଙ୍କ ମଧ୍ୟରେ କାର୍ଯ୍ୟ ବଣ୍ଟନରେ ପରିବର୍ତ୍ତନ ଆଣିବାକୁ ନିର୍ଦ୍ଦେଶ ଜାରି କରିଥିଲେ। ଏଥିପାଇଁ ଆୟୋଗ କିମ୍ବା ସମ୍ପୃକ୍ତ ଅଧିକାରୀଙ୍କ ସହ ଆଲୋଚନା କରାଯାଇନଥିବା ଦୁଇ ଆୟୁକ୍ତ ଅଭିଯୋଗ କରିଥିଲେ। ଏହାଦ୍ୱାରା ଭୋଟର ତାଲିକାରେ ନାମ ଯୋଡ଼ିବା, ବାଦ୍ ଦେବା ଓ ତଥ୍ୟ ସଂଶୋଧନ କରିବା ସମ୍ପର୍କିତ କ୍ଷମତା କେନ୍ଦ୍ରୀଭୂତ ହେବାର ଆଶଙ୍କା ଥିବା କୁହାଯାଇଥିଲା। ଏପରି ପଦକ୍ଷେପ ମୁଖ୍ୟ ନିର୍ବାଚନ କମିସନର ଓ କମିସନର ଅନ୍ୟ ସଦସ୍ୟଙ୍କ ନିଯୁକ୍ତି, ସେବା ସର୍ତ୍ତ ଓ କାର୍ଯ୍ୟକାଳ ସମ୍ପର୍କିତ ୨୦୨୩ ଆଇନର ଉଲ୍ଲଂଘନ ବୋଲି ମଧ୍ୟ ସେମାନେ ଦର୍ଶାଇଥିଲେ।

କିନ୍ତୁ କ୍ୟାବିନେଟ ସଚିବ କହିଥି।।ଲେ ଯେ, ସମଗ୍ର ନିର୍ବାଚନ ଆୟୋଗର ଆନୁଷ୍ଠାନିକ ଅଭିଯୋଗ ବିନା ପଦକ୍ଷେପ ନେଲେ ଏହା ଏକ ସାମ୍ବିଧାନିକ ସଂସ୍ଥାର କାର୍ଯ୍ୟରେ ହସ୍ତକ୍ଷେପ ଭାବେ ବିବେଚିତ ହୋଇପାରେ। ନିର୍ବାଚନ ଆୟୋଗ ଏକ ସ୍ୱାଧୀନ ସାମ୍ବିଧାନିକ ସଂସ୍ଥା। ଏହାର କାର୍ଯ୍ୟ ଓ ଅଧିକାରୀଙ୍କ ଆଚରଣ ଆୟୋଗର ନିଜସ୍ୱ ନିୟମ ଓ ନିର୍ଦ୍ଦେଶାବଳୀ ଅନୁଯାୟୀ ନିୟନ୍ତ୍ରିତ ହୁଏ। ସୂଚନାଯୋଗ୍ୟ ଯେ ଦି ଇଣ୍ଡିଆନ ଏକ୍ସପ୍ରେସରେ ଏହି ଖବର ପ୍ରଚାରିତ ହେବାପରେ ଜାତୀୟ ରାଜନୀତିରେ କମ୍ପନ ସୃଷ୍ଟି ହୋଇଛି।

ଚଷମା ପିନ୍ଧି ଷ୍ଟିଙ୍ଗ୍ ଅପରେସନ

ନୂଆଦିଲ୍ଲୀ,୨୩।୧୦(ଏଜେନ୍ସି): ମେଟା ସ୍ମାର୍ଟ ଚଷମା ପିନ୍ଧି ଜଣେ ଶିଳ୍ପପତି ତାଙ୍କ ସହ କେରଳ ମୁଖ୍ୟମନ୍ତ୍ରୀ ଭିଡି ସତୀଶନଙ୍କୁ ଗୁପ୍ତ ଭାବେ ରେକର୍ଡ କରିବାକୁ ବା ଷ୍ଟିଙ୍ଗ୍ ଅପରେସନ କରିବାକୁ ଉଦ୍ୟମ କରିଥିବା ଅଭିଯୋଗ କରିଛନ୍ତି କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର। ଏହି ଅଭିଯୋଗକୁ ନେଇ କର୍ଣ୍ଣାଟକ ରାଜନୀତିରେ ଚର୍ଚ୍ଚା ବଢ଼ିଛି। ଏକ କନ୍ନଡ଼ ଗଣମାଧ୍ୟମକୁ ସାକ୍ଷାତକାର ଦେଇ ଶିବକୁମାର କହିଛନ୍ତି, ଜଣେ ଶିଳ୍ପପତି ତାଙ୍କୁ ସାକ୍ଷାତ କରିବାକୁ ଆସିଥିଲେ। ପ୍ରଥମେ ବ୍ୟବସାୟ କଥା ହେଉଥିବା ବ୍ୟକ୍ତି ଜଣକ ପରେ ରାଜନୈତିକ ଆଲୋଚନା ଆରମ୍ଭ କରିଥିଲେ। ତାଙ୍କ ଚଷମା ଦେଖି ସନ୍ଦେହ ହେବାରୁ ଶିବକୁମାର ତାଙ୍କ ସମ୍ପର୍କରେ ତଦନ୍ତ କରାଇଥିବା କହିଛନ୍ତି। ତାଙ୍କ ଦାବି ଅନୁଯାୟୀ, ସମ୍ପୃକ୍ତ ବ୍ୟକ୍ତି କେରଳ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ସମୟରେ ମଧ୍ୟ ସମାନ ଚଷମା ପିନ୍ଧିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ସହ ଜଡ଼ିତ କଥିତ ଗୁପ୍ତ ରେକର୍ଡିଂ ଭିଡିଓକୁ ନେଇ ରାଜ୍ୟରେ ରାଜନୈତିକ ବିବାଦ ଜାରି ରହିଥିବା ବେଳେ ଶିବକୁମାରଙ୍କ ଏହି ଅଭିଯୋଗ ଘଟଣାକୁ ନୂଆ ମୋଡ଼ ଦେଇଛି।

ଟାର୍ଗେଟରେ କଂଗ୍ରେସ ମୁଖ୍ୟମନ୍ତ୍ରୀ

ବାଂଲା ଜେଲ୍‌ରେ ୨୩୮ ଭାରତୀୟ

ନୂଆଦିଲ୍ଲୀ/ଢାକା,୨୩।୧୦(ଏଜେନ୍ସି): ବାଂଲାଦେଶର ବିଭିନ୍ନ ଜେଲ୍‌ରେ ୨୩୮ ଜଣ ଭାରତୀୟ ବନ୍ଦୀ ଅଛନ୍ତି। ସେମାନଙ୍କ ମଧ୍ୟରୁ ୧୬୮ ଜଣଙ୍କ ଦଣ୍ଡାଦେଶ ଶେଷ ହୋଇଥିଲେ ମଧ୍ୟ ନିଜ ଦେଶକୁ ଫେରିବାକୁ ଅପେକ୍ଷା କରିଛନ୍ତି। ନାଗରିକତା ଯାଞ୍ଚରେ ବିଳମ୍ବ ଯୋଗୁଁ ସେମାନଙ୍କ ପ୍ରତ୍ୟାବର୍ତ୍ତନ ଅଟକି ରହିଛି। ବାଂଲାଦେଶର 'ଦି ଡେଲି ଷ୍ଟାର୍' ରିପୋର୍ଟ ଅନୁଯାୟୀ, ସେଠାକାର ସରକାର ପ୍ରାୟ ୧୨୦ ଜଣ ବନ୍ଦୀଙ୍କ ତାଲିକା ଭାରତକୁ ଦେଇଛନ୍ତି। ତେବେ ଅଧିକାଂଶଙ୍କ ସମ୍ପର୍କରେ ତଥ୍ୟ ଅସମ୍ପୂର୍ଣ୍ଣ ଥିବାରୁ ଏଯାଏ ମାତ୍ର ୨୫ ଜଣଙ୍କ ଭାରତୀୟ ନାଗରିକତା ନିଶ୍ଚିତ ହୋଇଛି। ବାଂଲାଦେଶ ଜେଲ୍‌ରେ ୧୫ଟି ଦେଶର ଅତି କମ୍‌ରେ ୪୦୭ ଜଣ ବିଦେଶୀ ବନ୍ଦୀ ଅଛନ୍ତି। ଭାରତୀୟଙ୍କ ପରେ ମିଆଁମାରର ୧୩୩ ଜଣ ସର୍ବାଧିକ ବିଦେଶୀ ବନ୍ଦୀ ଅଛନ୍ତି। ଦଣ୍ଡ ସରିବା ପରେ ମଧ୍ୟ ବନ୍ଦୀଙ୍କୁ ଜେଲ୍‌ରେ ରଖାଯାଇଛି।

ଅମିତାଭ, ଦିଲଜିତ୍‌ଙ୍କୁ ବୋମା ଧମକ

ମୁମ୍ବାଇ/କୋଲକାତା,୨୩।୧୦(ଏଜେନ୍ସି): ବଲିଉଡ୍ ଅଭିନେତା ଅମିତାଭ ବଚ୍ଚନଙ୍କ ଘର, ଗାୟକ ଦିଲଜିତ୍ ଦୋସାଞ୍ଜଙ୍କ କନ୍‌ସର୍ଟ ଓ ମୁମ୍ବାଇ ମେୟରଙ୍କ କାର୍ଯ୍ୟାଳୟକୁ ବୋମା ଧମକ ମିଳିବା ପରେ ସହରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଅନ୍ୟପକ୍ଷରେ, କୋଲକାତା ବିମାନବନ୍ଦରରେ ଏକ ଟିସୁ ପେପର୍‌ରେ ବୋମା ଧମକ ଲେଖାଥିବା ଚିଠି ମିଳିବା ପରେ ତଲାସୀ ଆରମ୍ଭ ହୋଇଛି। ମୁମ୍ବାଇ ମେୟର ଋତୁ ତାୱଡେଙ୍କୁ ଇମେଲ୍ ଯୋଗେ ଏହି ଧମକ ଦିଆଯାଇଥିବା ଜଣେ ଅଧିକାରୀ କହିଛନ୍ତି। ଏଥିରେ 'ଖଲିସ୍ତାନ'ର ଉଲ୍ଲେଖ ରହିଛି। ଅମିତାଭଙ୍କ ଜୁହୁସ୍ଥିତ 'ଜଲସା' ବାସଭବନକୁ ଅକ୍ଟୋବର ୩୧ରୁ ନଭେମ୍ବର ୨୭ ମଧ୍ୟରେ ଟାର୍ଗେଟ୍ କରିବା ଏବଂ ନଭେମ୍ବର ୨୭ରେ ଦିଲଜିତ୍‌ଙ୍କ କନ୍‌ସର୍ଟରେ ଆକ୍ରମଣ କରିବାର ଧମକ ଦିଆଯାଇଛି। ଏହା ସହ ଅକ୍ଟୋବର ୩୧ରେ ଏକ ସ୍କୁଲ୍‌ରେ ଗ୍ରେନେଡ୍ ଆକ୍ରମଣର ଚେତାବନୀ ମଧ୍ୟ ରହିଛି। ମେୟରଙ୍କ କାର୍ଯ୍ୟାଳୟରେ ତଲାସୀ ବେଳେ କୌଣସି ସନ୍ଦେହଜନକ ସାମଗ୍ରୀ ମିଳିନାହିଁ। ପୁଲିସ ଧମକପୂର୍ଣ୍ଣ ଇମେଲ୍‌ର ଉତ୍ସ ଓ ପ୍ରେରକଙ୍କୁ ଚିହ୍ନଟ କରିବାକୁ ତଦନ୍ତ ଚଳାଇଛି। ସେହିପରି, କୋଲକାତାର ନେତାଜୀ ସୁଭାଷଚନ୍ଦ୍ର ବୋଷ ଅନ୍ତର୍ଜାତୀୟ ବିମାନବନ୍ଦରର ଏକ ମହିଳା ଶୌଚାଳୟରୁ ଟିସୁ ପେପର୍‌ରେ ଲେଖାଥିବା ଧମକ ମିଳିଛି। ଏଥିରେ ବୋର୍ଡିଂ ଗେଟ୍ ନମ୍ବର ୩୦ରେ ବୋମା ଥିବା ଉଲ୍ଲେଖ ରହିଥିଲା। ସୁରକ୍ଷାକର୍ମୀ ଓ ବୋମା ନିଷ୍କ୍ରିୟକାରୀ ଦଳ ଯାଞ୍ଚ କରିଥିଲେ ମଧ୍ୟ ଏଯାଏ କୌଣସି ବିସ୍ଫୋରକ ମିଳିନାହିଁ। ବିମାନ ଚଳାଚଳ ସ୍ୱାଭାବିକ ରହିଥିବା ଅଧିକାରୀ କହିଛନ୍ତି।



ଜଳେଶ୍ୱରରେ ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା ଘଟଣା

ଫାଣ୍ଡି ଅଧିକାରୀ ନିଲମ୍ବିତ; ବଦଳିଲେ ଆଇଆଇସି

ବାଲେଶ୍ୱର,୨୩।୧୦(ସମିସ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଅଞ୍ଚଳରେ ଜଣେ ଦଶମ ଶ୍ରେଣୀର ନାବାଳିକାଙ୍କୁ ଦୁଷ୍କର୍ମ ପରେ ହତ୍ୟା ଘଟଣା ସମଗ୍ର ଜିଲ୍ଲାରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ନାବାଳିକା ନିଖୋଜ ହେବା ପରେ ପରିବାର ପକ୍ଷରୁ ଅଭିଯୋଗ, ସନ୍ଦିଗ୍ଧଙ୍କୁ ପୁଲିସର ଜିମା ଦେବା ଏବଂ ପରବର୍ତ୍ତୀ ସମୟରେ ପୁଲିସ

- ଡିଏସ୍‌ପି ର୍ୟାଙ୍କ ଅଧିକାରୀଙ୍କୁ ଦାୟିତ୍ୱ
- ପ୍ରେମ ପାଇଁ ମନା କରିବାରୁ ଦୁଷ୍କର୍ମ
- ପ୍ରଘଟ ଭୟରେ ଭୟରେ ହତ୍ୟା କରିଥିଲା ଅଭିଯୁକ୍ତ
- ଅନ୍ୟ ୩ ଜଣଙ୍କ ସମ୍ପୃକ୍ତି ସନ୍ଦେହ

ତାଙ୍କୁ ଛାଡ଼ିଦିଆଯିବା ଘଟଣା ଏବେ ପୁଲିସର ପ୍ରାରମ୍ଭିକ ତଦନ୍ତକୁ ନେଇ ଗମ୍ଭୀର ପ୍ରଶ୍ନ ସୃଷ୍ଟି କରିଛି। ନିଖୋଜ ହେବାର ପାଞ୍ଚ ଦିନ ପରେ ଧାନବିଲରୁ ନାବାଳିକାଙ୍କ ଗଳିତ ମୃତଦେହ ଉଦ୍ଧାର ହେବା ପରେ ଘଟଣା ନୂଆ ମୋଡ଼ ନେଇଛି। ଏହି ଘଟଣାରେ ନାମ୍ପୋ ଫାଣ୍ଡି ଅଧିକାରୀ କରଣ ମାରାଣ୍ଡିଙ୍କୁ ନିଲମ୍ବନ କରାଯାଇଥିବାବେଳେ ଜଳେଶ୍ୱର ଥାନା ଆଇଆଇସି ଅଶୋକ ବାରିକଙ୍କୁ ଜିଲ୍ଲା ପୁଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି, ଘଟଣାର ତଦନ୍ତ ଦାୟୀତ୍ୱ ଡ଼ିଏସପି ରେଙ୍କର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବାଲେଶ୍ୱର ଏସ୍‌ପି ପ୍ରତ୍ୟୁଷ ଦିବାକର ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ଅଭିଯୁକ୍ତଙ୍କ ଗିରଫଦାରୀ ଓ ଅନ୍ୟ ତିନି ଜଣଙ୍କ ସମ୍ଭାବ୍ୟ ସମ୍ପୃକ୍ତି ନେଇ ତଦନ୍ତ ଚାଲିଥିବା ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଅକ୍ଟୋବର ୧୬ ତାରିଖ ଅପରାହ୍ଣ ପ୍ରାୟ ୪ଟା ୩୦ ମିନିଟ୍‌ରେ ନାବାଳିକା ଜଣକ ଜଣେ ସାଙ୍ଗଙ୍କ ସହ ଘରୁ ବାହାରିଥିଲେ। ସନ୍ଧ୍ୟା ସୁଦ୍ଧା ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିବା ସହ ସାଙ୍ଗଙ୍କ ସହ ଯୋଗାଯୋଗ କରିଥିଲେ। ମିଳିଥିବା ସୂଚନା ଆଧାରରେ ସୁଲତାନପୁର ଗ୍ରାମର ଚନ୍ଦ୍ରକାନ୍ତ ଜେନା ଓରଫ କାହ୍ନାଙ୍କ ନାମ ସାମ୍ନାକୁ ଆସିଥିଲା। ସେ ନାବାଳିକାଙ୍କୁ ବାଇକ୍‌ରେ ନେଇଯାଇଥିବା ସନ୍ଦେହରେ ପରିବାର ଲୋକେ ତାଙ୍କୁ ବାଇକ୍ ସହ ଅଟକାଇ ନାମ୍ପୋ ଫାଣ୍ଡିରେ ଜିମା ଦେଇଥିଲେ। ଅକ୍ଟୋବର ୧୭ ତାରିଖରେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ଲିଖିତ ଅଭିଯୋଗ ହୋଇଥିଲା। ଏଥିରେ ଚନ୍ଦ୍ରକାନ୍ତଙ୍କ ସମେତ ନାବାଳିକାଙ୍କ ସାଙ୍ଗ ଓ ସାଙ୍ଗଙ୍କ ମାଆଙ୍କ ସମ୍ପୃକ୍ତି ନେଇ ସନ୍ଦେହ ପ୍ରକାଶ କରାଯାଇଥିଲା। ତେବେ ପଚରାଉଚରା ପରେ ଚନ୍ଦ୍ରକାନ୍ତଙ୍କୁ ପୁଲିସ ଛାଡ଼ି ଦେଇଥିବାର ଅଭିଯୋଗ ହୋଇଛି। ନିଖୋଜ ନାବାଳିକାଙ୍କ ସନ୍ଧାନ ମିଳିବା ପୂର୍ବରୁ ସନ୍ଦିଗ୍ଧଙ୍କୁ ଛାଡ଼ିବା ପଛରେ କେଉଁ ଆଧାର ରହିଥିଲା ଏବଂ ଅଭିଯୋଗ ପରେ ପୁଲିସ କେଉଁ ପଦକ୍ଷେପ ନେଇଥିଲା, ତାହାକୁ ନେଇ ପ୍ରଶ୍ନ ଉଠିଛି। ଘଟଣାର ପାଞ୍ଚ ଦିନ ପରେ ଅର୍ଥାତ ଅକ୍ଟୋବର ୨୧ ତାରିଖରେ ବର୍ତ୍ତନା ପଞ୍ଚାୟତର ଢେରାପଦା ନିକଟ ଧାନବିଲରୁ ନାବାଳିକାଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଥିଲା। ମୃତଦେହ ନିକଟରୁ ମିଳିଥିବା ପୋଷାକ ଓ ଜୋତା ଆଧାରରେ ପରିବାର ଲୋକେ ତାଙ୍କୁ ଚିହ୍ନଟ କରିଥିଲେ। ଏହାପରେ ଅଭିଯୁକ୍ତ ଚନ୍ଦ୍ରକାନ୍ତ ଜଳେଶ୍ୱର ଥାନାରେ ଆନସମର୍ପଣ କରିଥିବା ସୂଚନା ମିଳିଛି।

ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ସୂଚନା ଅନୁଯାୟୀ, ନାବାଳିକା ନିଖୋଜ ହୋଇଥିବା ଦିନ ହିଁ ତାଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିଲା। ଦୁଷ୍କର୍ମ ଘଟଣା ନାବାଳିକା ଜଣକ ବାହାରେ ପ୍ରକାଶ କରିଦେବା ଭୟରେ ଅଭିଯୁକ୍ତ ହତ୍ୟା କରିଥିବା ପୁଲିସ କହିଛି। ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ଗିରଫ ହୋଇଥିବାବେଳେ ଅନ୍ୟ ତିନି ଜଣଙ୍କ ଭୂମିକା ନେଇ ତଦନ୍ତ ଜାରି ରହିଛି। ଘଟଣାକୁ ନେଇ ବର୍ତ୍ତନା ଓ ଖୁଲୁଡ଼ା ପଞ୍ଚାୟତ ଅଞ୍ଚଳରେ ଉତ୍ତେଜନା ଲାଗିରହିଛି। ସନ୍ଦିଗ୍ଧଙ୍କ ସହ ସମ୍ପୃକ୍ତି ଥିବା ସନ୍ଦେହରେ ନାବାଳିକାଙ୍କ ସାଙ୍ଗ ଓ ତାଙ୍କ ମାଆ ରହୁଥିବା ଘରକୁ ଉତ୍ତ୍ୟକ୍ତ ଲୋକେ ଭଙ୍ଗାରୁଜା କରିଥିଲେ। ପରେ ବଡ଼ନଗର ଛକରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଅଭିଯୁକ୍ତଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ, ଅନ୍ୟ ସନ୍ଦିଗ୍ଧଙ୍କ ଭୂମିକାର ତଦନ୍ତ ଏବଂ କାର୍ଯ୍ୟରେ ଅବହେଳା କରିଥିବା ପୁଲିସ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ହୋଇଥିଲା। ଏମିତି କି ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିବା ସହ ପୀଡ଼ିତାଙ୍କ ପରିବାରକୁ ସମବେଦନା ଜଣାଇଥିଲେ।

ଅନ୍ୟପଟେ କଂଗ୍ରେସ ବିଧାୟକ ଅଶୋକ ଦାସଙ୍କ ସମେତ ଦଳୀୟ ନେତାମାନେ ଜଳେଶ୍ୱରରେ ପହଞ୍ଚି ନ୍ୟାୟ ଦାବି କରିଥିଲେ। ପୀଡ଼ିତାଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ କଂଗ୍ରେସ ଦାବି କରିଛି। ଏହି ଘଟଣାରେ ନାମ୍ପୋ ଫାଣ୍ଡି ଅଧିକାରୀଙ୍କ ନିଲମ୍ବନ ଓ ଜଳେଶ୍ୱର ଆଇଆଇସିଙ୍କ ବଦଳି ପରେ ମଧ୍ୟ ପୁଲିସର ପ୍ରାରମ୍ଭିକ କାର୍ଯ୍ୟଶୈଳୀକୁ ନେଇ ଉଠିଥିବା ପ୍ରଶ୍ନ ଗମ୍ଭୀର ହେବାରେ ଲାଗିଛି। ନିଖୋଜ ଅଭିଯୋଗ ପରେ କେଉଁ ପଦକ୍ଷେପ ନିଆଯାଇଥିଲା, ସନ୍ଦିଗ୍ଧଙ୍କୁ ଛାଡ଼ିବାର କାରଣ କ'ଣ ଥିଲା ଏବଂ ତଦନ୍ତରେ କୌଣସି ଅବହେଳା ହୋଇଥିଲା କି ନାହିଁ, ତାହାର ନିରପେକ୍ଷ ତଦନ୍ତ ଏବଂ ସମୀକ୍ଷା କରାଯିବାକୁ ଦାବି ହେଉଛି। ଅବହେଳା ପ୍ରମାଣିତ ହେଲେ ଦାୟୀ ଅଧିକାରୀଙ୍କ ବିରୋଧରେ କୋଠାର କାର୍ଯ୍ୟାନୁଷ୍ଠାନ ସହ ଅନ୍ୟ ସନ୍ଦିଗ୍ଧଙ୍କ ଭୂମିକାର ତ୍ୱରିତ ତଦନ୍ତ କରିବାକୁ ଦାବି ହେଉଛି।

କୋଟିଆ ପ୍ରସଙ୍ଗରେ ସୁପ୍ରିମକୋର୍ଟ ଗଲେ ରାଜ୍ୟ ସରକାର

କୋରାପୁଟ ଜିଲ୍ଲାପାଳଙ୍କ ଜରିଆରେ ଅଦାଲତ ଅବମାନନା ମାମଲା ରୁଜୁ

ଭୁବନେଶ୍ୱର,୨୩।୧୦(ସମିସ): କୋଟିଆ ପ୍ରସଙ୍ଗରେ ପୁଣି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ରାଜ୍ୟ ସରକାର। କୋଟିଆରେ ଆନ୍ଧ୍ରପ୍ରଦେଶ ସରକାର ନିର୍ବାଚନ କରିବା ନେଇ ବିଜ୍ଞପ୍ତି ପ୍ରକାଶ କରିବା ପରେ ସାରା ରାଜ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ପ୍ରସଙ୍ଗରେ ବିରୋଧୀ ସରକାରଙ୍କ ନରମ ଆଭିମୁଖ୍ୟକୁ ନେଇ ପ୍ରଶ୍ନ ଉଠାଇବା ମଧ୍ୟରେ ଏହାକୁ ନେଇ ସରକାର କଠୋର ହୋଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପରେ କୋରାପୁଟ ଜିଲ୍ଲାପାଳଙ୍କ ଜରିଆରେ ସୁପ୍ରିମକୋର୍ଟରେ ଅଦାଲତ ଅବମାନନା ମାମଲା ଦାୟର କରାଯାଇଛି। ମାମଲା ନମ୍ବର ୬୬୭୨୭/୨୦୨୬ରେ ଏହି ମାମଲା ଶୁକ୍ରବାର ପଞ୍ଜୀକୃତ ହୋଇଛି।

ଆଜି ବସିବ ସର୍ବଦଳୀୟ ବୈଠକ

ଆନ୍ଧ୍ରପ୍ରଦେଶର ରାଜ୍ୟ ନିର୍ବାଚନ କମିଶନ, ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ ଏବଂ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ ଏହି ମାମଲା ଦାୟର ହୋଇଛି। କୋଟିଆରେ ସରପଞ୍ଚ ଓ ସମିତି ସଭ୍ୟ ନିର୍ବାଚନ କରାଇବାକୁ ଆନ୍ଧ୍ରର ପଦକ୍ଷେପକୁ ନେଇ ଓଡ଼ିଶା ଆପତ୍ତି ଉଠାଇଛି। ଗୋଟିଏ ଅଞ୍ଚଳରେ ଦୁଇଟି ଭିନ୍ନ ପ୍ରଶାସନିକ ବ୍ୟବସ୍ଥା ଅଧୀନରେ ପ୍ରତିନିଧି ରହିବା ପ୍ରସଙ୍ଗ ଉଠାଇ ଏହା ପଞ୍ଚାୟତ ଓ ଅନ୍ୟାନ୍ୟ ସାମ୍ବିଧାନିକ ବ୍ୟବସ୍ଥାର ଉଲ୍ଲଂଘନ ବୋଲି ଅଭିଯୋଗ କରାଯାଇଛି। ଏହି ମାମଲାରେ ଓଡ଼ିଶା ସରକାର ସୁପ୍ରିମକୋର୍ଟରେ ନିଜ ପକ୍ଷ ରଖିବେ ବୋଲି କୁହାଯାଇଛି। ଏଥିରେ ଆନ୍ଧ୍ରପ୍ରଦେଶର ମୁଖ୍ୟ ଶାସନ ସଚିବ ଜି. ସାଇ ପ୍ରସାଦ, ନିର୍ବାଚନ କମିଶନ ଅନିଲ ଚନ୍ଦ୍ର ପୁନେଠା, ଗୃହ ସଚିବ କୁମାର ବିଶ୍ୱଜିତ୍, ପଞ୍ଚାୟତିରାଜ ସଚିବ, ମୁତାଲା ରାଜୁ, ପଞ୍ଚାୟତିରାଜ ନିର୍ଦ୍ଦେଶକ ଭିଆର୍‌କେ ତେଜା, ପାର୍ବତୀପୁରମ୍ ମନ୍ୟମ ଜିଲ୍ଲାପାଳ ଏନ୍‌ପି ରବିଶଙ୍କର ରେଡ୍ଡୀ ପ୍ରମୁଖଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ଦାୟର ହୋଇଛି।

୧୯୩୬ ମସିହାରୁ କୋଟିଆ ଗ୍ରାମପୁଞ୍ଜ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିଛି। କୋଟିଆକୁ ଓଡ଼ିଶାରେ ନ୍ୟାୟସଙ୍ଗତ ଭାବେ ବଜାୟ ରଖିବାକୁ ସରକାର ପ୍ରତିଶ୍ରୁତିବଦ୍ଧ। ଏହାକୁ ନେଇ ୧୯୬୮ ମସିହାରେ ସୁପ୍ରିମକୋର୍ଟରେ ମାମଲା ହୋଇଥିଲା। ମାମଲାର ବିଚାର ସମୟରେ କୋଟିଆ ଗ୍ରାମପୁଞ୍ଜରେ ସ୍ଥିତାବସ୍ଥା ବଜାୟ ରଖିବାକୁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ଅର୍ଥାତ୍, ଯେଉଁ ସ୍ଥିତି ରହିଛି, ସେଥିରେ କୌଣସି ପରିବର୍ତ୍ତନ ନ କରିବାକୁ କୁହାଯାଇଥିଲା। ୨୦୦୬ ମସିହାରେ ଏହି ମାମଲା ଖାରଜ ହୋଇଥିଲେ ମଧ୍ୟ ସ୍ଥିତାବସ୍ଥା ବଜାୟ ରଖିବା ପ୍ରସଙ୍ଗ ରହିଥିଲା। ଏବେ ଆନ୍ଧ୍ରପ୍ରଦେଶ ସରକାର କୋଟିଆ ଗ୍ରାମପୁଞ୍ଜରେ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ କରିଥିବାରୁ ଏହା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଅବମାନନା ବୋଲି ଓଡ଼ିଶା ପକ୍ଷରୁ ଅଭିଯୋଗ କରାଯାଇଛି। ଅନ୍ୟପଟେ ଏହି ପ୍ରସଙ୍ଗରେ ଶନିବାର ଏକ ସର୍ବଦଳୀୟ ବୈଠକ ବସିବ ବୋଲି ଜଣାପଡ଼ିଛି। ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ସର୍ବଦଳୀୟ ବୈଠକ ସମ୍ପର୍କରେ ସୂଚନା ଦେବା ସହ ବିରୋଧୀଙ୍କୁ ସାଙ୍ଗରେ ନେଇ ଓ ସମସ୍ତଙ୍କ ଅଭିଜ୍ଞତାକୁ ଆଧାର କରି ଏହି ଲଢ଼େଇ ଲଢ଼ାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ନବୀନଙ୍କ ଅନୁମୋଦନ

ନଭେମ୍ବର ୩୦ ଯାଏଁ ବଢ଼ିଲା ବିଜେଡିର ଜନ ସମ୍ପର୍କ ପଦଯାତ୍ରା

ଭୁବନେଶ୍ୱର,୨୩।୧୦(ସମିସ): ବିଜେଡି ପକ୍ଷରୁ ରାଜ୍ୟବ୍ୟାପୀ ଆୟୋଜିତ ହେଉଥିବା ଜନସମ୍ପର୍କ ପଦଯାତ୍ରାକୁ ଆସନ୍ତା ନଭେମ୍ବର ୩୦ ତାରିଖ ଯାଏଁ ବୃଦ୍ଧି କରାଯାଇଛି। ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି ବୋଲି ଦଳର ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର ସୂଚନା ଏକ ଚିଠି ମାଧ୍ୟମରେ ସୂଚନା ଦେଇଛନ୍ତି। ପୂର୍ବ ସୂଚନା ଅନୁଯାୟୀ ରାଜ୍ୟର ସମସ୍ତ ଗ୍ରାମାଞ୍ଚଳ ଓ ପୌରାଞ୍ଚଳରେ ପଦଯାତ୍ରା ଆୟୋଜିତ କରିବାକୁ ଶ୍ରୀ ମିଶ୍ର ଅନୁରୋଧ କରିଛନନ୍ତି।

ସୂଚନାଯୋଗ୍ୟ ଯେ ପ୍ରତିବର୍ଷ ଅକ୍ଟୋବର ୨ରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥାଏ। ରାଜ୍ୟବ୍ୟାପୀ ସମସ୍ତ ସାଙ୍ଗଠନିକ ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ୧ ମାସ ଧରି ଆୟୋଜିତ ହୁଏ। ଚଳିତ ଥର ଦଳୀୟ କର୍ମକର୍ତ୍ତା ଡବଲ ଇଞ୍ଜିନ ସରକାରଙ୍କ ବିଫଳତା ଓ ବିଜେଡି ଶାସନ ସମୟର ସଫଳତାକୁ ନେଇ ପ୍ରତି ଘରକୁ ଯାଉଛନ୍ତି। ଜନ ସମ୍ପର୍କ କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟର ପ୍ରତ୍ୟେକ ବ୍ୟକ୍ତି ବିଶେଷଙ୍କ ନିକଟରେ ପହଞ୍ଚିବାକୁ ଦଳ ଲକ୍ଷ୍ୟ ରଖିଛି।

ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ: ମନ୍ତ୍ରୀ

ଭୁବନେଶ୍ୱର, ୨୩।୧୦ (ସମିସ): ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ କ୍ରମଶଃ ଘନୀଭୂତ ହୋଇ ବାତ୍ୟାର ରୂପ ନେବାର ଆଶଙ୍କା ଥିବାରୁ ରାଜ୍ୟ ସରକାର ଏହାର ମୁକାବିଲା ପାଇଁ ଅଣ୍ଟା ଭିଡ଼ିଛନ୍ତି। ଏହି ପରିପ୍ରେକ୍ଷୀରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ କରିବା ସହ ମୁଖ୍ୟ ଶାସନ ସଚିବଙ୍କ ସମେତ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏହି ବୈଠକରେ ଜିଲ୍ଲାପାଳମାନଙ୍କୁ ଆକସ୍ମିକ ଯୋଜନା ଏବଂ ସମସ୍ତ ବିଭାଗୀୟ ପ୍ରସ୍ତୁତି ସମ୍ପୂର୍ଣ୍ଣ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମୁଦ୍ର ଅଶାନ୍ତ ରହୁଥିବାରୁ ଗଭୀର ସମୁଦ୍ରକୁ ଯାଇଥିବା ମତ୍ସ୍ୟଜୀବୀମାନଙ୍କୁ ତୁରନ୍ତ କୂଳକୁ ଫେରିଆସିବାକୁ କୁହାଯାଇଛି। ବଡ଼ ବଡ଼ ଟ୍ରଲର୍ ଏବଂ ଜାହାଜର ମାଲିକମାନଙ୍କୁ ମଧ୍ୟ ସତର୍କ କରାଯାଇଛି। ତଳିଆ ଅଞ୍ଚଳରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର, ଆଶ୍ରୟସ୍ଥଳୀଗୁଡ଼ିକୁ

ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ୍

ପ୍ରସ୍ତୁତ ରଖିବା ଏବଂ ଜରୁରୀକାଳୀନ ପଦକ୍ଷେପ ଗ୍ରହଣ କରିବାକୁ ଓସ୍‌ଡମା ପକ୍ଷରୁ କୁହାଯାଇଛି। ବାତ୍ୟା ପ୍ରଭାବିତ ଅଞ୍ଚଳରେ ଆସନ୍ନ ପ୍ରସବାଙ୍କୁ ଚିହ୍ନଟ କରି ବାତ୍ୟା ଆଶ୍ରୟସ୍ଥଳୀ କିମ୍ବା ନିକଟସ୍ଥ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଗୁଆ ସ୍ଥାନାନ୍ତରିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ସରକାର 'ଶୂନ୍ୟ ମୃତ୍ୟୁ' ନୀତିକୁ ଆପଣାଇ ପ୍ରଶାସନକୁ ସମ୍ପୂର୍ଣ୍ଣ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ହ୍ୱାଟ୍ସଆପ୍ ଏବଂ ଅନ୍ୟାନ୍ୟ ଗଣମାଧ୍ୟମ ଜରିଆରେ ଲୋକଙ୍କୁ କ୍ରମାଗତ ଭାବେ ସଚେତନ କରାଯାଉଛି। ରାଜ୍ୟ ସରକାର ସମସ୍ତ ସମ୍ଭାବ୍ୟ ବିପର୍ଯ୍ୟୟକୁ ମୁକାବିଲା କରିବା ପାଇଁ ସଂପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, ଶାସନ ସଚିବ, ସ୍ୱତନ୍ତ୍ର ରିଲିଫ କମିଶନର ଏବଂ ଓସ୍‌ଡମାର ବରିଷ୍ଠ

■ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ବର୍ଷିଲା କଂଗ୍ରେସ

ପୁଞ୍ଜି ନିବେଶ ସମ୍ପର୍କରେ ଶ୍ୱେତପତ୍ର ପ୍ରକାଶ ଦାବି କଲା ଦଳ

ଭୁବନେଶ୍ୱର,୨୩।୧୦(ସମିସ): ଓଡ଼ିଶାରେ ପୁଞ୍ଜିପତି ମାନେ ପୁଞ୍ଜିନିବେଶ କରୁଛନ୍ତି ଓ ଓଡ଼ିଶା ଏବେ ଶିଳ୍ପର ହବ୍ ପାଲଟିଛି ବୋଲି ସରକାର କହୁଛନ୍ତି। ତେବେ ସରକାର କେତେ ପିଲାଙ୍କୁ ନିଯୁକ୍ତି ଦେଇଛନ୍ତି ତାହା ଉପରେ ଏକ ଶ୍ୱେତପତ୍ର ପ୍ରକାଶ କରନ୍ତୁ ବୋଲି କଂଗ୍ରେସ ଦଳ ଦାବି କରିଛି।

ଶୁକ୍ରବାର ଆଜି କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଡବଲ ଇଞ୍ଜିନ୍ ସରକାରକୁ ଓଡ଼ିଶା ବିରୋଧୀ ବୋଲି କହିବା ସହ ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଓଡିଶା ଗସ୍ତକୁ ବିରୋଧ କରି ସରକାରଙ୍କ ଉପରେ ବର୍ଷିଛନ୍ତି। ଦଳର ସାଧାରଣ ସମ୍ପାଦିକା ସୋନାଲି ସାହୁ ପ୍ରଧାନମନ୍ତ୍ରୀଙ୍କ ବାରମ୍ବାର ଓଡ଼ିଶା ଗସ୍ତକୁ କଟାକ୍ଷ କରି କହିଛନ୍ତି ଯେ ରାଲିଜୀବି କେବଳ ରାଲି କରିବାକୁ ଆସୁଛନ୍ତି। ଏଥିରେ ଓଡିଶାବାସୀଙ୍କର କଣ ଲାଭ ହେବ? କୋଟି କୋଟି ଟଙ୍କା ଖର୍ଚ୍ଚ କରି ନିଜର ପ୍ରଚାର ପାଇଁ ପଇସା ଥିଲା ବେଳେ ରାଜ୍ୟର ବୃଦ୍ଧବୃଦ୍ଧାଙ୍କୁ ଭତ୍ତା ଦେବାପାଇଁ ପଇସା ନାହିଁ। ସେହିପରି ମିଥ୍ୟା ପ୍ରତିଶୃତି ଦେଇ କ୍ଷମତାକୁ ଆସିଥିବା ସରକାରର ଗ୍ରହଣୀୟତା ନଥିବା କାରଣରୁ ମୋଦୀଙ୍କ ପ୍ରଚାର କରି ଡ୍ୟାମେଜ କଣ୍ଟ୍ରୋଲ କରିବାକୁ ପ୍ରୟାସ କରାଯାଉଛି। ନା ୩୦୦୦ ଭତ୍ତା ଦେଲେ, ନାଁ ଘର, ନା ୩୦୦ ୟୁନିଟ ବିଜୁଳି ମାଗଣା ଦେଲେ। ଅନ୍ୟପଟେ ଉଦଘାଟନ ହେବାକୁ ଥିବା ଡାଟା ସେଣ୍ଟର ପ୍ରସଙ୍ଗରେ କଂଗ୍ରେସ କହିଛି, ଜଳ ସୁରକ୍ଷା, ପରିବେଶ ସୁରକ୍ଷା, ନିଯୁକ୍ତି ଓ ଜନସାଧାରଣଙ୍କ ଅଧିକାରକୁ ସମାନ ଗୁରୁତ୍ୱ ଦିଆଯିବା ଦରକାର। ସରକାର ଯଦି ଏହି ପ୍ରକଳ୍ପକୁ ଓଡ଼ିଶାର ଭବିଷ୍ୟତ ବୋଲି କହୁଛନ୍ତି, ଓଡିଶାର ଲୋକଙ୍କ ପାନୀୟ ଜଳ, ଚାଷୀଙ୍କ ଜମି, ନଦୀର ପ୍ରବାହ ଏବଂ ଯୁବପିଢ଼ିଙ୍କ ରୋଜଗାରର ସ୍ଥାନ କେଉଁଠି? ଗୋଟେ ଡାଟା ସେଣ୍ଟର ମେସିନକୁ ଥଣ୍ଡା କରିବାକୁ ଦୈନିକ ୨ କୋଟି ଲିଟର ମଧୁର ଜଳ ଆବଶ୍ୟକତା ପଡିଥାଏ। ବଜାରରେ ବିକ୍ରି ହେଉଥିବା ୧ ଲିଟର ପାନୀୟ ଜଳର ଦାମ ୨୦/-. ସମସ୍ତ ପ୍ରୋସେସିଂ ଫି ଛାଡିଦେଲେ ପ୍ରାୟ ୧୦/-। ତେବେ ଲିଟରକୁ ୧୦ ଟଙ୍କା ହିସାବରେ ବର୍ଷକୁ ୭,୨୦୦ କୋଟି ଟାଙ୍କର ମୂଲ୍ୟବାନ ମଧୁର ଜଳ ନଷ୍ଟ ହେବ।

ଟ୍ରେନ୍ ଧକ୍କାରେ ପୁଲିସ ଏଏସ୍ଆଇ ମୃତ

କଟକ,୨୩।୧୦(ସମିସ): କାଠଯୋଡ଼ି ପାସେଞ୍ଜର ହଲ୍ଟ ନିକଟ ରେଳ ଧାରଣାରେ ଜଣେ ପୁଲିସ ଏଏସଆଇଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ଜିତେନ୍ଦ୍ର କୁମାର ସେନାପତି(୪୦)। ଟ୍ରେନ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ସୂଚନା ଅନୁସାରେ, ଖୋର୍ଦ୍ଧା ଜିଲ୍ଲା ବାଲୁଗାଁର ଜିତେନ୍ଦ୍ର ସେନାପତି ଯାଜପୁର ଜିଲ୍ଲା ବଇରିରେ ଥିବା ପୁଲିସ ତାଲିମ କେନ୍ଦ୍ର(ପିଟିଆଇ)ରେ ତାଲିମ ନେଉଥିଲେ। ସେ ଦୁର୍ଗା ପୂଜା ଓ ଭସାଣି ଡ୍ୟୁଟି କରିବାକୁ କଟକ ଆସିଥିଲେ। ଶୁକ୍ରବାର ସକାଳ ପ୍ରାୟ ୧୦ଟା ୩୦ ବେଳେ ସେ କଟକରୁ ଯାଜପୁର ଫେରିବା ପାଇଁ କାଠଯୋଡି ପାସେଞ୍ଜର ହଲ୍ଟରେ ପହଞ୍ଚିଥିଲେ। ସେଠାରେ ରେଳ ଧାରଣା ଅତିକ୍ରମ କରୁଥିଲା ବେଳେ ଭୁବନେଶ୍ୱରରୁ ନୂଆଦିଲ୍ଲୀ ଯାଉଥିବା ଦୂରନ୍ତ ଏକ୍ସପ୍ରେସ ତାଙ୍କୁ ଧକ୍କା ଦେଇଥିଲା। ଟ୍ରେନ ଧକ୍କାରେ ତାଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇ ରେଳ ଧାରଣାରେ ପଡିଥିଲା। କଟକ ଜିଆରପି ଥାନା ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା। ଏସସିବି ମେଡିକାଲରେ ବ୍ୟବଚ୍ଛେଦ ପରେ ବିଡାନାସୀ ଅଞ୍ଚଳରେ ରହୁଥିବା ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଛି।

ବୈତରଣୀରୁ ଦୁଇ ମୃତଦେହ ଉଦ୍ଧାର

ଯୋଡ଼ା, ୨୩।୧୦ (ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତ ଇଙ୍ଗାନୀଝରଣ ନିକଟସ୍ଥ ପିଛଲା ଘାଟରେ ବୈତରଣୀ ନଦୀରୁ ଶୁକ୍ରବାର ଦୁଇଟି ମୃତଦେହ ଉଦ୍ଧାର ହେବା ଘଟଣା ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଉଦ୍ଧାର ହୋଇଥିବା ମୃତଦେହ ମଧ୍ୟରୁ ଗୋଟିଏ ବାମେବାରୀ ଥାନା ଅନ୍ତର୍ଗତ ଜୁରୁଡ଼ି ପେଣ୍ଡେଇ ବସ୍ତିର ୪୫ ବର୍ଷୀୟ ସନାତନ ପେଣ୍ଡେଇଙ୍କର ବୋଲି ଚିହ୍ନଟ ହୋଇଛି। ଅନ୍ୟ ମୃତଦେହଟି ଜଣେ ଅଜଣା ବ୍ୟକ୍ତିଙ୍କର ହୋଇଥିବା ବେଳେ ତାଙ୍କ ଦୁଇ ହାତ ପଛପଟକୁ ବନ୍ଧା ଯାଇଥିବା ଏବଂ ଶରୀର ଅର୍ଦ୍ଧଦଗ୍ଧ ଅବସ୍ଥାରେ ଥିବାରୁ ଏହାକୁ ନେଇ ହତ୍ୟା ସନ୍ଦେହ ଘନୀଭୂତ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଗତ ୨୧ ତାରିଖ ବୁଧବାର ସନାତନ ନିଜର କିଛି ସାଙ୍ଗଙ୍କ ସହ ଗୁରୁବେଡ଼ା ନିକଟସ୍ଥ ବୈତରଣୀ ନଦୀକୁ ଗାଧୋଇବାକୁ ଯାଇଥିବା ସମୟରେ ସେ ନଦୀର ପ୍ରଖର ସ୍ରୋତରେ ଭାସିଯାଇ ନିଖୋଜ ହୋଇଯାଇଥିଲେ। ଘଟଣା ପରେ ତୁରନ୍ତ ସନ୍ଧାନ ମିଳିନଥିଲା। ଦୁଇ ଦିନ ପରେ ତାଙ୍କ ମୃତଦେହ ନଦୀରେ ଭାସିଆସି କୂଳରେ ଲାଗିଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ବାମେବାରୀ ପୁଲିସ ଅଗ୍ନିଶମ ବାହିନୀର ସହାୟତାରେ ନଦୀରୁ ସନାତନଙ୍କ ମୃତଦେହ ଉଦ୍ଧାର କରିବା ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଜଣାପଡ଼ିଛି।

ଜଣେ ନିଖୋଜ ଥିଲେ, ଅନ୍ୟ ମୃତଦେହ ଅର୍ଦ୍ଧଦଗ୍ଧ ଓ ହାତ ବନ୍ଧା ଅବସ୍ଥାରେ ଠାବ

ହତ୍ୟା ସନ୍ଦେହ; ମୃତକଙ୍କ ପରିଚୟ ଖୋଜୁଛି ପୁଲିସ

ଅନ୍ୟପକ୍ଷରେ, ନଦୀର ଅପର ପାର୍ଶ୍ୱରେ ଆଉ ଏକ ମୃତଦେହ ଭାସୁଥିଲା। ଏହି ମୃତଦେହଟି ଅଜଣା ବ୍ୟକ୍ତିଙ୍କର ହୋଇଥିବା ବେଳେ ତାଙ୍କ ଦୁଇ ହାତ ପଛପଟକୁ ବନ୍ଧା ହୋଇଥିବା ଏବଂ ଶରୀର ଅର୍ଦ୍ଧଦଗ୍ଧ ଓ ଆଂଶିକ ପଚିଯାଇଥିବା ଅବସ୍ଥାରେ ରହିଛି। ଘଟଣାସ୍ଥଳ ନିକଟସ୍ଥ ପଥର ଚଟାଣରେ ରକ୍ତର ଦାଗ ଓ ପୋଡ଼ା ପାଉଁଶ ପଡ଼ିଥିବା ଦେଖାଯାଇଥିବାରୁ ଘଟଣାଟି ଅଧିକ ରହସ୍ୟଜନକ ହୋଇପଡ଼ିଛି। ମୃତକଙ୍କୁ ଅନ୍ୟ କୌଣସି ସ୍ଥାନରେ ହତ୍ୟା କରାଯାଇଥିଲା କିମ୍ବା ଘଟଣାସ୍ଥଳରେ ହତ୍ୟା ପରେ ପରିଚୟ ଓ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ଶରୀରକୁ ପୋଡ଼ି ନଦୀରେ ଫିଙ୍ଗି ଦିଆଯାଇଥିଲା, ତାହା ଏବେ ତଦନ୍ତର ପରିସରଭୁକ୍ତ ହୋଇଛି। ତେବେ ପ୍ରାଥମିକ ଭାବେ ଏହାକୁ ହତ୍ୟାକାଣ୍ଡ ବୋଲି ନିଶ୍ଚିତ କରାଯାଇନାହିଁ। ଘଟଣାର ଖବର ପାଇ ଯୋଡ଼ା ଥାନାର ଆଇଆଇସିଙ୍କ ସମେତ ପୁଲିସଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଫରେନ୍ସିକ୍ ଦଳକୁ ଡକାଯାଇଥିବା ବେଳେ ଘଟଣାସ୍ଥଳରୁ ରକ୍ତର ନମୁନା ଓ ଅନ୍ୟାନ୍ୟ ପ୍ରମାଣ ସଂଗ୍ରହ କରାଯିବାର ସୂଚନା ମିଳିଛି।

ମୁସଲିମ ମାଆଙ୍କୁ ନାବାଳିକା ସନ୍ତାନ ସମ୍ପତ୍ତିର ଅଭିଭାବକ ନିଯୁକ୍ତ କରାଯାଇପାରିବ: ହାଇକୋର୍ଟ

ସନ୍ତାନର କଲ୍ୟାଣ ପାଇଁ ସମ୍ପତ୍ତିର ଅଂଶ ବିକ୍ରି ପାଇଁ ଅନୁମତି

କଟକ,୨୩।୧୦(ସମିସ): ମୁସଲିମ ବା ମହମଦୀୟ ଆଇନ ଅନୁଯାୟୀ ସନ୍ତାନ ସମ୍ପତ୍ତିର ସ୍ୱତଃସିଦ୍ଧ ବା ଆଇନଗତ ଅଭିଭାବକ ମାଆ ନ ହେଲେ ମଧ୍ୟ ସନ୍ତାନର କଲ୍ୟାଣ ପାଇଁ ଅଦାଲତ ତାଙ୍କୁ ଅଭିଭାବକ ଭାବେ ନିଯୁକ୍ତି ଦେଇପାରିବେ ବୋଲି ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ଗଞ୍ଜାମ ଜିଲ୍ଲା ଜଜ୍‌ଙ୍କ ପୂର୍ବ ନିଷ୍ପତ୍ତିକୁ ଖାରଜ କରି ଜଷ୍ଟିସ ସଞ୍ଜୟ କୁମାର ମିଶ୍ର ଏହି ରାୟ ଶୁଣାଇଛନ୍ତି। ଏହି ମାମଲାରେ ଗାର୍ଡିଆନ୍ସ ଆଣ୍ଡ ୱାର୍ଡସ୍ ଆକ୍ଟର ଧାରା ୩୧ ଅନୁଯାୟୀ ସମ୍ପତ୍ତି ବିକ୍ରି ପାଇଁ ସର୍ତ୍ତମୂଳକ ଅନୁମତି ପ୍ରଦାନ କରିଛନ୍ତି। ବିକ୍ରି ହେବାକୁ ଥିବା ସମ୍ପତ୍ତିର ସଠିକ ବଜାର ମୂଲ୍ୟ ଆକଳନ କରାଯିବ ଏବଂ ସେହି ମୂଲ୍ୟଠାରୁ କମ୍ ମୂଲ୍ୟରେ ବିକ୍ରି କରାଯିବ ନାହିଁ। ନାବାଳିକାର ଅଂଶ ବାବଦକୁ ମିଳିଥିବା ସମସ୍ତ ସମ୍ପୂର୍ଣ୍ଣ ଅର୍ଥ ଏକ ସୁରକ୍ଷିତ ଫିକ୍ସଡ୍ ଡିପୋଜିଟରେ ଜମା କରାଯିବ। କେବଳ ନାବାଳିକାର ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଜରୁରୀ କଲ୍ୟାଣ ପାଇଁ କୋର୍ଟଙ୍କ ସ୍ୱତନ୍ତ୍ର ଅନୁମତି ନେଇ ସେହି ଟଙ୍କା ଉଠାଯାଇପାରିବ ବୋଲି କହିଛନ୍ତି ହାଇକୋର୍ଟ। ମାଆ ନାବାଳିକା ଝିଅର ସମ୍ପତ୍ତି ପରିଚାଳନା ପାଇଁ ଅଭିଭାବକ ଭାବେ କାର୍ଯ୍ୟ କରିବେ ଏବଂ ୬ ସପ୍ତାହ ଭିତରେ ବିକ୍ରି ଦଲିଲ୍ ଏବଂ ହିସାବ ତଥ୍ୟ କୋର୍ଟରେ ଦାଖଲ କରିବେ ବୋଲି କହିଛନ୍ତି ହାଇକୋର୍ଟ। ମାମଲାରୁ ପ୍ରକାଶ ଯେ ୨୦୨୧ ମସିହାରେ ଆବେଦନକାରୀଙ୍କ ସ୍ୱାମୀ ତଥା ନାବାଳିକାର ପିତାଙ୍କ ଦେହାନ୍ତ ହୋଇଥିଲା। ଆବେଦନକାରୀଙ୍କ ସ୍ୱାମୀ ଭୁବନେଶ୍ୱରରେ ଏକ ସମ୍ପତ୍ତି କ୍ରୟ କରିଥିଲେ। ସ୍ୱାମୀଙ୍କ ମୃତ୍ୟୁ ପରେ ପତ୍ନୀ ତାଙ୍କର ଦୁଇ ଝିଅଙ୍କ ସହ ବ୍ରହ୍ମପୁରରେ ରହୁଥିଲେ। ସ୍ୱାମୀ ହିଁ ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁ ପରେ ପତ୍ନୀଙ୍କର ନିଜସ୍ୱ ପର୍ଯ୍ୟାପ୍ତ ଆୟ ନ ଥିବାରୁ ନାବାଳିକା ଝିଅର ପାଠପଢ଼ା, ଭରଣପୋଷଣ ଏବଂ ଖାଦ୍ୟପେୟର ଖର୍ଚ୍ଚ ତୁଲାଇବା କଷ୍ଟକର ହୋଇପଡ଼ିଥିଲା। ସେ ନାବାଳିକାର ଭବିଷ୍ୟତ ସୁରକ୍ଷିତ କରିବା ଏବଂ ଖର୍ଚ୍ଚ ମେଣ୍ଟାଇବା ପାଇଁ ତାଙ୍କ ସ୍ୱାମୀଙ୍କ ସମ୍ପତ୍ତିରେ ଥିବା ନାବାଳିକାର ଅଂଶକୁ ବିକ୍ରି କରିବାକୁ କୋର୍ଟଙ୍କ ଅନୁମତି ଲୋଡ଼ିଥିଲେ। ମାତ୍ର ମୁସଲିମ ବା ମହମଦ୍ଦୀୟ ଆଇନ ଅନୁସାରେ ନାବାଳକ ଅବା ନାବାଳିକାଙ୍କ ସମ୍ପତ୍ତିର ଆଇନଗତ ଅଭିଭାବକ ମାଆ ହୋଇନଥିବାରୁ ଗଞ୍ଜାମ ଜିଲ୍ଲା ଜଜ୍ ଏହି ଆବେଦନକୁ ଖାରଜ କରିଦେଇଥିଲେ। ଏହା ବିରୋଧରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ଓଡ଼ିଶା ସରକାର ଆନ୍ଧ୍ର ନିକଟରେ ଆତ୍ମସମର୍ପଣ କରିଛନ୍ତି: ବିଜେଡି

ଭୁବନେଶ୍ୱର/ପଟାଙ୍ଗି,୨୩।୧୦(ସମିସ): ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ବିଜେଡିର ଏକ ପ୍ରତିନିଧିମଣ୍ଡଳୀ କୋଟିଆ ପଞ୍ଚାୟତ ଗସ୍ତ କରିଛନ୍ତି। ସେମାନେ ଫାଟୁସିନେରି, ନେରେଡିଭାଲାସା, ଗଞ୍ଜେଇପଦର ଓ ଅନ୍ୟାନ୍ୟ ଗ୍ରାମର ବାସିନ୍ଦାଙ୍କ ସହ ଆଲୋଚନା କରିବା ସହ

ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବା ରାଜ୍ୟ ସରକାରଙ୍କ ଅସହାୟତାକୁ ପ୍ରଦର୍ଶିତ କରୁଛି

ଆନ୍ଧ୍ରପ୍ରଦେଶ ପକ୍ଷରୁ ନିର୍ବାଚନ ସମ୍ପର୍କିତ କାର୍ଯ୍ୟକଳାପକୁ ନେଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ପ୍ରତିନିଧି ମଣ୍ଡଳୀ କହିଛି ଯେ ଯଦି ଟ୍ରିପଲ ଇଞ୍ଜିନ ସରକାର ଥାଇ କୋଟିଆ ସମସ୍ୟାର ସମାଧାନ ହେବ ନାହିଁ ଏବଂ ଆନ୍ଧ୍ର ସରକାର କୋଟିଆରେ ପଞ୍ଚାୟତ ନିର୍ବାଚନ କରିବ, ଏହାଠୁ ବଡ଼ ଅପମାନ ଓଡ଼ିଶା ପାଇଁ କିଛି ହୋଇନପାରେ । ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ଓଡ଼ିଶା ସରକାର ଆନ୍ଧ୍ର ସରକାର ଆଗରେ ଆତ୍ମସମର୍ପଣ କରିଛନ୍ତି। ରାଜ୍ୟ ସରକାର କୋଟିଆ ପ୍ରସଙ୍ଗରେ ସମ୍ପୂର୍ଣ୍ଣ ଫେଲ ମାରିଛନ୍ତି। ନ୍ୟାୟ ଭିକ୍ଷା ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବା ରାଜ୍ୟ ସରକାରଙ୍କ ଅସହାୟତାକୁ ପ୍ରକାଶ କରୁଛି ବୋଲି ପ୍ରତିନିଧି ଦଳ କ୍ଷୋଭ ପ୍ରକାଶ କରିଛି।

ବିଜେଡି ପକ୍ଷରୁ କୁହାଯାଇଛି ଯେ କୋଟିଆ ଓଡ଼ିଶାର ଥିଲା ଓ ଓଡ଼ିଶାର ହେଇକି ରହିବ। ଆନ୍ଧ୍ର କୋଟିଆକୁ ଛଡ଼ାଇ ନେଇପାରିବ ନାହିଁ। ଏହି ନିର୍ବାଚନ ବନ୍ଦ କରିବା ପାଇଁ ବିଜେଡି ଶତ ପ୍ରତିଶତ ଉଦ୍ୟମ କରିବ। କୋଟିଆବାସୀ ଅନୁଭବ କରିସାରିଲେଣି ବିଜେଡି ସରକାର ସମୟରେ ଏଭଳି ଅବସ୍ଥା କେବେ ହୋଇନଥିଲା । ଆଜି ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି, ସେଥିପାଇଁ ବିଜେପି ସରକାର ଦାୟୀ। ଫାଟୁସିନେରି ଗ୍ରାମ ଗସ୍ତ ସମୟରେ ପ୍ରତିନିଧି ମଣ୍ଡଳୀ ଦେଖିବାକୁ ପାଇଥିଲା ଯେ ଏହି ଅଞ୍ଚଳରେ ୱାଇଏସ୍ଆର୍ କଂଗ୍ରେସ ପାର୍ଟି (ୱାଇଏସ୍ଆର୍‌ସିପି)ର କର୍ମୀମାନେ ନିର୍ବାଚନୀ ପ୍ରଚାର କରୁଥିଲେ। ଏହି ପ୍ରଚାରକୁ ପ୍ରତିନିଧିମଣ୍ଡଳୀ ବିରୋଧ କରିବା ପରେ କର୍ମୀମାନେ ସେଠାରୁ ଚାଲିଯାଇଥିଲେ। ଏହି ଅଞ୍ଚଳରେ ଆନ୍ଧ୍ରର ନିର୍ବାଚନୀ ପ୍ରକ୍ରିୟା ଜାରି ଥିବା ସତ୍ତ୍ୱେ ଓଡ଼ିଶା ପ୍ରଶାସନର କୌଣସି ପ୍ରତିକ୍ରିୟା ନଥିବା ପ୍ରତିନିଧି ଦଳ ଅନୁଭବ କରିଛି। ଏହି ଗସ୍ତର ଏକ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରି ନବୀନ ପଟ୍ଟନାୟକଙ୍କୁ ପ୍ରତିନିଧି ମଣ୍ଡଳୀ ପ୍ରଦାନ କରିବେ। ଯାହା ଉପରେ ଆଲୋଚନା କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ । ବିଜେଡିର ଏହି ପ୍ରତିନିଧିମଣ୍ଡଳୀରେ ବିଧାୟକ ମନୋହର ରନ୍ଧାରୀ, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ସାରକା, ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦ, ପୂର୍ବତନ ସାଂସଦ ଝିନ୍ନ ହିକକା ଓ ପ୍ରଦୀପ ମାଝୀ, ବିଜେଡିର ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର, ପୂର୍ବତନ ବିଧାୟକ ପ୍ରଭୁ ଜାନି, ରଘୁରାମ ପଡାଲ, ପ୍ରଫୁଲ୍ଲ ପାଙ୍ଗୀ ଓ ପ୍ରୀତମ ପାଢ଼ୀ, ବିଜେଡି ଆଦିବାସୀ ସେଲର ସାଧାରଣ ସମ୍ପାଦିକା କୌଶଲ୍ୟା ହିକକା, କୋରାପୁଟ ଜିଲ୍ଲା ପରିଷଦର ଅଧ୍ୟକ୍ଷା ସସ୍ମିତା ମେଲେକା ଏବଂ କୋରାପୁଟ ପୌର ପରିଷଦର ଅଧ୍ୟକ୍ଷ ଲଳାଟ ରଞ୍ଜନ ସେଠୀ ପ୍ରମୁଖ ସାମିଲ ଥିଲେ।

ସକାଳ THE SAKALA

ଭସାଣି ବେଳେ ମେଢ଼ ଯାଇ ନ ପାରିବାରୁ ଉତ୍ତେଜନା

ଅନୁଗୋଳ,୨୩।୧୦(ସମିସ)

ଦୁର୍ଗାପୂଜା ଭସାଣି ଶୋଭାଯାତ୍ରା ସମୟରେ ଆଲୋକ ତୋରଣର ଉଚ୍ଚତାକୁ ନେଇ ଅନୁଗୋଳ ସହରରେ ଉତ୍ତେଜନା ପ୍ରକାଶ ପାଇଥିବାବେଳେ ଶିମିଳିପଡ଼ାରେ ଅସାବଧାନତା ଯୋଗୁଁ ଦେବୀଙ୍କ ଶାଢ଼ିରେ ନିଆଁ ଲାଗିବା ଘଟଣା ମଧ୍ୟ ସାମ୍ନାକୁ ଆସିଛି। ଏହି ଦୁଇଟି ଘଟଣା ପୂଜା ଆୟୋଜନରେ ସୁରକ୍ଷା ବ୍ୟବସ୍ଥା ଓ ପ୍ରଶାସନର ନିର୍ଦ୍ଦେଶାବଳୀ ପାଳନକୁ ନେଇ ପ୍ରଶ୍ନ ଉଠାଇଛି।

ସୂଚନା ଅନୁଯାୟୀ, ଗୁରୁବାର ଅନୁଗୋଳ ସହରରେ ଦୁର୍ଗାପୂଜା ଭସାଣି ଶୋଭାଯାତ୍ରା ଚାଲିଥିବା ସମୟରେ ରାଣୀଗୋଡ଼ା ଷ୍ଟେସନ ରୋଡ୍ ପୂଜା ମଣ୍ଡପର ମେଢ଼ ଅମଲାପଡ଼ା ନିକଟରେ ଅଟକି ଯାଇଥିଲା। ରାସ୍ତାରେ ନିର୍ମାଣ ହୋଇଥିବା ଆଲୋକ ତୋରଣର ଉଚ୍ଚତା ୧୮ ଫୁଟ୍ ବଦଳରେ ୧୬ ଫୁଟ ରଖାଯାଇଥିବା ରାଣୀଗୋଡ଼ା ପୂଜା କମିଟି କର୍ମକର୍ତ୍ତା ଅଭିଯୋଗ କରିଥିଲେ। ଫଳରେ ମେଢ଼ ଆଗକୁ ଯାଇ ନ ପାରିବାରୁ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ଖବର ପାଇ ପୁଲିସ ଓ କେତେକ ସ୍ୱେଚ୍ଛାସେବୀ ଘଟଣାସ୍ଥଳରେ ପହଞ୍ଚି ଉଭୟ ପକ୍ଷଙ୍କୁ ବୁଝାସୁଝା କରିଥିଲେ। ପରେ ପୂଜା କମିଟି ପକ୍ଷରୁ ସାଉଣ୍ଡ ସିଷ୍ଟମର କିଛି ଅଂଶ ଖୋଲାଯିବା ପରେ ଶୋଭାଯାତ୍ରା ଆଗକୁ ବଢ଼ିଥିଲା। ଅନ୍ୟପକ୍ଷରେ, ଟେଣ୍ଟହାଉସ୍ ମାଲିକମାନେ ପ୍ରଶାସନର ନିର୍ଦ୍ଦେଶାବଳୀକୁ ଅଣଦେଖା କରି ମନଇଚ୍ଛା ତୋରଣ ନିର୍ମାଣ କରୁଥିବା ଅଭିଯୋଗ ହୋଇଛି। ଜରୁରୀକାଳୀନ ପରିସ୍ଥିତି କିମ୍ବା ଅଗ୍ନିକାଣ୍ଡ ସମୟରେ ଆବଶ୍ୟକ ଉଚ୍ଚତା ଓ ଖୋଲା ସ୍ଥାନ ନ ଥିଲେ ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି ହେବା ସହ ଗୁରୁତର ପରିସ୍ଥିତି ଉପୁଜିପାରେ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ସେହିପରି ଗୁରୁବାର ଶିମିଳିପଡ଼ାରେ ସ୍ଥାନୀୟ ପୂଜା ମଣ୍ଡପର ଭସାଣି ଶୋଭାଯାତ୍ରା ଚାଲିଥିବା ବେଳେ ଦେବୀଙ୍କ ଶାଢ଼ିରେ ନିଆଁ ଲାଗିଯାଇଥିଲା। ତେବେ ନିକଟରେ ଉପସ୍ଥିତ ଲୋକେ ତୁରନ୍ତ ପାଣି ପକାଇ ନିଆଁକୁ ଆୟତ୍ତ କରିଥିଲେ।

ପରେ ଜଣେ ଶ୍ରଦ୍ଧାଳୁ ଦେବୀଙ୍କ ପାଇଁ ନୂଆ ଶାଢ଼ି ଆଣି ଦେବା ପରେ ତାହା ପିନ୍ଧାଯାଇଥିଲା ଏବଂ ଶୋଭାଯାତ୍ରା ପୁନର୍ବାର ଆଗକୁ ବଢ଼ିଥିଲା। ଆଗକୁ ଲକ୍ଷ୍ମୀପୂଜା ଥିବାରୁ ଏଭଳି ଘଟଣାର ପୁନରାବୃତ୍ତି ରୋକିବା ଲାଗି ପୂଜା କମିଟି ଓ ଟେଣ୍ଟହାଉସ୍ ମାଲିକମାନେ ପ୍ରଶାସନର ସମସ୍ତ ନିର୍ଦ୍ଦେଶାବଳୀ ପାଳନ କରିବା ସହ ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀମାନେ ପରାମର୍ଶ ଦେଇଛନ୍ତି।

ଚୋରାମଦ ବ୍ୟବସାୟୀଙ୍କୁ ଛାଡ଼ିଦେଲା ପୁଲିସ !

ବଇଣ୍ଡା,୨୩।୧୦(ସମିସ): ଠାକୁରଗଡ଼ ଥାନା ବରହମ ଗ୍ରାମର ସଞ୍ଜୟ ମାଝୀ ଚୋରା ମହୁଲି ମଦ ବିକ୍ରି କରୁଥିବା ବେଳେ ଟାପଡୋଳ ଫାଣ୍ଡି ପୁଲିସ ଚଢ଼ଉ କରି ୧୦ ଲିଟର ମଦ ଜବତ କରିଛି। ହେଲେ ପୁଲିସ ତାଙ୍କୁ ଗିରଫ ନ କରି ଛାଡ଼ି ଦେଇଥିବା ପେଡ଼ିପଥର ସରପଞ୍ଚ ଭରତ ସାହୁ ଗୁରୁବାର ଅନୁଗୋଳ ଏସପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ ବରହମ ଗ୍ରାମରେ ଦେଶୀ ମଦ ରାନ୍ଧି ବିକ୍ରି କରାଯାଉଛି। ଏ ନେଇ ଟାପଡୋଳ ଫାଣ୍ଡି ପୁଲିସ ଚଢ଼ଉ କରି ସଞ୍ଜୟଙ୍କଠାରୁ ମଦ ଜବତ କରିଥିଲା। ପୁଲିସ ତାଙ୍କୁ ଥାନାକୁ ନେଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ମୋଟା ଅଙ୍କର ଅର୍ଥ ନେଇ ଛାଡ଼ି ଦେଇଥିବା ସରପଞ୍ଚ ସାହୁ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଏ ନେଇ ଫାଣ୍ଡି ଅଧିକାରୀ ଅଜିତ ଦ୍ୱିବେଦୀଙ୍କୁ ପଚାରିବାରୁ କହିଲେ, ସଞ୍ଜୟଙ୍କଠାରୁ ୧୦ ଲିଟର ଚୋରା ଦେଶୀ ମହୁଲି ମଦ ଜବତ କରାଯାଇଥିଲା। ଏ ନେଇ ଏକ ମାମଲା ରୁଜୁ କରାଯାଇଛି। ତାଙ୍କୁ ପିଆର୍ ବଣ୍ଡରେ ଛଡ଼ାଯାଇଛି। କୌଣସି ଅର୍ଥ କାରବାର ହୋଇ ନ ଥିବା ସେ କହିଛନ୍ତି।

ବାର୍‌ହା ଉପଦ୍ରବ; ଚିନ୍ତାରେ ଚାଷୀ

ବଇଣ୍ଡା,୨୩।୧୦(ସମିସ): ଅନୁଗୋଳ ଜିଲ୍ଲା ଠାକୁରଗଡ଼ ଥାନା କୁତୁଲସିଙ୍ଗା ଗ୍ରାମରେ ବାରହା ଉପଦ୍ରବ ଜାରି ରହିଛି। ନିକଟସ୍ଥ ଜଙ୍ଗଲରୁ ବାରହା ଗ୍ରାମକୁ ଆସି ବ୍ୟାପକ ଫସଲ ନଷ୍ଟ କରୁଛନ୍ତି। ଗ୍ରାମର ସତ୍ୟାନନ୍ଦ ରାଉତ, ତ୍ରିନାଥ ରାଉତ, ଅବଧୂତ ନାୟକ, ଚନ୍ଦ୍ରଶେଖର ସାଏ, ରଞ୍ଜୁ ନାୟକ, ଅନି ନାୟକଙ୍କ ଧାନ ବିଲରେ ପଶି ପାଚିଲା ଧାନ ଖାଇବା ସହ ନଷ୍ଟ କରିଛନ୍ତି। କିଛିଦିନ ହେବ ବନ୍ୟଜନ୍ତୁ ଉପଦ୍ରବ ଯୋଗୁଁ ଚାଷୀମାନେ ଚିନ୍ତିତ ହୋଇପଡ଼ିଛନ୍ତି। ବନ୍ୟଜନ୍ତୁଙ୍କୁ ଘଉଡ଼ାଇବା ପାଇଁ ଅଞ୍ଚଳବାସୀ ଧଣ୍ଡାତୋପା ବନ ବିଭାଗକୁ ସୂଚନା ଦେଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

ଜଏରାଟରେ ଅଷ୍ଟପ୍ରହର ନାମଯଜ୍ଞ

କିଶୋରନଗର,୨୩।୧୦(ସମିସ): କିଶୋରନଗର ବ୍ଲକ ଜଏରାଟ ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ପୁରୋହିତ ଉମାଶଙ୍କର ଦାଶଙ୍କ ଦ୍ୱାରା ପୂଜାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। କର୍ତ୍ତା ଭାବେ ସୁଶାନ୍ତ କୁମାର ପ୍ରଧାନ ଓ ତାଙ୍କ ସହଧର୍ମିଣୀ ତପସ୍ୱିନୀ ପ୍ରଧାନ ଦାଇତ୍ୱ ତୁଲାଇଥିଲେ। ଦୂରଦୂରାନ୍ତରୁ ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ସଂକୀର୍ତ୍ତନ ପରିବେଷଣ କରିଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ଭକ୍ତଙ୍କ ପାଇଁ ଅନ୍ନଭୋଗ ବ୍ୟବସ୍ଥା କରାଯାଇଥିଲା।

ଯୌତୁକ ପାଇଁ ହତ୍ୟା ଅଭିଯୋଗ; ସ୍ୱାମୀ ଅଟକ

କଣିହାଁ,୨୩।୧୦(ସମିସ): କଣିହାଁ ଥାନା ନାଲମ ଗ୍ରାମର ମଣ୍ଟୁ ବେହେରାଙ୍କ ସ୍ତ୍ରୀ ଲିତୁରାଣୀ ବେହେରା (୨୬)ଙ୍କୁ ଯୌତୁକ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଲିତୁରାଣୀଙ୍କ ବାପା ନିରଞ୍ଜନ ବେହେରା ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୁଲିସ ସୂଚନା ଅନୁଯାୟୀ, ସୁକେଇପାଳ ଗ୍ରାମର ନିରଞ୍ଜନ ବେହେରାଙ୍କ ଝିଅ ଲିତୁରାଣୀ ନାଲମ ଗ୍ରାମର ମଣ୍ଟୁ ବେହେରାଙ୍କୁ ପ୍ରେମ ବିବାହ କରିଥିଲେ। ଗୁରୁବାର ରାତିରେ ଯୌତୁକ ଦାବିକରି ମଣ୍ଟୁ ଲିତୁରାଣୀଙ୍କୁ ମାରପିଟ କରିଥିଲେ। ଫଳରେ ଲିତୁରାଣୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି। ଅନ୍ୟପଟେ ରାତି ପ୍ରାୟ ୯ଟାରେ ଘର କଡ଼ିରେ ଏକ ଲୁଙ୍ଗି ସାହାଯ୍ୟରେ ଲିତୁରାଣୀଙ୍କ ମୃତଦେହ ଝୁଲୁଥିବା ଲୋକେ ଦେଖି ଥାନାକୁ ଖବର ଦେଇଥିଲେ ବୋଲି ଶାଶୂଘର ଲୋକେ କହିଛନ୍ତି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୁଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଯୌତୁକ ପାଇଁ ସ୍ୱାମୀ, ଶାଶୂ ଓ ଶଶୁର ମିଶି ତାଙ୍କୁ ହତ୍ୟା କରିଥିବା ଲିତୁରାଣୀଙ୍କ ବାପା ଅଭିଯୋଗ କରିଛନ୍ତି। ପୁଲିସ ମଣ୍ଟୁଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି।

ଦଶହରାରେ ପାଇକ ଯୁଦ୍ଧକଳା ପ୍ରଦର୍ଶନ

କଣିହାଁ,୨୩।୧୦(ସମିସ): କଣିହାଁ ବ୍ଲକ ସୁସୁବା ପଞ୍ଚାୟତ ପୋଡ଼ାଗଡ଼ ଗ୍ରାମରେ କ୍ଷତ୍ରିୟ ସମାଜ ପକ୍ଷରୁ ଦଶହରା ଉତ୍ସବ ପାରମ୍ପରିକ ରୀତିନୀତିରେ ପାଳିତ ହୋଇଛି। କୁଞ୍ଜାମ, ସୁଲେଇପାଳ, ରେଙ୍ଗାଳି ଓ ପୋଡ଼ାଗଡ଼ ସମେତ ବିଭିନ୍ନ ଗ୍ରାମର ପାଇକ ବାହିନୀ ପାରମ୍ପରିକ ଅସ୍ତ୍ରଶସ୍ତ୍ର ସହ ଯୁଦ୍ଧକଳା ପ୍ରଦର୍ଶନ କରିଥିଲେ। ଐତିହାସିକ ତଥ୍ୟ ଅନୁଯାୟୀ, ପ୍ରାୟ ୨୦୦ ବର୍ଷ ପୂର୍ବେ ତାଳଚେର ରାଜା ଖୋର୍ଦ୍ଧା-ବାଙ୍କୀ ଅଞ୍ଚଳରୁ ପାଇକମାନଙ୍କୁ ଆଣି ପୋଡ଼ାଗଡ଼ରେ ବସତି ସ୍ଥାପନ କରାଇଥିଲେ। ସୀମା ସୁରକ୍ଷାର ଦାୟିତ୍ୱ ପାଇଥିବାରୁ ଏଠାରେ ପାଇକ ପରମ୍ପରା ଆଜି ମଧ୍ୟ ଜୀବନ୍ତ। ସ୍ୱାଧୀନତା ପରଠାରୁ ନବରାତ୍ରିରେ ଦେବୀପୂଜା ଓ ଦଶହରାରେ ଯୁଦ୍ଧକଳା ପ୍ରଦର୍ଶନ ମାଧ୍ୟମରେ ଏହି ଐତିହ୍ୟକୁ ଯୁବପିଢ଼ି ସହ ଯୋଡ଼ାଯାଉଛି। କାର୍ଯ୍ୟକ୍ରମରେ ପାଲଲହଡ଼ା ବିଧାୟକ ଅଶୋକ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ପରମ୍ପରା ସଂରକ୍ଷଣ ଉଦ୍ୟମକୁ ପ୍ରଶଂସା କରିବା ସହ ସରକାରୀ ସହଯୋଗର ଆଶ୍ୱାସନା ଦେଇଥିଲେ। ଏହାସହ ସାଧାରଣ ଜ୍ଞାନ, ପୁଚି, ଝୋଟି, ଲମ୍ବଡିଆଁ, ତାସ୍ ଓ ବାଉଁଶ ଚଢ଼ା ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

ଡେରଙ୍ଗ କାଳୀମନ୍ଦିରର ୬୫ ବର୍ଷ ପୂର୍ତ୍ତି

କଣିହାଁ,୨୩।୧୦(ସମିସ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଡେରଙ୍ଗ କାଳୀମନ୍ଦିରର ୬୫ ବର୍ଷ ପୂର୍ତ୍ତି ଅବସରରେ ମଙ୍ଗଳବାର ମା' କାଳୀଙ୍କ ପୂଜା ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇଛି। ମା'ଙ୍କ ଦର୍ଶନ ଓ ଆଶୀର୍ବାଦ ଲାଭ ପାଇଁ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମନ୍ଦିର ପରିସର ଆଧ୍ୟାତ୍ମିକ ଭାବଧାରାରେ ମୁଖରିତ ହୋଇଉଠିଥିଲା। ପ୍ରଥମେ ଶିବରାମ ଦାସଙ୍କ ଘରୁ ମା'ଙ୍କ ଆଲମକୁ ବିରାଟ ପଟୁଆରରେ ମନ୍ଦିରକୁ ଅଣାଯିବା ପରେ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ପରମ୍ପରା ଅନୁଯାୟୀ ବିଲ୍ୱାଧିବାସ, ସନ୍ଧିପୂଜା, ଷୋଡ଼ଶ ଉପଚାର ପୂଜା ସହ ପାଶ୍ୱର୍ ଦେବଦେବୀଙ୍କ ପୂଜା ସମ୍ପନ୍ନ ହୋଇଥିଲା। ମା'ଙ୍କ ପ୍ରତି ଗଭୀର ଆସ୍ଥା ଓ ବିଶ୍ୱାସ ରଖିଥିବା ମାନସିକଧାରୀମାନେ ମନସ୍କାମନା ପୂରଣ ପାଇଁ ଓ ପୂରଣ ହେବା ପରେ ପୂଜାର୍ଚ୍ଚନା କରିଥିଲେ।

୧୯୬୧ରେ ଡେରଙ୍ଗ ଏମସିଏଲ୍ ଏମ୍ପ୍ଲୟୀ କମିଟି ମୁଖ୍ୟ ପାଣୁ ଦାସ ମା' କାଳୀଙ୍କ ଘଟ ସ୍ଥାପନ କରିଥିଲେ। ସେହିଦିନଠାରୁ ଏଠାରେ ମା'ଙ୍କ ପୂଜା ପରମ୍ପରା ଅବ୍ୟାହତ ରହିଛି। ପାଣୁ ଦାସଙ୍କ ଦେହାନ୍ତ ପରେ ତାଙ୍କ ପୁଅ ଶିବରାମ ଦାସ ମୁଖ୍ୟ ପୂଜକ ଭାବେ ଦାୟିତ୍ୱ ତୁଲାଇ ଆସୁଛନ୍ତି। ତାଙ୍କ ନେତୃତ୍ୱରେ ମା'ଙ୍କ ପୂଜାବିଧି ସମ୍ପନ୍ନ ହୋଇଥିଲା। ଏହି ଅବସରରେ ଗ୍ରାମର ଶତାଧିକ ମୋଟର ସାଇକଲ ଓ ଟ୍ରକ ପୂଜା କରାଯାଇଥିଲା। ପୂଜା କମିଟିରେ ୪୮ ସଦସ୍ୟ ଥିବାବେଳେ ଚରଣ ସାହୁ, ମୁରଲୀଧର ସାହୁ, ନେଙ୍କୁରୀ ନଟିଆ, ସଦାନନ୍ଦ ମହାନ୍ତି, ଚତୁରା ଦାସ, ନର୍ତ୍ତମ ସାହୁ, କବିଚନ୍ଦ୍ର ମହାନ୍ତି, କାଠି ଦାସ, କେଦାର ମହାନ୍ତି ଓ ଲୋକନାଥ ବେହେରାଙ୍କ ସମେତ ଅନ୍ୟ ସଦସ୍ୟମାନେ ପୂଜା ପରିଚାଳନାରେ ସହଯୋଗ କରିଥିଲେ। ଦୀର୍ଘ ୬୫ ବର୍ଷ ଧରି ଏଠାରେ ମା' କାଳୀଙ୍କ ପୂଜା ପରମ୍ପରା ଜାରି ରହିଥିବାରୁ ଡେରଙ୍ଗ ଅଞ୍ଚଳରେ ଏହି ମନ୍ଦିର ଆସ୍ଥା ଓ ବିଶ୍ୱାସର ପ୍ରମୁଖ କେନ୍ଦ୍ର ପାଲଟିଛି। ପୂଜା ଶେଷରେ ଶ୍ରଦ୍ଧାଳୁମାନେ ଅନ୍ନପ୍ରସାଦ ସେବନ କରିଥିଲେ।

■ ଜୀବନଜୀବିକା ଓ କୃଷିଜମି ସୁରକ୍ଷା କମିଟି ବୈଠକ

ନଭେମ୍ବର ୧୭ରେ ଜନସମାବେଶ ନିଷ୍ପତ୍ତି

କିଶୋରନଗର,୨୩।୧୦(ସମିସ): ଜଳଭଣ୍ଡାର ନିର୍ମାଣ କରି ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ଦାବିରେ ଆନ୍ଦୋଳନ ଜାରି ରଖିଥିବା ଜୀବନଜୀବିକା ଓ କୃଷିଜମି ସୁରକ୍ଷା କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ଜଏରାଟଠାରେ ଅନୁଷ୍ଠିତ ହୋଇଛି। କମିଟି ସମ୍ପାଦକ ଅନନ୍ତ ଚରଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ଉପସଭାପତି ପୀତାମ୍ବର ପ୍ରଧାନ, କିଶୋରୀ ପ୍ରଧାନ, ରମଣୀରଞ୍ଜନ ପ୍ରଧାନ, ତୀର୍ଥବାସୀ ଭୋଇ, ଗୌରଚନ୍ଦ୍ର ସାହୁ, ଅଲେଖ ପ୍ରଧାନ, ଯୋଗୀନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗଦେଇ ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିଲେ ମରୁଡ଼ି ପରିସ୍ଥିତି ଉପୁଜି ନ ଥାନ୍ତା ବୋଲି ପ୍ରକାଶ କରିଥିଲେ। ବର୍ତ୍ତମାନ ମରୁଡ଼ି ପରିସ୍ଥିତିର ମୁକାବିଲା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବା, ରିଆତି ଦରରେ ଚାଷୀଙ୍କୁ କିରୋସିନ ଯୋଗାଇଦେବାକୁ ଦାବି କରିଥିଲେ। ଉର୍ବର କୃଷିଜମିରେ ଶିଳ୍ପ ପ୍ରତିଷ୍ଠା ନୁହେଁ ଜଳସେଚନ ପାଇଁ ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ଦାବିରେ ନଭେମ୍ବର ୨ ପରିବର୍ତ୍ତେ ୧୭ରେ ଜନସମାବେଶ ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

● ଏସଆଇଆର ବାତିଲ ଓ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି

ଏଆଇକେକେଏମଏସ୍‌ର ପ୍ରତିବାଦ ଦିବସ ପାଳିତ

ଅନୁଗୋଳ,୨୩।୧୦(ସମିସ): ଏସଆଇଆର ବାତିଲ, ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା, ଅଗଣତାନ୍ତ୍ରିକ ପ୍ରକ୍ରିୟାରେ ସଂଶ୍ଳିଷ୍ଟ ସମସ୍ତ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବିରେ ସଂଯୁକ୍ତ କିସାନ ମୋର୍ଚ୍ଚା ଓ ଅଲ୍ ଇଣ୍ଡିଆ କିସାନ କ୍ଷେତ ମଜଦୂର ସଂଗଠନ (ଏଆଇକେକେଏମ୍ଏସ୍) ପକ୍ଷରୁ ସର୍ବଭାରତୀୟ ପ୍ରତିବାଦ ଦିବସ ସାରା ଦେଶରେ ପାଳିତ ହୋଇଛି। ଅନୁଗୋଳ ଜିଲ୍ଲା ମଝିକା ଛକରେ ସଂଗଠନର ଜିଲ୍ଲା ସଭାପତି ସୁବାସ ପ୍ରଧାନଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ଉପସଭାପତି ନବକିଶୋର ପ୍ରଧାନ, ସଂଗଠକ ସଞ୍ଜୟ ସାହୁ ବକ୍ତବ୍ୟ ରଖି କେନ୍ଦ୍ର ବିଜେପି ସରକାରଙ୍କ ଜନବିରୋଧୀ ନୀତିର ତୀବ୍ର ସମାଲୋଚନା କରିଥିଲେ। ଭୋଟର ତାଲିକାରୁ ବାଦପଡ଼ିଥିବା ୧୩କୋଟି ୮୦ଲକ୍ଷ ଭୋଟରଙ୍କୁ ପୁନଃ ତାଲିକାଭୁକ୍ତ କରିବା ସହିତ ମୁଖ୍ୟ ନିର୍ବାଚନ କମିଶନରଙ୍କ ଇସ୍ତଫା ଦାବି କରିଥିଲେ। ଆସନ୍ତା ୩୦ ତାରିଖ ସଂଗଠନ ଆହ୍ୱାନରେ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ଚାଷୀ ମହାପଞ୍ଚାୟତରେ ଜିଲ୍ଲାରୁ ବହୁସଂଖ୍ୟାରେ ସାମିଲ ହେବାକୁ ଅନୁରୋଧ କରାଯାଇଛି। ପ୍ରତିବାଦ ସଭାରେ କୁମର ସାହୁ, ଗୋକୁଳାନନ୍ଦ ସାହୁ ପ୍ରମୁଖ ସାମିଲ ଥିଲେ।

ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ପୂର୍ବତନ ଉପବାଚସ୍ପତି ରଜନୀକାନ୍ତ ସିଂହଙ୍କୁ ଭେଟି ଆଶୁ ଆରୋଗ୍ୟ କାମନା କରିଛନ୍ତି ବିଜେଡି ନେତ୍ରୀ ସୁଜାତା ରାଉତ। ପାଖରେ ଉପସ୍ଥିତ ଅଛନ୍ତି ରଜନୀକାନ୍ତଙ୍କ ପରିବାର ସଦସ୍ୟ।

ଓଡ଼ଶ ତରୁଣ ସଂଘ ପକ୍ଷରୁ ୭୦ତମ ଦଶହରା ମହୋତ୍ସବ

ଖମାର,୨୩।୧୦(ସମିସ): ପାଲଲହଡ଼ା ବ୍ଲକ୍ ଖମାର ପଞ୍ଚାୟତ ଓଡ଼ଶ ଗ୍ରାମରେ ଓଡ଼ଶ ତରୁଣ ସଂଘ ଦ୍ୱାରା ୭୦ତମ ଦଶହରା ମହୋତ୍ସବ ଏବଂ ୧୧ତମ ଜଗଜ୍ଜନନୀ ମା' ଦୁର୍ଗାଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଥମ ସନ୍ଧ୍ୟାରେ ପୂର୍ବତନ ବିଧାୟକ ପାଲଲହଡ଼ା ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ମୁକେଶ କୁମାର ପାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ମା'ଙ୍କ ଆଶୀର୍ବାଦ ନେବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ସମ୍ମାନିତ ଅତିଥି ଭାବେ କଣିହାଁ ବ୍ଲକ୍ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଖମାର ସରପଞ୍ଚ ଚକାଡୋଳା ନାଏକ, ଗ୍ରାମ ସଭାପତି ଦୁଃଖବନ୍ଧୁ ପ୍ରଧାନ, ଯୁବକ ସଂଘ ସଭାପତି ବିନୋଦ ବିହାରୀ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଦୀର୍ଘବର୍ଷ ଧରି ଏହି ଅନୁଷ୍ଠାନ ପକ୍ଷରୁ ଶୃଙ୍ଖଳିତ ଭାବେ ଦଶହରା କାର୍ଯ୍ୟକ୍ରମ ଆୟୋଜନ ଜାରି ରହିଛି।

ଷ୍ଟେସନ ଛକ ଦୁର୍ଗାପୂଜା ଆଞ୍ଚାଲଡୁ ଲଟେରୀ ଉଠାଣ

ଅନୁଗୋଳ,୨୩।୧୦(ସମିସ): ଅନୁଗୋଳ ଷ୍ଟେସନ ଛକସ୍ଥିତ ମା' ଦୁର୍ଗାପୂଜା ଟ୍ରଷ୍ଟ ପକ୍ଷରୁ ମହାସମାରୋହରେ ପୂଜା ପାଳିତ ହୋଇଛି। ପୂଜାର ଶେଷଦିନ ଦଶହରାରେ ମା'ଙ୍କ ଆଞ୍ଚାଲଡୁ ନିମନ୍ତେ ଲଟେରୀ ଉଠାଣ ହୋଇଥିଲା। ଏଥିରେ ଅନୁଗୋଳର ଯୁବ ଆଇନଜୀବୀ ଶ୍ରୀୟଙ୍କା ପ୍ରିୟଦର୍ଶିନୀ ନନ୍ଦ ଅଂଶଗ୍ରହଣ କରି ବିଜୟୀ ହୋଇଥିଲେ। ଶ୍ରୀୟଙ୍କା ଓ ତାଙ୍କ ସ୍ୱାମୀ ଆଇନଜୀବୀ ରାଜେଶ କୁମାର ମିଶ୍ର ପୂଜା ମଣ୍ଡପରେ ଟ୍ରଷ୍ଟ ସଭାପତି ନିଲୁ ସାହୁ, ଉପସଭାପତି ବୀରେନ ଦାସ, ସମ୍ପାଦକ ତ୍ରିପୁର ବିଶ୍ୱାଳ, କୋଷାଧ୍ୟକ୍ଷ ଦାମୋଦର ବେହେରା, ସହସମ୍ପାଦକ ସମ୍ବିତ ସାମଲ, କାର୍ଯ୍ୟକାରୀ ସଭାପତି ତାପସ ବିଶ୍ୱାଳ, କାର୍ଯ୍ୟକାରୀ ସମ୍ପାଦକ ମଣ୍ଟି ମହାପାତ୍ର, କାର୍ଯ୍ୟକାରୀ କୋଷାଧ୍ୟକ୍ଷ ମାନସ ସାହୁ, ପୂର୍ବତନ ନଗରପାଳ ଶକ୍ତି ପଟ୍ଟନାୟକ, ବରିଷ୍ଠ ନାଗରିକ ରମେଶ ଚନ୍ଦ୍ର ସାହୁ, ତେତ୍ରାନନ୍ଦ ସାମନ୍ତ, ଉପଦେଷ୍ଟା ପ୍ରଶାନ୍ତ ବିଶ୍ୱାଳ ପ୍ରମୁଖଙ୍କ ଉପସ୍ଥିତିରେ ଆଞ୍ଚାଲଡୁ ଗ୍ରହଣ କରିଥିଲେ।

ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗ, ଥାନାରେ ମାମଲା

ଅନୁଗୋଳ,୨୩।୧୦(ସମିସ): ବାଗଡ଼ିଆ ଥାନା ଅଞ୍ଚଳରେ ଜଣେ ୧୪ ବର୍ଷୀୟା ନାବାଳିକାଙ୍କୁ ଦୁଷ୍କର୍ମ ହୋଇଥିବା ଅଭିଯୋଗ ହୋଇଛି। ସେହି ଗାଁର ୧୯ ବର୍ଷୀୟ ଯୁବକଙ୍କ ବିରୋଧରେ ପୀଡ଼ିତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଦଶହରା ଉତ୍ସବରେ ଗାଁ ଚଳଚଞ୍ଚଳ ଥିବା ବେଳେ ଦିନ ପ୍ରାୟ ୨ଟାରେ ନାବାଳିକା ଘରେ ଏକାକୀ ଥିଲେ। ଅଭିଯୁକ୍ତ ଯୁବକ ଘରେ ପଶି ତାଙ୍କୁ ବାନ୍ଧି ଦୁଷ୍କର୍ମ କରିଥିଲେ। ପରିବାର ଲୋକେ ଘରକୁ ଫେରିବା ପରେ ନାବାଳିକାଙ୍କଠାରୁ ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ। ଏ ସେମାନେ ଅଭିଯୁକ୍ତଙ୍କ ଘରକୁ ଯାଇ ତାଙ୍କ ପରିବାରକୁ ଘଟଣା ବିଷୟରେ ଜଣାଇଥିଲେ। ତେବେ ଅଭିଯୁକ୍ତଙ୍କ ପରିବାର ଲୋକେ ଗାଳିଗୁଲଜ ଓ ଧମକ ଦେଇଥିବା ଅଭିଯୋଗ ହୋଇଛି। ପରେ ପୀଡ଼ିତାଙ୍କ ପରିବାର ଦୁଇଦିନ ତଳେ ବାଗଡ଼ିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନାବାଳିକା ଅସୁସ୍ଥ ଥିବାରୁ ତାଙ୍କ ବୟାନ ରେକର୍ଡ କରାଯାଇ ପାରି ନ ଥିବା ପୁଲିସ ସୂଚନା ଦେଇଛି। ଘଟଣାର ତଦନ୍ତ ଜାରି ରହିଛି।

ସୌଭାଗ୍ୟଚନ୍ଦ୍ର ଦେବ ପାଇକ ଆଖଡ଼ା ସ୍ମୃତିବାର୍ଷିକ ମହାସଭା

ତାଳଚେର,୨୩।୧୦(ସମିସ): ତାଳଚେର ରାଜପ୍ରାସାଦରେ ଶୁକ୍ରବାର ରାଜା ସୌଭାଗ୍ୟଚନ୍ଦ୍ର ଦେବ ସ୍ମୃତି ବାର୍ଷିକ ପାଇକ ମହାସଭା ଅନୁଷ୍ଠିତ ହୋଇଛି। ଏ ନେଇ ରାଜାସାହେବ ବିଜେନ୍ଦ୍ର ଚନ୍ଦ୍ର ଦେବ ବୀରବର ହରିଚନ୍ଦନ ଏକ ପ୍ରେସ ବାର୍ତ୍ତାରେ ଜଣାଇଛନ୍ତି। ତାଳଚେର ଏବଂ ନିକଟବର୍ତ୍ତୀ ଗ୍ରାମ ବୁଢ଼ାପଙ୍କ, ସନ୍ଥପଡ଼ା, ଗୋପାଳପ୍ରସାଦ, କିଶୋରୀପାଳ, କଙ୍କିଳି, ରେଙ୍ଗାଳୀ, ବଜ୍ରକୋଟ, ଡେରେଙ୍ଗ, କୁଲେଇ, ସୁଲେଇପାଳ, ଝୁଲାଖୁଣ୍ଟିଆ, ପୁରୁଣାଗଡ଼ ଏବଂ ଶରଧାପୁରରୁ ପ୍ରାୟ ୧୫ଟି ପାଇକ ଦଳ ସକାଳ ୧୦ଟାରେ ତାଳଚେର ଫାଷ୍ଟଗେଟଠାରେ ଏକତ୍ରିତ ହୋଇଥିଲେ। ସେଠାରୁ ପାରମ୍ପରିକ କଳାକୌଶଳ ଓ ଶୃଙ୍ଖଳା ପ୍ରଦର୍ଶନ ପୂର୍ବକ ଶୋଭାଯାତ୍ରାରେ ସହର ପରିକ୍ରମା କରି ରାଜପ୍ରାସାଦରେ ପହଞ୍ଚିଥିଲେ। ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳା ଗୋପାଳପ୍ରସାଦଠାରୁ ବାହାରି ରାଜପ୍ରାସାଦରେ ପହଞ୍ଚିଥିଲେ। କାର୍ଯ୍ୟକ୍ରମରେ ତାଳଚେର ରାଜା ବିଜେନ୍ଦ୍ର ଚନ୍ଦ୍ର ଦେବ ବୀରବର ହରିଚନ୍ଦନ, ରାଣୀ ପ୍ରିୟମ୍ବଦା ସିଂହ, ରାଜାମାତା ପୁଷ୍ପା କୁମାରୀ ଦେବୀ, ପୂର୍ବତନ ସାଂସଦ ମହେଶ ସାହୁ, ଯଯାତି ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ପାଇକ ଆଖଡ଼ାର ଯୁଦ୍ଧକଳା ଓ ନୃତ୍ୟଶୈଳୀକୁ ସଂରକ୍ଷଣ ତଥା ପୁରାତନ କୀର୍ତ୍ତିରାଜିର ପ୍ରଚାରପ୍ରସାର ଏବଂ ଯୁବପିଢ଼ିକୁ ଏହି ପରମ୍ପରାକୁ ଆଗକୁ ବଢ଼ାଇବା ଉଦ୍ଦେଶ୍ୟରେ ଏହି ସମାରୋହ ଆୟୋଜିତ ହୋଇଥିବା ରାଜାସାହେବ କହିଛନ୍ତି।

ପୋଖରୀରେ ବୁଡ଼ି ବୃଦ୍ଧ ମୃତ

କଣିହାଁ,୨୩।୧୦(ସମିସ): ପୋଖରୀରେ ବୁଡ଼ି କଣିହାଁ ଥାନା ଦଣ୍ଡସିଂହା ଗ୍ରାମର ଶଶି ସାହୁ (୮୪)ଙ୍କ ମୃତ୍ୟୁ ହୋଇଛି। ଶଶି ଗାଁ ପୋଖରୀକୁ ଗାଧୋଇବାକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ପୋଖରୀରୁ ମୃତଦେହ ଉଦ୍ଧାର କରିଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଜାରି ରଖିଛି।

ନଦୀରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

କଣିହାଁ,୨୩।୧୦(ସମିସ): କଣିହାଁସ୍ଥିତ ଟିକିରା ନଦୀରୁ ଶୁକ୍ରବାର କଣିହାଁ ଗ୍ରାମର ଦୋଳା ନାଏକ (୬୫)ଙ୍କ ମୃତଦେହ ଉଦ୍ଧାର ହୋଇଛି। ଦୋଳା ନଦୀରେ ବୁଡ଼ି ନିଖୋଜ ହୋଇଯାଇଥିଲେ। କଣିହାଁ ଅଗ୍ନିଶମ ବାହିନୀ ପହଞ୍ଚି ଖୋଜାଖୋଜି କରିଥିଲା। ଅପରାହ୍ଣ ପ୍ରାୟ ୪ଟାରେ ଅଗ୍ନିଶମ ବାହିନୀ ତାଙ୍କ ମୃତଦେହ ଉଦ୍ଧାର କରି କଣିହାଁ ଡାକ୍ତରଖାନା ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ କଣିହାଁ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୁଲିସ ଘଟଣାର ତଦନ୍ତ କରୁଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି। ହାବିଲଦାର ସୁଜିତ ମିଶ୍ରଙ୍କ ନେତୃତ୍ୱରେ ବିଭାଗୀୟ କର୍ମଚାରୀ ବାପୁଜୀ ବିଶ୍ୱାଳ, ଅନିଲ ତରେଇ, ବିପିନ ମାଝୀ ଓ ବିବି ସାବୁ ଉଦ୍ଧାର କାର୍ଯ୍ୟରେ ସାମିଲ ଥିଲେ।

ସନ୍ତୋଷ ସ୍ମାରକୀ ଫୁଟବଲ; ବୀରମହାରାଜପୁର ଚାମ୍ପିଅନ

କିଶୋରନଗର,୨୩।୧୦(ସମିସ): କିଶୋରନଗର ବ୍ଲକ ହିମତିରା ଖେଖଲପଡ଼ିଆରେ ଚାଲିଥିବା ଜିଲ୍ଲାସ୍ତରୀୟ ସନ୍ତୋଷ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦଯାପିତ ହୋଇଛି। ଉଦଯାପନୀ ଦିବସରେ ତିନିଟି ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ସେମିଫାଇନାଲ ମ୍ୟାଚ୍ ସମ୍ବଲପୁର ଓ ବୀରମହାରାଜପୁର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବୀରମହାରାଜପୁର ୧-୦ ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ହିମିତିରା ଓ କୁଚିଣ୍ଡା ମଧ୍ୟରେ ହୋଇଥିଲା। କୁଚିଣ୍ଡା ୪-୦ ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା। ବୀରମହାରାଜପୁର ଓ କୁଚିଣ୍ଡା ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ବୀରମହାରାଜପୁର ୫-୪ ଗୋଲରେ ବିଜୟୀ ହୋଇ ଚାମ୍ପିଅନ ହୋଇଛି। ସଭାପତି ରଙ୍ଗାଧର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କିଶୋରନଗର ଥାନା ଆଇଆଇସି ହରେକୃଷ୍ଣ ପ୍ରଧାନ, ସମ୍ମାନିତ ଅତିଥି ଭାବେ ସାଂସଦଙ୍କ ବ୍ଲକ ପ୍ରତିନିଧି ସରୋଜ କୁମାର ସାହୁ, ଅଧ୍ୟାପକ ତରଣୀସେନ ସାହୁ, ଶିକ୍ଷକ ପ୍ରସନ୍ନ ନାୟକ, ଗ୍ରାମସଭାପତି ଧୀରେନ୍ଦ୍ର ପ୍ରଧାନ, କୃପାସିନ୍ଧୁ ପ୍ରଧାନ ଯୋଗଦେଇ ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ଟ୍ରଫି ସହ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ। ଅଭିଳାଷ ପ୍ରସାଦ, ଟିକେଶ୍ୱର, ଶୁଭ୍ରଜିତ, ସରୋଜ ମଲ୍ଲିକ, ସୁଜିତ ପ୍ରଧାନ ଖେଳ ପରିଚାଳନା କରିଥିଲେ। ଶିକ୍ଷକ ବିନାୟକ ଦେହୁରୀ ଧାରାବିବରଣୀ ପ୍ରଦାନ କରିଥିଲେ। ଶିକ୍ଷକ କିଶୋର ଚନ୍ଦ୍ର ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ହିମିତିରା ଅଥଲେଟିକ ଆସୋସିଏସନ୍‌ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

କେନ୍ଦ୍ରାପଡ଼ାରେ ବାଇକ୍ ଚୋରି ରାକେଟ୍‌ର ପର୍ଦ୍ଦାଫାସ

୭ ଗିରଫ, ନାବାଳକ ଅଟକ; ୧୧ଟି ବାଇକ୍ ଜବତ

କେନ୍ଦ୍ରାପଡ଼ା,୨୩।୧୦(ସମିସ): କେନ୍ଦ୍ରାପଡ଼ା ସହର ଓ ଏହା ଆଖପାଖ ଅଞ୍ଚଳରେ ବାଇକ୍ ଚୋରି ଘଟଣାକୁ ନେଇ ପୁଲିସର ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ହୋଇଛି। କେନ୍ଦ୍ରାପଡ଼ା ସଦର ଥାନା ପୁଲିସ ଏକ ମାମଲାର ତଦନ୍ତ କରି ୭ ଜଣଙ୍କୁ ଗିରଫ କରିଥିବାବେଳେ ଜଣେ ଆଇନ ସହିତ ସଂଘର୍ଷରତ ନାବାଳକଙ୍କୁ ଥାନାରେ ଅଟକ ରଖିଛି। ସେମାନଙ୍କଠାରୁ ୧୧ଟି ବାଇକ୍ ଜବତ ହୋଇଛି। ଏହି ଘଟଣାକୁ ନେଇ ଜିଲ୍ଲାରେ ଚୋରି ରାକେଟ୍‌ର କାର୍ଯ୍ୟକଳାପ ଉପରେ ପୁଲିସର ନଜର ରହିଛି।

ପୁଲିସ ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ସଦର ଥାନା ମାମଲା ନମ୍ବର ୫୯୩, ସେପ୍ଟେମ୍ବର ୩୦ ତାରିଖ ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ହୋଇଛି। ପ୍ରଥମେ ଭାରତୀୟ ନ୍ୟାୟ ସଂହିତାର ଧାରା ୩୦୩(୨) ଅନୁଯାୟୀ ମାମଲା ରୁଜୁ ହୋଇଥିବାବେଳେ ପରବର୍ତ୍ତୀ ତଦନ୍ତରେ ଏହାକୁ ଧାରା ୩୩୧(୪)/୩୦୫ ଓ ମୋଟରଯାନ ଆଇନର ଧାରା ୧୯୨କୁ ପରିବର୍ତ୍ତନ କରାଯାଇଛି। ଏହି ମାମଲାରେ ଗିରଫ ୭ ଜଣଙ୍କୁ ଆଇନ ଅନୁଯାୟୀ ବିଚାର ପ୍ରକ୍ରିୟା ପାଇଁ ପଠାଯାଇଛି ବୋଲି ପୁଲିସ ସୂଚନା ଦେଇଛି। ଅନ୍ୟପକ୍ଷରେ ଜଣେ ନାବାଳକଙ୍କ ସମ୍ପୃକ୍ତି ଥିବାରୁ ତାଙ୍କ କ୍ଷେତ୍ରରେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ। ବାଇକ୍ ଚୋରି ରୋକିବା ଓ ଅପରାଧରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଧରିବା ଦିଗରେ ସଦର ଥାନା ପୁଲିସର ଏହି ପଦକ୍ଷେପକୁ ଗୁରୁତ୍ୱପୂର୍ଣ୍ଣ ବୋଲି ମନେ କରାଯାଉଛି। ଜବତ ୧୧ଟି ବାଇକ୍ କେଉଁ ସ୍ଥାନରୁ ଚୋରି ହୋଇଥିଲା, ଏହି ଘଟଣାରେ ଅନ୍ୟ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ ଓ ଚୋରି ଯାନର ମାଲିକଙ୍କୁ ଚିହ୍ନଟ କରାଯାଇଛି କି ନାହିଁ, ସେ ସମ୍ପର୍କରେ ବିସ୍ତୃତ ତଥ୍ୟ ସାମ୍ନାକୁ ଆସିନାହିଁ। ଗାଡ଼ିକୁ ସୁରକ୍ଷିତ ସ୍ଥାନରେ ରଖିବା, ଉନ୍ନତମାନର ତାଲା ବ୍ୟବହାର କରିବା ଓ ସନ୍ଦେହଜନକ କାର୍ଯ୍ୟକଳାପ ଦେଖିଲେ ପୁଲିସକୁ ଜଣାଇବା ଉପରେ ଗୁରୁତ୍ୱ ଦିଆଯାଉଛି।

ହତ୍ୟା ମାମଲାରେ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

କେନ୍ଦ୍ରାପଡ଼ା,୨୩।୧୦(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାରେ ଏକ ହତ୍ୟା ମାମଲାରେ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ହୋଇଛି। କେନ୍ଦ୍ରାପଡ଼ା ସେସନ୍ସ ଜଜ୍‌ଙ୍କ ଅଦାଲତରେ ଏହି ମାମଲାର ବିଚାର ଶେଷ ହେବା ପରେ ୧୬ ତାରିଖରେ ରାୟ ପ୍ରକାଶ ପାଇଛି। ଦୋଷୀ ସାବ୍ୟସ୍ତ ଆଦିତ୍ୟ ପ୍ରସାଦ ବେହେରାଙ୍କୁ ଆଜୀବନ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ଦଣ୍ଡ ଦିଆଯାଇଛି। କେନ୍ଦ୍ରାପଡ଼ା ଟାଉନ୍ ଥାନାରେ ୨୦୨୪ ଏପ୍ରିଲ ୧୮ ତାରିଖରେ ଏହି ମାମଲା ରୁଜୁ ହୋଇଥିଲା।। ମାମଲାରେ ଭାରତୀୟ ଦଣ୍ଡବିଧି ଆଇନର ଧାରା ୩୦୨ ଓ ୩୦୭ ଲାଗୁ ହୋଇଥିଲା। ତଦନ୍ତକାରୀ ଅଧିକାରୀ ଭାବେ ଇନ୍ସପେକ୍ଟର ଦିଲୀପ ସାହୁ କାର୍ଯ୍ୟ କରିଥିବାବେଳେ ସରକାରୀ ଓକିଲ ଏସ୍.ଏ. ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ। ୨୦୨୪ ଏପ୍ରିଲ ୧୮ ତାରିଖ ରାତି ପ୍ରାୟ ୯ଟା ସମୟରେ ଅଭିଯୋଗକାରୀ ଶରତ ଖଟୁଆ ନିଜ ବଡ଼ଭାଇ ଅକ୍ଷୟ କୁମାର ଖଟୁଆ ଓ ବଳରାମ ମହାରଣାଙ୍କ ସହ କେନ୍ଦ୍ରାପଡ଼ା ଟାଉନ୍ ବଳରାମପୁରସ୍ଥ କାଳିଆ ବେହେରାଙ୍କ ଦୋକାନରୁ ଫେରୁଥିଲେ। ସେ ସମୟରେ ବଳରାମପୁର ଗ୍ରାମର

୬୪୭ ଦିନରେ ଶୁଣାଣି ଶେଷ, ୫ ହଜାର ଜରିମାନା

ଆଦିତ୍ୟ ପ୍ରସାଦ ବେହେରା ଓରଫ ବୁଲୁ ବେହେରା ଛୁରିରେ ବଳରାମ ମହାରଣାଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଏହି ଆକ୍ରମଣକୁ ଅକ୍ଷୟ ଖଟୁଆ ପ୍ରତିରୋଧ କରିବାରୁ ଅଭିଯୁକ୍ତ ତାଙ୍କୁ ମଧ୍ୟ ଛୁରିରେ ଏକାଧିକ ଥର ଆକ୍ରମଣ କରିଥିବା ଏତଲାରେ ଦର୍ଶାଯାଇଥିଲା। ଫଳରେ ଅକ୍ଷୟ ଖଟୁଆ ଗୁରୁତର ହୋଇ ତଳେ ପଡ଼ିଯାଇଥିଲେ। ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ତେବେ ଚିକିତ୍ସା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଥିବା ଏତଲାରେ ଉଲ୍ଲେଖ ରହିଛି। ଏହି ଘଟଣା ପରେ ଟାଉନ୍ ଥାନାରେ ହତ୍ୟା ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିଲା। ପୁଲିସ ୨୦୨୪ ଅଗଷ୍ଟ ୧୩ରେ ଅଦାଲତରେ ଅଭିଯୋଗପତ୍ର ଦାଖଲ କରିଥିଲା। ୨୦୨୫ ଜାନୁଆରୀ ୭ ତାରିଖରେ ଅଦାଲତରେ ଅଭିଯୋଗ ଗଠନ ହୋଇଥିବାବେଳେ ଚଳିତ ମାସ ୧୬ ତାରିଖରେ ରାୟ ପ୍ରକାଶ ପାଇଥିଲା। ଅଭିଯୋଗ ଗଠନଠାରୁ ରାୟ ପ୍ରକାଶ ପର୍ଯ୍ୟନ୍ତ ୬୪୭ ଦିନ ସମୟ ଲାଗିଥିଲା। ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ଆଦେଶ ଦିଆଯାଇଛି। ଜରିମାନା ଅନାଦେୟ ଅତିରିକ୍ତ କାରାଦଣ୍ଡ ଭୋଗିବାକୁ ପଡ଼ିବ।

ମା' ଦୁର୍ଗାଙ୍କ ଭସାଣି ଉତ୍ସବ

ଗରଦପୁର,୨୩।୧୦(ସମିସ): ଗରଦପୁର ବ୍ଲକ୍‌ର କୋରୁଆ, ଅରିଲୋ, ଅର୍ଜୁନପୁର, ସବଳସିଂହପୁର, କଲ୍ୟାଣପୁର, ହୁରାସାହି, ଗଜିପୁର, ନାଗଣପୁର, ବଡବେତରା, ସାନବେତରା, ଅରଖକୁଦ, ହରିପୁର(ପୁରୁଣାଦେବୀ), ହରିପୁର(ନୂଆଦେବୀ), ଡିହସାହି (ପୁରୁଣାଦେବୀ), ଡିହସାହି (ନୂଆଦେବୀ), କଳାବୁଦା(ନୂଆଦେବୀ), ବଡକଳାବୁଦା, କଳାବୁଦା ବାରୁଣୀ, ଗୋବିନ୍ଦପୁର, ଗରଦପୁର, ମଦନା, ପାଟକୁରା, ସିଙ୍ଗିଟିଆ, ସମସରା, ବିଚଣା, ପଳସୁଧା(ଘାଟକୂଳ), ପଳସୁଧା(ଓରଢି), ତଳକୁସୁମା, ବନ୍ତଳା, ନରଡା, କଦମଛନ୍ଦା, କଉଡିଆବରାଇ, ତିକନପୁର, ଭଦାଳ, କୁସୁନପୁର ପ୍ରଭୃତି ୩୫ଟି ସ୍ଥାନରେ ହୋଇଥିବା ମା' ଦୁର୍ଗାଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ସମସ୍ତ ମେଢ ନିଜ ଗ୍ରାମ ନିକଟସ୍ଥ ନଦୀରେ ବିସର୍ଜନ ହୋଇଥିବାବେଳେ କଳାବୁଦା ବାରୁଣୀଠାରେ ଗୋବିନ୍ଦପୁର (ପୁରୁଣାଦେବୀ), କଳାବୁଦା (ନୂଆଦେବୀ), ବଡକଳାବୁଦା, କଳାବୁଦା ବାରୁଣୀ, ଭଦାଳ, କୋରୁଆ, ହରିପୁର (ନୂଆଦେବୀ), ହରିପୁର (ପୁରୁଣାଦେବୀ), ଡିହସାହି (ନୂଆଦେବୀ), ଡିହସାହି (ପୁରୁଣାଦେବୀ) ଓ ତିକନପୁର ପୂଜା ମଣ୍ଡପର ୧୧ଟି ମେଢ ଏକତ୍ରୀତ ହୋଇ ବିସର୍ଜନ ହୋଇଛି। ଗତକାଲି ପ୍ରାୟ ରାତ୍ର ୧୦ ଘଟିକାରେ କଳାବୁଦା ବାରୁଣୀ ଶନିମନ୍ଦିର ନିକଟରେ ଗୋବିନ୍ଦପୁର (ପୁରୁଣାଦେବୀ), କଳାବୁଦା (ନୂଆଦେବୀ), ବଡକଳାବୁଦା, କଳାବୁଦାବାରୁଣୀ, ଭଦାଳର ଦୁର୍ଗା ମୂର୍ତ୍ତି ବିସର୍ଜନ ହୋଇଥିବାବେଳେ କୋରୁଆ, ଡିହସାହି (ନୂଆଦେବୀ), ଡିହସାହି (ପୁରୁଣାଦେବୀ), ହରିପୁର (ନୂଆଦେବୀ), ହରିପୁର ଓ ତିକନପୁର ଦୁର୍ଗା ମୂର୍ତ୍ତି କଳାବୁଦା ସେତୁ ଉପରେ ବିସର୍ଜନ କରାଯାଇଥିଲା।

ବେଡାରୀରେ ବ୍ଲକ୍ କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ

ଗରଦପୁର ୨୩।୧୦ (ସମିସ): ଗରଦପୁର ବ୍ଲକ୍‌ରେ ଥିବା ବିଭିନ୍ନ ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଦେଇ ନ ପାରିବା ନେଇ ଲୋକହସା ହେବା ପରେ ଆଜି ଗରଦପୁର ବ୍ଲକ କଂଗ୍ରେସ କମିଟି ପକ୍ଷରୁ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ଏଥିସହ ଗତ ସାଧାରଣ ନିର୍ବାଚନରେ ଦଳୀୟ ପ୍ରାର୍ଥୀ ନିରବତା ଅବଲମ୍ବନ କରିବା ଓ ବିଧାନସଭା ନିର୍ବାଚନ ଦୁଇବର୍ଷ ପୂରି ଥିବାବେଳେ ପଞ୍ଚାୟତ ନିର୍ବାଚନ ଆଉ ମାତ୍ର କେଇ ମାସ ବାକି ଅଛି। ବିଧାନସଭା ନିର୍ବାଚନ ଓ କଲେଜ ନିର୍ବାଚନରେ ଦଳ ଏମିତି ଶକ୍ତ ପ୍ରହାର ଖାଇଛି ଯେ ଅଦ୍ୟାବଧି ଅଣ୍ଟା ସଳଖି ପାରୁନି। ଏଭଳି ସଙ୍କଟାପନ୍ନ ସ୍ଥିତିରେ ଗରଦପୁର ବ୍ଲକ କଂଗ୍ରେସ କମିଟିର କାର୍ଯ୍ୟକାରିଣୀ ବୈଠକ ବେଡାରୀଠାରେ ଅନୁଷ୍ଠିତ ହୋଇଛି। ବ୍ଲକ କଂଗ୍ରେସ କମିଟି ସଭାପତି ଜ୍ୟୋତି ପରିଡ଼ାଙ୍କ ସଭାପତିତ୍ୱରେ ପାଟକୁରା କଂଗ୍ରେସ ନେତା ରତିକାନ୍ତ କାନୁନଗୋ ଯୋଗଦେଇ ଦୁଇମାସିଆ ଦେଶ ବଞ୍ଚାଅ, ଭୋଟ ବଞ୍ଚାଅ କାର୍ଯ୍ୟକ୍ରମ ଓ ଅନ୍ୟାନ୍ୟ ଦଳୀୟ କାର୍ଯ୍ୟକ୍ରମ ସହ ସଂଗଠନ ଉପରେ ଆଲୋଚନା କରିଛନ୍ତି। ଗତ ସାଧାରଣ ନିର୍ବାଚନ ପରେ ସଂଗଠନକୁ ମଜବୁତ କରିବାକୁ ଯାଇ ପୂର୍ବତନ ଗରଦପୁର ବ୍ଲକ କଂଗ୍ରେସ ସଭାପତି ଜ୍ୟୋତି ପରିଡ଼ାଙ୍କୁ ପୁର୍ନବାର ସଭାପତି କରିବା ପରେ ବ୍ଲକ କଂଗ୍ରେସ କମିଟି ଗଠନ ହୋଇଥିଲେ ମଧ୍ୟ କିଏ ସଦସ୍ୟ ଅଛନ୍ତି, ତାହା ଗଣମାଧ୍ୟମକୁ ଦେବାକୁ ସଭାପତି ଙ୍କ ସାହସ ହେଉନାହିଁ ବୋଲି କର୍ମୀ ଆଲୋଚନା କରୁଛନ୍ତି। କିଛି ମାସ ତଳେ ଦଳ ଗରଦପୁର ବ୍ଲକର ତିକନପୁରଠାରେ ବୈଠକ ପରେ ଏସ୍ଆଇଆରକୁ ନେଇ ବିଏଲ୍ଏ ବୈଠକ କରି ଅଲ୍ ଇଜ୍ ୱେଲ ଭାବି ଚେଇଁ ଘୁଙ୍ଗୁଡ଼ି ମାରୁଛି। ଏହାଛଡା ବ୍ଲକ ସଭାପତି ନିଯୁକ୍ତି ପରେ ପ୍ରତି ପଞ୍ଚାୟତରେ କେବଳ ସଭାପତି ନିଯୁକ୍ତ କରିଥିଲେ ସୁଦ୍ଧା କମିଟି ଗଠନ ହୋଇପାରିନାହିଁ। ଏପରିକି ଖୋଦ୍ କଂଗ୍ରେସ ନେତାଙ୍କ ନିଜ ପଞ୍ଚାୟତ ବଙ୍ଗାଳପୁରରେ କମିଟି ଗଠନ ହୋଇଛି କି ନାହିଁ ସନ୍ଦେହ ପ୍ରକାଶ ପାଇଛି। ବ୍ଲକ ସଭାପତି ଜ୍ୟୋତି ରଞ୍ଜନ ପରିଡ଼ାଙ୍କୁ ବ୍ଲକ କମିଟି କଥା ପଚାରିବାରୁ କମିଟି ଗଠନ ହୋଇଛି, ହେଲେ ଗଣମାଧ୍ୟମକୁ ଜଣାଇବୁ ନାହିଁ କହି ଏଡାଇ ଯାଇଛନ୍ତି। ଜ୍ୟୋତି ରଞ୍ଜନ ସଭାପତି ହେବା ପରଠାରୁ କୌଣସି ପଞ୍ଚାୟତରେ ବୈଠକ ହୋଇପାରିନାହିଁ। ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସଠାରୁ ଆରମ୍ଭ କରି ଅନ୍ତ୍ୟୋଦୟ ଗୃହ ଯୋଜନା ଓ ଭତ୍ତା ପାଇବାରେ ବହୁତ ଯୋଗ୍ୟ ହିତାଧିକାରୀ ବାଦ ପଡ଼ିଥିଲେ ମଧ୍ୟ ବ୍ଲକରେ ଆଜି ପର୍ଯ୍ୟନ୍ତ ଘେରଉ କାର୍ଯ୍ୟକ୍ରମ ହୋଇନାହିଁ। ଏଭଳି ସ୍ଥିତିରେ ଦଳ କାର୍ଯ୍ୟକାରିଣୀ ବୈଠକ ଡାକି ଅଣ୍ଟା ସଳଖିବା ପାଇଁ ପ୍ରୟାସ କରୁଛି ବୋଲି ଆଲୋଚନା ହେଉଥିଲାବେଳେ ବୈଠକରେ ପୂର୍ବତନ ଜିଲ୍ଲା ଉପସଭାପତି ନିରଞ୍ଜନ ରାଉତ, ବରିଷ୍ଠ କର୍ମୀ ସୁଦର୍ଶନ ମାହାଳି, ଜିଲ୍ଲା ସାଧାରଣ ସମ୍ପାଦକ ରମାକାନ୍ତ ସ୍ୱାଇଁ, ସମ୍ପାଦକ କୁମର ପାଣି ପ୍ରମୁଖ ଯୋଗ ଦେଇଥିଲେ।

ନଭେମ୍ବର ୭ରେ କଂଗ୍ରେସର ଜ୍ଞାନେସଙ୍କ କୁଶ ପୁତ୍ତଳିକା ଦାହ

ପଞ୍ଚୁପାଣ୍ଡବ,୨୩।୧୦(ସମିସ): ପାଟକୁରା ନିର୍ବାଚନମଣ୍ଡଳୀ ଡେରାବିଶ ବ୍ଲକ କଂଗ୍ରେସର କାର୍ଯ୍ୟକାରିଣୀ କମିଟି ବୈଠକ ବଳଭଦ୍ରପୁରସ୍ଥ ସାରଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ରାଜୀବ ଲୋଚନ ମିଶ୍ରଙ୍କ ସଭାପତିତ୍ୱରେ ଏଆଇସିସି ଦ୍ୱାରା ଦିଆ ଯାଇଥିବା ଦୁଇମାସିଆ "ଭୋଟ ବଞ୍ଚାଅ, ଦେଶ ବଞ୍ଚାଅ' ବିଜେପି ସରକାର ଓ ମୁଖ୍ୟ ନିର୍ବାଚନ କମିସନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି ହୋଇଥିଲା। ବୈଠକରେ ପାଟକୁରା ନିର୍ବାଚନ ମଣ୍ଡଳୀ ନେତା ତଥା ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଡ ରତିକାନ୍ତ କାନୁନଗୋ ଯୋଗଦେଇ ଆଗାମୀ ରଣନୀତି ସମ୍ପର୍କରେ ଆଲୋଚନା କରିଥିଲେ। ବିଭୂତି ଭୂଷଣ ମହାପାତ୍ର, ଉମେଶ ତ୍ରିପାଠୀ, ବିଭୁପ୍ରସାଦ ଷଡ଼ଙ୍ଗୀ, ଜୟଦେବ ପରିଡ଼ା, ମୋତିବୁର ରହମାନ, ସେକ ମେହେବୁବ ଅଲ୍ଲୀ, ରଶ୍ମିରଞ୍ଜନ ପଣ୍ଡା ଯୋଗଦେଇ ବିଜେପି ସରକାରଙ୍କ ଦୋମୁହାଁ ନୀତି ବିରୋଧରେ ବିଷୋଦଗାର କରିଥିଲେ। ଏ ଅବସରରେ ଜ୍ଞାନେସ କୁମାରଙ୍କ କୁଶ ପୁତ୍ତଳିକା ଦାହ କରିବା ପାଇଁ ନଭେମ୍ବର ୭ ତାରିଖରେ ଏକ ବିଶାଳ ଶୋଭାଯାତ୍ରା କରାଯିବାକୁ ନିଷ୍ପତ୍ତି ହୋଇଥିଲା।

ଶିକ୍ଷକ କୃଷ୍ଣମୋହନ ରାଉତଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

ପଟ୍ଟାମୁଣ୍ଡାଇ,୨୩।୧୦(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ଓଉପଦା ଗ୍ରାମର ସାମ୍ୟବାଦୀ ନେତା ତଥା ଆଦର୍ଶ ଶିକ୍ଷକ କୃଷ୍ଣମୋହନ ରାଉତଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ତାଙ୍କ ସ୍ମୃତିରେ ମେଗା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଥିଲା। ଏହାକୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡା ରଶ୍ମିରଞ୍ଜନ ମହାନ୍ତି ଉଦଘାଟନ କରିଥିଲେ। ଏଥିରେ ଅସ୍ଥିଶଲ୍ୟ ବିଶେଷଜ୍ଞ ଡା ନିରଞ୍ଜନ କର, ଶଲ୍ୟ ବିଶେଷଜ୍ଞ ଡା ବୀରେନ୍ଦ୍ର ଦାସ, ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡା ରୁଦ୍ର ରାୟ, ଭେଷଜ ବିଶେଷଜ୍ଞ ଡା ଶ୍ରୀକାନ୍ତ ସ୍ୱାଇଁ, ଚକ୍ଷୁ ରୋଗ ବିଶେଷଜ୍ଞ ଡା ମନୋରଞ୍ଜନ ବେହେରା, ଡା ସୌମ୍ୟକାନ୍ତ ମହାନ୍ତି, ଡା ଆଦିତ୍ୟ ପ୍ରଧାନ, ଡା ମନୋରଞ୍ଜନ ନାଥ ପ୍ରମୁଖ ୫୦୦ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବଣ୍ଟନ କରିଥିଲେ।

ପରେ ପ୍ରାଧ୍ୟାପିକା ପ୍ରତିମା ରାଉତଙ୍କ ପୌରୋହିତ୍ୟ ଓ ସମାଜସେବୀ ନଳିନୀକାନ୍ତ ସ୍ୱାଇଁଙ୍କ ସଂଯୋଜନାରେ ଓଉପଦାଠାରେ ଶ୍ରଦ୍ଧାଞ୍ଜଳି ଓ ସ୍ମରଣିକା ଉନ୍ମୋଚନ ସଭାରେ ରାଜନଗର ବିଧାୟକ ଧ୍ରୁବ ସାହୁ, ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ପ୍ରାକ୍ତନ ନିର୍ଦ୍ଦେଶକ ଡଃ ନିରଞ୍ଜନ କର, ପଟ୍ଟାମୁଣ୍ଡାଇର ପ୍ରାକ୍ତନ ବିଧାୟକ ରାଧାକାନ୍ତ ସେଠୀ, ରାଜନଗର ପୂର୍ବତନ ବିଧାୟକ ଅଲେଖ ଜେନା, ପ୍ରାକ୍ତନ ଶ୍ରମ ମଙ୍ଗଳ ଅଧିକାରୀ ଚିତ୍ତରଞ୍ଜନ କର, ପ୍ରାକ୍ତନ ଅଧିକାରୀ କୁଳମଣି ପାଣିଗ୍ରାହୀ, ପୂର୍ବତନ ବିକ୍ରିକର ଅଧିକାରୀ କୁଶାସନ ମଲ୍ଲିକ, ପ୍ରାକ୍ତନ ଦିଲ୍ଲୀ ପୁଲିସ ଅଧିକାରୀ ଅକ୍ଷୟ ବିଶ୍ୱାଳ, ସାମ୍ୟବାଦୀ ନେତା ବାବାଜୀ

ସ୍ୱାସ୍ଥ୍ୟ ଶିବିର ଓ ସ୍ମରଣିକା ଉନ୍ମୋଚନ

ଧଳ, ସମାଜସେବୀ କୈଳାଶ ମହାନ୍ତି, ପ୍ରାକ୍ତନ ପ୍ରଧାନଶିକ୍ଷକ କିଶୋର ସେନ, ବିପ୍ରଚରଣ ବେହେରା, ପ୍ରାକ୍ତନ ସରପଞ୍ଚ ସୁବାସ ଦାସ ପ୍ରମୁଖ ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପୁତ୍ର ରେଳ ବିଭାଗ ଅଧିକାରୀ ଚିନ୍ମୟ ରାଉତ ସ୍ୱାଗତ ଭାଷଣ ଓ ଯୁବ ଅଧିକାରିଣୀ ଶିଳା ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। କନ୍ୟା ପ୍ରାଧ୍ୟାପିକା ପ୍ରତିମା ରାଉତ ଧନ୍ୟବାଦ ଦେଇଥିବାବେଳେ କାର୍ଯ୍ୟକ୍ରମକୁ ଅପନ ରାଉତ, ନୀତିଶ ରାଉତ, ସୌରଭ ରାଉତ ଓ ଶୁଭମ ରାଉତ ପରିଚାଳନା କରିଥିଲେ।

ବିରି ଫସଲରେ କାଳିମୁଣ୍ଡି ପୋକ; ଚାଷୀ ହତାଶ

- କୁମ୍ଭକର୍ଣ୍ଣ ନିଦ୍ରାରେ କୃଷି ବିଭାଗ
- ଧୋୟାଞ୍ଚଳ ଚାଷୀଙ୍କ ମୁଖ୍ୟ ଆୟକରି ଫସଲ ନଷ୍ଟ ଆଶଙ୍କା

ପଟ୍ଟାମୁଣ୍ଡାଇ,୨୩।୧୦(ସମିସ): ପଟ୍ଟାମୁଣ୍ଡାଇ ବ୍ଲକରେ ବନ୍ୟା ପରେ ବନ୍ୟା ଆସିବା ଫଳରେ ଦୀର୍ଘ ୨ ମାସ କାଳ ଧୋୟାଞ୍ଚଳବାସୀ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗ କରିଥିଲେ। ସାରଦ ଧାନ ଓ ପନିପରିବା ସମ୍ପୂର୍ଣ୍ଣ ଉଜୁଡ଼ି ଯିବା ଯୋଗୁଁ ଚାଷୀ ସର୍ବସ୍ୱାନ୍ତ ହୋଇଥିଲେ। ବନ୍ୟାରେ ଧାନ ଓ ପନିପରିବା ଫସଲ ହରାଇ ମଧ୍ୟ ଧୋୟାଞ୍ଚଳ ଚାଷୀ ଭାଙ୍ଗି ନ ପଡ଼ି କରଜ କରି ଅର୍ଥକରି ବିରି ଚାଷ କରିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲାର ବିରି ଅମାର କୁହାଯାଉଥିବା ଅଣ୍ଡରା, ସିଦ୍ଧବାଲି, ଦାଣ୍ଡିସାହି, ସିଂହଗାଁ, କୃଷ୍ଣଦାସପୁର, ନୂଆପାଟଣା, ରାଉଳିଆ, କୋଳଥିଆ, ପେଣ୍ଠପାଳ, ନାହିଆଡିଆ, ତରଡ଼ିପାଳ ଓ ଅଳପୁଆ ଅଞ୍ଚଳର ଚାଷୀ ବନ୍ୟା ପରେ ବିରି ବୁଣିଥିଲେ। ସମ୍ପ୍ରତି ବିରି ଫସଲରେ କାଳିମୁଣ୍ଡି ପୋକ ଲାଗିଲେଣି। ବହୁ ପୁରୁଣା ଚାଷୀ କହିଛନ୍ତି, ଗଛ ଅତିକମରେ ୫ ପତ୍ର ଲେଖାଏଁ ହେଲେ ଗଛ ମଜବୁତ ହୋଇଯାଏ ଓ କାଳିମୁଣ୍ଡି ପୋକ ବିରି ପତ୍ର ଖାଇ ଗଲେବି ପଛରେ ବିରି ଗଛରେ ନୂତନ ପତ୍ର ସୃଷ୍ଟି ହୋଇ ଫସଲ ବଞ୍ଚିଯାଏ ଓ ବିରି ଅମଳ କରିବା ସମ୍ଭବ ହୁଏ। ଆରମ୍ଭରୁ କାଳିମୁଣ୍ଡି ପୋକ ଲାଗିଯିବାରୁ ବିରି ଫସଲ ସମ୍ପୂର୍ଣ୍ଣ ଉଜୁଡିଯିବା ଆଶଙ୍କା ସୃଷ୍ଟି ହୋଇଛି। ଏହା ଦେଖି ଧୋୟାଞ୍ଚଳର ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡିଛି। ରାଜ୍ୟ ସରକାର ବିରି, ମୁଗ, ସୋରିଷ, ଚିନାବାଦାମ ଓ ରାଶି ଭଳି ୫ଟି ରବି ଜାତୀୟ ଫସଲକୁ ୫ବର୍ଷ ପୂର୍ବରୁ ଶସ୍ୟ ବୀମାଭୁକ୍ତ କରିଥିଲେ ମଧ୍ୟ ଲଗାତର ବିରି ଭଳି ଅର୍ଥକରି ଫସଲ ପ୍ରାକୃତିକ ଦୁର୍ବିପାକ ଯୋଗୁଁ ବାରମ୍ବାର ନଷ୍ଟ ହେଉଥିବାରୁ ବିରି ଚାଷୀ କୌଣସି ବର୍ଷ ବିରି ଫସଲ କ୍ଷତି ପାଉନାହାନ୍ତି। ରାଜ୍ୟ ସରକାର ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରି ଶଙ୍କର ଜାତୀୟ ବିରି, ମୁଗ ଓ ସୋରିଷ ବିହନ ଯୋଗାଇ ଦେବାକୁ ଦାବି ହେଉଛି। ରାଜ୍ୟ ସରକାର ପ୍ରାଥମିକ ପର୍ଯ୍ୟାୟରେ କାଳିମୁଣ୍ଡି ପୋକ ଦାଉରୁ ବିରି ଫସଲକୁ ରକ୍ଷା କରିବା ପାଇଁ ଧୋୟାଞ୍ଚଳ ଚାଷୀଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ମାଗଣାରେ କୀଟନାଶକ ଯୋଗାଇ ଦେବାକୁ ପଟ୍ଟାମୁଣ୍ଡାଇ ବ୍ଲକ ପ୍ରାକ୍ତନ ଅଧ୍ୟକ୍ଷ ମାନସ ରଞ୍ଜନ ସାମଲ, ସମବାୟବିତ୍ ଚିତ୍ତରଞ୍ଜନ ମଲ୍ଲିକ, ଉଲ୍ଲାସ ମଲ୍ଲିକ, ବିଶ୍ୱରଞ୍ଜନ ପରିଡା, ପାର୍ଥସାରଥୀ ଦାସ, ସଚ୍ଚିଦାନନ୍ଦ ମଲ୍ଲିକ, ସତ୍ୟବ୍ରତ ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ନାୟକ, ପ୍ରତାପ ବିଶ୍ୱାଳ ପ୍ରମୁଖ ଦାବି କରିଛନ୍ତି।

ଦୁର୍ଗାପୂଜା ଅବସରରେ ନାଟକ ମଞ୍ଚସ୍ଥ

ରାଜନଗର,୨୩।୧୦(ସମିସ): ରାଜନଗରର ଅଗ୍ରଣୀ କଳା ଅନୁଷ୍ଠାନ ନୀଳଚକ୍ର କଳା ପରିଷଦ ପକ୍ଷରୁ ପବିତ୍ର ଦୁର୍ଗାପୂଜା ଅବସରରେ ଦୁଇ ରାତ୍ରି ନାଟକ ପରିବେଷଣ କରାଯାଇଥିଲା। ନାଟ୍ୟକାର ଦଉହରି ମଲ୍ଲିକଙ୍କ ରଚିତ ସାମାଜିକ ନାଟକ ଭଗବାନଙ୍କୁ ଭୁତ ଲାଗିଛି ଓ ଆଖି ଅବୁଝାକୁ ଲୁହ ଅବୁଝା ନାଟକ ନବମୀ ଓ ଦଶହରାରେ ପରିବେଷଣ କରାଯାଇଥିଲା। ନାଟ୍ୟ ନିର୍ଦ୍ଦେଶକ ଚକ୍ରଧର ଦାସ, ଗଗନ ସାରଙ୍କ ନିର୍ଦ୍ଦେଶନାରେ ନାଟକ ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ଏଥିରେ ସୂର୍ଯ୍ୟକାନ୍ତ ପ୍ରଧାନ, ସୋମନାଥ ବାରିକ, ଦିଲ୍ଲୀପ ଦାଶ, ଉତ୍ତମ ଶର୍ମା, ଅମର ରାଉତ, ଉମେଶ ଦାସ, ନବକୁମାର ସାହୁ, ବିଜୟ ଦାସ, ବାଇଧର ମହସେଠୀ, ପ୍ରଫୁଲ୍ଲ ଦାସ, ନିରଞ୍ଜନ ମହାରଣା, ରାଜେଶ ରାଉତ, ସୌମ୍ୟ ବଳ, ନିରଞ୍ଜନ ମହାରଣା, ଅଞ୍ଜନ ସାହୁ, ବିରଞ୍ଚି ଭାଇ, ଅଭୟ ଭାଇ, ହେମନ୍ତ ସେଠୀ, ପ୍ରଦୀପ ନାଥ, ଲକ୍ଷ୍ମୀକାନ୍ତ ସେଠୀ, ସୁରେନ୍ଦ୍ର ସାହୁ, ଶିବା ଦାସ ପ୍ରମୁଖ ଅଭିନୟ କରିଥିଲେ। ନାଟ୍ୟ କାର୍ଯ୍ୟକ୍ରମକୁ ପରିଷଦର ସଭାପତି ଅକ୍ଷୟ ପରିଡା, କାର୍ଯ୍ୟକାରୀ ସଭାପତି ବାବାଜୀ ମିଶ୍ର, ସମ୍ପାଦକ ରବୀନ୍ଦ୍ର ଦଳାଇ, ଉପଦେଷ୍ଟା ଚିତ୍ତରଞ୍ଜନ ଦାସ, ରମଣୀ ମହାପାତ୍ର, ଅନାଥ ପ୍ରଧାନ, ଅନନ୍ତ ସେଠୀ, ବାସୁଦେବ ସାହୁ ପରିଚାଳନା କରିଥିଲେ।

ଟ୍ରେଜେରି ଅଫିସରଙ୍କ ଘରୁ ଚୋରି

ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟ୍

କୁଜଙ୍ଗ,୨୩।୧୦(ସମିସ): କୁଜଙ୍ଗ ଥାନା ଅଧୀନ ବାଲିଆ ପଞ୍ଚାୟତ ବଡ଼ବନ୍ଧ ଗ୍ରାମର ମାନସ ରଞ୍ଜନ ଦଳାଇଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଗତକାଲି ପରବାର ଲୋକେ ଅନୁପସ୍ଥିତ ଯୋଗୁ ଦୁର୍ବୃତ୍ତମାନେ ଘରର ଆଗ କାଚ ଓ ଗ୍ରୀଲ କୋଳପ ସହିତ ଭିତର କୋଳପ ଭାଙ୍ଗି ଝିଅର ବିଭାଘର ପାଇଁ ଥିବା ୧୦ ଭରି ସୁନା ଓ ସ୍ୱୀର ୪ ଭରି ଅଳଙ୍କାର ସହିତ ୨୦ ହଜାର ଟଙ୍କା ଏବଂ ଜରୁରୀ କାଗଜପତ୍ର ସହିତ ଟଙ୍କା ସବୁ କଳାକନା ବୁଲାଇ ଲୁଟି ନେଇଛନ୍ତି। ସୂଚନା ମୁତାବକ ମାନସ ରଞ୍ଜନ ଦଳାଇଙ୍କ ବୋହୂ ଯାଜପୁର ଜାରକା ଅଞ୍ଚଳରେ ଚାକିରି କରିଥିବାରୁ ପରିବାର ବର୍ଗ ସେଠାକୁ ଯାଇଥିଲେ। କିନ୍ତୁ ତାଙ୍କର ଖୁଡ଼ି ସକାଳୁ ଆଗ କବାଟ କାଚ ଓ କୋଳପ ଭଙ୍ଗାଯିବାର ଦେଖିବା ପରେ ତୁରନ୍ତ ସେମାନଙ୍କ ପରିବାର ବର୍ଗକୁ ଜଣାଇଥିଲେ। ପରିବାର ଲୋକେ ଆସି ଦେଖିଲା ପରେ ତୁରନ୍ତ କୁଜଙ୍ଗ ଥାନାର ଅଧିକାରୀଙ୍କ ସହିତ ଯୋଗାଯଗ କରି ଥାନାରେ ଲିଖିତ ଅଭିଯୋଗ ଦାଖଲ କରିଥିଲେ। ଏହି ଘଟଣାକୁ ନେଇ ଅଭିଯୋଗକାରୀ ପୁଲିସର ହସ୍ତକ୍ଷେପ ଲୋଡ଼ିବା ସହ ଘଟଣାର ଉପଯୁକ୍ତ ତଦନ୍ତ ଏବଂ ନ୍ୟାୟ ପ୍ରଦାନ ପାଇଁ ନିବେଦନ କରିଛନ୍ତି। ଅଭିଯୋଗପତ୍ରରେ ଘଟଣା ସମ୍ପର୍କରେ କିଛି ତଥ୍ୟ ଉଲ୍ଲେଖ ରହିଥିବା ଦେଖିବାକୁ ମିଳିଛି। ଅଭିଯୋଗକାରୀଙ୍କ ପକ୍ଷରୁ ଦିଆଯାଇଥିବା ତଥ୍ୟ ଆଧାରରେ ପୁଲିସ ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆବଶ୍ୟକ। ତେବେ ଏହି ଘଟଣାରେ କେଉଁମାନେ ସମ୍ପୃକ୍ତ, କେଉଁ ସାମଗ୍ରୀ ଚୋରି ହୋଇଛି ଏବଂ ଅଭିଯୋଗର ପ୍ରକୃତ ତଥ୍ୟ କ'ଣ, ତାହା ପୁଲିସ ତଦନ୍ତ ପରେ ସ୍ପଷ୍ଟ ହୋଇପାରିବ।

ଜିଲ୍ଲାସ୍ତରୀୟ ଯୁବ ମହୋତ୍ସବ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା,୨୩।୧୦(ସମିସ): ଯୁବବର୍ଗଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ, ସୃଜନଶୀଳତାର ପ୍ରୋତ୍ସାହନ ଓ ନିଶାମୁକ୍ତ ସମାଜ ଗଠନ ଲକ୍ଷ୍ୟ ନେଇ କେନ୍ଦ୍ରାପଡ଼ା ଜିଲ୍ଲାରେ ଜିଲ୍ଲାସ୍ତରୀୟ ଯୁବ ମହୋତ୍ସବ ଆୟୋଜନ କରାଯିବ। ଏହି ମହୋତ୍ସବର ସଫଳ ଆୟୋଜନ ନିମନ୍ତେ ଶୁକ୍ରବାର ଅପରାହ୍ନରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଯୁବ ମହୋତ୍ସବର ଆୟୋଜନ, ବ୍ଲକସ୍ତରରୁ ଜିଲ୍ଲାସ୍ତର ପର୍ଯ୍ୟନ୍ତ ପ୍ରତିଯୋଗିତା ପରିଚାଳନା, ଯୁବ ପ୍ରତିଭାଙ୍କ ଅଂଶଗ୍ରହଣ ଓ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ନିଷ୍ପତ୍ତି ଅନୁଯାୟୀ, ପ୍ରଥମେ ବ୍ଲକ୍ ସ୍ତରରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯିବ। ପରେ ବ୍ଲକସ୍ତରରେ ଚୟନିତ ପ୍ରତିଯୋଗୀ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ଆସନ୍ତା ନଭେମ୍ବର ମାସର ପ୍ରଥମ ସପ୍ତାହରେ ଏହି ପ୍ରତିଯୋଗିତା ଆୟୋଜନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଯୁବକଯୁବତୀଙ୍କୁ ନିଜର ପ୍ରତିଭା ପ୍ରଦର୍ଶନ ନିମନ୍ତେ ଏକ ସୁଯୋଗ ମିଳିପାରିବ। ଏହି ମହୋତ୍ସବରେ ଚିତ୍ରାଙ୍କନ, ଲୋକନୃତ୍ୟ, ଲୋକସଙ୍ଗୀତ, ନୁକ୍କଡ଼ ନାଟକ ଓ କବିତା ଲିଖନ ସମେତ ବିଭିନ୍ନ ବିଷୟରେ ପ୍ରତିଯୋଗିତା ଆୟୋଜନ କରାଯିବ। କଳା, ସଂସ୍କୃତି, ସାହିତ୍ୟ ଓ ଅଭିନୟ କ୍ଷେତ୍ରରେ ଯୁବପିଢ଼ିଙ୍କ ଦକ୍ଷତାକୁ ଉଜାଗର କରିବା ସହ ସେମାନଙ୍କ ମଧ୍ୟରେ ସାମାଜିକ ଦାୟିତ୍ୱବୋଧ ଓ ସକାରାତ୍ମକ ଚିନ୍ତାଧାରାର ବିକାଶ ଏହି ମହୋତ୍ସବର ଅନ୍ୟତମ ଉଦ୍ଦେଶ୍ୟ। ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ପ୍ରତିଯୋଗୀଙ୍କ ବୟସ ୧୫ରୁ ୨୯ ବର୍ଷ ମଧ୍ୟରେ ହେବା ଆବଶ୍ୟକ। ଚଳିତ ଯୁବ ମହୋତ୍ସବର ମୁଖ୍ୟ ବିଷୟବସ୍ତୁ ବିକଶିତ ଭାରତ ପାଇଁ ନିଶାମୁକ୍ତ ଯୁବସମାଜ ରଖାଯାଇଛି। ଏହି ବିଷୟବସ୍ତୁ ମାଧ୍ୟମରେ ଯୁବବର୍ଗଙ୍କୁ ନିଶା ସେବନର କୁପ୍ରଭାବ ସମ୍ପର୍କରେ ସଚେତନ କରିବା ସହ ଏକ ସୁସ୍ଥ, ସଶକ୍ତ ଓ ଦାୟିତ୍ୱବାନ ଯୁବସମାଜ ଗଠନ ପାଇଁ ପ୍ରେରଣା ଦେବା ଉପରେ ଗୁରୁତ୍ୱ ଦିଆଯିବ। ବୈଠକରେ ଜିଲ୍ଲାପାଳ ରଘୁରାମ ଆର. ଆୟର ଜିଲ୍ଲାର ଅଧିକରୁ ଅଧିକ ଯୁବକଯୁବତୀ ଯେପରି ଏଥିରେ ଅଂଶଗ୍ରହଣ କରିପାରିବେ, ସେଥିପ୍ରତି ବିଶେଷ ଧ୍ୟାନ ଦେବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବ୍ଲକ୍‌ସ୍ତରୀୟ ପ୍ରତିଯୋଗିତା ସମ୍ପର୍କରେ ବ୍ୟାପକ ପ୍ରଚାରପ୍ରସାର କରିବା, ଯୋଗ୍ୟ ପ୍ରତିଯୋଗୀଙ୍କୁ ଚିହ୍ନଟ କରିବା ଓ ପ୍ରତିଯୋଗିତାକୁ ସୁବ୍ୟବସ୍ଥିତ ଭାବେ ଆୟୋଜନ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଚିତ୍ତରଞ୍ଜନ ଦାସ, ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ଇନ୍ଦ୍ରାଣୀ ମଲ୍ଲିକଙ୍କ ସମେତ ସମ୍ପୃକ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

ସକାଳ
THE SAKALA

ସମ୍ପାଦକୀୟ



ମୋ ସଫଳତାର ରହସ୍ୟ ହେଲା ଜୀବନରେ ସମ୍ମୁଖୀନ ହୋଇଥିବା ସମସ୍ତ ବିପର୍ଯ୍ୟୟକୁ ସୁଯୋଗରେ ପରିଣତ କରିବାକୁ ଚେଷ୍ଟା କରିଛି।
-ଜନ୍ ଡି ରକ୍‌ଫେଲର

ତଥ୍ୟଚୋରି

'ଭୋଟ ଚୋରି' ପ୍ରତିବାଦ ଓ ବିକ୍ଷୋଭର ଜାତୀୟ କୋଳାହଳ ଭିତରେ 'ତଥ୍ୟ ଚୋରି' ଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗ ଲୁଚି ଯାଇଛି। ଦେଶର ସର୍ବବୃହତ୍ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ)ର ପ୍ରାୟ ୪ ହଜାର ଗ୍ରାହକଙ୍କ ବ୍ୟକ୍ତିଗତ ତଥ୍ୟ 'ଡାର୍କ ୱେବ୍'ରେ ପ୍ରଘଟ ହେବା ପରେ ଦେଶର ଡିଜିଟାଲ୍ ବ୍ୟାଙ୍କିଂ ଓ ତଥ୍ୟ ସୁରକ୍ଷାକୁ ନେଇ ବଡ଼ ପ୍ରଶ୍ନ ଉଠିଛି। ଏସ୍‌ବିଆଇର ପ୍ରାଥମିକ ଅନୁସନ୍ଧାନରେ ୩, ୮୯୭ ଜଣ ଗ୍ରାହକଙ୍କ ବ୍ୟକ୍ତିଗତ ତଥ୍ୟ ଚୋରି ହୋଇଥିବା କୁହାଯାଇଛି, ଯେଉଁଥିରେ ସେମାନଙ୍କ ନାମ, ମୋବାଇଲ୍ ନମ୍ବର, ଜନ୍ମତାରିଖ, ଇ-ମେଲ୍, ଠିକଣା, ଶାଖା ସମ୍ପର୍କିତ ବିବରଣୀ ଏବଂ ଋଣ ଆବେଦନ ଭଳି ଗୁରୁତ୍ୱପୂର୍ଣ୍ଣ ସୂଚନା ରହିଛି। ଏ ସମ୍ପର୍କରେ ତଦନ୍ତ ଚାଲିଥିବା ଏସ୍‌ବିଆଇ ପକ୍ଷରୁ ସୂଚନା ମିଳିଛି।

ଏସ୍‌ବିଆଇର ୫୦ କୋଟିରୁ ଅଧିକ ଗ୍ରାହକଙ୍କ ମଧ୍ୟରୁ ୪ ହଜାରରୁ ସାମାନ୍ୟ କମ୍ ଗ୍ରାହକଙ୍କ ତଥ୍ୟ ଚୋରି ଘଟଣା ସେତେ ଉଦ୍‌ବେଗଜନକ ନୁହେଁ ବୋଲି କେହି କେହି ମତ ଦେଇଛନ୍ତି। ଏସ୍‌ବିଆଇର ସ୍ୱୀକାରୋକ୍ତି ଅନୁଯାୟୀ ତଥ୍ୟ ପ୍ରଘଟ ଘଟଣା ବ୍ୟାଙ୍କର କାରବାରକୁ ପ୍ରଭାବ କରିବ ନାହିଁ। କିନ୍ତୁ ତଥ୍ୟ ସୁରକ୍ଷାର ଗୁରୁତ୍ୱକୁ କେବଳ ପ୍ରଭାବିତ ଗ୍ରାହକଙ୍କ ସଂଖ୍ୟା ଆଧାରରେ ଆକଳନ କରାଯାଇପାରିବ ନାହିଁ। ଜଣେ ମଧ୍ୟ ଗ୍ରାହକଙ୍କ ଗୋପନୀୟ ସୂଚନାର ସୁରକ୍ଷା ଏକ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ଦାୟିତ୍ୱ ଏବଂ ଦେଶର ତଥ୍ୟ ଗୋପନୀୟତା ପାଇଁ ସମ୍ବେଦନଶୀଳ। ବ୍ୟାଙ୍କ ଉପରେ ଲୋକଙ୍କ ବିଶ୍ୱାସ ହିଁ ତାହାର ମୂଳପୁଞ୍ଜି ଓ ସମ୍ବଳ। ସେହି ବିଶ୍ୱାସ ଆର୍ଥିକ କାରବାର ଓ ବ୍ୟକ୍ତିଗତ ତଥ୍ୟର ନିରାପତ୍ତା ଉପରେ ଆଧାରିତ। ଯଦି ଏହି ବିଶ୍ୱାସ ତୁଟି ଯାଏ ତେବେ ଅନୁଷ୍ଠାନର ପ୍ରତିଷ୍ଠା ଓ ପ୍ରଭାବର ଭିତ୍ତି ଦୋହଲିଯିବା ସ୍ୱାଭାବିକ।

ଗ୍ରାହକଙ୍କ ନାମ, ଜନ୍ମତାରିଖ, ଠିକଣା ଓ ଋଣ ସମ୍ପର୍କିତ ସୂଚନା ଜାଣିଥିବା ହ୍ୟାକର ବା ସାଇବର ଅପରାଧୀମାନେ ଗ୍ରାହକଙ୍କୁ ଫୋନ୍ ଯୋଗେ ଡିଜିଟାଲ୍ ଆରେଷ୍ଟର ଭୟ ଦେଖାଇ ପାରନ୍ତି। ତେଣୁ ଘଟଣାକୁ 'ସାମାନ୍ୟ' ବା 'ମାମୁଲି' ଭାବେ ଅଭିହିତ କରିବା ଅନୁଚିତ। ଆରମ୍ଭ ହୋଇଥିବା ତଦନ୍ତରୁ ମଧ୍ୟ କିଛି ମୌଳିକ ପ୍ରଶ୍ନର ଉତ୍ତର ମିଳିବା ଆବଶ୍ୟକ। ତଥ୍ୟ କେଉଁଠାରୁ ଓ କିଭଳି ପ୍ରଘଟ ହେଲା ସେ ସମ୍ପର୍କରେ ପ୍ରଭାବିତ ଗ୍ରାହକଙ୍କୁ ଜଣାଇବା ଉଚିତ। ଏହାଠାରୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ହେଲା ଭବିଷ୍ୟତରେ ଏପରି ଘଟଣାର ପୁନରାବୃତ୍ତି ଯେପରି ନ ହୁଏ ତାହା ନିଶ୍ଚିତ କରିବାକୁ କ'ଣ ପଦକ୍ଷେପ ନିଆଯାଇଛି ତାହା ସାର୍ବଜନୀନ କରିବା ଆବଶ୍ୟକ।

ବ୍ୟାଙ୍କିଂ ବ୍ୟବସ୍ଥାର ଡିଜିଟାଲୀକରଣ ଦ୍ୱାରା ଅର୍ଥ ହସ୍ତାନ୍ତର, ଋଣ ଆବେଦନ ଓ ଅନ୍ୟାନ୍ୟ ସେବା ସହଜ ହୋଇଛି, ଏହାକୁ ଅସ୍ୱୀକାର କରାଯାଇପାରିବ ନାହିଁ। କିନ୍ତୁ ଏହି ସୁବିଧା ସହ ତଥ୍ୟ ଚୋରି, ଫିସିଂ ଓ ସାଇବର ଠକେଇର ବିପଦ ମଧ୍ୟ ବଢ଼ିଛି। 'ଡିଜିଟାଲ୍ ଭାରତ'ର ଏହା ହିଁ ସବୁଠାରୁ ବଡ଼ ଆହ୍ୱାନ ଓ ଦୁର୍ବଳତା। ତେଣୁ ବ୍ୟାଙ୍କମାନେ ନିୟମିତ ସୁରକ୍ଷା ଯାଞ୍ଚ, କର୍ମଚାରୀଙ୍କ ପ୍ରଶିକ୍ଷଣ, ତୃତୀୟ ପକ୍ଷ ସଂସ୍ଥାର ତଥ୍ୟ ପରିଚାଳନା ଉପରେ ନିୟନ୍ତ୍ରଣ ଏବଂ ତଥ୍ୟ ପ୍ରଘଟର ଆଶୁ ଚିହ୍ନଟ ଦକ୍ଷତା ବଢ଼ାଇବାକୁ ପଡ଼ିବ। ଗ୍ରାହକମାନେ ଅଜଣା ଲିଙ୍କ୍‌ରେ କ୍ଲିକ୍ କରିବା, ଫୋନ୍‌ରେ ଓଟିପି କହିବା କିମ୍ବା ଅଜଣା ଆପ୍ ଡାଉନଲୋଡ୍ କରିବାରୁ ବିରତ ରହିବା ଉଚିତ। କୌଣସି ବ୍ୟକ୍ତି ବ୍ୟାଙ୍କ ଅଧିକାରୀ ପରିଚୟ ଦେଇ ଗୋପନୀୟ ସୂଚନା ମାଗିଲେ ହଠାତ୍ ବିଶ୍ୱାସ ନକରି ବ୍ୟାଙ୍କର ଅଧିକୃତ ପୋର୍ଟାଲ୍‌ରେ ଯାଞ୍ଚ କରିବା ଦରକାର। ଏସ୍‌ବିଆଇର ଏହି ଘଟଣା ମାତ୍ର ୪ ହଜାର ରେକର୍ଡର ପ୍ରଶ୍ନ ନୁହେଁ; ଏହା ବ୍ୟାଙ୍କିଂ ବ୍ୟବସ୍ଥାର ଦାୟିତ୍ୱବୋଧ ଓ ଡିଜିଟାଲ୍ ଗୋପନୀୟତାର ପରୀକ୍ଷା। ଗ୍ରାହକଙ୍କ ଝାଳବୁହା ଅର୍ଜନ ବା ଅର୍ଥରାଶି ସୁରକ୍ଷିତ ରଖିବା ସହ ତାଙ୍କ ପରିଚୟ ଓ ବ୍ୟକ୍ତିଗତ ତଥ୍ୟକୁ ମଧ୍ୟ ସୁରକ୍ଷା ଦେବା ବ୍ୟାଙ୍କର ଅପରିହାର୍ଯ୍ୟ କର୍ତ୍ତବ୍ୟ। ଏହି ବିଶ୍ୱାସ ଅକ୍ଷୁର୍ଣ୍ଣ ରଖିବା ପାଇଁ ସ୍ୱଚ୍ଛ ତଦନ୍ତ, ଦାୟିତ୍ୱ ନିର୍ଦ୍ଧାରଣ ଓ ପ୍ରଭାବିତ ଗ୍ରାହକଙ୍କ ସୁରକ୍ଷାକୁ ପ୍ରାଥମିକତା ଦେବାକୁ ପଡ଼ିବ।

କିଛି ମାସ ତଳେ ପ୍ରାୟ ୬୮ କୋଟି ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ଇମେଲ୍ ଆଇଡି ଓ ପାସ୍‌ୱାର୍ଡ ପ୍ରଘଟ ହୋଇଥିବା ମଧ୍ୟପ୍ରଦେଶ ପୁଲିସ୍‌ର ସାଇବର ସେଲ୍ ସୂଚନା ଦେବା ସହିତ ତୁରନ୍ତ ପାସ୍‌ୱାର୍ଡ ପରିବର୍ତ୍ତନ ପାଇଁ ପରାମର୍ଶ ଦେଇଥିଲା। ସେହିପରି କିଛିବର୍ଷ ପୂର୍ବରୁ ବହୁଳ ବ୍ୟବହୃତ ସାମାଜିକ ଗଣମାଧ୍ୟମ ମଞ୍ଚ ହ୍ୱାଟ୍‌ସ୍‌ଆପ୍‌ରେ କେତେକ ବୈଷୟିକ ତ୍ରୁଟି ଯୋଗୁଁ ବ୍ୟବହାରକାରୀଙ୍କ ଗୋପନୀୟ ଓ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଘଟ ହେବାର ଆଶଙ୍କା ସୃଷ୍ଟି ହୋଇଥିଲା। ସମଗ୍ର ବିଶ୍ୱରେ ପ୍ରାୟ ୩୫୦ କୋଟି ହ୍ୱାଟ୍‌ସ୍‌ଆପ୍ ବ୍ୟବହାରକାରୀଙ୍କ ମଧ୍ୟରୁ ଭାରତର ସର୍ବାଧିକ ୭୪.୯ କୋଟି ବା ୨୧% ଥିବାରୁ ହ୍ୟାକରଙ୍କ ହାତକୁ ଏହି ତଥ୍ୟ ଚାଲିଗଲେ ଭାରତୀୟ ଓ ଭାରତର ବଜାର ସର୍ବାଧିକ କ୍ଷତିଗ୍ରସ୍ତ ହେବା ନିଶ୍ଚିତ।

ଦେଶର କୋଟି କୋଟି ଜନସାଧାରଣଙ୍କ ସାଇବର ଓ ଗୋପନୀୟ ତଥ୍ୟ ସୁରକ୍ଷାରେ ଯେ ସରକାର ଦୃଢ଼ ନିଶ୍ଚିତ ନୁହନ୍ତି ତାହା ଏସ୍‌ବିଆଇ ତଥ୍ୟ ପ୍ରଘଟ ଘଟଣାରୁ ପୁଣି ଥରେ ପ୍ରମାଣିତ ହେଉଛି। ଉଦ୍‌ବେଗଜନକ ବିଷୟ ହେଲା ସର୍ବୋଚ୍ଚ ନ୍ୟାୟାଳୟଙ୍କ କଟକଣା ସତ୍ତ୍ୱେ 'ଆଧାର' ଏବେ ସମସ୍ତ ସରକାରୀ ଓ ବେସରକାରୀ ସଂସ୍ଥା ପାଇଁ ଏକ ଅପରିହାର୍ଯ୍ୟ ଦସ୍ତାବେଜ୍ ହୋଇଯାଇଛି। ସତେଯେମିତି 'ଆଧାର' ବିନା ମଣିଷ ଜୀବନଯାତ୍ରା ଅସମ୍ଭବ ଓ ଅସମ୍ପୂର୍ଣ୍ଣ। ପରିସ୍ଥିତି ଏପରି ହୋଇଛି ଯେ 'ଆଧାର' ନମ୍ବର ଦେବ, ନତୁବା ସେବାରୁ ବଞ୍ଚିତ ହେବ। ଏଭଳି ପରିସ୍ଥିତି ହ୍ୟାକରଙ୍କୁ ସୁହାଉଛି। ସେମାନେ ତଥ୍ୟ ଚୋରି କରି ନେଇ ବିଦେଶୀ ସରକାରଙ୍କୁ ବିକ୍ରି କରି ପ୍ରଚୁର ଲାଭ ପାଉଛନ୍ତି। ତଥ୍ୟ ପ୍ରଘଟ କେବଳ ବ୍ୟକ୍ତିଗତ କ୍ଷତି ନୁହେଁ, ଦେଶ ପ୍ରତି ମଧ୍ୟ ବିପଦ। ତେଣୁ ଏଥିପ୍ରତି ସରକାର ଗୁରୁତ୍ୱ ଦେବା ଆବଶ୍ୟକ।

ବିଶ୍ୱବ୍ରହ୍ମାଣ୍ଡର ରହସ୍ୟପେଡ଼ି ଓ ଭୂତକଣିକା

କମଳାକାନ୍ତ ବାରିକ

ବିଶ୍ୱବ୍ରହ୍ମାଣ୍ଡର ଅନନ୍ତ ରହସ୍ୟକୁ ବୁଝିବା ପାଇଁ ମନୁଷ୍ୟ ସଦାସର୍ବଦା ଆଲୋକ ଏବଂ ବିଦ୍ୟୁତ-ଚୁମ୍ବକୀୟ ତରଙ୍ଗ ଉପରେ ନିର୍ଭର କରିଆସିଛି। କିନ୍ତୁ ମହାକାଶର ଏମିତି ଅନେକ ଅନ୍ଧକାରମୟ ଓ ଦୂରବର୍ତ୍ତୀ କୋଣ ରହିଛି, ଯେଉଁଠାରୁ ଆଲୋକ ଆମ ପର୍ଯ୍ୟନ୍ତ ପହଞ୍ଚିପାରେ ନାହିଁ। ଏଭଳି ପରିସ୍ଥିତିରେ ଆଧୁନିକ ଜ୍ୟୋତିର୍ବିଜ୍ଞାନକୁ ଏକ ନୂଆ ଦିଗ୍‌ଦର୍ଶନ ଦେଇଛି 'ନିଉଟ୍ରିନୋ'। ଏହାକୁ ବିଜ୍ଞାନ ଜଗତରେ 'ଭୂତ କଣିକା' ବା 'ଘୋଷ୍ଟ ପାର୍ଟିକିଲ' କୁହାଯାଏ। ଏହି ଅଦୃଶ୍ୟ ଓ ପ୍ରାୟ ବସ୍ତୁତ୍ୱହୀନ କଣିକାଗୁଡ଼ିକ କୌଣସି ବାଧାବିଘ୍ନ ବିନା ନକ୍ଷତ୍ର, ଗ୍ରହ, ଏପରିକି ଆମ ଶରୀର ଦେଇ ପ୍ରତି ସେକେଣ୍ଡରେ କୋଟି କୋଟି ସଂଖ୍ୟାରେ ପାର୍ ହୋଇଯାଉଛନ୍ତି। ଏହି ରହସ୍ୟମୟ ଉଚ୍ଚଶକ୍ତି ସମ୍ପନ୍ନ ମହାଜାଗତିକ 'ନିଉଟ୍ରିନୋ'କୁ ଧରିବା ଏବଂ ବ୍ରହ୍ମାଣ୍ଡର ଗଭୀର ରହସ୍ୟ ଉନ୍ମୋଚନ କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ବିଶିଷ୍ଟ ପଦାର୍ଥ ବିଜ୍ଞାନୀ ପ୍ରଫେସର ଫ୍ରାନ୍ସିସ୍ ହାଲଜେନ୍। ତାଙ୍କର ଦୂରଦୃଷ୍ଟି ଏବଂ ନେତୃତ୍ୱ ଯୋଗୁଁ ଆଣ୍ଟାର୍କଟିକାର ଦକ୍ଷିଣ ମେରୁଠାରେ ନିର୍ମାଣ ହୋଇଛି ବିଶ୍ୱର ସବୁଠାରୁ ବୃହତ ଓ ଅଦ୍ଭୁତ ଦୂରବୀକ୍ଷଣ ଯନ୍ତ୍ର 'ଆଇସକ୍ୟୁବ୍ ନିଉଟ୍ରିନୋ ଅବଜରଭେଟୋରୀ'। ଏହି ଅଭୂତପୂର୍ବ ଅବଦାନ ପାଇଁ ତାଙ୍କୁ ୨୦୨୬ ମସିହାର ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଛି।

୧୯୩୦ ମସିହାରେ ପ୍ରସିଦ୍ଧ ପଦାର୍ଥ ବିଜ୍ଞାନୀ ୱୁଲଫଗାଙ୍ଗ ପାଉଲି ପ୍ରଥମେ ଗାଣିତିକ ଆଧାରରେ 'ନିଉଟ୍ରିନୋ'ର ଉପସ୍ଥିତି ବିଷୟରେ ପୂର୍ବାନୁମାନ କରିଥିଲେ। ସେତେବେଳେ ସେ କହିଥିଲେ, 'ମୁଁ ଏମିତି ଏକ କଣିକାର ପରିକଳ୍ପନା କରିଛି, ଯାହାକୁ କଦାପି ଚିହ୍ନଟ କରାଯାଇପାରିବ ନାହିଁ।' ଏହାର କାରଣ ହେଉଛି 'ନିଉଟ୍ରିନୋ' ଉପରେ କୌଣସି ବୈଦ୍ୟୁତିକ ଚାର୍ଜ ନଥାଏ ଏବଂ ଏହାର ବସ୍ତୁତ୍ୱ ପ୍ରାୟ ଶୂନ। ଏହା ସାଧାରଣ ପଦାର୍ଥ ସହିତ ପ୍ରତିକ୍ରିୟା କରେ ନାହିଁ। ୧୯୫୬ ମସିହାରେ କ୍ଲାଇଡ୍ କୋୱାନ ଓ ଫ୍ରେଡେରିକ୍ ରାଇନ୍ସ ପ୍ରଥମ କରି ଏକ ଆଣବିକ ରିଆକ୍ଟର ସାହାଯ୍ୟରେ ପରୀକ୍ଷାମୂଳକ ଭାବେ ନିଉଟ୍ରିନୋର ଅସ୍ତିତ୍ୱ ପ୍ରମାଣିତ କରିଥିଲେ, ଯାହା ପାଇଁ ପରବର୍ତ୍ତୀ ସମୟରେ ନୋବେଲ ପୁରସ୍କାର ମିଳିଥିଲା। କିନ୍ତୁ ମହାକାଶରୁ ଆସୁଥିବା ଅତି ଉଚ୍ଚଶକ୍ତିସମ୍ପନ୍ନ ମହାଜାଗତିକ 'ନିଉଟ୍ରିନୋ'କୁ ଚିହ୍ନଟ କରିବା ଏକ ବଡ଼ ଆହ୍ୱାନ ଥିଲା, ଯେଉଁଥିପାଇଁ ପାରମ୍ପରିକ ଡିଟେକ୍ଟର ଯଥେଷ୍ଟ ନଥିଲା। ବେଲଜିୟମରେ ଜନ୍ମିତ ଏବଂ ଆମେରିକାର ୟୁନିଭର୍ସିଟି ଅଫ୍ ୱିସକନସିନ୍-ମେଡିସିନ୍‌ର ପ୍ରଫେସର ଫ୍ରାନ୍ସିସ୍ ହାଲଜେନ୍ ବୁଝିପାରିଥିଲେ ଯେ ଯଦି ବ୍ରହ୍ମାଣ୍ଡର ଦୂରବର୍ତ୍ତୀ 'ବ୍ଲାକ୍ ହୋଲ୍' ବା 'କୃଷ୍ଣ ଗର୍ତ୍ତ' ବା 'ସୁପରନୋଭା' ବିସ୍ଫୋରଣ ଭଳି ମହାଜାଗତିକ ଘଟଣାକୁ ବୁଝିବାକୁ ହେବ, ତେବେ ଉଚ୍ଚଶକ୍ତିସମ୍ପନ୍ନ 'ନିଉଟ୍ରିନୋ'କୁ ଧରିବାକୁ ହିଁ ହେବ। କିନ୍ତୁ ଏଥିପାଇଁ ଏକ ବିଶାଳ ଆକାରର ଡିଟେକ୍ଟର ଆବଶ୍ୟକ ଥିଲା। ୧୯୮୮ ମସିହାରେ ହାଲଜେନ୍ ଏବଂ ତାଙ୍କ ସହଯୋଗୀ ଜନ୍ ଲର୍ନଡ୍ ଏକ ବିପ୍ଳବାତ୍ମକ ପ୍ରସ୍ତାବ ଦେଇଥିଲେ। ସେମାନେ କହିଥିଲେ ଯେ କୌଣସି କୃତ୍ରିମ ଲାବୋରେଟୋରୀ ତିଆରି କରିବା ପରିବର୍ତ୍ତେ ପ୍ରକୃତିର ସାହାଯ୍ୟ ନିଆଯାଉ। ଆଣ୍ଟାର୍କଟିକାର ଦକ୍ଷିଣ ମେରୁରେ ଥିବା କିଲୋମିଟର କିଲୋମିଟର ବ୍ୟାପୀ ମୋଟା ଘନ ବରଫକୁ ହିଁ 'ନିଉଟ୍ରିନୋ ଡିଟେକ୍ଟର' ଭାବେ ବ୍ୟବହାର କରାଯାଇପାରିବ। ପ୍ରଥମେ ଅନେକ ବୈଜ୍ଞାନିକ ଏହି ଧାରଣାକୁ ହସରେ ଉଡ଼ାଇ ଦେଇଥିଲେ ଏବଂ ଏହା ଅସମ୍ଭବ ବୋଲି କହିଥିଲେ। କିନ୍ତୁ ହାଲଜେନ୍ ନିଜ ଜିଦ୍‌ରେ ଅଟଳ ରହିଥିଲେ। ହାଲଜେନ୍‌ଙ୍କ ନେତୃତ୍ୱରେ ଆମେରିକାର 'ନ୍ୟାସନାଲ ସାଇନ୍ସ ଫାଉଣ୍ଡେସନ' ଏବଂ ବିଶ୍ୱର ବିଭିନ୍ନ ଦେଶର ବୈଜ୍ଞାନିକମାନଙ୍କ ସହଯୋଗରେ ଆଣ୍ଟାର୍କଟିକାର ଦକ୍ଷିଣ ମେରୁରେ 'ଆଇସକ୍ୟୁବ୍ ନିଉଟ୍ରିନୋ ଅବଜରଭେଟୋରୀ'ର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା।

ଆଇସକ୍ୟୁବ୍ ଆଣ୍ଟାର୍କଟିକାର ବରଫ ତଳେ ପ୍ରାୟ ୧ ଘନ କିଲୋମିଟର ଅଞ୍ଚଳ ବ୍ୟାପୀ ଗଭୀର ବରଫରେ ନିର୍ମିତ ଏକ ଅଦୃଶ୍ୟ ମହଲ। ବୈଜ୍ଞାନିକମାନେ ଅତ୍ୟାଧୁନିକ ଗରମ ପାଣିର ଡ୍ରିଲ୍ ସାହାଯ୍ୟରେ ବରଫ ଭିତରେ ପ୍ରାୟ ୧.୫ କିମିରୁ ୨.୫ କିମି ପର୍ଯ୍ୟନ୍ତ ଗଭୀର ଗାତ କରିଥିଲେ। ସେଥିରେ ପ୍ରାୟ ୮୬ଟି ଲମ୍ବା କେବୁଲ୍ ବା ଷ୍ଟ୍ରିଙ୍ଗ୍ସ ଝୁଲାଯାଇଛି। ପ୍ରତି କେବୁଲ୍‌ରେ କୋଲ୍ଡ-କ୍ୟାଥୋଡ୍ ଡିଜିଟାଲ୍ ଅପ୍ଟିକାଲ୍ ମଡ୍ୟୁଲ୍ ବା ଆଲୋକ ସେନ୍ସର ଖଞ୍ଜାଯାଇଛି। ବରଫସ୍ତର ଭିତରେ ୫,୦୦୦ରୁ ଅଧିକ ଅତି ସୂକ୍ଷ୍ମ ଆଲୋକ ସେନ୍ସର ବରଫରେ ଜମାଟ ବାନ୍ଧି ରହିଛନ୍ତି, ଯାହା ବରଫ ଭିତରେ ଘଟୁଥିବା ସାମାନ୍ୟତମ ଆଲୋକର ଝଲକକୁ ମଧ୍ୟ ରେକର୍ଡ କରିପାରେ। ୨୦୧୦ ମସିହା ଡିସେମ୍ବର ସୁଦ୍ଧା ଏହାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ପ୍ରାୟ ୨୭୯ ନିୟୁତ ଡଲାର ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପ ମାନବ ଇତିହାସର ସବୁଠାରୁ ଜଟିଳ ଓ ସାହସିକ ବୈଜ୍ଞାନିକ ଅଭିଯାନ ମଧ୍ୟରୁ ଅନ୍ୟତମ ଥିଲା।

ପ୍ରଶ୍ନ ଉଠେ, ବରଫ ତଳେ ଲୁଚି ରହି ଏହି ଯନ୍ତ୍ର କିପରି ମହାକାଶର ରହସ୍ୟ ଖୋଜେ? ଏହାର କାର୍ଯ୍ୟପ୍ରଣାଳୀ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ। ବ୍ରହ୍ମାଣ୍ଡରୁ ଆସୁଥିବା କୋଟି କୋଟି ମହାଜାଗତିକ କଣିକା ଆଇସକ୍ୟୁବ୍‌କୁ ବିଭ୍ରାନ୍ତ କରିପାରନ୍ତି। ତେଣୁ ଆଇସକ୍ୟୁବ୍ ମୁଖ୍ୟତଃ ଉତ୍ତର ଗୋଲାର୍ଦ୍ଧରୁ ଆସୁଥିବା ଏବଂ ସମଗ୍ର ପୃଥିବୀକୁ ଭେଦ କରି ଦକ୍ଷିଣ ମେରୁରେ ପହଞ୍ଚୁଥିବା 'ନିଉଟ୍ରିନୋ'ଗୁଡ଼ିକୁ ଲକ୍ଷ୍ୟ କରିଥାଏ। ପୃଥିବୀ ବାକି ସବୁ କଣିକାକୁ ଅଟକାଇ ଦିଏ, କିନ୍ତୁ 'ନିଉଟ୍ରିନୋ' ସହଜରେ ପାର ହୋଇ ଆଇସକ୍ୟୁବ୍ ବରଫରେ ପହଞ୍ଚେ। ଯଦିଓ 'ନିଉଟ୍ରିନୋ' ପ୍ରତିକ୍ରିୟା କରେ ନାହିଁ, ତଥାପି କୋଟି କୋଟି 'ନିଉଟ୍ରିନୋ' ମଧ୍ୟରୁ କେଉଁ ଗୋଟିଏ କଦାଚିତ୍ ବରଫର ପରମାଣୁ ନାଭିକେନ୍ଦ୍ର (ନ୍ୟୁକ୍ଲିୟସ) ସହିତ ଧକ୍କା ହୁଏ। ଏହି ଧକ୍କା ଫଳରେ 'ମ୍ୟୁଅନ୍' ଭଳି ଅନ୍ୟ ଏକ ତୀବ୍ର ଗତିଶୀଳ କଣିକା ସୃଷ୍ଟି ହୁଏ। ଏହି କଣିକାଟି ବରଫ ମଧ୍ୟରେ ଆଲୋକର ଗତିଠାରୁ ଦ୍ରୁତ ଗତି କରେ(କାରଣ ଶୂନ୍ୟସ୍ଥାନ ଅପେକ୍ଷା ବରଫରେ ଆଲୋକର ଗତି କମ୍ ଥାଏ)। ଏହି କାରଣରୁ ବରଫ ଭିତରେ ନୀଳରଙ୍ଗର ଆଲୋକ ସୃଷ୍ଟି ହୁଏ, ଯାହାକୁ 'ଚେରେନକୋଭ୍ ବିକିରଣ' କୁହାଯାଏ। ଭିତରେ ଥିବା ସେନ୍ସରଗୁଡ଼ିକ ଏହି ନୀଳ ଆଲୋକର ଗତି ଓ ଦିଗକୁ ମାପନ୍ତି। ସେହି ଆଲୋକର ଗତିପଥକୁ ଓଲଟା ହିସାବ କରି ବୈଜ୍ଞାନିକମାନେ ଜାଣିପାରନ୍ତି ଯେ 'ନିଉଟ୍ରିନୋ'ଟି ମହାକାଶର କେଉଁ ନିର୍ଦ୍ଦିଷ୍ଟ କୋଣରୁ କେତେ ଦୂରରୁ ଆସିଥିଲା।

ଆଇସକ୍ୟୁବ୍ କାର୍ଯ୍ୟକ୍ଷମ ହେବା ପରେ ଜ୍ୟୋତିର୍ବିଜ୍ଞାନ ଇତିହାସରେ ଅନେକ ଯୁଗାନ୍ତକାରୀ ଆବିଷ୍କାରମାନ ସମ୍ଭବ ହୋଇଛି। 'ବର୍ଟ ଓ ଅର୍ନି' ୨୦୧୩ ମସିହାରେ ଆଇସକ୍ୟୁବ୍ ପ୍ରଥମ ଥର ପାଇଁ ସୌରମଣ୍ଡଳ ବାହାରୁ ଆସିଥିବା ଦୁଇଟି ଅତି ଉଚ୍ଚଶକ୍ତିସମ୍ପନ୍ନ 'ନିଉଟ୍ରିନୋ' ଚିହ୍ନଟ କରିଥିଲା, ଯାହାର ନାମକରଣ କାର୍ଟୁନ୍ ଚରିତ୍ର ଅନୁସାରେ 'ବର୍ଟ' ଓ 'ଅର୍ନି' ରଖାଯାଇଥିଲା। ଏହା ସୌରମଣ୍ଡଳ ବାହାରୁ ଆସୁଥିବା 'ନିଉଟ୍ରିନୋ'ର ପ୍ରଥମ ପ୍ରତ୍ୟକ୍ଷ ପ୍ରମାଣ ଥିଲା। ୨୦୧୮ ମସିହାରେ ଆଇସକ୍ୟୁବ୍ ଏକ 'ନିଉଟ୍ରିନୋ'ର ଉତ୍ସ ସନ୍ଧାନ କରିବାରେ ସଫଳ ହେଲା। ଏହା ପ୍ରାୟ ୩.୭ ବିଲିୟନ (୩୭୦ କୋଟି) ଆଲୋକବର୍ଷ ଦୂରରେ ଥିବା ଏକ 'ସୁପରମାସିଭ୍ ବ୍ଲାକ୍ ହୋଲ୍'ରୁ ଆସିଥିଲା। ୨୦୨୩ ମସିହାରେ ଆଇସକ୍ୟୁବ୍ ଦ୍ୱାରା 'ନିଉଟ୍ରିନୋ' ବ୍ୟବହାର କରି ଆମର ନିଜ ଗାଲାକ୍ସି 'ଆକାଶଗଙ୍ଗା' ବା 'ମିଲ୍କିୱେ'ର ପ୍ରଥମ ସୂକ୍ଷ୍ମ ଚିତ୍ର ପ୍ରସ୍ତୁତ କରାଯାଇଥିଲା।

ଯେଉଁଠାରେ ସାଧାରଣ ଟେଲିସ୍କୋପ୍ ଅନ୍ଧକାର ଦେଖେ, ସେଠାରେ ଆଇସକ୍ୟୁବ୍ 'ନିଉଟ୍ରିନୋ' ସାହାଯ୍ୟରେ ନୂଆ ଆଲୋକ ଦେଖିପାରେ। ବର୍ତ୍ତମାନ ଏହି ଅବଜରଭେଟୋରୀର ଅଧିକ ଉନ୍ନତିକରଣ କରାଯାଉଛି, ଯାହା ଆଗାମୀ ଦିନରେ ବ୍ରହ୍ମାଣ୍ଡର ସୃଷ୍ଟି ଏବଂ ଡାର୍କ ମ୍ୟାଟର ରହସ୍ୟ ଖୋଲିବାରେ ସାହାଯ୍ୟ କରିବ। ଦକ୍ଷିଣ ମେରୁର ଅତି କଠିନ ଶୀତଳ ପରିବେଶରେ ନିର୍ମିତ ଆଇସକ୍ୟୁବ୍ ଅବଜରଭେଟୋରୀ ଆଜି ବିଶ୍ୱାସର ସହ ବ୍ରହ୍ମାଣ୍ଡର ଗଭୀରତମ ରହସ୍ୟର ପେଡ଼ି ଖୋଲୁଛି। 'ଭୂତ କଣିକା' ବା 'ନିଉଟ୍ରିନୋ'ର ଏହି ଆବିଷ୍କାର ଆଗାମୀ ଦିନରେ ମାନବ ସମାଜକୁ ମହାକାଶର ସୃଷ୍ଟି ଏବଂ ବିବର୍ତ୍ତନ ବିଷୟରେ ଏଭଳି ଅନେକ ତଥ୍ୟ ପ୍ରଦାନ କରିବ, ଯାହା ପୂର୍ବରୁ କଳ୍ପନା ବାହାରେ ଥିଲା।

(ଅବସରପ୍ରାପ୍ତ ବରିଷ୍ଠ ବୈଜ୍ଞାନିକ)
ଭୁବନେଶ୍ୱର, ମୋ: ୯୪୩୮୨୩୨୫୧୧

କାର୍ଯ୍ୟାଳୟରେ ଲିଙ୍ଗଭେଦ: ବ୍ୟବସ୍ଥା ନା ବିଭାଜନ?

ଡା. ରାଜାରାମ ଷଡ଼ଙ୍ଗୀ

କାର୍ଯ୍ୟାଳୟ ହେଉଛି ଏକ ପେଶାଗତ ପରିବେଶ। ଏଠାରେ କର୍ମଚାରୀଙ୍କ ଲିଙ୍ଗ ଅପେକ୍ଷା ତାଙ୍କର ଦାୟିତ୍ୱ, ଯୋଗ୍ୟତା, ଭୂମିକା, ଅଭିଜ୍ଞତା ଓ କାର୍ଯ୍ୟକୁଶଳତା ଅଧିକ ଗୁରୁତ୍ୱ ପାଇବା ଉଚିତ। ତେବେ ବାସ୍ତବ କ୍ଷେତ୍ରରେ କେତେକ ସ୍ଥାନରେ ମହିଳା କର୍ମଚାରୀଙ୍କ ସଂଖ୍ୟା ଅଧିକ, କେଉଁଠି ପୁରୁଷଙ୍କ ସଂଖ୍ୟା ଅଧିକ। କେତେକ କାର୍ଯ୍ୟକ୍ରମରେ ଗୋଟିଏ ଲିଙ୍ଗର ପ୍ରତିନିଧିତ୍ୱ ଅନ୍ୟ ଲିଙ୍ଗ ତୁଳନାରେ ଅଧିକ ଦେଖାଯାଏ। ଏହି ପରିସ୍ଥିତିକୁ ନିଜେ ନିଜେ 'ଲିଙ୍ଗଭେଦ' ବୋଲି କହିବା ଠିକ୍ ନୁହେଁ। ଏହା ବି ବୁଝିବାକୁ ହେବ ଯେ, ସଂଖ୍ୟାର ଅସମତା ଓ ଲିଙ୍ଗଭେଦ ସମାନ ନୁହେଁ।

କୌଣସି କାର୍ଯ୍ୟାଳୟରେ ମହିଳା ଅଧିକ କିମ୍ବା ପୁରୁଷ ଅଧିକ ଥିବା କାରଣରୁ ଲିଙ୍ଗଭେଦ ପ୍ରମାଣିତ ହୁଏ ନାହିଁ। ନିଯୁକ୍ତିର ପ୍ରକୃତି, ବିଭାଗର ଆବଶ୍ୟକତା, ଉପଲବ୍ଧ ମାନବସମ୍ବଳ ଓ ଯୋଗ୍ୟ ପ୍ରାର୍ଥୀଙ୍କ ଅନୁପାତ ଭଳି ଅନେକ କାରଣରୁ ଏଭଳି ସଂଖ୍ୟାଗତ ତଫାତ ହୋଇପାରେ। ତେଣୁ ମହିଳା ଓ ପୁରୁଷ ସଂଖ୍ୟାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହେଉଛି ସମାନ ସୁଯୋଗର ଉପଲବ୍ଧି। ନିଷ୍ପତ୍ତି ନେବାରେ ସୁଯୋଗ, ଦାୟିତ୍ୱ ବଣ୍ଟନରେ ଭେଦଭାବ, ମତାମତ ରଖିବାର ସ୍ୱାଧୀନତା ଉଭୟଙ୍କ ପାଇଁ ସମାନ କି ନୁହେଁ ତାହା ହିଁ ଗୁରୁତ୍ୱପୂର୍ଣ୍ଣ।

କୌଣସି କାର୍ଯ୍ୟାଳୟ ବା କାର୍ଯ୍ୟକ୍ରମରେ ମହିଳା ପ୍ରତିନିଧିଙ୍କ ସଂଖ୍ୟା ଅଧିକ ଥିବା ଏବଂ ସେଠାକୁ ଜଣେ କିମ୍ବା ଦୁଇଜଣ ପୁରୁଷ କର୍ମଚାରୀ ଯିବା କାରଣକୁ ଅସ୍ୱାଭାବିକ ବୋଲି ଦେଖିବା ଉଚିତ ନୁହେଁ। ଯଦି ସେହି ପରିଦର୍ଶନର ଉଦ୍ଦେଶ୍ୟ ନିରୀକ୍ଷଣ, ସମନ୍ୱୟ, ପ୍ରଶାସନିକ କାର୍ଯ୍ୟ, ପ୍ରଶିକ୍ଷଣ, ଅନୁସନ୍ଧାନ କିମ୍ବା ଅନ୍ୟ କୌଣସି ବୈଧ ପେଶାଗତ ଦାୟିତ୍ୱ ସହ ଜଡ଼ିତ, ତେବେ ଲିଙ୍ଗ ଆଧାରରେ ଏହାକୁ ପ୍ରଶ୍ନ କରିବା ଯୁକ୍ତିସଙ୍ଗତ ନୁହେଁ। ତଥାପି ପ୍ରତ୍ୟେକ କ୍ଷେତ୍ରରେ ପେଶାଗତ ଶିଷ୍ଟାଚାର, ପାରଦର୍ଶିତା, ସୁରକ୍ଷିତ ପରିବେଶ ଓ ସ୍ପଷ୍ଟ କାର୍ଯ୍ୟଦାୟିତ୍ୱ ରହିବା ଆବଶ୍ୟକ। ଲିଙ୍ଗଭେଦ ସେତେବେଳେ ଏକ ସମ୍ବେଦନଶୀଳ ପ୍ରଶ୍ନ ହୁଏ, ଯେତେବେଳେ କାହାକୁ କେବଳ ମହିଳା କିମ୍ବା ପୁରୁଷ ହୋଇଥିବା କାରଣରୁ ସମାନ ସୁଯୋଗରୁ ବଞ୍ଚିତ କରାଯାଏ; ନିର୍ଦ୍ଦିଷ୍ଟ ଦାୟିତ୍ୱରୁ ଅନ୍ୟାୟ ଭାବେ ଦୂରେଇ ରଖାଯାଏ; ମତାମତକୁ ଅବମୂଲ୍ୟାୟନ କରାଯାଏ; ପଦୋନ୍ନତି, ପ୍ରଶିକ୍ଷଣ କିମ୍ବା ସୁଯୋଗରେ ଅସମାନ ବ୍ୟବହାର ହୁଏ; କୌଣସି କାର୍ଯ୍ୟକ୍ରମରେ କେବଳ ଲିଙ୍ଗ ଆଧାରରେ ଅଯଥା ବାଦ ଦିଆଯାଏ କିମ୍ବା ଲିଙ୍ଗଗତ ଆଧାରରେ ବ୍ୟକ୍ତିଙ୍କ ଚରିତ୍ର, ଉଦ୍ଦେଶ୍ୟ ବା ପେଶାଗତ ସମ୍ପର୍କ ଉପରେ ଅନାବଶ୍ୟକ ସନ୍ଦେହ କରାଯାଏ। ଅର୍ଥାତ୍ ସଂଖ୍ୟାର ଅସମତା ଅପେକ୍ଷା ସୁଯୋଗ ଓ ବ୍ୟବହାରର ଅସମତା ହିଁ ଲିଙ୍ଗଭେଦର ମୁଖ୍ୟ ମାପଦଣ୍ଡ।

ଏଠାରେ ଆଉ ଏକ ସୂକ୍ଷ୍ମ ପାର୍ଥକ୍ୟ ରହିଛି। ମହିଳା ସ୍ୱାସ୍ଥ୍ୟ, ମାତୃତ୍ୱ, ମାସିକ ଋତୁସ୍ରାବ ସ୍ୱଚ୍ଛତା, ଲିଙ୍ଗଭିତ୍ତିକ ହିଂସା, କାର୍ଯ୍ୟସ୍ଥଳରେ ମହିଳା ସୁରକ୍ଷା ଭଳି ବିଷୟରେ ମହିଳାମାନଙ୍କୁ କେନ୍ଦ୍ର କରି ବିଶେଷ କାର୍ଯ୍ୟକ୍ରମ କରିବାର ନିଜସ୍ୱ ଯୁକ୍ତି ରହିପାରେ। ସେହିପରି ପୁରୁଷ ସ୍ୱାସ୍ଥ୍ୟ ବା ପୁରୁଷଙ୍କ ନିର୍ଦ୍ଦିଷ୍ଟ ସାମାଜିକ ସମସ୍ୟା ଉପରେ ମଧ୍ୟ ଲକ୍ଷ୍ୟଭିତ୍ତିକ କାର୍ଯ୍ୟକ୍ରମ ହୋଇପାରେ। ଏହାର ଅର୍ଥ ସାମାଜିକ ବିଭାଜନ ନୁହେଁ; ବରଂ ନିର୍ଦ୍ଦିଷ୍ଟ ସମସ୍ୟାର ନିର୍ଦ୍ଦିଷ୍ଟ ସମାଧାନ। କିନ୍ତୁ ଏପରି ବିଶେଷ କାର୍ଯ୍ୟକ୍ରମକୁ ଅନ୍ୟ ଲିଙ୍ଗ ପ୍ରତି ଅପମାନ, ବାଦ ଦେବା ବା ଅଧିକାର ଗୌଣ କରାଯିବା ଉଚିତ ନୁହେଁ। ମହିଳା ଓ ପୁରୁଷ କର୍ମଚାରୀଙ୍କ ମଧ୍ୟରେ ଆବଶ୍ୟକତା ଅନୁଯାୟୀ ଅଲଗା ଆଲୋଚନା କିମ୍ବା ସମ୍ମିଳନୀ ହୋଇପାରେ। କିନ୍ତୁ ଏହାର ଆଧାର ଲିଙ୍ଗ ନୁହେଁ, ବରଂ ଆଲୋଚନାର ବିଷୟ ଓ ଉଦ୍ଦେଶ୍ୟ ହେବା ଉଚିତ। ଉଦାହରଣସ୍ୱରୂପ, ମହିଳା କର୍ମଚାରୀଙ୍କ ସୁରକ୍ଷା ସମ୍ପର୍କିତ ଅଭିଜ୍ଞତା ନେବା ପାଇଁ ମହିଳାମାନଙ୍କ ସହ ଏକ ନିର୍ଦ୍ଦିଷ୍ଟ ଆଲୋଚନା ଯୁକ୍ତିସଙ୍ଗତ ହୋଇପାରେ। କିନ୍ତୁ ସାଧାରଣ ପ୍ରଶାସନିକ ନିଷ୍ପତ୍ତିରୁ ପୁରୁଷ କିମ୍ବା ମହିଳାଙ୍କୁ କେବଳ ଲିଙ୍ଗ ଆଧାରରେ ବାଦ ଦେବା ଅନ୍ୟ ପ୍ରଶ୍ନ।

କାର୍ଯ୍ୟାଳୟରେ ଆମକୁ ଦୁଇଟି ମୂଲ୍ୟକୁ ଏକାସାଙ୍ଗେ ରଖିବାକୁ ପଡ଼ିବ - ସମାନତା ଓ ସମ୍ବେଦନଶୀଳତା। ସମାନତାର ଅର୍ଥ ସମସ୍ତଙ୍କୁ ସମାନ ସମ୍ମାନ, ସୁଯୋଗ ଓ ଅଧିକାର ଦେବା। ସମ୍ବେଦନଶୀଳତାର ଅର୍ଥ ଭିନ୍ନ ଲିଙ୍ଗର ଭିନ୍ନ ବାସ୍ତବ ସମସ୍ୟା ଓ ଆବଶ୍ୟକତାକୁ ବୁଝିବା। ତେଣୁ କୌଣସି କାର୍ଯ୍ୟାଳୟରେ ମହିଳା ଅଧିକ କିମ୍ବା ପୁରୁଷ ଅଧିକ ଥିବା ମୂଳସମସ୍ୟା ନୁହେଁ। ସମସ୍ୟା ସେତେବେଳେ ଆରମ୍ଭ ହୁଏ, ଯେତେବେଳେ ଏହି ସଂଖ୍ୟାଗତ ପାର୍ଥକ୍ୟକୁ ଆଧାର କରି ଅଧିକାର, ସମ୍ମାନ, ସୁଯୋଗ, ଦାୟିତ୍ୱ କିମ୍ବା ପେଶାଗତ ସମ୍ପର୍କରେ ଅନ୍ୟାୟ ଭେଦଭାବ ସୃଷ୍ଟି ହୁଏ।

କାର୍ଯ୍ୟାଳୟରେ ପୁରୁଷ ଓ ମହିଳାଙ୍କ ସହଭାଗିତାକୁ ଲିଙ୍ଗର ଚଷମାରେ ନୁହେଁ, ଦାୟିତ୍ୱ, ଯୋଗ୍ୟତା, ଆବଶ୍ୟକତା, ସୁରକ୍ଷା ଓ ସମାନ ସମ୍ମାନର ମାପଦଣ୍ଡରେ ଦେଖିବା ସମାଜର ଲକ୍ଷ୍ୟ ହେବା ଉଚିତ। ମହିଳାଙ୍କୁ ପୁରୁଷଙ୍କ ବିରୋଧରେ ନୁହେଁ, ପୁରୁଷଙ୍କୁ ମହିଳାଙ୍କ ବିରୋଧରେ ନୁହେଁ; ବରଂ ଉଭୟଙ୍କୁ ପରସ୍ପର ସମ୍ମାନ, ସହଯୋଗ ଓ ସମାନ ଅଧିକାର ସହ ଏକାଠି କାମ କରିବାର ପରିବେଶ ଦେବା ହିଁ ମୁଖ୍ୟ ଆହ୍ୱାନ। ଏହା ହିଁ ଆଧୁନିକ କାର୍ଯ୍ୟସ୍ଥଳର ଆବଶ୍ୟକତା।

ସମ୍ବଲପୁର, ମୋ: ୯୪୩୭୪୦୫୪୫୫

କଳିଙ୍ଗରେ ହୀନଯାନ ବୌଦ୍ଧ ଧର୍ମ

ପ୍ରବୀର କୁମାର ପଟ୍ଟନାୟକ

ଓଡ଼ିଶାର ବୌଦ୍ଧ ପରମ୍ପରା



ପୂର୍ବପ୍ରକାଶିତ ଉତ୍ତାରୁ...

ସେହିଦିନ ହିଁ ହର୍ଷବର୍ଦ୍ଧନ ନାଳନ୍ଦା ମହାବିହାରର ସେତେବେଳର ପ୍ରସିଦ୍ଧ କୁଳପତି ଆଚାର୍ଯ୍ୟ ଶୀଳଭଦ୍ରଙ୍କ ନିକଟକୁ ଏକ ବାର୍ତ୍ତା ପଠାଇଥିବା ଜଣାଯାଏ। ସେଥିରେ ସେ ଲେଖିଥିଲେ 'ଓଡ଼ିଶା ଦେଇ ଯାତ୍ରା କରୁଥିବା ସମୟରେ ମୁଁ କେତେଜଣ ହୀନଯାନୀ ଭିକ୍ଷୁଙ୍କୁ ଭେଟିଲି। ସେମାନେ ସଂକୀର୍ଣ୍ଣ ଦୃଷ୍ଟିକୋଣରେ ଆବଦ୍ଧ ଏବଂ ମହାଯାନକୁ ନିନ୍ଦା କରୁଥିବା ଏକ ଶାସ୍ତ୍ର ଅନୁସରଣ କରନ୍ତି। ସେମାନେ ମହାଯାନର ଅନୁଗାମୀମାନଙ୍କୁ ଏକ ଭିନ୍ନ ଧର୍ମର ଲୋକ ବୋଲି କହୁଛନ୍ତି ଏବଂ ଏହି ବିଷୟରେ ବିତର୍କ କରିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି। ମୁଁ ଜାଣେ ଆପଣଙ୍କ ମହାବିହାରରେ ଅନେକ ପ୍ରତିଷ୍ଠିତ ତଥା ଅସାଧାରଣ ପ୍ରତିଭାସଂପନ୍ନ ଆଚାର୍ଯ୍ୟ ଅଛନ୍ତି, ଯେଉଁମାନେ ନିଶ୍ଚୟ ସେମାନଙ୍କୁ ତର୍କରେ ପରାସ୍ତ କରିପାରିବେ। ତେଣୁ ମୁଁ ଅନୁରୋଧ କରୁଛି ଆପଣ ଚାରିଜଣ ଶ୍ରେଷ୍ଠ ଓ ବିଦ୍ୱାନ ଭିକ୍ଷୁଙ୍କୁ ଓଡ଼ିଶାକୁ ପଠାଇବେ। କିନ୍ତୁ ସେହିଦିନ ହିଁ ଆଉ ଏକ ପତ୍ର ପଠାଇ ଏତେ ଶୀଘ୍ର କାହାକୁ ନ ପଠାଇବା ପାଇଁ ଜଣାଇଥିଲେ।

ଏହି ଧାର୍ମିକ ସମ୍ମିଳନୀ ବାସ୍ତବରେ ଅନୁଷ୍ଠିତ ହୋଇଥିଲା କି ନାହିଁ, ତାହା ଜଣାନାହିଁ। କିନ୍ତୁ ରାଜା ହର୍ଷଙ୍କ ଏହି ପତ୍ରସବୁ ଓଡ଼ିଶାରେ ହୀନଯାନର ପ୍ରଭାବକୁ ରୋକିବା ନିମନ୍ତେ ତାଙ୍କର ଗଭୀର ଆଗ୍ରହକୁ ସ୍ପଷ୍ଟ ଭାବେ ପ୍ରତିଫଳିତ କରେ। ଓଡ଼ିଶାରେ ହୀନଯାନର ଯେଉଁ ଶକ୍ତିଶାଳୀ ପ୍ରଭାବ ସେ ଅନୁଭବ କରିଥିଲେ ତାହା ତାଙ୍କୁ ବେଶ୍ ଚିନ୍ତିତ କରିଥିଲା।

ସ୍ପଷ୍ଟତଃ, ସେତେବେଳେ ଓଡ଼ିଶାରେ ଏପରି କୌଣସି ମହାଯାନୀ ମହାଦାର୍ଶନିକ ଉପସ୍ଥିତ ନଥିଲେ, ଯେଉଁମାନେ ହୀନଯାନୀ ଭିକ୍ଷୁମାନଙ୍କର ଶକ୍ତିଶାଳୀ ପ୍ରଚାର କାର୍ଯ୍ୟର ସମ୍ମୁଖୀନ ହୋଇ ମହାଯାନର ପକ୍ଷ ସମର୍ଥନ କରିପାରିଥା'ନ୍ତେ। ଦିଙ୍ନାଗ, ଧର୍ମପାଳ, ବସୁମିତ୍ର, ତ୍ରିରତ୍ନ ଦାସ ଓ ଚନ୍ଦ୍ରକୀର୍ତ୍ତିଙ୍କ ପରି ମହାନ୍ ଆଚାର୍ଯ୍ୟମାନେ ନିଜ ନିଜର ପାଣ୍ଡିତ୍ୟପୂର୍ଣ୍ଣ ରଚନା ଓ ଧର୍ମ ପ୍ରଚାର ମାଧ୍ୟମରେ ଓଡ଼ିଶାର ଧର୍ମ ଓ ସଂସ୍କୃତି ଉପରେ ଗଭୀର ପ୍ରଭାବ ପକାଇ ପାରିଥା'ନ୍ତେ; କିନ୍ତୁ ସେମାନେ ସମସ୍ତେ ପରଲୋକଗମନ କରିସାରିଥିଲେ। କୁମାରିଲ, ଉଦ୍ୟୋତକର ଓ ଅନ୍ୟ ପଣ୍ଡିତଙ୍କ ସହ ସଫଳତାର ସହ ତର୍କବିତର୍କ କରିଥିବା ଓ କଳିଙ୍ଗରେ ବାସ କରି ଧର୍ମ ପ୍ରଚାର କରିଥିବା ମହାନ ଧର୍ମକୀର୍ତ୍ତି ସେତେବେଳେ ସମ୍ଭବତଃ କାର୍ଯ୍ୟକ୍ଷମ ନଥିଲେ।

ହର୍ଷବର୍ଦ୍ଧନ ନିଜେ ଓଡ଼ିଶାରେ ମହାଯାନର କୌଣସି ପ୍ରସିଦ୍ଧ ଆଚାର୍ଯ୍ୟମାନଙ୍କର ଅନୁପସ୍ଥିତି ବୁଝିପାରିଥିଲେ। ତେଣୁ ହୀନଯାନୀମାନଙ୍କର ପ୍ରଭାବଶାଳୀ ପ୍ରଚାରକୁ ନିରବ କରିବା ନିମନ୍ତେ ସେ ଓଡ଼ିଶାରେ କେତେଜଣ ପ୍ରସିଦ୍ଧ ଆଚାର୍ଯ୍ୟଙ୍କୁ ସ୍ଥାପିତ କରିବାକୁ ଆଗ୍ରହୀ ଥିଲେ। ସମ୍ଭବତଃ ଏହି ଉଦ୍ଦେଶ୍ୟରେ ସେ ପ୍ରସିଦ୍ଧ ଦାର୍ଶନିକ ଆଚାର୍ଯ୍ୟ ଜୟସେନଙ୍କୁ ଓଡ଼ିଶାରେ ବାସ କରିବାକୁ ଆମନ୍ତ୍ରଣ କରିଥିଲେ। ଏଥିପାଇଁ ସେ ତାଙ୍କୁ ଅଶୀଗୋଟି ବଡ଼ ସହରର ରାଜସ୍ୱ ପ୍ରଦାନ କରିବା ନିମନ୍ତେ ମଧ୍ୟ ପ୍ରସ୍ତାବ ଦେଇଥିଲେ। କିନ୍ତୁ 'ବହୁଶାସ୍ତ୍ରର ଆଚାର୍ଯ୍ୟ' ଭାବେ ପରିଚିତ ଜୟସେନ ବାରମ୍ବାର ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ। ତାଙ୍କ ମତରେ, ଏପରି ସାଂସାରିକ ସଂପତ୍ତି ଓ ଭୋଗବିଳାସ ଶେଷରେ ମନୁଷ୍ୟ ଜୀବନରେ ଚିନ୍ତା, ଦୁଃଖ ଓ ବିଭିନ୍ନ ଜଟିଳତାର କାରଣ ହୋଇଥାଏ।(ସମାପ୍ତ)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ବିଜେପି ଶାସନରେ ଓଡ଼ିଶାର ପର୍ଯ୍ୟଟନସ୍ଥଳୀ ଅସୁରକ୍ଷିତ: ବିଜେଡି

ମହିଳା ଓ ପର୍ଯ୍ୟଟକଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ବିଫଳ

ରଥଯାତ୍ରାରେ ବାରମ୍ବାର ଘଟୁଥିବା ଅଘଟଣ ରାଜ୍ୟର ଭାବମୂର୍ତ୍ତିକୁ କ୍ଷୁଣ୍ଣ କରୁଛି

ରାଜ୍ୟର ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ଆବଶ୍ୟକ ଭିତ୍ତିଭୂମି ସହ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବାକୁ ଦାବି

ଭୁବନେଶ୍ୱର,୨୩।୧୦(ସମିସ): ବିଜେପି ସରକାରରେ ଓଡ଼ିଶାର ପର୍ଯ୍ୟଟନସ୍ଥଳୀ ଗୁଡ଼ିକରେ ପର୍ଯ୍ୟଟକମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ପ୍ରାକୃତିକ ଐତିହ୍ୟ ପାଇଁ ସମଗ୍ର ବିଶ୍ୱରେ ଓଡ଼ିଶା ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବେଳେ ପର୍ଯ୍ୟଟନସ୍ଥଳୀ ଗୁଡ଼ିକରେ ପର୍ଯ୍ୟଟକଙ୍କ ସୁରକ୍ଷାକୁ ନେଇ ଉଦବେଗଜନକ ଘଟଣା ଘଟୁଥିବାରୁ ଓଡ଼ିଶା ବାରମ୍ବାର ନିନ୍ଦିତ ହେଉଛି। ପର୍ଯ୍ୟଟନସ୍ଥଳୀରେ ଦୁଷ୍କର୍ମ ଓ ଗଣଦୁଷ୍କର୍ମ ବୃଦ୍ଧି ପାଇବା ସହିତ ରଥଯାତ୍ରା ସମୟରେ ଘଟୁଥିବା ଅଘଟଣ ସରକାରଙ୍କ ସୁରକ୍ଷା ବ୍ୟବସ୍ଥା ଓ ପ୍ରଶାସନିକ ପ୍ରସ୍ତୁତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି ବିଜେଡି କହିଛି।

ଶୁକ୍ରବାର ଏକ ପ୍ରେସ୍ ବିବୃତି ମାଧ୍ୟମରେ ଦଳର ଗଣମାଧ୍ୟମ ସଂଯୋଜକ ଡ. ଲେନିନ୍ ମହାନ୍ତି କହିଥିଲେ ଯେ ପର୍ଯ୍ୟଟନର ବିକାଶ ନେଇ ସରକାର ଡିଣ୍ଡିମ ପିଟୁଥିବା ବେଳେ ପର୍ଯ୍ୟଟକଙ୍କ ସୁରକ୍ଷାକୁ ପାସୋରି ଯାଉଛନ୍ତି। ଗୋପାଳପୁର ବେଳାଭୂମିରେ ଜଣେ ଯୁବତୀଙ୍କୁ ତାଙ୍କ ପୁରୁଷ ବନ୍ଧୁଙ୍କ ସମ୍ମୁଖରେ ଗଣଦୁଷ୍କର୍ମ ଘଟଣା ସାରା ଦେଶରେ ଓଡ଼ିଶାର ଛବିକୁ ମଳିନ କରିଥିଲା। ସେହିପରି ୨୦୨୫ ସେପ୍ଟେମ୍ବରରେ ପୁରୀ ଜିଲ୍ଲାର ବାଲିହରଚଣ୍ଡୀ ନିକଟରେ ଜଣେ କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ, ୨୦୨୫ ଡିସେମ୍ବରରେ ଧଉଳି ପର୍ଯ୍ୟଟନସ୍ଥଳୀ ନିକଟରେ ଜଣେ ନାବାଳିକାଙ୍କୁ ଗଣଦୁଷ୍କର୍ମ ଘଟଣା ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ପ୍ରଶ୍ନ ଉଠାଇଥିଲା। ଏଥିସହିତ ଢେଙ୍କାନାଳର କପିଳାସ ଓ ପୁରୀର ଏକ ରେସ୍ତୋରାଁରେ ପର୍ଯ୍ୟଟକଙ୍କୁ ଆକ୍ରମଣ ଘଟଣା ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତର ଏକ ନଗ୍ନ ଚିତ୍ର। ଅନ୍ୟପକ୍ଷରେ ୨୦୨୫ ରଥଯାତ୍ରା ସମୟରେ ଗୁଣ୍ଡିଚା ମନ୍ଦିର ନିକଟରେ ଘଟିଥିବା ଦଳାଚକଟାରେ ୩ ଜଣ ଭକ୍ତଙ୍କ ମୃତ୍ୟୁ ହେବା ସହ ୫୦ରୁ ଅଧିକ ଭକ୍ତ ଆହତ ହେବା ଘଟଣା ପ୍ରଶାସନିକ ପ୍ରସ୍ତୁତିରେ ଥିବା ତ୍ରୁଟିକୁ ସାମ୍ନାକୁ ଆଣିଥିଲା। ସେହିପରି ୨୦୨୬ ରଥଯାତ୍ରା ସମୟରେ ମଧ୍ୟ ଭିଡ ଓ ପରିଚାଳନାଗତ ତ୍ରୁଟି ଯୋଗୁଁ ୨ ଜଣ ଭକ୍ତଙ୍କ ମୃତ୍ୟୁ ହୋଇଥିବା ବେଳେ ବହୁ ଭକ୍ତ ଆହତ ହୋଇଥିଲେ। ବିଜେପି ସରକାରର ଅପାରଗ ପଣିଆ ପାଇଁ ସାରା ବିଶ୍ୱରେ ଓଡ଼ିଶା ଆଜି ଲଜ୍ଜିତ ହେଉଛି। ସେ ଆହୁରି କହିଥିଲେ ଯେ ପର୍ଯ୍ୟଟକଙ୍କ ସୁରକ୍ଷା ସହିତ ଠକ ଟ୍ରାଭେଲ୍ ଏଜେନ୍ସି ଓ ହୋଟେଲ୍ ବୁକିଂରେ ଠକେଇ ଭଳି ସମସ୍ୟା ମଧ୍ୟ ପର୍ଯ୍ୟଟନ କ୍ଷେତ୍ରକୁ ଅଧିକ କ୍ଷତି ପହଞ୍ଚାଉଛି। ଓଡ଼ିଶାକୁ ଏକ ସୁରକ୍ଷିତ, ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ଭାବେ ଗଢ଼ିତୋଳିବା ପାଇଁ କେବଳ ପ୍ରଚାର ଯଥେଷ୍ଟ ନୁହେଁ, ଏଥିପାଇଁ ଦୃଢ଼ ସୁରକ୍ଷା ବ୍ୟବସ୍ଥା, ଦାୟିତ୍ୱବୋଧ ଓ ପ୍ରଭାବଶାଳୀ ପ୍ରଶାସନ ଆବଶ୍ୟକ। ରାଜ୍ୟର ସମସ୍ତ ପ୍ରମୁଖ ପର୍ଯ୍ୟଟନସ୍ଥଳୀରେ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା, ସିସିଟିଭି କ୍ୟାମେରା, ସ୍ୱତନ୍ତ୍ର ସୁରକ୍ଷାକର୍ମୀ ଓ ନିୟମିତ ରାତ୍ରିକାଳୀନ ପାଟ୍ରୋଲିଂ ବ୍ୟବସ୍ଥା କରାଯାଉ। ମହିଳା ଓ ପର୍ଯ୍ୟଟକଙ୍କ ସହ ଘଟୁଥିବା ଅପରାଧର ତ୍ୱରିତ ଓ ନିରପେକ୍ଷ ତଦନ୍ତ କରାଯାଇ ଦୋଷୀଙ୍କୁ ଆଇନ ଅନୁଯାୟୀ କଠୋର ଦଣ୍ଡ ପ୍ରଦାନ କରାଯାଉ। ନବୀନ ପଟ୍ଟନାୟକଙ୍କ ସମୟରେ ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶା ଯେଉଁ ସୁନାମ ଅର୍ଜନ କରିଥିଲା, ତାକୁ ବଜାୟ ରଖିବା ସହ ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ସୁରକ୍ଷାକୁ ନେଇ ମହିଳା ଓ ପର୍ଯ୍ୟଟକଙ୍କ ମନରେ ବିଶ୍ୱାସ ଫେରାଇ ଆଣିବା ପାଇଁ ବିଜେପି ସରକାର ତୁରନ୍ତ ଠୋସ୍ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ସେ ଦାବି କରିଛନ୍ତି।

ଏସିଏଫ୍ ସୌମ୍ୟରଂଜନ ମୃତ୍ୟୁ ମାମଲା

କେସ୍ ଡାଏରୀ ଦାଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୨୩।୧୦(ସମିସ): ବହୁ ଚର୍ଚ୍ଚିତ ପାରଳା ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ମାମଲାରେ ଅନ୍ୟତମ ଅଭିଯୁକ୍ତ ପତ୍ନୀ ବିଦ୍ୟାଭରତୀ ପଣ୍ଡାଙ୍କୁ ମିଳିନାହିଁ ଅନ୍ତରୀଣ ସୁରକ୍ଷା। ଆଜି ମାମଲାର ଶୁଣାଣି ହୋଇଥିଲା ବେଳେ ସରକାରଙ୍କୁ କେସ ଡାଏରୀ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ବିଦ୍ୟାଭାରତୀଙ୍କ ଆଗୁଆ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ବିଦ୍ୟାଭାରତୀଙ୍କୁ ଅଦାଲତ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିନଥିବାରୁ ତାଙ୍କର ଗିରଫଦାରୀ ସମ୍ଭାବନା ବଢ଼ିଛି। ପୂଜା ଅବକାଶ ପରେ ବିଦ୍ୟାଭାରତୀଙ୍କ ଆଗୁଆ ଜାମିନ ଆବେଦନର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ମାମଲାରୁ ପ୍ରକାଶ ଯେ ଗତ ୨୦୨୧, ଜୁଲାଇରେ ଫରେଷ୍ଟ କଲୋନିସ୍ଥିତ ନିଜ ସରକାରୀ ବାସଭବନରେ ଏସିଏଫ୍ ସୌମ୍ୟରଞ୍ଜନଙ୍କ ସନ୍ଦେହଜନକ ଅବସ୍ଥାରେ ପୋଡ଼ି ହୋଇ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ସୌମ୍ୟରଞ୍ଜନଙ୍କ ପତ୍ନୀ, ତତ୍କାଳୀନ ଡିଏଫଓ ଓ ରୋଷେୟାଙ୍କ ସଂପୃକ୍ତି ଥିବା ପରିବାର ତରଫରୁ ଅଭିଯୋଗ କରାଯାଇଥିଲା। ବିଦ୍ୟାଭାରତୀଙ୍କ ବିରୋଧରେ ନିମ୍ନ ଅଦାଲତ ମାମଲା ବିଚାର ପାଇଁ ଗ୍ରହଣ କରିଥିଲେ। ଏହି ଆଦେଶ ବିରୋଧରେ ସେ ପ୍ରଥମେ ହାଇକୋର୍ଟରୁ ନିରାଶ ହୋଇଥିଲେ। ଏସଡିଜେଏମ ଅଦାଲତରେ ହାଜର ହେବାକୁ ବିଦ୍ୟାଭାରତୀଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ବିରୋଧରେ ସେ ସୁପ୍ରିମକୋର୍ଟରେ ଏସଏଲପି ଦାୟର କରିଥିଲେ ସୁଦ୍ଧା ଏହା ଖାରଜ ହୋଇଯାଇଥିଲା। ଏହାପରେ ସମ୍ଭାବ୍ୟ ଗିରଫଦାରୀ ଏଡ଼ାଇବା ପାଇଁ ବିଦ୍ୟାଭାରତୀ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ ଦାୟର କରିଥିଲେ।

ଭାରତ ଅନ୍ତର୍ଜାତୀୟ ଚାଉଳ ସମ୍ମିଳନୀ-୨୦୨୬ରେ ଓରମାସ୍‌ର ଅଂଶଗ୍ରହଣ

ଭୁବନେଶ୍ୱର,୨୩।୧୦(ସମିସ): ଓଡ଼ିଶାର ପାରମ୍ପରିକ ଚାଉଳର ବିବିଧତା ଓ ସମୃଦ୍ଧ କୃଷି ଐତିହ୍ୟକୁ ବିଶ୍ୱସ୍ତରରେ ପରିଚିତ କରାଇବା ଲକ୍ଷ୍ୟରେ ନୂଆଦିଲ୍ଲୀ ଭାରତ ମଣ୍ଡପମ୍‌ଠାରେ ଆୟୋଜିତ ହୋଇଛି ଭାରତ ଅନ୍ତର୍ଜାତୀୟ ଚାଉଳ ସମ୍ମିଳନୀ-୨୦୨୬। ଅକ୍ଟୋବର ୨୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀରେ ଓଡ଼ିଶାର ୮ଟି ଜିଲ୍ଲାର ୧୫ପ୍ରକାର ଧାନ ଓ ଚାଉଳ ଉତ୍ପାଦ ପ୍ରଦର୍ଶିତ ହୋଇଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନରେ ଥିବା ଓଡ଼ିଶା ଗ୍ରାମୀଣ ବିକାଶ ଓ ବିପଣନ ସମିତି (ଓରମାସ୍) ପକ୍ଷରୁ ଏହି ପଦକ୍ଷେପ ନିଆଯାଇଥିବା ବେଳେ ଓଡ଼ିଶାର ଏହି ସ୍ୱତନ୍ତ୍ର ଉତ୍ପାଦକୁ ବଡ଼ ବଜାରରେ ପହଞ୍ଚାଇବା ସହ ଗ୍ରାମାଞ୍ଚଳର ଲୋକଙ୍କ ପାଇଁ ରୋଜଗାରର ନୂଆ ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟ ରହିଛି। ଏଥିରେ ୮୫ଟି ଗୋଷ୍ଠୀଭିତ୍ତିକ ସଂଗଠନର ୩,୬୯୫ ଜଣ ସଦସ୍ୟ ସାମିଲ ହେବା ସହ ଏହା ମାଧ୍ୟମରେ ଚାଷୀମାନେ ଏକାଠି ହୋଇ ନିଜ ଅଞ୍ଚଳର ପାରମ୍ପରିକ ଚାଉଳର ପରିଚୟକୁ ବଞ୍ଚାଇ ରଖିବା ସହ ଏହାକୁ ନୂଆ ବଜାରରେ ପହଞ୍ଚାଇବାର ସୁଯୋଗ ପାଉଛନ୍ତି। ପ୍ରଦର୍ଶିତ ଚାଉଳ ଉତ୍ପାଦଗୁଡ଼ିକ ମଧ୍ୟରେ ପୁରୀର ସାରଳା, ସୋନା ମସୁରୀ, ପୂଜା ଓ ସମ୍ରାଟ, କେନ୍ଦ୍ରାପଡ଼ାର ଲୀଳାବତୀ ସୁଗନ୍ଧିତ ଚାଉଳ, କୋରାପୁଟର ଜିଆଇ ଟ୍ୟାଗପ୍ରାପ୍ତ କଳାଜୀର, ମୟୂରଭଞ୍ଜର ମୁଗେଇ, ସଲାଫୁଲା ଓ କଳାଚମ୍ପା, ଜଗତସିଂହପୁରର ଲୋ-ଜିଆଇ ଚାଉଳ ଆଦି ୮ଟି ଜିଲ୍ଲାର ୧୫ ପ୍ରକାର ଚାଉଳ ଅନ୍ତର୍ଭୁକ୍ତ। ଏହି ସମ୍ମିଳନୀ ଓଡ଼ିଶାର ସ୍ୱତନ୍ତ୍ର ଚାଉଳ କିସମକୁ ବିଶ୍ୱସ୍ତରରେ ପରିଚିତ କରାଇବାର ସୁଯୋଗ ଦେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଶାବ୍ୟକ୍ତ କରିଛନ୍ତି। ଏହି ଅଂଶଗ୍ରହଣ କେବଳ ଚାଉଳର ପ୍ରଦର୍ଶନରେ ସୀମିତ ନୁହେଁ, ଚାଷୀ ଓ ଉତ୍ପାଦକ ଗୋଷ୍ଠୀଙ୍କୁ ବ୍ୟବସାୟୀ, ଖୁଚୁରା ବିକ୍ରେତା, ଚାଉଳ ପ୍ରୋସେସିଂ ସଂସ୍ଥା, ହୋଟେଲ, ରେସ୍ତୋରାଁ ଓ ବିଭିନ୍ନ ଅନୁଷ୍ଠାନର କ୍ରେତାଙ୍କ ସହ ଯୋଡ଼ିବା ଏହାର ଅନ୍ୟତମ ଉଦ୍ଦେଶ୍ୟ। ଓରମାସ୍ ପକ୍ଷରୁ ଆକର୍ଷଣୀୟ ପ୍ୟାକେଟ୍‌ରେ ଉତ୍ପାଦ ବିକ୍ରି, ନମୁନା ପ୍ରଦର୍ଶନ, ଯୋଗାଣ ଓ ବିତରଣ ବ୍ୟବସ୍ଥା ଏବଂ ବିଭିନ୍ନ ବ୍ୟବସାୟିକ ସଂସ୍ଥା ସହ ଭାଗୀଦାରି ପାଇଁ ସୁଯୋଗ ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଉଛି।

ସମ୍ଭାବ୍ୟ ବାତ୍ୟା ପାଇଁ ରାଷ୍ଟ୍ରପତିଙ୍କ ରାଇରଙ୍ଗପୁର ଗସ୍ତରେ ପରିବର୍ତ୍ତନ

ନଭେମ୍ବର ୪ରେ ଆସିପାରନ୍ତି ରାଷ୍ଟ୍ରପତି

ବାରିପଦା, ୨୩।୧୦(ସମିସ): ସମ୍ଭାବ୍ୟ ବାତ୍ୟା ପାଇଁ ଆସନ୍ତା ୨୮ ଓ ୨୯ ତାରିଖରେ ରାଷ୍ଟ୍ରପତିଙ୍କ ରାଇରଙ୍ଗପୁର ଗସ୍ତ କାର୍ଯ୍ୟକ୍ରମ ପରିବର୍ତ୍ତନ ହେବାକୁ ଯାଉଛି। ଏ ନେଇ ରାଜ୍ୟ ସରକାର ଓ ରାଷ୍ଟ୍ରପତିଙ୍କ ସଚିବାଳୟର ଟୁର୍ ସେକ୍ସନ ପକ୍ଷରୁ ସମ୍ପୃକ୍ତ ପ୍ରଶାସନିକ ଅଧିକାରୀଙ୍କୁ ରାଷ୍ଟ୍ରପତିଙ୍କ ଯାତାୟାତ ସମୟ, ଦୂରତା ଓ ରାସ୍ତାର ସ୍ଥିତି ସମ୍ପର୍କରେ ବିଚାରବିମର୍ଶ ଆରମ୍ଭ ହୋଇଛି। ୨୮ ଓ ୨୯ ପରିବର୍ତ୍ତେ ନଭେମ୍ବର ୪ ଓ ୫ତାରିଖ ଗସ୍ତସୂଚୀ ହୋଇପାରେ ବୋଲି କୁହାଯାଉଛି। ପୂର୍ବରୁ ରାଷ୍ଟ୍ରପତି ସଚିବାଳୟ ପକ୍ଷରୁ ଅକ୍ଟୋବର ୧୩ ତାରିଖରେ ଜାରି ହୋଇଥିବା ଏହି ଚିଠିରେ ଅକ୍ଟୋବର ୨୮ରୁ ୨୯ ତାରିଖ ପର୍ଯ୍ୟନ୍ତ ରାଷ୍ଟ୍ରପତିଙ୍କ ଓଡ଼ିଶାର ରାଇରଙ୍ଗପୁର ଓ ପଶ୍ଚିମବଙ୍ଗର କଲାଇକୁଣ୍ଡା ଗସ୍ତ ପରିପ୍ରେକ୍ଷୀରେ ରାସ୍ତା ଯାତ୍ରାର ସମୟ ନିର୍ଦ୍ଧାରଣ ହୋଇଥିଲା।

ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ, ଅକ୍ଟୋବର ୨୮ ତାରିଖରେ ଦାଣ୍ଡବୋଷ ବିମାନବନ୍ଦରରୁ ଯାତ୍ରା ଆରମ୍ଭ କରି ବହଳଦାସ୍ଥ ମା' କିଚକେଶ୍ୱରୀ ମନ୍ଦିର, ମାହୁଲଡିହାର ଲକ୍ଷ୍ମୀମଣ୍ଡପ ଓ ରାଇରଙ୍ଗପୁରସ୍ଥ ରାଷ୍ଟ୍ରପତିଙ୍କ ଗୃହକୁ ଯିବାର କାର୍ଯ୍ୟକ୍ରମ ରହିଥିଲା। ଏହାପରେ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ଓ ରାଇରଙ୍ଗପୁର କଚେରି ପଡ଼ିଆ ଗସ୍ତ ସହ ହଲିଡେ ହୋମ୍‌କୁ ଯାତାୟାତର ରୂପରେଖ ପ୍ରସ୍ତୁତି ଜାରି ରହିଥିଲା। ଅକ୍ଟୋବର ୨୯ ତାରିଖରେ ରାଇରଙ୍ଗପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ବିକାଶ ନଗର ଓ ଗୋରୁମହିଷାଣୀ ଆଇରନ୍ କଲେଜସ୍ଥ ମଲ୍ଟି ସ୍କିଲ୍ ଡେଭଲପମେଣ୍ଟ ସେଣ୍ଟର ସମେତ ଟାଉନ୍ ହଲ୍ ଗସ୍ତର କାର୍ଯ୍ୟସୂଚୀ ରହିଥିଲା।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

ଦିଲ୍ଲୀରେ ପଶି ପାରିବନି...

ପରେ ମଧ୍ୟ ବିଏସ୍ ମାନଦଣ୍ଡ ଅନୁପାଳନ କରୁ ନ ଥିବା ଯାନ ସହିତ ଦିଲ୍ଲୀରେ ପ୍ରବେଶ କରିବାକୁ ଚେଷ୍ଟା କରନ୍ତି, ତେବେ ଟ୍ରାଫିକ୍ ପୋଲିସ ଏବଂ ପରିବହନ ବିଭାଗ ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଏହି ପ୍ରଦୂଷଣ ନିୟନ୍ତ୍ରଣ ଯୋଜନା ଅନୁଯାୟୀ, ପ୍ରଶାସନ ପ୍ରବେଶ ନିଷେଧ ପର୍ଯ୍ୟନ୍ତ ଏହି ନିୟମକୁ ସୀମିତ ରଖିନାହିଁ। ଏହା ଦିଲ୍ଲୀ-ଏନ୍‌ସିଆର୍‌ର ସମସ୍ତ ପେଟ୍ରୋଲ ପମ୍ପରେ "ପିୟୁସି ନାହିଁ, ଇନ୍ଧନ ନାହିଁ" ନିୟମକୁ ମଧ୍ୟ କଠୋର ଭାବରେ ଲାଗୁ କରିଛି। ଏହି ନୀତି ଅନୁଯାୟୀ, କୌଣସି ଯାନକୁ ବୈଧ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ନ ଥିଲେ ଇନ୍ଧନ ମିଳିବନାହିଁ। ଦିଲ୍ଲୀ ମଧ୍ୟରେ ପ୍ରାଧିକୃତ ପାର୍କିଂ ସ୍ଥାନରେ ପାର୍କିଂ ଫି' ମଧ୍ୟ ଦ୍ୱିଗୁଣିତ କରାଯାଇଛି ଯାହାଦ୍ୱାରା ଲୋକମାନଙ୍କୁ ବ୍ୟକ୍ତିଗତ ଯାନବାହାନର ବ୍ୟବହାରକୁ କମ୍ କରିବା ଏବଂ ସାର୍ବଜନୀନ ପରିବହନ କିମ୍ବା ମେଟ୍ରୋର ସର୍ବାଧିକ ବ୍ୟବହାର କରିବାକୁ ପ୍ରୋତ୍ସାହିତ କରାଯାଇପାରିବ।

ଦାନା ବାନ୍ଧୁଛି...

ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ରେଡ୍ ଆଲର୍ଟ ଜାରି କରିଛି। ଏହି ସମୟରେ ଗଞ୍ଜାମଠାରୁ ବାଲେଶ୍ୱର ପର୍ଯ୍ୟନ୍ତ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ମଧ୍ୟ କିଛି କିଛି ବର୍ଷା ଅନୁଭୂତ ହେବ। ବାତ୍ୟା ଯୋଗୁଁ ୨୬ ତାରିଖରୁ ସମୁଦ୍ର ଅଶାନ୍ତ ରହିବ। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୨୬ ତାରିଖରୁ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି।

୧୮ ରାଜ୍ୟର ୮୮...

ଦଳର ନେତାଙ୍କ ସମେତ ଚାଷୀ, ଛାତ୍ରଛାତ୍ରୀ ଓ ସାମାଜିକ ସଂଗଠନ ଜ୍ଞାନେଶଙ୍କ ଇସ୍ତଫା ଦାବିରେ ଏକାଠି ହୋଇଛନ୍ତି। ଆଜି ସେମାନେ ନିର୍ବାଚନ କମିସନ ଅଫିସ ଆଡ଼କୁ ଶୋଭାଯାତ୍ରାରେ ଯାଉଥିବା ବେଳେ ବାଙ୍ଗଲା ସାହିବ ଗୁରୁଦ୍ୱାର ନିକଟରେ ପୁଲିସ ସେମାନଙ୍କୁ ଅଟକାଇବାରୁ ସେମାନଙ୍କ ମଧ୍ୟରେ କିଛି ସମୟ ପାଇଁ ଧସ୍ତାଧସ୍ତି ହୋଇଥିଲା। ସେଠାରେ ପୁଲିସ ବାରିକେଡ୍ ଲଗାଇଥିଲା। ବାରିକେଡ୍ ଭାଙ୍ଗିବା ଲାଗି ଆନ୍ଦୋଳନକାରୀ ଉଦ୍ୟମ କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ପୁଲିସ ଶତାଧିକ ଆନ୍ଦୋଳନକାରୀଙ୍କୁ ଅଟକ ରଖିଥିଲା। ସିପିଏମ୍ ନେତ୍ରୀ ବୃନ୍ଦା କାରାତଙ୍କୁ ମଧ୍ୟ ପୁଲିସ ଅଟକ ରଖିଛି।

'ପିପୁଲ୍ ଏଗେନଷ୍ଟ ଏସ୍‌ଆଇଆର୍' ଏବଂ ଛାତ୍ର ସଂଗଠନ ଆଇସା ପକ୍ଷରୁ ଏହି ପ୍ରତିବାଦ ଡକାଯାଇଥିଲା। ଏଥିରେ ସଂଯୁକ୍ତ କିଷାନ ମୋର୍ଚ୍ଚା, ଶ୍ରମିକ ସଂଘ, ଛାତ୍ର ସଂଘ ଓ ସାମାଜିକ ସଂଗଠନ ସାମିଲ ହୋଇଛନ୍ତି। ଏସଆଇଆର ବାତିଲ ସହିତ ଜ୍ଞାନେଶ କୁମାର ଇସ୍ତଫା ନଦେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ବୃନ୍ଦା କହିଛନ୍ତି। ସେ କହିଛନ୍ତି ଯେ ଆସନ୍ତା ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ୧୮ଟି ରାଜ୍ୟର ୮୮ଟି ସହରରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏହାପରେ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ। ଏହି ଆନ୍ଦୋଳନରେ ୧୪୫ଟି ସଂଗଠନ ଓ ସଂଘ ସାମିଲ ଥିବା ସେ କହିଛନ୍ତି। ନଭେମ୍ବର ୧ ତାରିଖରେ ଇଣ୍ଡିଆ ମେଣ୍ଟ ପକ୍ଷରୁ ରାମଲୀଳା ମଇଦାନରେ ବଡ଼ ଧରଣର ସମାବେଶ କରାଯିବ। ଇତିମଧ୍ୟରେ କକ୍ରୋଚ ଜନତା ପାର୍ଟି (ସିଜେପି) ପକ୍ଷରୁ ଆଜି କୁହାଇଛି ଯେ ଏସଆଇଆର ଏବଂ ଜ୍ଞାନେଶ କୁମାରଙ୍କ ବିରୋଧରେ ଆନ୍ଦୋଳନ ଜାରି ରହିଛି। ଏହି ଆନ୍ଦୋଳନକୁ ଆହୁରି ତୀବ୍ର କରିବା ଲାଗି ନୂଆ ରଣନୀତି ପ୍ରସ୍ତୁତ କରାଯାଉଛି। ସିଜେପି ନେତା ଆଶୁତୋଷ ରାଙ୍କା ଏବଂ ସୌରଭ ଦାସ ଆଜି ଏହି ସୂଚନା ଦେଇ କହିଛନ୍ତି ଯେ ଜ୍ଞାନେଶ ନହଟିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ଏଥିରୁ ପଛକୁ ହଟିବାର ନାହିଁ। ଜ୍ଞାନେଶଙ୍କୁ ଇସ୍ତଫା ଦେବାକୁ ପଡ଼ିବ ବୋଲି ସେମାନେ କହିଛନ୍ତି।

ଜିଓ ଆଇପିଓର...

ରିଟେଲ ନିବେଶକ ବର୍ଗରେ ପ୍ରାୟ ୮.୫ କୋଟି ସେୟାର ଉପଲବ୍ଧ ଥିବାବେଳେ ୨୩ କୋଟିରୁ ଅଧିକ ସେୟାର ପାଇଁ ବିଡ୍ ଦାଖଲ ହୋଇଥିଲା। ଅର୍ଥାତ୍, ଉପଲବ୍ଧ ସେୟାର ତୁଳନାରେ ୨.୭୨ ଗୁଣ ଚାହିଦା ରହିଥିଲା। ବୈଧ ଆବେଦନ, ସର୍ବନିମ୍ନ ଲଟ୍ ଏବଂ ପ୍ରଯୁଜ୍ୟ ଆବଣ୍ଟନ ପ୍ରକ୍ରିୟା ଆଧାରରେ ସେୟାର ବଣ୍ଟନ ହେବ।

ଓଡ଼ିଶାକୁ ମିଳିଛି...

ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଓଡ଼ିଶାରେ ନିବେଶ ପାଇଁ ଏହି କମ୍ପାନୀମାନଙ୍କର ଖୁବ୍ ଆଗ୍ରହ ରହିଛି। କମ୍ପାନୀମାନଙ୍କ ସହିତ ଏହି ଆଲୋଚନା ପାଇଁ କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀ ଜେ.ପି. ନଡ୍ଡାଙ୍କର ଖୁବ୍ ସହଯୋଗ ରହିଛି ବୋଲି ଉଲ୍ଲେଖ କରି ଏଥିପାଇଁ ସେ କେନ୍ଦ୍ରମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏକ ମେଟାଲଭିତ୍ତିକ ଅର୍ଥନୀତିରୁ କେମିକାଲଭିତ୍ତିକ ଅର୍ଥନୀତିକୁ ରୂପାନ୍ତରଣ କରିବା ପାଇଁ ଆମର ଯେଉଁ ଲକ୍ଷ୍ୟ ରହିଛି, ତାକୁ ସାକାର କରିବା ଦିଗରେ ଏହି ସମ୍ମିଳନୀ ସହାୟକ ହୋଇଛି। ଓଡ଼ିଶାରେ ମେଟାଲ, ମେଟାଲ ଡାଉନଷ୍ଟ୍ରିମ୍, କେମିକାଲ, ପେଟ୍ରୋ କେମିକାଲ ଏବଂ ପ୍ଲାଷ୍ଟିକ୍ ଆଦି ସମସ୍ତ ପ୍ରକାର ପରସ୍ପର ନିର୍ଭରଶୀଳ ଶିଳ୍ପ ସ୍ଥାପନ କରି ଓଡ଼ିଶାରେ ଏକ କମ୍ପ୍ଲିଟ୍ ଇଣ୍ଡଷ୍ଟ୍ରିଆଲ୍ ଇକୋସିଷ୍ଟମ୍ ଗଠନ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ଏହି ସଫଳ ଅଭିଯାନ ପାଇଁ ଭୁବନେଶ୍ୱର ବିମାନବନ୍ଦରରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ, ସମବାୟ, ହସ୍ତତନ୍ତ ଓ ବୟନ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ମୁଖ୍ୟ ସଚେତକ ସରୋଜ ପ୍ରଧାନ ଏବଂ ଅନେକ ବିଧାୟକ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ।

ଭାରତ-ଚୀନ୍ ସେନା...

କହିଛନ୍ତି। ସୂଚନାଯୋଗ୍ୟ ଯେ ଚୀନ ସହ ୩୪୮୮ କିଲୋମିଟର ଦୀର୍ଘ ସୀମା ସୁରକ୍ଷା ଦାୟିତ୍ୱରେ ଆଇଟିବିପି ରହିଛି। ଅନ୍ୟପକ୍ଷରେ, କଂଗ୍ରେସ ସାଂସଦ ଜୟରାମ ରମେଶ ଏହି ପ୍ରସଙ୍ଗରେ ମୋଦୀ ସରକାରଙ୍କୁ ସମାଲୋଚନା କରିଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସେ କହିଛନ୍ତି, ଅରୁଣାଚଳ ସୀମାରେ ଚୀନ୍ ସେନା ସହ ମୁହାଁମୁହିଁ ସ୍ଥିତି ନେଇ ପ୍ରଧାନମନ୍ତ୍ରୀ ଓ ତାଙ୍କ ସରକାରଙ୍କ ନିରବତା ଚିନ୍ତାଜନକ। ସେପ୍ଟେମ୍ବରରେ ଏଲ୍‌ଏସିରେ ଶାନ୍ତି ବଜାୟ ରଖିବା ପାଇଁ ହୋଇଥିବା ଉଚ୍ଚସ୍ତରୀୟ ସେନା କମାଣ୍ଡରଙ୍କ ଆଲୋଚନାର ଫଳାଫଳ ନେଇ ମଧ୍ୟ ସେ ପ୍ରଶ୍ନ ଉଠାଇଛନ୍ତି। ରମେଶଙ୍କ ଅଭିଯୋଗ ଅନୁଯାୟୀ, ସ୍ଥାନୀୟ ଲୋକେ ପୁଣି ଥରେ କେତେକ ପାଟ୍ରୋଲିଂ ସ୍ଥାନରେ ଭାରତୀୟ ସେନାର ପ୍ରବେଶ ବାଧାପ୍ରାପ୍ତ ହେଉଥିବା ଜଣାଇଛନ୍ତି। ଅରୁଣାଚଳର ବିଭିନ୍ନ ସ୍ଥାନର ନାମ ଚୀନ୍ ପରିବର୍ତ୍ତନ କରୁଥିବା ଏବଂ ୬୦ ହଜାର ମେଗାୱାଟ୍ କ୍ଷମତାର ଏକ ବୃହତ୍ ବନ୍ଧ ନିର୍ମାଣ କରୁଥିବା ନେଇ ମଧ୍ୟ ସେ ଚିନ୍ତା ପ୍ରକାଶ କରିଛନ୍ତି। ଏସଂପର୍କରେ ଆଜି ବୈଦେଶିକ ବିଭାଗ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ବିଭାଗର ମୁଖପାତ୍ର କହିଛନ୍ତି ଯ ସୀମାରେ ପାଟ୍ରୋଲିଂ ନେଇ ଦୁଇ ଦେଶ ମଧ୍ୟରେ ବୁଝାମଣା ହୋଇଥିଲା। କିନ୍ତୁ ଚୀନ ସେନା ଏହାକୁ କାର୍ଯ୍ୟକାରୀ କରୁନାହିଁ। ଏସଂପର୍କରେ ଚୀନ ସହିତ ଉଭୟ କୂଟନୈତିକ ଓ ସାମରିକ ସ୍ତରରେ ଆଲୋଚନା ଚାଲିଛି ଏବଂ ଖୁବଶୀଘ୍ର ଭୁଲ ବୁଝାମଣା ଦୂର ହୋଇଯିବ ବୋଲି ସେ କହିଛନ୍ତି।

ପୁଅର ଡାକ୍ତରୀ ପଢ଼ା...

ସହାୟକ ଗୋଷ୍ଠୀ ନିକଟରେ ବନ୍ଧା ପକାଇବାକୁ ପଡ଼ିଲା। ଏହାପରେ ଯାଜପୁରସ୍ଥିତ ମହାରାଜା ଯଯାତି କେଶରୀ ସରକାରୀ ମେଡିକାଲ କଲେଜରେ ତାଙ୍କର ନାମଲେଖା ହୋଇଛି। ପୁଅର ଏହି ସଫଳତା ପରିବାର ପାଇଁ ଖୁସି ଆଣିଥିଲେ ମଧ୍ୟ ଆର୍ଥିକ ଦୁରବସ୍ଥା ଯୋଗୁଁ ଆଗକୁ ପାଠପଢ଼ା ଖର୍ଚ୍ଚ କିପରି ତୁଲାଇବେ, ତାହା ସେମାନଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି। କରଜ ଟଙ୍କା ନ ଶୁଝିବା ପର୍ଯ୍ୟନ୍ତ କାର୍ଡ ସ୍ୱୟଂ ସହାୟକ ଗୋଷ୍ଠୀ ନିକଟରେ ରହିବ ବୋଲି ସର୍ତ୍ତ ରହିଛି। ଋଣ ଦେଇଥିବା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ଅର୍ପା ମାଝୀ କହିଛନ୍ତି ଯେ ପୁଅର ଭବିଷ୍ୟତକୁ ନେଇ ବାପାମାଆଙ୍କ ଚିନ୍ତା ଦେଖି ଗୋଷ୍ଠୀ ପକ୍ଷରୁ ସହାୟତା କରାଯାଇଥିଲା। ସେ ନେଇଥିବା ଋଣ ଉପରେ କୌଣସି ସୁଧ ନିଆଯିବନାହିଁ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ପିଲାର ପାଠପଢ଼ା ପାଇଁ ବରିଷ୍ଠ ନାଗରିକଙ୍କ ଭତ୍ତା କାର୍ଡ଼ ବନ୍ଧା ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳ ନେତା ମାନସ ମଙ୍ଗରାଜ। ସେ କହିଛନ୍ତି ଯେ ଏହି ଘଟଣା ରାଜ୍ୟରେ ଡାକ୍ତରୀ ଶିକ୍ଷାର ବ୍ୟୟବହୁଳତା ଏବଂ ଆର୍ଥିକ ଦୁର୍ବଳ ମେଧାବୀ ଛାତ୍ରଛାତ୍ରୀଙ୍କ ସମ୍ମୁଖୀନ ହେଉଥିବା ପ୍ରତିବନ୍ଧକକୁ ସ୍ପଷ୍ଟ କରିଛି। ସୁଶାନ୍ତଙ୍କ ଭଳି ଜଣେ ମେଧାବୀ ଛାତ୍ରଙ୍କ ଡାକ୍ତର ହେବାର ସ୍ୱପ୍ନ ଯେପରି ଅର୍ଥାଭାବରୁ ଅଧାରେ ଅଟକି ନଯାଏ, ସେଥିପାଇଁ ରାଜ୍ୟ ସରକାର ତୁରନ୍ତ ହସ୍ତକ୍ଷେପ କରି ଆର୍ଥିକ ସହାୟତା, ଛାତ୍ରବୃତ୍ତି ଓ ଅନ୍ୟାନ୍ୟ ଆବଶ୍ୟକ ସୁବିଧା ଯୋଗାଇଦେବା ଉଚିତ। ଓଡ଼ିଶାରୁ ସାମ୍ନାକୁ ଆସୁଥିବା ଏଭଳି ଦୁଃଖଦ ଘଟଣା ଜନସାଧାରଣଙ୍କ ମୌଳିକ ସମସ୍ୟା ପ୍ରତି ପ୍ରଶାସନର ସମ୍ବେଦନଶୀଳତାକୁ ନେଇ ପ୍ରଶ୍ନ ଉଠାଉଛି। ଏହା କେବଳ ଅସହାୟ ପରିବାରର ଦୁର୍ଦ୍ଦଶାକୁ ସାମ୍ନାକୁ ଆଣୁନାହିଁ, ବରଂ ଜାତୀୟ ସ୍ତରରେ ରାଜ୍ୟର ଭାବମୂର୍ତ୍ତିକୁ ମଧ୍ୟ ପ୍ରଭାବିତ କରୁଛି। ସରକାର ଏହି ଘଟଣାକୁ ଗମ୍ଭୀରତାର ସହ ନେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ। ଦାରିଦ୍ର୍ୟ ଯେପରି କୌଣସି ଯୋଗ୍ୟ ଛାତ୍ରଙ୍କୁ ଶିକ୍ଷାରୁ ବଞ୍ଚିତ ନକରେ ଏବଂ ଗୋଟିଏ ପରିବାରକୁ ନିଜର ସମ୍ପତ୍ତି ବନ୍ଧା ପକାଇବାକୁ ବାଧ୍ୟ ନକରେ, ତାହା ସୁନିଶ୍ଚିତ କରିବା ସରକାରଙ୍କ ଦାୟିତ୍ୱ ବୋଲି ସେ କହିଛନ୍ତି।

OFFICE OF THE DIVISIONAL FOREST OFFICER, KORAPUT
e-mail: dfo.koraput@odisha.gov.in 8001/399/2627

SHORT TENDER CALL NOTICE (OFFLINE)
Bid Identification No. DFO KPT-2026/(1F)/02

Sl. No.	Name of Work	No. of Buildings	Estimated Cost (Excluding GST @ 18%)	Bid Security/ EMD	Cost of Bid Document (Non-refundable) online	Class of Contractor
1	Construction of Processing unit cum Storage at Daleiguda of Semiliguda Range under Koraput Forest Division during the year 2026-27.	01 No.	7,77,091/-	7,770/-	6,000/-	"C" & "D"

GENERAL INSTRUCTION FOR THE WORK

1	Period of Completion	3 Calendar Month
2	Date & Time of Availability of Bid document in the portal	22.10.2026 at 11.00 AM
3	Last Date/ Time for receipt of bid in the portal	30.10.2026 up to 05.00 PM
4	Date of Opening of Bid	31.10.2026 at 11.00 AM
5	Name & Address of the O.I.T	Divisional Forest Officer, Koraput Forest Division, At-Ashok Nagar, PO/Dist.-Koraput

Sd/-
Divisional Forest Officer,
Koraput Forest Division.

OIPR-8001/8067/1/26-27/0007

ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟ,
ବଲାଙ୍ଗୀର ମଣ୍ଡଳ
ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)

obcc

OFFICE OF THE GENERAL MANAGER, BALANGIR DIVISION
ODISHA BRIDGE & CONSTRUCTION CORPORATION LIMITED
(A Government of Odisha Undertaking under Works Department)

ପି.ଡବ୍ଲ୍ୟୁ.ଡ଼ି. କ୍ୟାମ୍ପସ, ରୁଗୁଡ଼ିପଡ଼ା, ବଲାଙ୍ଗୀର – ୭୬୭୦୦୧ ଦୂରଭାଷ: ୦୬୬୫ -୨୨୩୨୬୭୭ 34001/1045/2627
PWD Campus, Rugudipada, Balangir – 767001, Tel: 0665-2232677, Email: blgrdiv1@obcc.in

Letter No: 973 **Date: 16.10.2026**

NOTICE INVITING TENDER

01.	Number of Work	01 (One) Number Electrical Work
02.	Bid Identification No.	03 / OBCC / ET / BGR / 2026-27
03.	Approximate value of work (excl GST)	14.83 Lakh
04.	Date of availability of bid document in e-procurement portal	From 11.00 Hrs of 28.10.2026 to 04.11.2026
05.	Last date and time of receipt of online bid	04.11.2026 till 17.00 Hrs
06.	Opening Date and time of Bid	11.00 AM of 05.11.2026
07.	Period of Completion	02 (TWO) Calendar Months
08.	Class of Contractor	'HT' Class Contractor
09.	Address of the officer inviting Bid	S.E. (C) & General Manager, O.B. & C.C. Ltd, Balangir

12. The Bidders have to participate in ONLINE bidding only. Further details with any addendum, corrigendum, cancellation can be seen from the e-Procurement portal https://www.tendersodisha.gov.in.

13. The undersigned has the right to accept or reject the Notice / RFP without assigning any reasons thereof.

S.E. (C) & General Manager
O.B. & C.C. Ltd., Balangir

OIPR-34001/34197/1/26-27/0003

ବିଶେଷ ସୂଚନା

ଏତଦ୍ୱାରା ହୀରାକୁଦ ସେଚାଞ୍ଚଳ ଅଧିନସ୍ଥ ସମସ୍ତ ଚାଷୀ ଭାଇ ଓ ଭଉଣୀ ମାନଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ଚଳିତ ଖରିଫ ଧାନ ଅମଳ ପାଇଁ ଆସନ୍ତା ତା.୩୧-୧୦-୨୦୨୬ ରିଖରେ ବରଗଡ଼ ମୁଖ୍ୟ କେନାଲ ଦ୍ୱାରା ସମସ୍ତ କେନାଲକୁ ଜଳଯୋଗାଣ ବନ୍ଦ କରାଯିବ ଏବଂ ବିଭିନ୍ନ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ନିମନ୍ତେ ଚଳିତ ଋତୁରେ ବରଗଡ଼ ମୁଖ୍ୟ କେନାଲ ତା.୦୧-୧୧-୨୦୨୬ ରିଖ ଠାରୁ ତା.୩୧-୧୨-୨୦୨୬ ରିଖ ପର୍ଯ୍ୟନ୍ତ ବନ୍ଦ ରହିବା ନିମନ୍ତେ ସ୍ଥିର କରାଯାଇଅଛି । ଏଣୁ ବରଗଡ଼ ମୁଖ୍ୟ କେନାଲ ସେଚାଞ୍ଚଳ ଅଧିନସ୍ଥ ସମସ୍ତ ଚାଷୀ ଭାଇଭଉଣୀ ମାନଙ୍କୁ କେନାଲ ବନ୍ଦ ର ଅବଧିକୁ ଦୃଷ୍ଟିରେ ରଖି ଚଳିତ ଖରିଫ ଓ ଆସନ୍ତା ରବି ଚାଷ ନିମନ୍ତେ ବିହିତ ଯୋଜନା ପ୍ରସ୍ତୁତ କରିବା ପାଇଁ ଅନୁରୋଧ କରାଗଲା ।

ନିବେଦକ
ଅଧିକ୍ଷଣ ଯନ୍ତ୍ରୀ
ବରଗଡ଼ ଜଳସେଚନ ବିଭାଜନ, ବରଗଡ଼

AFFIDAVIT
By virtue of an affidavit sworn before the Executive Magistrate, Nabarangpur dated 22.10.2026, I, Pradeep Kumar Bagh resident of Nilakantha Nagar, Po./Ps./Dist.- Nabarangpur, Odisha, Pin- 764059 declare that, I have changed my name from **Pradeep Kumar Singh** to **Pradeep Kumar Bagh**. Henceforth, I shall be known as **Pradeep Kumar Bagh** for all purposes.
Sd/- **Pradeep Kumar Bagh**

AFFIDAVIT
By virtue of an affidavit sworn before the Executive Magistrate, Khordha Vide No- 2137, Dated- 02/09/2026, I, Paria Behera aged about 46 years, S/o- Indramani Behera, At- Mukundaprasad (Upar Baurisahi), PO.- P.N.College, PS.- Industrial Esate, Khordha, Pin- 752057, Dist.-Khordha, Odisha do hereby declare that I have changed my name from Praphula Behera to Paria Behera. Henceforth I shall be known as **Paria Behera** for all purposes.
Paria Behera

AFFIDAVIT
By virtue of an affidavit sworn before the Executive Magist- rate, Bargarh dated 22.10.2026, I, Sanjida Khatun, D/o- Mohammad Firoz resident of Mohanty pada, Ward No.11, Po./Ps./Dist.- Bargarh state that, my actual name is **Sanjida Khatun, DOB- 11.02.2008** but in my Aadhar card no.6222 0378 5131 my name has been wrongly mentioned as Sana Khatun, DOB- 18.04.2008. That, **Sanjida Khatun** and **Sana Khatun** is same and one person of **DOB- 11.02.2008**.

AFFIDAVIT
I, Shamima Parwin, W/o- Shabbir Khan, residence of Bohidarpada, Titlagarh, Dist- Balangir, Pin- 767033, Odisha declare by this affidavit No. 4384, dtd- 21.10.2026 that now onwards I shall be known as **SAMIMA PARWEEN** for all future purposes.

LOST
I, **Jayanti Singh,** W/o- Tapan Kumar Singh, resident of Vill: Liploi, Rajgangpur, PO/PS: Rajgangpur, Dist: Sundargarh, Odisha, PIN- 770017 do hereby declare that the Original Sale Deed No. 218 of 1980 & 282 of 1980 have been misplaced in somewhere. If anyone finds it kindly contact to my address & mobile number: 8249721310.

AFFIDAVIT
By virtue of an affidavit sworn before the Executive Magistrate, Bhubaneswar, I, Sanjeeb Kumar Singh, At-Jharbelda, P.O.- Nellung, Dist.-Keonjhar, PIN- 758002, declare that my daughter's correct name is Avira Ojasvi Singh. Her name has been inadvertently recorded as Avira Singh in her Birth Certificate bearing Regn. No. 225/2024, dated 05.01.2024. Henceforth she shall be known as **Avira Ojasvi Singh** for all purposes.
Sd/- Sanjeeb Kumar Singh

ଘୋଷଣା ନାମା
ମୁଁ ସନ୍ତୋଷ କୁମାର ପ୍ରସାଦ, ପିତା- ରାମଶଙ୍କର ପ୍ରସାଦ, ବାସସ୍ଥାନ- ଗ୍ରାମ/ପୋ/ଥାନା- ବଣିଗୋଛା, ଜିଲ୍ଲା- ନୟାଗଡ଼, ଓଡ଼ିଶା ଏହିଠାରେ ଘୋଷଣା କରୁଛି କି ମୋର ଦୁଇଟି ବିକ୍ରୟ କବଲା ନଂ ୧୧୩୮୧୬୦୦୬୫୪ ଏବଂ ୧୧୩୮୧୬୦୦୬୪୭ ଶ୍ରୀଧର ସାହୁ (କ୍ରେତା) ଏବଂ ଗୋଲଖ ବିହାରି ସାହୁ (ବିକ୍ରେତା) ଖାତା ନଂ ୧୩୯, ପ୍ଲଟ୍ ନଂ - ୫୮୪, କ୍ଷେତ୍ର ଏକର ୦.୦୩ ଡିସିମିଲ ଏବଂ ପ୍ଲଟ୍ ନଂ ୫୮୪, କ୍ଷେତ୍ର ଏକର ୦.୦୨ ଡିସିମିଲ ବଣିଗୋଛା ମୌଜାରେ ଅବସ୍ଥିତ।
କିନ୍ତୁ ଦୁର୍ଭାଗ୍ୟଜନକ ଉକ୍ତ ଓରିଜିନାଲ ବିକ୍ରୟ କବଲା ଗୁଡ଼ିକ ତା ୦୧.୧୦.୨୦୨୬ ରିଖ ଦିନ ମଟର ସାଇକଲ ଯୋଗେ ଦସପଲ୍ଲାରୁ ଭୁବନେଶ୍ୱର ଜିବା ସମୟରେ କେଉଁଠାରେ ହଜିଜାଇ ଅଛି।
ଯଦି କୌଣସି ସହୃଦୟବ୍ୟକ୍ତି ଉପରୋକ୍ତ କାଗଜ ଗୁଡ଼ିକୁ ପାଇଥାନ୍ତି ତେବେ ଦୟାକରି ଏହି ମୋବାଇଲ ନମ୍ବର ରେ ଯୋଗାଯୋଗ କରିବାକୁ ଅନୁରୋଧ ।
ସ୍ୱା/- ଦିପ୍ତୀରଞ୍ଜନ ବରାଳ
ମୋ- ୭୦୦୮୪୯୪୮୭୧

AFFIDAVIT
By virtue of affidavit sworn before Executive Magistrate Puri, dated 16.10.2026 I Suryakant Dash, of Bali Upper Po. Deypur Sasan, P.S.Delang Dist-Puri PIN-752046 declare that I have changed the name of my daughter's name from Dibyashree Dash to Dibyanshi Dash. Henceforth she shall be known as **Dibyanshi Dash** for all purposes.
Suryakant Dash

AFFIDAVIT
I, **Bishnupada Manna**, S/o Rabindra Nath Manna, Resident of At./Po. Dublagadi, Ps. Marine, Dist. Balasore- 756027, Odisha declare by affidavit No.- 6476 on dtd 25.08.2026, that now on wards I shall be known as **Bishnupada Manna** for all future purpose

AFFIDAVIT
I, **Bansidhar Khatua**, S/o- Dolagbinda Khatua, Permanent Resident of Vill-Nagudu, P/o- Sankuru, P/s-Buguda, Dist.-Ganjam (Odisha), Pin-761118, declare by this affidavit, **dtd- 22.10.26** that now onwards I shall be known as **Bansidhar Bisoyi** for all future purposes.

AFFIDAVIT
I, **Rabindra Nath Manna**, S/o Late Shyam Charan Manna, Resident of At./Po. Dublagadi, Ps. Marine, Dist. Balasore- 756027, Odisha declare by affidavit No.- 6876 on dtd. 05.09.2026, that now on wards I shall be known as **Rabindra Nath Manna**.

ଶୀଥିଳ ପଡ଼ିଗଲାଣି ପ୍ରଶାସନର ଚଢ଼ଉ

ଜିଲ୍ଲାରେ ବଢ଼ିଚାଲିଛି ବାଲି ମାଫିଆଙ୍କ ରାଜ୍

ଜଗତସିଂହପୁର,୨୩।୧୦(ସମିସ):

ଗତ କିଛି ଦିନ ହେଲା ଜଗତସିଂହପୁର ଜିଲ୍ଲା ବାଲିଚୋରାଚାଲଣ ବଢ଼ିଚାଲିଥିବା ଅଭିଯୋଗ ହୋଇଛି। କିନ୍ତୁ ପ୍ରଶାସନକି ଚଢ଼ଉ ଯେପରି ଶୀଥିଳ ପଡ଼ିଯାଇଥିବା ଅଭିଯୋଗ ହେଉଛି। ଫଳରେ କୋଟି କୋଟି ଟଙ୍କାର ରାଜସ୍ୱ ହାନି ହେଉଛି।

ଓଡ଼ିଶାର ସମୁଦ୍ର ଉପକୂଳବର୍ତ୍ତୀ ଜଗତସିଂହପୁର ଜିଲ୍ଲାର କୁଜଙ୍ଗ, ତିର୍ତ୍ତୋଲ, ବିରିଡ଼ି, ନାଉଗାଁ, ରଘୁନାଥପୁର ଏବଂ ଜଗତସିଂହପୁର ତହସିଲ ଅଞ୍ଚଳରେ ଥିବା ବାଲିଘାଟ ଏବଂ ବେଆଇନ ଭାବେ ଚାଲିଥିବା ବାଲିଘାଟରୁ ବେଧଡ଼କ ବାଲି ଚୋରାଚାଲାଣ ହେଉଥିବା ବେଳେ ଜିଲ୍ଲା ଖଣି ବିଭାଗ ଏବଂ ପୋଲିସ ତରଫରୁ ଏଥିରେ ଅଙ୍କୁଶ ଲଗାଇବା ପାଇଁ ମଝିରେ ମଝିରେ ଚଢ଼ାଉ କରାଯାଉଛି। ଏହାସତ୍ତ୍ୱେ ଜିଲ୍ଲାର ବିଭିନ୍ନ ବାଲିଘାଟରୁ ବେଆଇନ ଭାବେ ବାଲି ଚୋରା ଚାଲାଣ ଜାରି ରହିଥିବା ଅଭିଯୋଗ କରାଯାଉଛି। ଗତ ସପ୍ତାହରେ ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ଯଶୋବନ୍ତପୁର ନିକଟରୁ ଟ୍ରାଞ୍ଜିଟ୍ ପାସ୍ ନଥିବା ଏକାଧିକ ବାଲି ଭର୍ତ୍ତି ହାଇୱା ଜବତ ହେବା ଏହାର ବଳିଷ୍ଠ ପ୍ରମାଣ। ତେବେ ଜିଲ୍ଲା ଇତିହାସରେ ସବୁଠାରୁ ବଡ଼ ଚଢ଼ଉ ହୋଇଥିଲା ତିର୍ତ୍ତୋଲ ତହସିଲ ଅନ୍ତର୍ଗତ କିଲିପାଳ ବାଲିଘାଟରେ। ଗତ ବର୍ଷ ନଭେମ୍ବର ୨୫ ତାରିଖ ବିଳମ୍ବିତ ରାତିରେ କିଲିପାଳ ବାଲିଘାଟରେ ଚଢ଼ଉ କରି ୪୬ଟି ହାଇୱା ଏବଂ ୩ଟି ବାଲିଉଠା କାର୍ଯ୍ୟରେ ଲାଗିଥିବା ମେସିନ ପୁଲିସ ଜବତ କରିଥିଲା। ଜଣେ ମେକାନିକ ଏବଂ ୫ ଜଣ ହାଇୱା ଡ୍ରାଇଭରଙ୍କୁ ମଧ୍ୟ ଅଟକ ରଖାଯାଇଥିଲା। କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ ନାୟକଙ୍କ ନେତୃତ୍ୱରେ ଜଗତସିଂହପୁର ଜିଲ୍ଲାପାଳ ଜେ.ସୋନାଲ ଏବଂ ଏସ୍‌ପି ଅଙ୍କିତ କୁମାର ବର୍ମା ପୁଲିସ ଟିମ୍ ସହିତ କିଲିପାଳ ବାଲିଘାଟରେ ଚଢ଼ଉ କରିଥିଲେ। ସେହିପରି ସେହିବର୍ଷ ଡିସେମ୍ବର ୧୧ ତାରିଖରେ ଜୟପୁର ବାଲିଘାଟରେ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇଙ୍କ ନେତୃତ୍ୱରେ ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ୨୨ଟି ହାଇୱା ଜବତ କରାଯାଇଥିଲା। ତଦନ୍ତ ପରେ ଏହି ବାଲି ଚୋରା ଚାଲାଣ ଚେର କଟକ ଏବଂ କେନ୍ଦ୍ରାପଡା ପର୍ଯ୍ୟନ୍ତ ଲମ୍ବିଥିବା ବେଳେ ଏହା ପଛରେ ରାଜନେତା ମାନଙ୍କର ହାତଥିବା ସ୍ପଷ୍ଟ ହୋଇଥିଲା। ବାଲିଘାଟ ଉପରେ ଚଢ଼ଉ ଏବଂ ଧରପଗଡ ଜାରି ରହିଥିଲେ ମଧ୍ୟ ଖାସ ଏହି କାରଣରୁ ବାଲି ଚୋରାଚାଲାଣ ଉପରେ ରୋକ ଲାଗି ପାରୁନାହିଁ। ବିଶେଷକରି ବାଲି ମାଫିଆମାନଙ୍କ ପଛରେ ଶାସକ ଦଳ ନେତାମାନଙ୍କ ହାତ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସାଧାରଣରେ ଅଭିଯୋଗ କରାଯାଇଛି। ଅତୀତରେ ଟ୍ରାଞ୍ଜିଟ୍ ପାସ୍ ନଥିବା ଚୋରା ବାଲିଗାଡି ଜବତ କରି ତିର୍ତ୍ତୋଲ ଥାନାର ଦୁଇଜଣ ଥାନା ଅଧିକାରୀ ରାତିଅଧିଆ ବଦଳି ହେବା ଏହାର ବଳିଷ୍ଠ ପ୍ରମାଣ ବୋଲି କୁହାଯାଉଛି। ସେପଟେ ଗତ ୨୦୨୩ ମସିହା ଡିସେମ୍ବର ମାସରେ ଜଗତସିଂହପୁର ଜିଲ୍ଲାରେ ଖଣି ବିଭାଗର

ବୋହି ନେଉଛନ୍ତି କୋଟି କୋଟି ଟଙ୍କାର ବାଲି

କାର୍ଯ୍ୟାଳୟ ଖୋଲିଥିଲେ ମଧ୍ୟ ଏଠାରେ କେବଳ ଜଣେ ଖଣି ଅଧିକାରୀଙ୍କୁ ନିଯୁକ୍ତି ମିଳିଛି। ସେହିପରି ଜିଲ୍ଲା ଖଣି କାର୍ଯ୍ୟାଳୟରେ ଜଣେ ସହକାରୀ ଖଣି ଅଧିକାରୀ, ଜଣେ କନିଷ୍ଠ ଖଣି ଅଧିକାରୀ ଏବଂ ଜଣେ କନିଷ୍ଠ ସହାୟକ ପଦବୀ ରହିଥିଲେ ମଧ୍ୟ ଅଦ୍ୟାବଧି ଏସବୁ ପଦବୀ ପୂରଣ ହୋଇନାହିଁ। ଯାହାଦ୍ୱାରା ଖଣି ବିଭାଗ ଏକପ୍ରକାର ପଙ୍ଗୁ ହୋଇପଡିଛି କହିଲେ ଅତ୍ୟୁକ୍ତି ହେବନାହିଁ । ସେହିପରି ବିଗତ ଦିନରେ ବାଲି ଚୋରାଚାଲାଣକୁ ନେଇ ନାଉଗାଁ, ତିର୍ତ୍ତୋଲ ଏବଂ ବିରିଡି ଅଞ୍ଚଳରେ ହାତାହାତି ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଥିଲା। ଗତବର୍ଷ ବିରିଡି ତହସିଲ ଅଞ୍ଚଳରୁ ବାହାର ରାଜ୍ୟକୁ ଚୋରାଚାଲାଣ ହେଉଥିବା ଏକାଧିକ ଟ୍ରକ୍ ପୁଲିସ ଜବତ କରିଥିଲା।

ବେଳାଭୂମିକୁ ସ୍ୱଚ୍ଛ ଓ ପ୍ଲାଷ୍ଟିମ୍ ମୁକ୍ତ କରିବାକୁ ଦାବି

ପାରାଦୀପ,୨୩।୧୦(ସମିସ): ଆଜି ସମଗ୍ର ବିଶ୍ୱରେ ପରିବେଶ ସୁରକ୍ଷା ଏକ ବଡ଼ ଆହ୍ୱାନ ପାଲଟିଥିବା ବେଳେ ପ୍ଲାଷ୍ଟିକ୍ ପ୍ରଦୂଷଣ ଏକ ଗମ୍ଭୀର ସମସ୍ୟା ସୃଷ୍ଟି କରିଚାଲିଛି। ମାଟି, ପାଣି, ପବନ, ଜଳଚର ଜୀବ, ଗୃହପାଳିତ ପଶୁ ବା ସମ୍ପୂର୍ଣ୍ଣ ଜୀବଜଗତ ଏହାଦ୍ୱାରା ପ୍ରଭାବିତ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ପରିବେଶକୁ ସ୍ୱଚ୍ଛ ଓ ସୁରକ୍ଷିତ ରଖିବା ପାଇଁ ପାରାଦୀପ ବେଳାଭୂମି ଓ ବିଭିନ୍ନ ଆଖପାଖ ଅଞ୍ଚଳକୁ ସଫେଇ କରି ପ୍ଲାଷ୍ଟିକମୁକ୍ତ ରଖିବା ଏବଂ ସ୍କୁଲ୍, କଲେଜ୍ ଛାତ୍ରଛାତ୍ରୀଙ୍କୁ ପରିବେଶ ସୁରକ୍ଷା ଉପରେ ଜାଗ୍ରତ କରିବା ଓ ତାଙ୍କୁ ସାଥିରେ ନେଇ ପରିବେଶକୁ ସ୍ୱଚ୍ଛ ରଖିବା, ସର୍ବଦା ଅଳିଆକୁଣ୍ଡ ବ୍ୟବହାର କରିବା ପାଇଁ ଅହରହ ପ୍ରତିଦିନ ପ୍ରୟାସ କରିଚାଲିଛନ୍ତି ପରିବେଶ କର୍ମୀ ବାପି ଗୋଛାୟତ। ଆଉ ଦିନ କେତୋଟି ପରେ ରାଜ୍ୟର ସମସ୍ତ ପର୍ଯ୍ୟଟନ ସ୍ଥଳୀରେ ପର୍ଯ୍ୟଟକଙ୍କ ସୁଅ ଛୁଟିବ। ଭୋଜିଭାତଠୁ ଆରମ୍ଭ କରି ନାଚଗୀତର ଆସର ମଧ୍ୟ ଜମିବ। ପାରାଦୀପ ଲାଇଟ୍ ହାଉସ୍ ସ୍ଥିତ ବେଳାଭୂମି କେମିତି ସ୍ୱଚ୍ଛ ଓ ପ୍ଲାଷ୍ଟିକମୁକ୍ତ ରହିବ ସେଥିପାଇଁ ପାରାଦୀପର ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଙ୍କୁ ନିଜର ପେଟପାଟଣା ପାଇଁ ବ୍ୟବସାୟ କରୁଥିବା ସମସ୍ତ ଛୋଟଛୋଟ ଦୋକାନୀ ନିଜନିଜ ପାଖରେ ଏକ ଅଳିଆକୁଣ୍ଡ ରଖିବା ସହିତ ଏକକ ବ୍ୟବହୃତ ପ୍ଲାଷ୍ଟିକ ବ୍ୟବହାର ନକରି ପରିବେଶ ଅନୁକୂଳ ସାମଗ୍ରୀ ବ୍ୟବହାର କରିବା ପାଇଁ ପରିବେଶ ଇଞ୍ଜିନିୟର ଦିବ୍ୟ ଲୋଚନ ମହାପାତ୍ର ସାର୍‌ଙ୍କ ଜରିଆରେ ପାରାଦୀପର ଆଞ୍ଚଳିକ ଅଧିକାରୀ ଆର୍‌ଓଙ୍କୁ ନିବେଦନ କରିଛନ୍ତି ବାପି ଗୋଛାୟତ।

ଦୁର୍ଗାପୂଜା ମଣ୍ଡପ ବୁଲିଲେ ନେତା

ରାଜନଗର,୨୨।୧୦(ସମିସ): ଶେଷ ହୋଇଛି ରାଜନଗରର ସବୁଠାରୁ ବଡ଼ ଗଣପର୍ବ ଦୁର୍ଗାପୂଜା। ଚଳିତ ବର୍ଷ ରାଜନଗର, ତ୍ରିନାଥ ବଜାର, ଗୋପାଳପୁର, ଜରିମୂଳରେ ୩୦ରୁ ଅଧିକ ମଣ୍ଡପରେ ପୂଜା ଅନୁଷ୍ଠିତ ହୋଇଛି। ବିଭିନ୍ନ ରାଜନୈତିକ ଦଳର ନେତା ସେମାନଙ୍କ କର୍ମୀଙ୍କ ସହିତ ପୂଜାମଣ୍ଡପ ବୁଲି ମା'ଙ୍କ ଆଶୀର୍ବାଦ ଲାଭ କରିଥିଲେ। ବିଜେଡି ବିଧାୟକ ଧ୍ରୁବ ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରତିଭା ପାତ୍ର, ସଭାପତି ନିରଞ୍ଜନ ରାଉତ, କାର୍ଯ୍ୟକାରୀ ସଭାପତି ଅଶୋକ ମହାନ୍ତି, ରାଜ୍ୟ ଛାତ୍ର ବିଜେଡି ଉପସଭାପତି ବୈବ୍ରତ ବିଶ୍ୱାଳ, ବ୍ଲକ ଯୁବ ବିଜେଡି ସଭାପତି ଆର୍ତ୍ତବନ୍ଧୁ ମହାନ୍ତି, ଯୁବ ନେତା ରଞ୍ଜନ ମହାନ୍ତି, ସୁନୀଲ ରାଉଳ, ପରମେଶ୍ୱର ଦାସ ପ୍ରମୁଖ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ସେହିପରି କେନ୍ଦ୍ରାପଡା ଜିଲ୍ଲା ଶ୍ରୀରାମ ସେନା ସଭାପତି ଶାରଦା ରାଉତ ନିଜ ସମର୍ଥକଙ୍କ ସହିତ ପୂଜା ମଣ୍ଡପ ବୁଲିଥିଲେ। ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ବିଜେପି ନେତା ଲଳିତ ବେହେରା, ମୁନା ପାଲ, କଂଗ୍ରେସ ନେତା ପ୍ରଶାନ୍ତ ରାଉତ, ଚିନ୍ମୟ ଦାସ ପ୍ରମୁଖ ବିଭିନ୍ନ ପୂଜା ମଣ୍ଡପ ବୁଲି ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।

୪୫ ବର୍ଷରେ ହଳଦିଆପାଟଣା ଦୁର୍ଗାପୂଜା

ପଞ୍ଚୁପାଣ୍ଡବ,୨୨।୧୦(ସମିସ): ଡେରାବିଶ ବ୍ଲକ ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ହଳଦିଆପାଟଣା ଗ୍ରାମରେ ଦୁର୍ଗାପୂଜା ଶେଷ ହୋଇଛି। ହଳଦିଆପାଟଣା ଶକ୍ତିପୀଠ ଦୁର୍ଗାପୂଜା ୪୫ ବର୍ଷ ପୂରଣ କରିଛି। ଦୁର୍ଗାପୂଜା କମିଟିର ପୂର୍ବତନ ବରିଷ୍ଠ ଉପଦେଷ୍ଟା ସ୍ୱର୍ଗତ ସୁବାସ ସାହୁଙ୍କ ପାଇଁ ପଲ୍ଲୀ ମଙ୍ଗଳ ଯୁବକ ସଂଘ ଓ ଅଞ୍ଚଳବାସୀଙ୍କ ଦ୍ୱାରା ଶୋକସଭା ଅନୁଷ୍ଠିତ ହୋଇଥିଲା। ବେଣୀପୁର, ଛୋଟି, ମଙ୍ଗଳପୁର, ରଘୁଦେଇପୁର ଓ କୁରୁଜଙ୍ଗା ପଞ୍ଚାୟତର ଲୋକେ ମା'ଙ୍କ ଦର୍ଶନ ପାଇଁ ଭିଡ଼ ଜମାଇଥିଲେ। ଲୋକଙ୍କ ବିଶ୍ୱାସ ରହିଛି ମାନସିକ ପୂରଣ କଲେ ପୂରଣ କରନ୍ତି ମା' ବୋଲି ଅଞ୍ଚଳବାସୀ କହିଛନ୍ତି। ଏହି ପୂଜାକୁ ଗ୍ରାମବାସୀଙ୍କ ସହ ପୂଜା କମିଟି ସଭାପତି ଉତ୍ତମ ମଲ୍ଲିକ, ସମ୍ପାଦକ ଗୌରାଙ୍ଗ ସାହୁ, ପଲ୍ଲୀ ମଙ୍ଗଳ ଯୁବକ ସଂଘ ସଭାପତି ସରୋଜ ସାହୁ ଓ ସମ୍ପାଦକ ସରୋଜ ଦାସ ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କମିଟିର ଦିବାକର ବେହେରା, ଭବାନୀ ଓଝା, ଉପେନ୍ଦ୍ର ସାହୁ, ବିପିନ ନାୟକ, ସୁଦର୍ଶନ ଓଝା, କୈବଲ୍ୟ ସାହୁ, ମାନସ ମଲ୍ଲିକ, ଶ୍ରୀଧର କବି ଓ ଗ୍ରାମବାସୀ ସହଯୋଗ କରିଥିଲେ।

ବିଦ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସହାୟକ ଉପକରଣ ବଣ୍ଟନ

ଡେରାବିଶ,୨୩।୧୦(ସମିସ): ଡେରାବିଶ ଶିକ୍ଷାମଣ୍ଡଳ କାର୍ଯ୍ୟାଳୟରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ସହାୟକ ଉପକରଣ ବଣ୍ଟନ କରାଯିବା ସହିତ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି ଶିବିରରେ ମୁଖ୍ୟଅତିଥି ଭାବେ ଡେରାବିଶ ମଣ୍ଡଳ ଶିକ୍ଷା ଅଧିକାରୀ ମଦନମୋହନ କର, ସମ୍ମାନିତ ଅତିଥି ଭାବେ ବିଆରସିସି ଦେବଦତ୍ତ ଶତପଥି, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ ଯୋଗଦେଇ ଏହି ଶିବିର ଆୟୋଜନ ଫଳରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଅଧିକ ଉତ୍ସାହିତ ହେବା ସହିତ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ ବୋଲି କହିଥିଲେ। ଅତିଥିମାନେ ଏହି ଶିବିରରେ ଉପସ୍ଥିତ ୪୬ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଶ୍ରବଣ ଯନ୍ତ୍ର, ଚଷମା, ଆଶାବାଡ଼ି, ହୁଇଲ୍‌ଚେୟାର ଆଦି ବିଭିନ୍ନ ସହାୟକ ଉପକରଣ ପ୍ରଦାନ କରିଥିଲେ। ଏଥିସହିତ ଭୁବନେଶ୍ୱରର ଆଲିମ୍‌କୋରୁ ଆସିଥିବା ଡାକ୍ତରୀ ଟିମ୍ ୬୦ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ସେମାନଙ୍କର କେଉଁ ସହାୟକ ଉପକରଣର ଆବଶ୍ୟକତା ରହିଛି, ସେ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ଶିବିରକୁ ମଣ୍ଡଳ ସମ୍ବଳ ଶିକ୍ଷକ ଜୟନ୍ତ ପ୍ରସାଦ ସ୍ୱାଇଁ ଓ ଆଲୋକ ବେହେରା ପରିଚାଳନା କରିଥିବାବେଳେ ଅନ୍ତଃର୍ନିବେଶୀ ଶିକ୍ଷା ସହାୟକ ସୁଶାନ୍ତ ନାୟକ, ପ୍ରଦ୍ୟୁମ୍ନ ଜେନା, ସୁରେନ୍ଦ୍ର ଶତପଥି, ରମେଶ ନାୟକ, ଦୀପକ ଦାସଙ୍କ ସମେତ ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

ଅଳକା ଆଶ୍ରମରେ ନାରାୟଣ ବୀରବର ସାମନ୍ତଙ୍କ ଜୟନ୍ତୀ

ଜଗତସିଂହପୁର,୨୩।୧୦(ସମିସ): ସ୍ୱାଧୀନତା ସଂଗ୍ରାମର ଏନ୍ତୁଡ଼ିଶାଳ ଭାବେ ପରିଚିତ ଜଗତସିଂହପୁର ଜିଲ୍ଲାର ଚାଟ୍ରା ସ୍ଥିତ ଅଳକା ଆଶ୍ରମ ପରିସରରେ ସ୍ୱାଧୀନତା ସଂଗ୍ରାମୀ ନାରାୟଣ ବୀରବର ସାମନ୍ତଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଆଶ୍ରମର କୋଷାଧ୍ୟକ୍ଷ ବିଜୟକୁମାର ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଶିକ୍ଷାବିତ ଭଗବାନ ଦାଶ, ଉତ୍କଳ ରଞ୍ଜନ ମହାନ୍ତି ଏବଂ ପ୍ରତାପ କୁମାର ଲେଙ୍କା ପ୍ରମୁଖ ଯୋଗଦେଇ ବୀରବର ସାମନ୍ତଙ୍କ ତ୍ୟାଗ, ସ୍ୱାଧୀନତା ସଂଗ୍ରାମରେ ତାଙ୍କର ବଳିଷ୍ଠ ଭୂମିକା ଏବଂ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିବା ସହିତ ଆଜିର ଯୁବସମାଜ ତାଙ୍କରି ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ପରାମର୍ଶ ଦେଇଥିଲେ। ସେହିପରି ଅଳକା ଆଶ୍ରମର ବରିଷ୍ଠ ସଦସ୍ୟ ଲାଲା ସଂଗ୍ରାମ କେଶରୀ ରାୟ, ସ୍ୱସ୍ତିମୟୀ ରାୟ, ସୃଜନିକା ରାୟ ଏବଂ ଲାଲା ରାଜବୀର ରାୟ ପ୍ରମୁଖ ଏଥିରେ ଯୋଗଦେଇ ଜଣେ ସ୍ୱାଧୀନତା ସଂଗ୍ରାମୀ, ସମାଜ ସେବକ ଏବଂ ରାଜନେତା ଭାବରେ ସ୍ୱର୍ଗତ ସାମନ୍ତଙ୍କ ଅବଦାନ ଏବଂ କାର୍ଯ୍ୟଧାରା ବିଷୟରେ ଆଲୋଚନା କରିଥିଲେ। ଶେଷରେ ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

ପିସିସି କ୍ଲବ ଖେଳାଳିଙ୍କ ଉନ୍ନତ ପ୍ରଦର୍ଶନ

ପାରାଦୀପ,୨୩।୧୦(ସମିସ): ପାରାଦୀପର ଅଗ୍ରଣୀ କ୍ରିକେଟ କ୍ଲବ ପିସିସି କ୍ଲବ (ପାରାଦୀପ)ରେ ଖେଳୁଥିବା ଅର୍ପିତ ସତ୍ୟମ ମହାନ୍ତି ଚଳିତ ବର୍ଷ ଅଣ୍ଡର-୨୩ ଓଡିଶା ଦଳ ପକ୍ଷରୁ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଚଳିତ ବର୍ଷ ୨୦୨୬-୨୭ ବିସିସିଆଇ ଘରୋଇ ଟୁର୍ଣ୍ଣାମେଣ୍ଟ କୋଲ୍ ସିକେ ନାଇଡୁ ଟ୍ରଫି ପାଇଁ ଅଣ୍ଡର ୨୩ ଓଡିଶା ଦଳ ପକ୍ଷରୁ ଅର୍ପିତ ସତ୍ୟମ ମହାନ୍ତି ଚୟନ ହୋଇଥିଲେ। ବାରବାଟୀ ଷ୍ଟାଡିୟମରେ ଆୟୋଜିତ ସିକେ ନାଇଡୁ ଟ୍ରଫିର ଓଡ଼ିଶା ଓ ବରୋଦା ମ୍ୟାଚ୍‌ରେ ଅର୍ପିତଙ୍କ ସଫଳତା ଦେଖିବାକୁ ମିଳିଥିଲା। ଅର୍ପିତ ନିର୍ଦ୍ଧାରିତ ୧୩.୫ ଓଭର ବୋଲିଂ କରି ୪୫ ରନ୍ ଦେଇ ୬ଟି ୱିକେଟ୍ ହାସଲ କରିଥିଲେ। ତାଙ୍କର ଏହି ସଫଳତାକୁ ନେଇ ପିସିସି କ୍ଲବ୍‌ର ସମସ୍ତ ସଦସ୍ୟ ବେଶ୍ ଖୁସି ଜାହିର କରିବା ସହିତ କ୍ଲବ୍‌ର ବରିଷ୍ଠ ପଦାଧିକାରୀମାନେ ଅର୍ପିତଙ୍କୁ ଧନ୍ୟବାଦ ଜଣାଇଥିଲେ। ୧୧ ବର୍ଷରୁ ଅର୍ପିତ ନିଜର କ୍ରିକେଟ କ୍ୟାରିୟର ପିସିସି କ୍ଲବରୁ ଆରମ୍ଭ କରିବା ସହିତ ପିସିସି କ୍ଲବ୍‌ର ଜୁନିଅର କୋଚ୍ ଅଞ୍ଜନ ସେଠୀଙ୍କ ନିକଟରେ ପ୍ରଶିକ୍ଷଣ ନେଇଥିଲେ। ପରେ ପାରାଦୀପ ପୋର୍ଟର କୋଚ୍ ତଥା ଓଡ଼ିଶା ରଣଜୀ କ୍ରିକେଟ ଦଳର ଉଦୟମାନ ଖେଳାଳି ଜାମଳା ଭଞ୍ଜନ ମହାପାତ୍ର ଅର୍ପିତଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

ବାଲିକୁଦାରେ ଭସାଣି ଉତ୍ସବ

ବାଲିକୁଦା,୨୩।୧୦(ସମିସ): ଶାରଦୀୟ ଦୁର୍ଗାପୂଜା ପରେ ବାଲିକୁଦା ଅଞ୍ଚଳରେ ମା' ଦୁର୍ଗାଙ୍କ ଭସାଣି ଉତ୍ସବ ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ବାଲିକୁଦା ବସ୍‌ଷ୍ଟାଣ୍ଡ ଦୁର୍ଗାପୂଜା କମିଟି, କାଠଗୋଲା ଛକ ମୁକ୍ତେଶ୍ୱର ପୂଜା କମିଟି ଓ ତହସିଲ ଛକ ମହାବୀର ପୂଜା କମିଟି ପକ୍ଷରୁ ଭସାଣି ଉତ୍ସବ ଆୟୋଜିତ ହୋଇଥିଲା। ସେହିପରି ଶୁକ୍ରବାର ବାଲିକୁଦା ହାଟଗଡ଼ା ଛକ, ମା' ଥାନପତି ପୂଜା କମିଟି, ବାବୁଘର ଦୁର୍ଗାପୂଜା କମିଟି ଏବଂ ଇନ୍ଦିରା କଲୋନୀ ଛକ ମା' ବରୁଣେଇ ପୂଜା କମିଟି ପକ୍ଷରୁ ଭସାଣି ଉତ୍ସବ ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଛି। ଏହି ଉତ୍ସବକୁ ନେଇ ଅଞ୍ଚଳରେ ଧାର୍ମିକ ଉତ୍ସାହ ଓ ଆନନ୍ଦର ପରିବେଶ ଦେଖିବାକୁ ମିଳିଥିଲା। ଭସାଣି ଉତ୍ସବକୁ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ବାଲିକୁଦା ପୁଲିସ ପକ୍ଷରୁ ଆବଶ୍ୟକ ସୁରକ୍ଷା ଓ ଶୃଙ୍ଖଳା ବ୍ୟବସ୍ଥା କରାଯାଇଥିଲା। ପୋଲିସର ତଦାରଖ ସହ ପୂଜା କମିଟିଗୁଡ଼ିକ ମଧ୍ୟ ଉତ୍ସବର ସୁପରିଚାଳନା ପାଇଁ ଯଥେଷ୍ଟ ଯତ୍ନବାନ ହୋଇଥିଲେ। ପୁଲିସ ଓ ପୂଜା କମିଟିର ସମନ୍ୱୟ ଯୋଗୁଁ ଭସାଣି ଉତ୍ସବ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିବା ଦେଖିବାକୁ ମିଳିଛି।

ପାରାଦୀପ ରିଫାଇନରୀରେ ଅନ୍‌ସାଇଟ୍ ଡିଜାଷ୍ଟର ଡ୍ରିଲ୍

ପାରାଦୀପ,୨୩।୧୦(ସମିସ): ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନରୀରେ ଏକ ମକ୍ ଡ୍ରିଲ୍ (ଅନ୍‌ସାଇଟ୍ ଡିଜାଷ୍ଟର୍ ଡ୍ରିଲ୍) ଆୟୋଜନ ହୋଇଯାଇଛି। ଯେଉଁଥିରେ ରିଫାଇନରୀ ତାହାର ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ପ୍ରସ୍ତୁତିର ପ୍ରଭାବ ଯାଞ୍ଚ କରିଥିଲା। ପାରାଦୀପ ରିଫାଇନରୀର ଅନୁମୋଦିତ ଇମରର୍ଜେନ୍ସି ରେସପନସ୍ ଆଣ୍ଡ ଡିଜାଷ୍ଟର୍ ମ୍ୟାନେଜରମେଣ୍ଟ ପ୍ଲାନ୍ ଅନୁଯାୟୀ ଏହି ଡ୍ରିଲ୍ କାର୍ଯ୍ୟକାରୀ କରାଯାଇଥିଲା। ମ୍ୟୁଚୁଆଲ୍ ଏଡ୍ ସଂସ୍ଥାର ପ୍ରତିନିଧିମାନେ ମଧ୍ୟ ଏହି ଅଭ୍ୟାସରେ ଅଂଶଗ୍ରହଣ କରିଥିଲେ। ପାରାଦୀପ ରିଫାଇନରୀର ଡିସିୟୁ ଫ୍ରାକ୍ସନେଟର ରିଫ୍ଲକ୍ସ ପମ୍ପରୁ ସିଲ୍ ଲିକ୍ ହୋଇ ଯଦି ନିଆଁ ଲାଗେ, ତାହାକୁ ସଫଳତାର ସହିତ କିପରି ମୁକାବିଲା କରାଯିବ ସେହି ବିଷୟବସ୍ତୁ ଉପରେ ମକଡ୍ରିଲ୍‌ଟି ଆଧାରିତ ଥିଲା। ଏଥିରେ ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ବିପର୍ଯ୍ୟୟ ପରିଚାଳନା ଯୋଜନାର ପ୍ରୋଟୋକଲ୍ ଅନୁଯାୟୀ ନିଆଯାଇଥିବା ପ୍ରତିକ୍ରିୟା ଏବଂ ନିୟନ୍ତ୍ରଣ ପଦକ୍ଷେପ ଗୁଡିକ ସଠିକ୍ ଭାବରେ ସମନ୍ୱିତ ହୋଇଥିଲା ଏବଂ ଏହାକୁ ସମସ୍ତ କର୍ତ୍ତୃପକ୍ଷ ପ୍ରଶଂସା କରିଥିଲେ। ଏହି ଡ୍ରିଲ୍ ପରେ ପାରାଦୀପ ରିଫାଇନରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ଏବଂ ରିଫାଇନରୀ ପ୍ରମୁଖ କୌଶିକ ବସୁଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା ସଭାର ଆୟୋଜନ କରାଯାଇଥିଲା।

ଶାନ୍ତିଶୃଙ୍ଖଳାର ସହ ସରିଲା ଦୁର୍ଗାପୂଜା

ରାଜନଗର, ୨୨।୧୦(ସମିସ): ରାଜନଗରର ଗଣପର୍ବ ଦଶହରା ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ରାଜନଗର ଓ ଗୋପାଳପୁର ବଜାରରେ ୨୨ଟି ଓ ଜରିମୂଳରେ ୮ଟି ମେଢ ହୋଇଥିବାବେଳେ ମଦନପୁର, ଓକିଲପାଳ, ଗୁପ୍ତି, ତାଳଚୁଆ, ଦୋଳସାହି, ପଚ୍ଚାପାରିଆ, ଜୁନୁସନଗର, ଈଶ୍ୱରପୁର, ଘଡିଆମାଳ, ଡାଙ୍ଗମାଳ ଆଦି ସ୍ଥାନରେ ୪୬ଟି ମେଢ ହୋଇଥିଲା। ଦେବୀଘରେ ଥାନପତି ମା' ଦୁର୍ଗାଙ୍କ ସହିତ ଗଳିଦାଣ୍ଡରେ ମା'ବନଦୁର୍ଗା, ଜଗନ୍ନାଥ ବଜାରରେ ମା'ଲକ୍ଷ୍ମୀ, ବଜାର ଦାଣ୍ଡରେ ରାଧାକୃଷ୍ଣ, ଟାଉନ୍ କ୍ଲବରେ ଶିବ ପାର୍ବତୀ, ପରିବା ମାର୍କେଟରେ ବିଶ୍ୱରୂପ, ପୁରୁଣାବଜାରରେ ହରଗୌରୀ, ଅନନ୍ତଶୟନ ବଜାରରେ ଅନନ୍ତ ଶୟନ, ତହସିଲ ଛକରେ ଲକ୍ଷ୍ମୀନାରାୟଣ, ମାଛ ମାର୍କେଟ୍‌ରେ ଗଙ୍ଗାମାତା, ଥାନାରେ ରାମ ଲକ୍ଷ୍ମଣ ସୀତା, ପୋଲ ପାଖରେ ବଜରଙ୍ଗବଳୀ ହନୁମାନ, ତାରିଣୀ ଛକରେ ମା' ଧନଲକ୍ଷ୍ମୀ, ନୂଆ ମାର୍କେଟରେ ଗଜାନନ ମେଢ, ସରସ୍ୱତୀ ମେଢ, ରାଜନଗର ଘାଟରୋଡରେ ଓଁ ଅନନ୍ତ ବାସୁଦେବ ମେଢ, ବ୍ୟାଙ୍କ ଛକରେ ଗଣପତି ମେଢ, ମେଡିକାଲ ଛକରେ ଗଣପତି, ତ୍ରିନାଥ ବଜାରରେ ତ୍ରିନାଥ ମେଢ, ସାନବଡ ଗୋପାଳପୁରର ଛକରେ ମା'ଶାରଳା ଓ ଗର୍ତ୍ତେଶ୍ୱରନଗର ନିକଟରେ ହରପାର୍ବତୀ ମେଢ ସାଙ୍ଗକୁ ଆକର୍ଷଣୀୟ ତୋରଣ ଓ ଆଲୋକ ସଜ୍ଜା ପୂଜା ଉତ୍ସବକୁ ସରସ ସୁନ୍ଦର କରିଥିଲା। ରାଜନଗରର ଦେବୀ ଘରେ ମା' ଦୁର୍ଗାଙ୍କୁ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁଙ୍କୁ ଲମ୍ବା ଲାଇନରେ ଛିଡା ହେବାକୁ ପଡିଥିଲା। ଶାନ୍ତିଶୃଙ୍ଖଳା ପାଇଁ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

କିଡ୍‌ନୀ ରୋଗରେ ଆକ୍ରାନ୍ତ ଭ୍ରମର

ଚିକିତ୍ସା ପାଇଁ ଅର୍ଥାଭାବ ସାଜିଛି ପ୍ରତିବନ୍ଧକ

ବାଲିକୁଦା,୨୩।୧୦(ସମିସ):

ଗରିବ ପରିବାର ପାଇଁ ଅସୁସ୍ଥତା ଯେତେବେଳେ ଦୁର୍ବିସହ ହୋଇପଡ଼େ, ସେତେବେଳେ ଅର୍ଥାଭାବ ଚିକିତ୍ସା ପଥରେ ସବୁଠାରୁ ବଡ଼ ପ୍ରତିବନ୍ଧକ ସାଜିଥାଏ। ଏଭଳି ଏକ ଦୁର୍ଦ୍ଦିନ ଦେଇ ଗତି କରୁଛନ୍ତି ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ରାହାଣ ପଞ୍ଚାୟତ ଚତରାମୁଣ୍ଡାଇ ଗ୍ରାମର ଭ୍ରମର ଦାସ। ଦୁଇଟି କିଡ୍‌ନୀ ନଷ୍ଟ ହୋଇଯାଇଥିବା ଜଣାପଡ଼ିବା ପରେ ଉତ୍ତମ ଚିକିତ୍ସା ପାଇଁ ଅର୍ଥ ଆବଶ୍ୟକ ହୋଇଥିବା ବେଳେ ଅର୍ଥାଭାବ ଯୋଗୁଁ ପରିବାର ଚିନ୍ତାରେ ପଡ଼ିଛି। ଭ୍ରମର ଦୀର୍ଘଦିନ ଧରି ଏକ ଛୋଟ ଜଳଖିଆ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ। ତେବେ କିଛିଦିନ ତଳେ ହଠାତ୍ ସେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କ ଗୋଡ଼ ଓ ହାତ ଫୁଲିବା ସହ ମୁଣ୍ଡ ବୁଲାଇ ସେ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ମେଡିକାଲ ନେଇ ଚିକିତ୍ସା କରାଇବା ପରେ ତାଙ୍କର ଦୁଇଟି କଡ୍‌ନୀ ନଷ୍ଟ ହୋଇଯାଇଥିବା ଜଣାପଡ଼ିଥିଲା। ଏହାପରେ ଭ୍ରମରଙ୍କ ଚିକିତ୍ସା ପାଇଁ ଅଧିକ ଅର୍ଥର ଆବଶ୍ୟକତା ରହିଥିବା ବେଳେ ପରିବାରର ଆର୍ଥିକ ସ୍ଥିତି ଏଥିପାଇଁ ସମର୍ଥ ନୁହେଁ। ଅନ୍ୟପକ୍ଷରେ ପରିବାରର ରାସନ କାର୍ଡ ନଥିବାରୁ

ଆୟୁଷ୍ମାନ କାର୍ଡ ମଧ୍ୟ ହୋଇପାରୁନଥିବା ପରିବାର ପକ୍ଷରୁ କୁହାଯାଇଛି। ଫଳରେ ଚିକିତ୍ସା ଖର୍ଚ୍ଚ ଯୋଗାଡ଼ କରିବା ଭ୍ରମରଙ୍କ ପରିବାର ପାଇଁ ଏବେ ବଡ଼ ସମସ୍ୟା ପାଲଟିଛି। ଭ୍ରମରଙ୍କ ପରିବାରରେ ରହିଛନ୍ତି ପତ୍ନୀ ଶକୁନ୍ତଳା ଓ ୮ ବର୍ଷର ଏକ ଛୋଟ ପୁଅ। ଭ୍ରମର ଅସୁସ୍ଥ ହୋଇ ରୋଜଗାର କରିପାରୁନଥିବାରୁ ପରିବାରର ଦୈନନ୍ଦିନ ଜୀବନ ମଧ୍ୟ ଦୁର୍ବିସହ ହୋଇପଡ଼ିଛି। ଦିନେ ଖାଇଲେ ଦିନେ ଉପାସ ଭଳି ସ୍ଥିତିରେ ପରିବାର ଦିନ କାଟୁଥିବା ଜଣାପଡ଼ିଛି। ଏଭଳି ସ୍ଥିତିରେ ଭ୍ରମରଙ୍କ ଚିକିତ୍ସା ପାଇଁ ସରକାରୀ ସହାୟତା ଯୋଗାଇଦେବା ସହ ଆର୍ଥିକ ସହଯୋଗ ପାଇଁ ସ୍ୱେଚ୍ଛାସେବୀ, ସାମାଜିକ କର୍ମୀ ଓ ଦାତାମାନଙ୍କୁ ପରିବାର ପକ୍ଷରୁ ନିବେଦନ କରାଯାଇଛି। ସହୃଦୟ ବ୍ୟକ୍ତି ଓ ସଂଗଠନମାନେ ସହଯୋଗର ହାତ ବଢ଼ାଇଲେ ଭ୍ରମରଙ୍କ ଉତ୍ତମ ଚିକିତ୍ସା କରାଇ ତାଙ୍କୁ ସୁସ୍ଥ କରିବା ସମ୍ଭବ ହେବ ବୋଲି ପତ୍ନୀ ଶକୁନ୍ତଳା ଆଶା ପ୍ରକାଶ କରିଛନ୍ତି। ଗରିବ ପରିବାରର ଏହି ଅସହାୟତା ପ୍ରତି ପ୍ରଶାସନ ଦୃଷ୍ଟି ଦେଇ ଆବଶ୍ୟକ ସରକାରୀ ସହାୟତା ଓ ଚିକିତ୍ସା ସୁବିଧା ଯୋଗାଇଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

କାଶିଆଡିହି ଗ୍ରାମରେ ରାବଣ ବଧ ମହୋତ୍ସବ

ଢେଙ୍କାନାଳ, ୨୩।୧୦(ସମିସ): ଓଡ଼ାପଡ଼ା ବ୍ଲକ କାଶିଆଡିହି ଗ୍ରାମରେ ରାବଣ ବଧ ମହୋତ୍ସବ ପାଳିତ ହୋଇଛି। ରାବଣ ବଧ ମହୋତ୍ସବ କମିଟି ସଭାପତି କ୍ଷୀରୋଦ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାବେ ମୁଖ୍ୟଅତିଥି ଭାବେ କଟକ ଜିଲ୍ଲା ବିଜେପି ସଭାପତି ରାମନାରାୟଣ ମହାନ୍ତି, ମୁଖ୍ୟବକ୍ତା ଭାବେ ସୁଶାନ୍ତ କୁମାର ପତି, ସମ୍ମାନିତ ଅତିଥି ଭାବେ ଇତିଶ୍ରୀ ସାହୁ, ପ୍ରଶାନ୍ତ ପ୍ରଧାନ ଓ ପୂର୍ବତନ ବଳରାମପୁର ସରପଞ୍ଚ ଦୀପ୍ତିରାଣୀ ରାଉତ ଯୋଗଦେଇଥିଲେ। ସମ୍ପାଦକ ସୁଜନ କୁମାର ସିଂହ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।ପ୍ରକାଶକୁମାରପରିଡ଼ାଓକୁମାର ଜିତେନ୍ଦ୍ର ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ସଦାନନ୍ଦ ପାତ୍ର, ସତ୍ୟବ୍ରତ ପାତ୍ର, ଗୋବର୍ଦ୍ଧନ ବେହେରା, କୃଷ୍ଣଚନ୍ଦ୍ର ପାତ୍ର, ହୀରାବତୀ ପ୍ରଧାନ, ଦୀପ୍ତିରାଣୀ ରାଉତ, ସମୀର ନାଏକ ଓ ଭଜମନ ନାଏକଙ୍କ ପରି ଅଞ୍ଚଳର ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଜ୍ଞାପ୍ରିୟା ନନ୍ଦଙ୍କ ସୁରଙ୍ଗନା କଳାନିକେତନ, ରୁନା ଦାସଙ୍କ ଜାଗୃତି ଫାଉଣ୍ଡେସନ, ପ୍ରକାଶ ପରିଡ଼ା ଓ ରଶ୍ମି ନାୟକଙ୍କ ଶ୍ରୀଲୋକନାଥ ସଙ୍ଗୀତ ବିଦ୍ୟାଳୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଜ୍ୟୋତିପ୍ରକାଶ ପଟ୍ଟନାୟକ, ପ୍ରମିତା ହୋତା, ରଶ୍ମି ବାରିକ୍ ଓ ରାଜେନ୍ଦ୍ରଙ୍କ ସଙ୍ଗୀତ ପରିବେଷଣ ଉଚ୍ଚକୋଟୀର ଥିଲା। କୈଳାସ ଚନ୍ଦ୍ର ରାଉତ ଓ ରୁଦ୍ରନାରାୟଣ ପରିଡ଼ାଙ୍କ ଦ୍ୱାରା ରାବଣ ପ୍ରତିକୃତି ତିଆରିରେ ଅନୁଷ୍ଠାନର ବିପିନ୍ ଜେନା, ବିଘ୍ନରାଜ ସାହୁ, ପ୍ରମୋଦ ପ୍ରଧାନ, କ୍ଷିତୀଶ ପ୍ରଧାନ ସହଯୋଗ କରିଥିଲେ।

ନିଖିଲ, ସୌମ୍ୟରଞ୍ଜନ, ସିକୁ, ଆୟୁଷ, ଲକି, ସିକିନା, ମାନସ, ଲିପୁନ ଓ ଶାସ୍ୱତ ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୃଥ୍ୱୀରାଜ ପ୍ରଧାନଙ୍କୁ ଶ୍ରେଷ୍ଠ ଭଲ୍ୟୁଣ୍ଟିୟର ଭାବେ ପୁରସ୍କୃତ କରାଯାଇଥିଲା। ନରେନ୍ଦ୍ର ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉତ୍ସବ ପରିଚାଳିତ ହୋଇଥିଲା। ପ୍ରକାଶ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

ଦିଲୀପ ସେଠୀ ହତ୍ୟା ଘଟଣାର ପର୍ଦ୍ଦାଫାସ

ପରକୀୟା ସମ୍ପର୍କକୁ ବିରୋଧ କରିବାରୁ ହତ୍ୟା

ଅନୁଗୋଳ, ୨୩।୧୦(ସମିସ)

- ସ୍ତ୍ରୀ ସମେତ ୨ ଗିରଫ
- କୁରାଢ଼ି, ରକ୍ତଭିଜା ପୋଷାକ ଜବତ

ବାଗଡ଼ିଆ ଥାନା କଣଲୋଇ ଗ୍ରାମର ଦିଲୀପ ସେଠୀ (୩୫) ହତ୍ୟା ଘଟଣାର ପର୍ଦ୍ଦାଫାସ କରିଛି ପୁଲିସ। ଏହି ଘଟଣାରେ ଦିଲୀପଙ୍କ ସ୍ତ୍ରୀ ସୌଦାମିନୀ ସେଠୀ (୨୫) ଓ ଖଗେଶ୍ୱର ସାହୁ ଓରଫ ମିଲୁ (୨୫)ଙ୍କୁ ଗିରଫ କରାଯାଇଛି। ଶୁକ୍ରବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୌଦାମିନୀ ଓ ଖଗେଶ୍ୱରଙ୍କ ମଧ୍ୟରେ ଅନୈତିକ ସମ୍ପର୍କକୁ ଦିଲୀପ ବିରୋଧ କରୁଥିଲେ। ଫଳରେ ଉଭୟ ମିଶି ଦିଲୀପଙ୍କୁ ହତ୍ୟା କରିଥିବା ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

ପୁଲିସ ସୂଚନା ଅନୁଯାୟୀ, ଗତ ୨୦ ତାରିଖ ରାତିରେ ଦିଲୀପଙ୍କୁ ଖାଦ୍ୟରେ ମୂଷାମରା ବିଷ ମିଶାଯାଇଥିଲା। ଖାଦ୍ୟ ଖାଇବା ପରେ ସେ ଅସହାୟ ଅବସ୍ଥାରେ ଥିବାବେଳେ ତାଙ୍କ ଗଳା ଚିପିବା ସହ କୁରାଢ଼ିରେ ହାଣି ହତ୍ୟା କରାଯାଇଥିଲା। ହତ୍ୟା ପରେ ଅଭିଯୁକ୍ତମାନେ ଗାଁରେ ଚାଲିଥିବା ଅପେରା କାର୍ଯ୍ୟକ୍ରମକୁ ଯାଇ ନିଜ ସମ୍ପୃକ୍ତି ଲୁଚାଇବାକୁ ଉଦ୍ୟମ କରିଥିଲେ। ପରେ ସୌଦାମିନୀ ଘରକୁ ଫେରି କୌଣସି ଅଜଣା ବ୍ୟକ୍ତି ଦିଲୀପଙ୍କୁ ହତ୍ୟା କରିଥିବା କହି ଚିତ୍କାର କରିଥିଲେ। ଏ ନେଇ ଦିଲୀପଙ୍କ ମା' ସୌରୀ ସେଠୀଙ୍କ ଲିଖିତ ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ବୈଷୟିକ ତଥ୍ୟ ଓ କ୍ଷେତ୍ର ସ୍ତରରୁ ମିଳିଥିବା ସୂଚନା ଆଧାରରେ ସୌଦାମିନୀ ଓ ଖଗେଶ୍ୱର ହିଁ ଦିଲୀପଙ୍କୁ ହତ୍ୟା କରିଥିବା ପ୍ରମାଣ ମିଳିଥିଲା। ଉଭୟଙ୍କୁ ଗିରଫ କରାଯିବା ସହ ହତ୍ୟାକାଣ୍ଡରେ ବ୍ୟବହୃତ କୁରାଢ଼ି, ଗଳା ଚିପିବାରେ ବ୍ୟବହୃତ କପଡ଼ା ଓ ରକ୍ତଭିଜା ପୋଷାକ ଜବତ କରାଯାଇଛି। ଜବତ ସାମଗ୍ରୀ ଓ ମୋବାଇଲ୍ ଫୋନର ଫୋରେନସିକ୍ ଯାଞ୍ଚ ସହ ଅନ୍ୟାନ୍ୟ ପ୍ରମାଣ ସଂଗ୍ରହ ଜାରି ରହିଛି। ଘଟଣାର ସମସ୍ତ ଦିଗକୁ ନେଇ ପୁଲିସର ଅଧିକ ତଦନ୍ତ ଜାରି ରଖିଛି।

ଭୁବନ ବଳଦଯାତ୍ରା ସମ୍ପନ୍ନ

ବିଦାୟ ନେଲେ ମା'; ପୁଣି ଆରବର୍ଷକୁ ଅପେକ୍ଷା

ଭୁବନ, ୨୩।୧୦(ସମିସ): ଭୁବନର ପ୍ରସିଦ୍ଧ ବଳଦଯାତ୍ରା ଅନୁଷ୍ଠିତ ହେବା ସହିତ ଭୁବନବାସୀ ମାଆ ଦୁର୍ଗାଙ୍କୁ ବିଦାୟ ଦେଇଛନ୍ତି। ଏକଦା ଏସିଆ ମହାଦେଶର ସର୍ବବୃହତ ଗ୍ରାମ ମାନ୍ୟତା ପାଇଥିବା ଭୁବନ ତା'ର କଳା, ସଂସ୍କୃତି ଓ ପରମ୍ପରା ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଭୁବନରେ ପାଳିତ ହେଉଥିବା ନିଆରା ଦଶହରା ବଳଦଯାତ୍ରା ସାରା ପୃଥିବୀରେ ଅନ୍ୟ କେଉଁଠି ଦେଖିବାକୁ ମିଳେନାହିଁ। ଦଶହରା ପର୍ବ ସମୟକୁ ହଳଲଙ୍ଗଳ କାର୍ଯ୍ୟ ସମ୍ପନ୍ନ ହୋଇସାରିଥାଏ। ଧାନବିଲରେ ଧାନଗଛ ଫୁଲ ଉଡ଼ାଇବା ସହ ଥୋଡ଼ ଧରିବା ଆରମ୍ଭ କରିଥାଏ। ଧାନ ଅମଳ ପର୍ଯ୍ୟନ୍ତ ବଳଦମାନଙ୍କର ବିଶେଷ କାମ ନ ଥାଏ। ତେଣୁ ଯେଉଁ ବଳଦମାନେ ଅକ୍ଳାନ୍ତ ପରିଶ୍ରମ କରି ବିଲରେ ହଳଲଙ୍ଗଳ କରି ମାଟିକୁ ସବୁଜ ସୁନ୍ଦର କରିଛନ୍ତି, ସେମାନଙ୍କୁ ପୂଜାର୍ଚ୍ଚନା କରି କୃତଜ୍ଞତା ଜଣାଇବା ସହ ସୁନ୍ଦର ଭାବେ ସଜାଇ ପରିକ୍ରମା କରାଇବା ହେଉଛି ବଳଦ ଯାତ୍ରା। ଏହି ଯାତ୍ରା କୃଷକ ପରିବାର ଓ ବଳଦ ମଧ୍ୟରେ ଥିବା ଭାବାବେଗ ତଥା ନିବିଡ଼ ସମ୍ପର୍କର ନିଦର୍ଶନ। ଏହି ଅବସରରେ ପ୍ରତିବର୍ଷ ରାବଣପୋଡ଼ି ମହୋତ୍ସବ ମଧ୍ୟ ଅନୁଷ୍ଠିତ ହୋଇଥାଏ। ଚଳିତବର୍ଷ ଭୁବନ ବଳଦଯାତ୍ରାରେ ୩୦ଟି ବଳଦ, ୨ଟି କି ସେଣ୍ଢା ଓ ୧୩ଟି ମେଢ଼ ସାମିଲ ହୋଇଥିଲେ। କାଳୀବଜାରଠାରେ ମା'ଙ୍କ ମେଳଣ ସହ ବଳଦଯାତ୍ରାର ଶୁଭାରମ୍ଭ ହୋଇଥିଲା। କାଳୀବଜାରରୁ ଆରମ୍ଭ ହୋଇ ପାଲାମଣ୍ଡପ, ଦୁର୍ଗାଛକ, ଲକ୍ଷ୍ମୀଛକ, ଯୋଗୀସାହି ଛକ, ବଣିଆସାହି, ଗାଡ଼ିସାହି, ବ୍ରାହ୍ମଣୀଦେଇ ଛକ, ରାଉତସାହି, ଖଣ୍ଡିଆବନ୍ଧ ଓ ବଡ଼ହାଟ ଦେଇ ନୂଆବଜାରଠାରେ ବଳଦ ଯାତ୍ରା ପହଞ୍ଚିଥିଲା। ଚଳିତବର୍ଷ ବିଳମ୍ବ ଯୋଗୁଁ ତିନିଟି ମେଢ଼ ଯାତ୍ରାରେ ସାମିଲ ହୋଇପାରି ନ ଥିଲେ। ଗୁରୁବାର ସନ୍ଧ୍ୟା ୬ଟାରୁ ଶୁକ୍ରବାର ସକାଳ ୭ଟା ପର୍ଯ୍ୟନ୍ତ ବାଜାରୋଷଣୀ ପାଇଁ ଅନୁମତି ରହିଥିଲା। ଏ ନେଇ ଅବଶିଷ୍ଟ ଦୁର୍ଗା କମିଟି ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଶୁକ୍ରବାର ରାତି ସାଢ଼େ ୯ଟାରେ ବାଜା ବଜାଇ ମା'ଙ୍କୁ ମେଳଣ କରାଯାଇଥିଲା। ପରେ ବଣିଜାରି ପଡ଼ିଆରେ ମେଳଣ ଉତ୍ସବ ଅନୁଷ୍ଠିତ ହୋଇଥିଲା।

ପୂଜା ପାଇଁ ପୁଲିସ ଫୋର୍ସ ମୁତୟନ

ଜଗିବେ ୨୪ ପ୍ଲାଟୁନ ପୁଲିସ, ନଜର ରଖିବ ଡ୍ରୋନ

ଢେଙ୍କାନାଳ, ୨୩।୧୦(ସମିସ): ଢେଙ୍କାନାଳ ଗଜଲକ୍ଷ୍ମୀ ପୂଜା ଅବସରରେ ପୁଲିସ ପ୍ରଶାସନ ତରଫରୁ ଶାନ୍ତି ଶୃଙ୍ଖଳା ରକ୍ଷା, ଭିଡ ନିୟନ୍ତ୍ରଣ, ଆଇନ ଶୃଙ୍ଖଳା ପରିସ୍ଥିତିର ନିୟନ୍ତ୍ରଣ ଏବଂ ବିଭିନ୍ନ ଅସାମାଜିକ ବ୍ୟକ୍ତିଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ପାଇଁ ପୁଲିସ ପ୍ରଶାସନତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏସପି ଅଜିଙ୍କ୍ୟ ବାବୁରାଓ ମାନେଙ୍କ ସୂଚନା ଅନୁସାରେ ସହରରେ ମୋଟ ୨୪ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯିବ। ଜିଲ୍ଲା ବାହାରରୁ ୮ ପ୍ଲାଟୁନ ପୁଲିସ ଫୋର୍ସ ଆସୁଥିବାର ସେ କହିଛନ୍ତି। ପୂଜା ସମୟରେ ଭିଡ ନିୟନ୍ତ୍ରଣ, ଆଇନ ଶୃଙ୍ଖଳା ଏବଂ ଅସାମାଜିକ ବ୍ୟକ୍ତଙ୍କ ଉପରେ ନଜର ରଖାଯିବ। ସେହିପରି ଅତିରିକ୍ତ ଏସପିଙ୍କ ଠାରୁ ଏଏସଆଇଙ୍କ ପର୍ଯ୍ୟନ୍ତ ୧୪୫ଜଣ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ଏହା ସହିତ ସ୍ପେସାଲ ସ୍କାର୍ଡ ବି ନିଯୁକ୍ତ କରାଯାଇଛି। ଭିଡ ଏବଂ ଅନ୍ୟ କାର୍ଯ୍ୟପାଇଁ ଡ୍ରୋନର ସାହାଯ୍ୟ ନିଆଯିବ ବୋଲି କହିଛନ୍ତି। ସହରରେ ଅସାମାଜିକ କାର୍ଯ୍ୟ ପାଇଁ ଯେଉଁ ବନଜାରା ମାନେ ରହିଥିଲେସେମାନେ ନଥିବାର ଏସପି ପ୍ରକାଶ କରିଛନ୍ତି।

ଦାଣ୍ଡିଆ ତାଳରେ ଝୁମିଲା ଜିକେଇଏଲ୍ ଟାଉନସିପ୍

ଢେଙ୍କାନାଳ, ୨୩।୧୦(ସମିସ): ଜିଏମଆର କମଳାଙ୍ଗ ଏନର୍ଜି ଲିମିଟେଡ୍ ପକ୍ଷରୁ ଏକାମ୍ରନଗର ଟାଉନସିପ୍‌ରେ ଆୟୋଜିତ ତିନିଦିନିଆ ଦାଣ୍ଡିଆ ଉତ୍ସବ ଭବ୍ୟ ରାବଣ ପୋଡ଼ି କାର୍ଯ୍ୟକ୍ରମ ସହ ଉଦ୍‌ଯାପିତ ହୋଇଛି। କର୍ମଚାରୀ ଓ ସେମାନଙ୍କ ପରିବାର ଲୋକଙ୍କ ଅଂଶଗ୍ରହଣରେ ଟାଉନସିପ୍ ତିନିଦିନ ଧରି ଉତ୍ସବମୁଖର ହୋଇଉଠିଥିଲା। ଉତ୍ସବ ଅବସରରେ ମା' ଦୁର୍ଗାଙ୍କ ଆଳତି, ଦାଣ୍ଡିଆ ନୃତ୍ୟ, ମହିଳା ନୃତ୍ୟ, ଦମ୍ପତି ଦାଣ୍ଡିଆ, ଦାଣ୍ଡିଆ କାଠି ସଜ୍ଜା ପ୍ରତିଯୋଗିତା, ଫ୍ୟାଶନ୍ ଶୋ' ଓ କପଲ୍ ଫଟୋଗ୍ରାଫି ସମେତ ବିଭିନ୍ନ ସାଂସ୍କୃତିକ ଓ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମହିଷାସୁର ବଧର ବିଶେଷ ପ୍ରଦର୍ଶନ ମାଧ୍ୟମରେ ଅଧର୍ମ ଉପରେ ଧର୍ମ ଓ ଅସତ୍ୟ ଉପରେ ସତ୍ୟର ବିଜୟର ବାର୍ତ୍ତା ଦିଆଯାଇଥିଲା। ପୁରସ୍କାର ବିତରଣ ସହ ପୂର୍ବବର୍ଷ ଉତ୍ସବର ଫଟୋ ବଣ୍ଟନ ମଧ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ଟାଉନସିପ୍‌ରେ ଆକର୍ଷଣୀୟ ଶୋଭାଯାତ୍ରା ବାହାରିଥିଲା। ପରେ ରାମ-ରାବଣ ଯୁଦ୍ଧର ପ୍ରତୀକାତ୍ମକ ପ୍ରଦର୍ଶନ ଓ ରାବଣ ପ୍ରତିମୂର୍ତ୍ତି ଦହନ କରାଯାଇଥିଲା। ଏଥିସହ ଆତସବାଜି ପ୍ରଦର୍ଶନ ଓ ପ୍ରସାଦ ବଣ୍ଟନ କରାଯାଇଥିଲା। ଉତ୍ସବର ସଫଳ ଆୟୋଜନ ଏକାମ୍ରନଗର ଟାଉନସିପ୍‌ର ସାଂସ୍କୃତିକ ଚେତନା, ଏକତା ଓ ସାମୂହିକ ଆନନ୍ଦର ସୁନ୍ଦର ନିଦର୍ଶନ ପାଲଟିଥିଲା।

ନାରୀ ସଶକ୍ତୀକରଣର ବାର୍ତ୍ତା ଦେଲା କୁମାରୀ ପୂଜା

ଢେଙ୍କାନାଳ, ୨୩।୧୦(ସମିସ): ସ୍ଥାନୀୟ ରାଧାକୃଷ୍ଣ ବଜାର ଦୋଳମଣ୍ଡପ ସାହିରେ ନବରାତ୍ର ଦୁର୍ଗାପୂଜା ମହାନବମୀ ଅବସରରେ ଭକ୍ତି ଓ ଶ୍ରଦ୍ଧାର ସହ କୁମାରୀ ପୂଜା ଅନୁଷ୍ଠିତ ହୋଇଛି। ରାଧାକୃଷ୍ଣ ବଜାର ନବରାତ୍ର ଦୁର୍ଗାପୂଜା ସମିତି ପକ୍ଷରୁ ଆୟୋଜିତ ଏହି ପୂଜାରେ ମା'ଙ୍କ ନିକଟରେ ବିଭିନ୍ନ ପ୍ରକାର ଭୋଗ ଅର୍ପଣ କରାଯାଇଥିଲା। ପୂଜକ ନରୋତ୍ତମ ଦାସ, ରୁଦ୍ରନାରାୟଣ କବିଶତପଥୀ, ଭବାନୀ ଶଙ୍କର ରଥ ଓ ସୁବ୍ରତ ମହାପାତ୍ର ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଗଣେଶ୍ୱର ଓଝା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସାଂସ୍କୃତିକ ସମ୍ପାଦକ ବିଶ୍ୱରଞ୍ଜନ ଓଝାଙ୍କ ତତ୍ତ୍ୱାବଧାନରେ ସାହି ବାସିନ୍ଦାଙ୍କ ସହଯୋଗରେ ପୂଜା ହୋଇଥିଲା। ଏହି କାର୍ଯ୍ୟକ୍ରମ ଜରିଆରେ ନାରୀ ସଶକ୍ତୀକରଣ, ଶିକ୍ଷା ଓ ସ୍ୱାବଲମ୍ବନ ବାର୍ତ୍ତା ପ୍ରଦାନ କରାଯାଇଥିଲା। ପ୍ରତ୍ୟେକ ଶିଶୁଙ୍କ ମଧ୍ୟରେ ମାତୃଶକ୍ତିର ସ୍ୱରୂପ ଦେଖିବା ସହ ନାରୀଙ୍କୁ ସମ୍ମାନ ଓ ସମାଜରେ ଉପଯୁକ୍ତ ସ୍ୱୀକୃତି ପ୍ରଦାନ କରିବା କୁମାରୀ ପୂଜାର ମୁଖ୍ୟ ବାର୍ତ୍ତା ବୋଲି ଆୟୋଜକମାନେ ମତ ପ୍ରକାଶ କରିଛନ୍ତି। ମହାନବମୀରେ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇ ବିଜୟା ଦଶମୀରେ ମା'ଙ୍କ ଅପରାଜିତା ପୂଜା ହୋଇଥିଲା।

ସଙ୍କୀର୍ତ୍ତନ ଗୁରୁଙ୍କ ପରଲୋକ

ହିନ୍ଦୋଳ, ୨୩।୧୦(ସମିସ): ହିନ୍ଦୋଳ ବ୍ଲକ ନୂଆବଗ ପଞ୍ଚାୟତ ବାଘଧରିଆ ଗ୍ରାମର ସଂକୀର୍ତ୍ତନ ଗୁରୁ ଦିବାକର ଦେହୁରୀଙ୍କର ୯୧ ବର୍ଷ ବୟସରେ ନିଜ ବାସଭବନରେ ପରଲୋକ ଘଟିଛି। ସ୍ୱର୍ଗତ ଦେହୁରୀ ନଦିଆ, ଓଡ଼ିଶୀ, ଦକ୍ଷିଣୀ ଆଦି ବିଭିନ୍ନ ପ୍ରକାର ବାଦ୍ୟରେ ବେଶ୍ ପାରଦର୍ଶିତା ଲାଭ କରି ସାରା ହିନ୍ଦୋଳରେ ଖ୍ୟାତି ଅର୍ଜନ କରଥିଲେ। କେତେକ ଗ୍ରାମରେ ବିଭିନ୍ନ ସଂକୀର୍ତ୍ତନ ଦଳରେ ସଂକୀର୍ତ୍ତନ ଗୁରୁ ଭାବେ ଅନେକଙ୍କୁ ପ୍ରଶିକ୍ଷଣ ଦେଇଛନ୍ତି। ତେବେ ପ୍ରାୟ ୪ ମାସ ହେବ ସେ ଅସୁସ୍ଥ ହୋଇ ଶଯ୍ୟାଶାୟୀ ଥିଲେ। ଗୁରୁବାର ବିଳମ୍ବିତ ରାତିରେ ତାଙ୍କ ଦେହାନ୍ତ ହୋଇଛି। ଶୁକ୍ରବାର ତାଙ୍କ ପାର୍ଥିବ ଶରୀରକୁ ଗ୍ରାମ ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଆଖ ପାଖ ଗ୍ରାମର ବହୁ ସଂକୀର୍ତ୍ତନ ମଣ୍ଡଳୀ ଶବ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଦିବାକରଙ୍କ ବିୟୋଗରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ହିନ୍ଦୋଳ କଳାକାର ସଙ୍ଘ ପକ୍ଷରୁ ଗଭୀର ଶୋକବ୍ୟକ୍ତ କରାଯିବା ସହ ତାଙ୍କ ପରିବାର ସଦସ୍ୟଙ୍କୁ ସମବେଦନା ଜ୍ଞାପନ କରାଯାଇଛି।



୩ ଗାଁରୁ ପଞ୍ଚାୟତ କାର୍ଯ୍ୟାଳୟକୁ ରାସ୍ତା ନାହିଁ

- ଦୁର୍ଦ୍ଦଶା ଭୋଗୁଛନ୍ତି ଜନସାଧାରଣ

ଓଡ଼ାପଡ଼ା, ୨୩।୧୦(ସମିସ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ କମଳାଙ୍ଗ ପଞ୍ଚାୟତର ମାଳିସାହି, କାଳିଆ ତଇଲା ଓ ବରସାହିକୁ ଯିବା ପାଇଁ ଉପଯୁକ୍ତ ସଂଯୋଗ ରାସ୍ତା ନ ଥିବାରୁ ଗ୍ରାମବାସୀ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟଠାରୁ ମାତ୍ର ୧ରୁ ଦେଢ଼ କିଲୋମିଟର ଦୂରରେ ଅବସ୍ଥିତ ଏହି ଗାଁର ଏଭଳି ଦୁରବସ୍ଥା ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଏହି ରାସ୍ତାରେ ଆଜିପର୍ଯ୍ୟନ୍ତ ମାଟି ମୁଠାଏ ମଧ୍ୟ ପଡ଼ିନାହିଁ। ବ୍ରାହ୍ମଣୀ ନଦୀ କୂଳରେ ଥିବା ଏହି କାଦୁଆ ରାସ୍ତା ଦେଇ ଗ୍ରାମବାସୀ ଦୈନନ୍ଦିନ ଯାତାୟାତ କରୁଛନ୍ତି। ବିଶେଷକରି ବର୍ଷା ଦିନେ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡୁଛି। ପ୍ରବଳ ବର୍ଷା ଓ ଟ୍ରାକ୍ଟର ଚଳାଚଳ ଯୋଗୁଁ ରାସ୍ତାରେ ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇଛି। ଫଳରେ ଯାତାୟାତ ଅଧିକ କଷ୍ଟକର ହୋଇପଡ଼ିଛି। ଖାଲଖମା ଭରିବା ପାଇଁ ନିକଟସ୍ଥ କେତେକ କମ୍ପାନୀରୁ ପାଉଁଶ ଆଣି ପକାଯାଇଛି। ତେବେ ପବନରେ ପାଉଁଶ ଉଡ଼ି ପରିବେଶକୁ ଧୂଳିମୟ କରୁଥିବା ବେଳେ ରାସ୍ତାରେ ଯାତାୟାତ କରୁଥିବା ସାଇକଲ ଓ ବାଇକ୍ ଆରୋହୀ ଦୁର୍ଘଟଣାର ଶିକାର ହେଉଛନ୍ତି। ସ୍ୱାଧୀନତାର ୮ ଦଶନ୍ଧି ପରେ ମଧ୍ୟ ଲୋକଙ୍କୁ ଉପଯୁକ୍ତ ରାସ୍ତା ନ ମିଳିବା ଗ୍ରାମାଞ୍ଚଳର ବିକାଶ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। କମଳାଙ୍ଗ ପଞ୍ଚାୟତର ଏହି ତିନି ପଡ଼ାକୁ ସଂଯୋଗ କରୁଥିବା ପ୍ରାୟ ଦେଢ଼ କିଲୋମିଟର ରାସ୍ତାକୁ ତୁରନ୍ତ ପକ୍କା ରାସ୍ତାରେ ପରିଣତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

ଲକ୍ଷ୍ମୀପୂଜା ପାଇଁ ଯାନବାହାନ କଟକଣା

ଢେଙ୍କାନାଳ, ୨୩।୧୦(ସମିସ): ଢେଙ୍କାନାଳ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ପାଇଁ ଜିଲ୍ଲାପାଳ ଭାରୀଯାନ ଚଳାଚଳ ଉପରେ କଟକଣା ଜାରି କରିଛନ୍ତି। ଗଜଲକ୍ଷ୍ମୀ ପୂଜା ପାଇଁ ଆସନ୍ତା ୨୫ ତାରିଖରୁ ନଭେମ୍ବର ୪ ପର୍ଯ୍ୟନ୍ତ ଦିନ ୩ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ସହର ମଧ୍ୟକୁ କୌଣସି ଭାରୀଯାନ ଚଳାଚଳ କରିବ ନାହିଁ। କେବଳ ଅତି ଜରୁରୀକାଳୀନ ଗାଡ଼ିଗୁଡ଼ିକ ଚଳାଚଳ କରିବ। ଏହି କଟକଣା ସଦରଥାନା ଅନ୍ତର୍ଗତ ବଳଦିଆବନ୍ଧଠାରୁ ଗୁଣ୍ଡିଚାପଡ଼ା ସଦର ଥାନା ପର୍ଯ୍ୟନ୍ତ ବଳବତ୍ତର ରହିବ। ଭୁବନ, ଗଁଦିଆ, ଯୋରନ୍ଦାରୁ ଆସୁଥିବା ବସ୍‌ଗୁଡ଼ିକ ମାଛପୋଲ ଶିମିଳିଆଠାରେ ରହିବ। ଏହା ସହ ତାଳଚେର, କାମାକ୍ଷାନଗର, ଅନୁଗୋଳ, ହିନ୍ଦୋଳ, କଟକ ବସଗୁଡ଼ିକ କଲେଜ ବାଇପାସରେ ପାର୍କିଂ କରିବେ। ପୂଜା ସମୟରେ କୌଣସି ବସ ସହର ମଧ୍ୟକୁ ପ୍ରବେଶ କରିପାରିବ ନାହିଁ ବୋଲି ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଆଦେଶ ଜାରି କରିଛନ୍ତି।

ନିଶାମୁକ୍ତ ଓ ବିକଶିତ ଭାରତ ଗଠନ ସଙ୍କଳ୍ପ

ଟାଟା ଷ୍ଟିଲ କପିଳାସ ହାଫ୍ ମାରାଥନ ଟି-ସର୍ଟ ଉନ୍ମୋଚିତ

ଢେଙ୍କାନାଳ, ୨୩।୧୦(ସମିସ)

ଢେଙ୍କାନାଳ ଜିଲ୍ଲା ଓଡାପଡ଼ା ବ୍ଲକ ଟାଟା ଷ୍ଟିଲ ମେରାମଣ୍ଡଳୀ ତରଫରୁ ଚଳିତ ବର୍ଷ ହେବାକୁ ଥିବା ଟାଟା ଷ୍ଟିଲ ହାଫ ମାରାଥନ ପାଇର୍ ନୂତନ ଟି ସାର୍ଟ ଉନ୍ମୋଚନ ହୋଇଛି। ଚଳିତ ବର୍ଷ ନିଶାମୁକ୍ତ ଭାରତ ଗଠନ ଏବଂ ବିକଶିତ ଭାରତର ସଂକଳ୍ପକୁ ଜନମାନସରେ ପହଞ୍ଚାଇବା ଲକ୍ଷ୍ୟରେ ଆସନ୍ତା ୯ ଜାନୁଆରୀ ୨୦୨୭ରେ ଟାଟା ଷ୍ଟିଲ୍ କପିଳାସ ହାଫ୍ ମାରାଥନ୍–୨୦୨୭ ଅନୁଷ୍ଠିତ ହେବ। ଚଳିତ ବର୍ଷର ମାରାଥନ୍ 'ନିଶାମୁକ୍ତ ଅଭିଯାନ, ବିକଶିତ ଭାରତ କି ପେହଚାନ୍' ବିଷୟ ବସ୍ତୁକୁ ନେଇ ଏହି ମାରାଥନ ଅନୁଷ୍ଠିତ ହେବ। ଏହି ଅବସରରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମାରାଥନ୍‌ର ଟି-ସାର୍ଟ ଉନ୍ମୋଚନ କରାଯିବା ସହ ପଞ୍ଜୀକରଣ ପ୍ରକ୍ରିୟାର ଶୁଭାରମ୍ଭ କରାଯାଇଛି।ସାମ୍ବାଦିକ ସମ୍ମିଳନୀରେ ଢେଙ୍କାନାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଆରକ୍ଷୀ ଅଧୀକ୍ଷକ ଅଜିଙ୍କ୍ୟ ବାବୁରାଓ ମାନେ, ଟାଟା ଷ୍ଟିଲ୍‌ର ମୁଖ୍ୟ କ୍ରୀଡ଼ା ଅଧିକାରୀ ମୁକୁଲ ବିନାୟକ ଚୌଧୁରୀ, ଟାଟା ଷ୍ଟିଲ୍ ମେରାମଣ୍ଡଳୀର ମୁଖ୍ୟ କର୍ପୋରେଟ୍ ସର୍ଭିସେସ୍ ଶୁଭ୍ରାଂଶୁ ଶେଖର ପଣ୍ଡା ଏବଂ ଏମ୍‌ଜିଏମ୍ ଗ୍ରୁପ୍‌ର ମୁଖ୍ୟ ପରିଚାଳନା ଅଧିକାରୀ ସୁନୀଲ କୁମାର ମିଶ୍ର ଉପସ୍ଥିତ ଥିଲେ। ଏଥିସହ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ରମେଶ ଚନ୍ଦ୍ର ସେଠୀ ଏବଂ ଉପଜିଲ୍ଲାପାଳ, ଢେଙ୍କାନାଳ ପଦ୍ମଚରଣ ସାହୁ ଉପସ୍ଥିତ ଥିଲେ।ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ପାଟିଲ କହିଥିଲେ ଯେ, କପିଳାସର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଶାନ୍ତ ପରିବେଶ ଏହି ମାରାଥନ୍‌କୁ ଏକ ସ୍ୱତନ୍ତ୍ର ମହତ୍ୱ ପ୍ରଦାନ କରିଛି। ଏହା ଜିଲ୍ଲା ବାହାରୁ ଆସୁଥିବା ଅତିଥି ଓ ପ୍ରତିଯୋଗୀମାନଙ୍କୁ ଢେଙ୍କାନାଳର ଅପୂର୍ବ ପ୍ରାକୃତିକ ଶୋଭା ସହ ପରିଚିତ କରାଇବାର ଏକ ଉତ୍ତମ ସୁଯୋଗ। ଟାଟା ଷ୍ଟିଲ୍ ସର୍ବଦା ଏଭଳି ଆୟୋଜନ ମାଧ୍ୟମରେ ସମାଜ ପାଇଁ ଏକ ବୃହତ୍ତର ଓ ସକାରାତ୍ମକ ବାର୍ତ୍ତା ପ୍ରସାର କରିବାକୁ ଗୁରୁତ୍ୱ ଦେଇଆସିଛି। ଗତବର୍ଷ ବୀର ବାଜି ରାଉତଙ୍କ ସ୍ମୃତି ଓ ଆଦର୍ଶକୁ କେନ୍ଦ୍ର କରି ମାରାଥନ୍ ଆୟୋଜିତ ହୋଇଥିବା ବେଳେ ଚଳିତ ବର୍ଷ ନିଶାମୁକ୍ତ ଭାରତ ଗଠନର ବାର୍ତ୍ତାକୁ ଗୁରୁତ୍ୱ ଦିଆଯାଇଛି।ଜିଲ୍ଲାପାଳ ଆହୁରି କହିଥିଲେ ଯେ, ଗତବର୍ଷ ଏହି ମାରାଥନ୍‌ରେ ୫,୦୦୦ରୁ ଅଧିକ ପ୍ରତିଯୋଗୀ ସାମିଲ ହୋଇଥିଲେ। ଏହା ଜନସାଧାରଣଙ୍କ ମଧ୍ୟରେ ଏହି ଆୟୋଜନ ପ୍ରତି ରହିଥିବା ଆଗ୍ରହ ଓ ଉତ୍ସାହକୁ ପ୍ରତିଫଳିତ କରୁଛି। ଚଳିତ ବର୍ଷ ଏହାଠାରୁ ଅଧିକ ସଂଖ୍ୟକ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ସେ ଆଶାପ୍ରକାଶ କରିଥିଲେ। ମାରାଥନ୍‌ର ବାର୍ତ୍ତାକୁ ବ୍ୟାପକ ଭାବେ ପ୍ରସାର କରିବା ସହ ଅଧିକରୁ ଅଧିକ ଲୋକଙ୍କୁ ପଞ୍ଜୀକରଣ ଓ ଅଂଶଗ୍ରହଣ ପାଇଁ ଉତ୍ସାହିତ କରିବାକୁ ସେ ଗଣମାଧ୍ୟମ ପ୍ରତିନିଧି ଏବଂ ସୋସିଆଲ୍ ମିଡିଆ ଇନ୍‌ଫ୍ଲୁଏନ୍ସରମାନଙ୍କୁ ଆହ୍ୱାନ ଦେଇଥିଲେ।ଏହି ଅବସରରେ ଢେଙ୍କାନାଳ ଆରକ୍ଷୀ ଅଧୀକ୍ଷକ ମାନେ ମାରାଥନ୍‌ର ସଫଳ ଆୟୋଜନ ପାଇଁ ଜିଲ୍ଲା ପୁଲିସ ପକ୍ଷରୁ ସମସ୍ତ ପ୍ରକାର ସୁରକ୍ଷା ବ୍ୟବସ୍ଥା ଓ ସହଯୋଗ ଯୋଗାଇ ଦିଆଯିବ ବୋଲି ଆଶ୍ୱାସନା ଦେଇଥିଲେ। ଏଥିସହ ଆୟୋଜକମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।ସାମ୍ବାଦିକ ସମ୍ମିଳନୀର ଶେଷ ପର୍ଯ୍ୟାୟରେ ଗଣମାଧ୍ୟମ ପ୍ରତିନିଧିମାନେ ମାରାଥନ୍?ର ଆୟୋଜନ ଓ ପ୍ରସ୍ତୁତି ସମ୍ପର୍କରେ ପ୍ରଶ୍ନ ପଚାରିଥିଲେ। ଏଥିସହ ଢେଙ୍କାନାଳ ଜିଲ୍ଲାରେ ହାତୀଙ୍କ ସମେତ ଅନ୍ୟ ବନ୍ୟଜନ୍ତୁଙ୍କ ସୁରକ୍ଷା ଓ ସଂରକ୍ଷଣ ଦିଗରେ ଟାଟା ଷ୍ଟିଲ୍ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା।କ୍ରୀଡ଼ା, ପରିବେଶ ସଚେତନତା ଓ ସାମାଜିକ ଦାୟିତ୍ୱବୋଧକୁ ଏକତ୍ର କରୁଥିବା ଏହି ମାରାଥନ୍ ନିଶାମୁକ୍ତ ସମାଜ ଗଠନ ଦିଗରେ ଏକ ଜନଆନ୍ଦୋଳନର ରୂପ ନେବା ସହ ଢେଙ୍କାନାଳ ଜିଲ୍ଲାର ପରିଚୟକୁ ଜାତୀୟ ସ୍ତରରେ ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଉଛି।ଏହି ମାରାଥନରେ ୨୧ କିଲୋମିଟର ରାସ୍ତା ଅତିକ୍ରମ କରିବାକୁ ଥିବା ବେଳେ ୧୮ ବର୍ଷରୁ ଅଧିକ ପ୍ରତିଭାଗୀ ମାନଙ୍କ ପାଇଁ ୧୦ କିଲୋମିଟର, ୧୪ରୁ ୧୮ ବର୍ଷ ପ୍ରତିଭାଗୀ ମାନଙ୍କ ପାଇଁ ୫ କିଲୋମିଟର ରଖାଯାଇଛି।ଯେଉଁମାନେ ଅଂଶଗ୍ରହଣ କରିବାକୁ ଚାହୁଁଥିବେ ସେମାନେ ଡିସେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ଅନଲାଇନ ମାଧ୍ୟରେ ପଞ୍ଜିକରଣ କରିପାରିବେ। ଟାଟା ଷ୍ଟିଲତରଫରୁ ନଗଦ ୯ ଲକ୍ଷ ୬୪ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବାକୁ ଥିବା ବେଳେ ବିଭିନ୍ନ କ୍ଷେତ୍ରରେ ୩୦ଟି ବିଭାଗ ବୋଲି ଜଣାପଡ଼ିଛି।

ଅହମଦିୟା ମସଜିଦରେ ଧର୍ମସଭା

ଢେଙ୍କାନାଳ, ୨୩।୧୦(ସମିସ): ତାଳବରକୋଟ ଅହମଦିୟା ମସଜିଦରେ ଦୈନିକ ଉପାସନା ଓ ଦାନଧର୍ମର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ ସହ ଏକ ଧର୍ମସଭା ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଅହମଦିୟା ମୁସଲିମ ସଭାପତି ନଇମ ଖାଁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଢେଙ୍କାନାଳ, କଟକ ଓ କେନ୍ଦ୍ରାପଡ଼ା ଜିଲ୍ଲାର ସଭାପତି ମୌଲବୀ ଶେଖ୍ ହାରୁନ ରଶିଦ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପବିତ୍ର କୋରାନ ପାଠ ଓ ନଜମ ତଥା ନାଆତ ପରିବେଷଣ ପରେ ମୁଖ୍ୟଅତିଥି ମୌଲବୀ ହାରୁନ ରଶିଦ ନମାଜ ଓ ଜକାତର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ନମାଜ ମଣିଷକୁ ଶୃଙ୍ଖଳା, ନମ୍ରତା ଓ ନୈତିକତାର ଶିକ୍ଷା ଦେଉଥିବାବେଳେ ଜକାତ ମାଧ୍ୟମରେ ଗରିବ, ଅସହାୟ ଓ ଅଭାବୀ ଲୋକଙ୍କୁ ସହାୟତା କରିବାର ସୁଯୋଗ ମିଳିଥାଏ। ଧାର୍ମିକ କର୍ତ୍ତବ୍ୟ ପାଳନ ସହ ମାନବିକତା, ପରୋପକାର ଓ ଭାଇଚାରାର ଭାବନାକୁ ଜୀବନରେ ଆପଣାଇବା ଦ୍ୱାରା ଶାନ୍ତିପୂର୍ଣ୍ଣ ଓ ସୁସଂହତ ସମାଜ ଗଠନ ସମ୍ଭବ ବୋଲି ସେ ମତବ୍ୟକ୍ତ କରିଥିଲେ। ସଭାରେ ବଶିର ଅହମଦ, ଇନାମୁଲ, ମୌଲବୀ ଅତାଉଶାଫି ଓ ସଇବୁ ଖାଁ ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ମୌଲବୀ ମୁହମ୍ମଦ ଅଜିଜ ଖାଁ ସଭା ସଂଯୋଜନା କରିଥିଲେ।

୪୦ କୋଟିର ପହଣା ବ୍ରିଜ୍‌ରେ ଗର୍ତ୍ତ

ନିର୍ମାଣର ଗୁଣବତ୍ତା ଓ ରକ୍ଷଣାବେକ୍ଷଣକୁ ନେଇ ଉଠିଲା ପ୍ରଶ୍ନ

କେନ୍ଦ୍ରାପଡ଼ା,୨୩।୧୦(ସମିସ):

ଜନସାଧାରଣଙ୍କ ଯାତାୟାତକୁ ସୁଗମ ଓ ସୁରକ୍ଷିତ କରିବା ପାଇଁ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଉଛି ବୃହତ୍ ଭିତ୍ତିଭୂମି ପ୍ରକଳ୍ପ। ମାତ୍ର ଏହି ପ୍ରକଳ୍ପର ନିର୍ମାଣ ଗୁଣବତ୍ତା ଓ ରକ୍ଷଣାବେକ୍ଷଣକୁ ନେଇ ପ୍ରଶ୍ନ ଉଠିଲେ ତାହାର ଉତ୍ତରଦାୟିତ୍ୱ କିଏ ନେବ, ତାହା ଏବେ ବଡ଼ ପ୍ରସଙ୍ଗ ହୋଇଛି। ଗରଦପୁର ଅଞ୍ଚଳର ପହଣା ବ୍ରିଜ୍‌ରେ ଗର୍ତ୍ତ ଦେଖାଦେବା ଘଟଣା ଏଭଳି ଅନେକ ପ୍ରଶ୍ନ ସୃଷ୍ଟି କରିଛି।

ପ୍ରାୟ ୪୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ବୋଲି କୁହାଯାଉଥିବା ଏହି ବ୍ରିଜ୍‌ରେ ଗର୍ତ୍ତ ଦେଖାଯିବା ପରେ ଏହାର ନିର୍ମାଣ ଗୁଣବତ୍ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ବ୍ରିଜ୍‌ଟି ନିର୍ମାଣ ହେବାର କେତେ ବର୍ଷ ବିତିଛି? ଏହାର ନିର୍ମାଣ କାର୍ଯ୍ୟ କରିଥିଲା କେଉଁ ସଂସ୍ଥା? ନିର୍ମାଣ ସମୟରେ ଗୁଣବତ୍ତା ଯାଞ୍ଚ ଓ ତଦାରଖ ଦାୟିତ୍ୱରେ କେଉଁ ଅଧିକାରୀ ଥିଲେ? ନିର୍ମାଣ ପରେ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ କାହା ଉପରେ ନ୍ୟସ୍ତ ରହିଛି? ଏସବୁ ପ୍ରଶ୍ନର ସ୍ପଷ୍ଟ ଉତ୍ତର ମିଳିବା ଆବଶ୍ୟକ। ବ୍ରିଜ୍‌ରେ ଗର୍ତ୍ତ ଦେଖାଦେବା ଏକ ସାଧାରଣ ଘଟଣା ନା ଏହାର ଗଠନାତ୍ମକ ସୁରକ୍ଷା ସହ ଜଡ଼ିତ ସମସ୍ୟା, ତାହା ବୈଷୟିକ ଯାଞ୍ଚ ପରେ ହିଁ ସ୍ପଷ୍ଟ ହୋଇପାରିବ। ତେଣୁ ସମ୍ପୃକ୍ତ ବିଭାଗର ଯନ୍ତ୍ରୀ ଓ ବିଶେଷଜ୍ଞଙ୍କ ଦ୍ୱାରା ବ୍ରିଜ୍‌ର ସ୍ଥିତି ଯାଞ୍ଚ କରାଯାଇ ଏହାର ସୁରକ୍ଷା ସମ୍ପର୍କରେ ରିପୋର୍ଟ ପ୍ରକାଶ କରାଯିବା ଜରୁରୀ। ଯଦି ନିର୍ମାଣ କିମ୍ବା ରକ୍ଷଣାବେକ୍ଷଣରେ ତ୍ରୁଟି ରହିଥାଏ, ତେବେ ତାହାର କାରଣ ଚିହ୍ନଟ କରି ଦାୟିତ୍ୱ ନିର୍ଦ୍ଧାରଣ କରାଯିବା ଉଚିତ।

ଅନ୍ୟପକ୍ଷରେ ବ୍ରିଜ୍‌ରେ ଲାଗିଥିବା ଆଲୋକ ବ୍ୟବସ୍ଥାକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ରାତିରେ ଯାତାୟାତକୁ ସୁରକ୍ଷିତ କରିବା ସହ ଦୁର୍ଘଟଣା ଆଶଙ୍କା ହ୍ରାସ କରିବାରେ ଆଲୋକ ବ୍ୟବସ୍ଥାର ଗୁରୁତ୍ୱ ରହିଛି। ତେବେ ଏହି ବ୍ରିଜ୍‌ରେ ସ୍ଥାପିତ ଆଲୋକ ବ୍ୟବସ୍ଥାର ବର୍ତ୍ତମାନ ସ୍ଥିତି କ'ଣ? ଆଲୋକଗୁଡ଼ିକ ଠିକ୍ ଭାବେ କାର୍ଯ୍ୟ କରୁଛି କି? ଯଦି ସେଗୁଡ଼ିକ ଅଚଳ ହୋଇପଡ଼ିଛି, ତେବେ ମରାମତି ପାଇଁ କେଉଁ ବିଭାଗ ପଦକ୍ଷେପ ନେବ? ଏହି ପ୍ରଶ୍ନର ଉତ୍ତର ମଧ୍ୟ ଜନସାଧାରଣ ଜାଣିବା ଆବଶ୍ୟକ। ଏକ ବୃହତ୍ ପ୍ରକଳ୍ପ ନିର୍ମାଣ ପାଇଁ ସରକାରୀ ଅର୍ଥ ବ୍ୟୟ କରାଯାଉଥିବାବେଳେ ଏହାର ସ୍ଥାୟିତ୍ୱ, ଗୁଣବତ୍ତା ଓ ନିୟମିତ ରକ୍ଷଣାବେକ୍ଷଣ ନିଶ୍ଚିତ କରିବା ସମ୍ପୃକ୍ତ ବିଭାଗର ଦାୟିତ୍ୱ। କେବଳ ପ୍ରକଳ୍ପ ନିର୍ମାଣ କରିଦେଲେ ସରକାରୀ ଦାୟିତ୍ୱ ସରିଯାଏ ନାହିଁ। ଏହାର ଦୀର୍ଘକାଳୀନ ସୁରକ୍ଷା ଓ ଉପଯୋଗିତା ମଧ୍ୟ ସମାନ ଗୁରୁତ୍ୱ ବହନ କରେ। ଏଭଳି ସ୍ଥିତିରେ ସମ୍ପୃକ୍ତ ନିର୍ମାଣ ବିଭାଗ, ପ୍ରଶାସନ ଓ ଜନପ୍ରତିନିଧି ଏହି ପ୍ରସଙ୍ଗରେ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିବା ଆବଶ୍ୟକ। ବ୍ରିଜ୍‌ର ନିର୍ମାଣ ବ୍ୟୟ, କାର୍ଯ୍ୟାଦେଶ, ନିର୍ମାଣକାରୀ ସଂସ୍ଥା, ଗୁଣବତ୍ତା ଯାଞ୍ଚ ଓ ରକ୍ଷଣାବେକ୍ଷଣ ସମ୍ପର୍କିତ ତଥ୍ୟ ସାର୍ବଜନୀନ କରାଗଲେ ଅନେକ ପ୍ରଶ୍ନର ଉତ୍ତର ମିଳିପାରିବ। ଏଥିସହ ଆବଶ୍ୟକ ମରାମତି ଓ ସୁରକ୍ଷାମୂଳକ ପଦକ୍ଷେପ ନିଆଯିବା ଜରୁରୀ। ପ୍ରାୟ ୪୦ କୋଟି ଟଙ୍କାର ବ୍ରିଜ୍‌ରେ ଗର୍ତ୍ତ ଦେଖାଦେବା ପରେ ଯଦି ଲୋକଙ୍କ ମନରେ ସୁରକ୍ଷାକୁ ନେଇ ଆଶଙ୍କା ସୃଷ୍ଟି ହୁଏ, ତେବେ ତାହାର ନିରାକରଣ କରିବ କିଏ? ଲୋକଙ୍କ ଟଙ୍କାରେ ନିର୍ମିତ ଏହି ବ୍ରିଜ୍‌ର ଗୁଣବତ୍ତା ଓ ରକ୍ଷଣାବେକ୍ଷଣ ପାଇଁ ଉତ୍ତରଦାୟୀ କିଏ? ଅଭିଯୋଗ ଓ ପ୍ରଶ୍ନ ଉଠିବା ପରେ ପ୍ରଶାସନ ଶୁଣିବ କେବେ? ଏବେ ଅଞ୍ଚଳବାସୀ ବିଭାଗୀୟ ଯାଞ୍ଚ, ସ୍ପଷ୍ଟୀକରଣ ଓ ଠୋସ୍ ପଦକ୍ଷେପକୁ ନେଇ ଅପେକ୍ଷା କରି ରହିଛନ୍ତି।

ଆଲୋକ ବ୍ୟବସ୍ଥା ନେଇ ବି ଅସନ୍ତୋଷ

ମଇଦାନରେ ମନୋଜ, ପାଟକୁରା ବିଜେପିରେ ଚର୍ଚ୍ଚା



ଗରଦପୁର, ୨୩।୧୦ (ସମିସ): ଦଶହରା ପର୍ବ ଆନନ୍ଦ ଉତ୍ସାହର ସହ ଜନସାଧାରଣ ମନାଇବା ଥିବାବେଳେ ପାଟକୁରା ବିଜେପିରେ ମନୋଜ ଲେଙ୍କାଙ୍କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ପବିତ୍ର ଦୁର୍ଗାପୂଜା ଉପଲକ୍ଷେ ପାଟକୁରା ନିର୍ବାଚନମଣ୍ଡଳୀ ତଥା ଗରଦପୁର ବ୍ଲକର ବିଶିଷ୍ଟ ବାସ୍ତୁଶାସ୍ତ୍ରୀ ତଥା ହାପି ଲିଭିଂ ଫାଉଣ୍ଡେସନ ପ୍ରତିଷ୍ଠାତା ଡଃ ମନୋଜ କୁମାର ଲେଙ୍କା ବିଭିନ୍ନ ପୂଜା ମଣ୍ଡପ ବୁଲିବା ସହ କିଛି ସ୍ଥାନରେ ନିଜ ସାମାଜିକ ଅନୁଷ୍ଠାନ ନାମ ଓ ନିଜ ଫଟୋ କରି ହୋର୍ଡିଂ ମାରିବା ସହ ବିଜେପି ସଂଗଠନ କରିବା ପାଇଁ ମଇଦାନରେ ପ୍ରବେଶ କରିଥିବା ନେଇ ଆଲୋଚନା ହେଉଛି। ମନୋଜ ଗତ ସାଧାରଣ ନିର୍ବାଚନ ପୂର୍ବରୁ ଏଥର ଓଡ଼ିଶାରେ ବିଜେପି ସରକାର ଗଠନ ହେବା ସହ ଜଣେ ଆଦିବାସୀ ନେତା ମୁଖ୍ୟମନ୍ତ୍ରୀ ହୋଇପାରନ୍ତି ବୋଲି ଆକଳନ କରିଥିଲେ। ଏହା ସତ୍ୟ ପ୍ରମାଣିତ ହେବା ପରେ ମନୋଜ ଏବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଏକାନ୍ତ ନିଜର ହେବା ସହ ଘନିଷ୍ଠ ହୋଇଛନ୍ତି। କେବଳ ଏତିକି ନୁହେଁ ଏବେ ଚାଲିଥିବା ମନ୍ତ୍ରୀମଣ୍ଡଳରେ ଅନେକ ମନ୍ତ୍ରୀ ଓ କେତେକ ରାଜ୍ୟସ୍ତରୀୟ ନେତୃବୃନ୍ଦଙ୍କ ସହ ପରିଚିତ ହେବା ସମ୍ପର୍କ ମଜବୁତ କରିପାରିଛନ୍ତି ବୋଲି ତାଙ୍କର ଶୁଭେଚ୍ଛୁ କହି ବୁଲିବା ସହ ଏହି କାରଣରୁ ତାଙ୍କୁ ମୁଖ୍ୟମନ୍ତ୍ରୀ ଟିକଟ ଦେଇପାରନ୍ତି ବୋଲି ଆଲୋଚନା ହେଉଛି। ତେବେ ଆସନ୍ତା ସାଧାରଣ ନିର୍ବାଚନରେ ପାଟକୁରାର ନିଲମ୍ବିତ ବିଧାୟକ ଅରବିନ୍ଦ ମହାପାତ୍ର ବିଜେପି ସମର୍ଥନରେ ଲଢୁଥିବା ରାଜ୍ୟସଭା ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କୁ ଭୋଟ ଦେବା ପରେ ସେ ବିଜେପି ଟିକଟ ପାଇବା ପାଇଁ ହକଦାର ବୋଲି ତାଙ୍କ ସମର୍ଥକ ଆଲୋଚନା କରୁଥିବାବେଳେ ଏଥର ବିଜେପି ଟିକଟ ପାଇଥିବା ତେଜେଶ୍ୱର ପରିଡ଼ା ଓ ରାଜ୍ୟ ବିଜେପି ସାମାଜିକ ଗଣମାଧ୍ୟମ ସେଲ୍ ଅଧ୍ୟକ୍ଷ ଉମାକାନ୍ତ ପଟ୍ଟନାୟକ ଟିକଟ ପାଇବା ପାଇଁ ନିଜ ସଂଗଠନ କରୁଥିବାବେଳେ ମନୋଜଙ୍କ ଏଣ୍ଟ୍ରି ପାଟକୁରା ବିଜେପିକୁ କନ୍ଦଳ ଆଡ଼କୁ ଟାଣି ନେଇପାରେ ବୋଲି ଆଲୋଚନାକୁ ଏବେ ଖୋରାକ ଯୋଗାଇଛି।

ବୈଦିକ ଶିକ୍ଷା ଶିବିର ଉଦ୍‌ଘାଟିତ

ଡେରାବିଶ, ୨୩।୧୦(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଭାଗବତପୁର ପଞ୍ଚାୟତ ଅନ୍ତର୍ଗତ ବାଲିଆସ୍ଥ ଦୟାନନ୍ଦ ସେବାଶ୍ରମ ପରିସରରେ ତ୍ରିଦିବସୀୟ ବୈଦିକ ଶିକ୍ଷା ଶିବିର ଉଦ୍‌ଘାଟିତ ହୋଇଛି। ଏହି ଶିବିରରେ ଉଦ୍‌ଘାଟକ ଭାବେ ବେଦଜ୍ଞ ସୁବାସ ଖୁଣ୍ଟିଆ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଶିକ୍ଷା ଶିବିରରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ପଞ୍ଜୀକରଣ କରିଥିବା ୩୪ ଜଣ ଶିବିରାର୍ଥୀ ଯୋଗ ଦେଇଥିଲେ। ଆଜି ପ୍ରତ୍ୟୁଷରେ ସନ୍ଧ୍ୟା ଉପାସନା, ପରେ ଦୁଇଘଣ୍ଟା ବ୍ୟାପୀ ଯୋଗଗୁରୁ ପବିତ୍ର ନାରାୟଣ ମହାନ୍ତି ଶିବିରାର୍ଥୀଙ୍କୁ ଯୋଗାସନ ଓ ବ୍ୟାୟାମ ଶିକ୍ଷା ପ୍ରଦାନ କରିଥିଲେ। ପରେ ବେଦଜ୍ଞ ସୁବାସ ଖୁଣ୍ଟିଆ ଯଜ୍ଞର ପ୍ରସ୍ତୁତି ଓ ବେଦମନ୍ତ୍ର ଉଚ୍ଚାରଣ ସମ୍ପର୍କରେ ଶିକ୍ଷା ପ୍ରଦାନ କରିଥିଲେ। ତାଙ୍କ ସହିତ ମଦନ ମୋହନ ବେହେରା, ବିଜୟ ସ୍ୱାଇଁ, ଶଶିଭୂଷଣ ନାୟକ, କ୍ଷୀରୋଦ ମହାରଣା ପ୍ରମୁଖ ଶିକ୍ଷାଦାନ କରିଥିଲେ। ରମାକାନ୍ତ ପରିଡ଼ା, ଗୁରୁଚରଣ ରଣା, ତ୍ରୈଲୋଚନ ଦାସ, ସୁଧିର ଆର୍ଯ୍ୟ, ବସନ୍ତ ଜେନା ପ୍ରମୁଖ ଶିବିରରେ ଉପସ୍ଥିତ ରହି ଶିବିରାର୍ଥୀଙ୍କୁ ଉତ୍ସାହିତ କରିଥିଲେ। ଶିବିରର ଉଦ୍‌ଯାପନ ଦିବସରେ ଓଡ଼ିଶାର ବିଶିଷ୍ଟ ବୈଦିକ ତଥା ବିଦ୍ୱାନ ପଣ୍ଡିତ ବିରେନ୍ଦ୍ର ପଣ୍ଡା ଯୋଗଦାନ କରିବେ ବୋଲି ଆଶ୍ରମର ସମ୍ପାଦକ ମଦନ ମୋହନ ଆର୍ଯ୍ୟ ସୂଚନା ପ୍ରଦାନ କରିଛନ୍ତି।

ସମବାୟ ସମିତି ସମ୍ପାଦକଙ୍କ କଳା ବ୍ୟାଚ ପରିଧାନ

ରାଜକନିକା, ୨୩।୧୦(ସମିସ): ରାଜ୍ୟ ସମବାୟ ସମିତି ଡାକରାରେ ରାଜ୍ୟର ସମସ୍ତ କୃଷି ସମବାୟ ସମିତି ସମ୍ପାଦକ ସାତଦିନ ପାଇଁ ବନ୍ଦ ଡାକରା ଦେଇ କଳା ବ୍ୟାଚ ପରିଧାନ କରିଥିବାବେଳେ ଆଜି ରାଜକନିକା ବ୍ଲକର ସମସ୍ତ କୃଷି ସମବାୟ ସମିତି ସମ୍ପାଦକ ପାଞ୍ଚ ଦଫା ଦାବି ନେଇ କଟକ ସେଣ୍ଟ୍ରାଲ କୋ-ଅପରେଟିଭ ବ୍ୟାଙ୍କ ରାଜକନିକା ଶାଖା ସମ୍ମୁଖରେ କଳା ବ୍ୟାଚ ପରିଧାନ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଯଦି ରାଜ୍ୟ ସରକାର ସାତଦିନ ମଧ୍ୟରେ କୌଣସି ସମାଧାନ ନ କରନ୍ତି, ତେବେ ଆଗାମୀ ଦିନରେ ରାଜଧାନୀରେ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ଚେତାବନୀ ଦେଇଛନ୍ତି। ସେହିପରି ରାଜକନିକା ଶାଖା ପରିଚାଳକ ସମବାୟ ସମିତି ସମ୍ପାଦକଙ୍କ ପ୍ରତି ଅନ୍ୟାୟ ଭାବେ ରାଜକନିକା ବ୍ଲକର ୧୬ଟି ସମବାୟ ସମିତିକୁ ଋଣ ମଞ୍ଜୁର, ସାର ଋଣ ପ୍ରଦାନ ନ କରିବା ଭଳି କାର୍ଯ୍ୟକଳାପରେ ଗତ ୧୨ ତାରିଖର ମିଟିଂ ବର୍ଜନ କରିବା ସହ ସମ୍ପୂର୍ଣ୍ଣ ଅସହଯୋଗ କରି ଆସିବା ପରେ ଆଜି କଳାବ୍ୟାଜ ପିନ୍ଧିବା ପରେ ସମବାୟ ସମିତି ଏକପ୍ରକାର ଅଚଳ ହୋଇପଡିଛି।

୭ ଫୁଟର ମଲା ବଉଳା କୁମ୍ଭୀର ଉଦ୍ଧାର

ରାଜନଗର,୨୩।୧୦(ସମିସ): ରାଜନଗର ବନଖଣ୍ଡ ଅଧୀନସ୍ଥ ଭିତରକନିକା ଜାତୀୟ ଉଦ୍ୟାନ ସଂଲଗ୍ନ ବୈତରଣୀ ନଦୀ ପାଣ୍ଡର୍ ବେଙ୍ଗମାରିଠାରେ ୭ ଫୁଟ ୭ ଇଞ୍ଚ ଲମ୍ବର ଏକ ମଲା ମାଈ ବଉଳା କୁମ୍ଭୀରକୁ କନିକା ବନ ବିଭାଗର କର୍ମଚାରୀ ଉଦ୍ଧାର କରିଛନ୍ତି। ଖବର ପାଇ କନିକା ରେଞ୍ଜ ଅଫିସର ଚିତ୍ରସେନ ଜେନାଙ୍କ ନେତୃତ୍ୱରେ ବନପାଳ ପ୍ରଶାନ୍ତ ସିଂ, ନବୀନ ମଲିକ ପ୍ରମୁଖ ପହଞ୍ଚି ମୃତ କୁମ୍ଭୀର ଉଦ୍ଧାର କରି କନିକା ରେଞ୍ଜ କାର୍ଯ୍ୟାଳୟକୁ ଆଣିଛନ୍ତି। ସେଠାରେ ରାଜନଗର ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ସ୍ୱରାଜ ନାୟକ ପହଞ୍ଚି କୁମ୍ଭୀରର ବ୍ୟବଚ୍ଛେଦ କରିବା ପରେ ଜାତୀୟ ଉଦ୍ୟାନ ଭିତରେ ପୋତି ଦିଆଯାଇଥିବା ରେଞ୍ଜ ଅଫିସର ଶ୍ରୀ ଜେନା ସୂଚନା ଦେଇଛନ୍ତି। କୁମ୍ଭୀର ମୃତ୍ୟୁର କାରଣ ଜଣାପଡ଼ିନାହିଁ।

ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ଶେଷ ପର୍ଯ୍ୟାୟରେ ପ୍ରସ୍ତୁତି

ଡେରାବିଶ, ୨୩।୧୦(ସମିସ): ଡେରାବିଶ ବ୍ଲକ୍ ଅଞ୍ଚଳରେ ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କ ପୂଜା ଏକ ଗଣପର୍ବରେ ପରିଣତ ହୋଇଛି। ରବିବାର ମା'ଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହେବ। ବ୍ଲକ ଅଞ୍ଚଳର ବିଭିନ୍ନ ଗାଁ ଓ ପ୍ରମୁଖ ବଜାରରେ ୭୦ରୁ ଊର୍ଦ୍ଧ୍ୱ ମଣ୍ଡପରେ ପୂଜା ପାଇବେ ମା' ଗଜଲକ୍ଷ୍ମୀ। ଜିଲ୍ଲାର ପ୍ରମୁଖ ଚାନ୍ଦୋଳ ବଜାରରେ ମା'ଙ୍କ ପୂଜା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚାନ୍ଦୋଳ ବଜାରରେ ୨୦ରୁ ଊର୍ଦ୍ଧ୍ୱ ମଣ୍ଡପରେ ମା'ଙ୍କ ପୂଜା ହେଉଥିବାବେଳେ ବିଭିନ୍ନ ମଣ୍ଡପରେ ବୈଦ୍ୟୁତିକ ଆଲୋକମାଳା ସହ ସୁଉଚ୍ଚ ତୋରଣ ଚଳିତ ବର୍ଷ ଦର୍ଶକଙ୍କୁ କିଭଳି ଆକର୍ଷିତ କରାଯିବ ସେ ନେଇ ବିଭିନ୍ନ ପୂଜା ମଣ୍ଡପ କର୍ମକର୍ତ୍ତାଙ୍କ ପ୍ରସ୍ତୁତି ଜୋରଦାର ହୋଇଛି। ସେହିପରି ବ୍ଲକ୍ ଅଧୀନସ୍ଥ ଓଲଡ଼ି, ଛତା, ନେତୁଆ, ଛୋଟି, ପଲ୍ଲୀରଘୁନାଥପୁର, ସାତବାଟିଆ, ଫକିରାବାଦ, ମନ୍ତ୍ରୀପଡ଼ା, ଠାକୁରହାଟରେ ମା'ଙ୍କ ପୂଜା ଅନୁଷ୍ଠିତ ହେବାକୁ ଥିବାବେଳେ ନେତୁଆ, ଛୋଟିରେ ମା'ଙ୍କ ମୃଣ୍ମୟ ମୂର୍ତ୍ତିର୍ ସହ ସମାଜର ବିଭିନ୍ନ ଉଲ୍ଲେଖନୀୟ ଘଟଣାକୁ ନେଇ ରୂପମୂର୍ତ୍ତି ଚଳିତ ବର୍ଷ ବିଶେଷ ଆକର୍ଷଣ ହେବ। ସେହିପରି ପଲ୍ଲୀରଘୁନାଥପୁର ଓ ସାତବାଟିଆ ଗାଁରେ ପୂଜା ପାଇଁ ପ୍ରସ୍ତୁତି ଜୋରଦାର ଦେଖିବାକୁ ମିଳିଛି।

ଫକିରାବାଦ ଏମଇ ସ୍କୁଲ ପୁରାତନ ଛାତ୍ର ସଂସଦର ବିଜୟା ସମାବେଶ

ଡେରାବିଶ, ୨୩।୧୦(ସମିସ): ଶାରଦୀୟ ଦୁର୍ଗାପୂଜାର ନବମୀ ତିଥିରେ ଡେରାବିଶ ବ୍ଲକ ଶିକ୍ଷା ସର୍କଲ ଅଧୀନ ଚାଟରାଚକଡା ପଞ୍ଚାୟତ ଅନ୍ତର୍ଗତ ଫକିରାବାଦ ଏମ୍‌ଇ ସ୍କୁଲର ପୁରାତନ ଛାତ୍ରସଂସଦ ପକ୍ଷରୁ ବିଜୟା ସମାବେଶ ପାଳିତ ହୋଇଯାଇଛି। ଛାତ୍ରସଂସଦର ୨୯ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଅନୁଷ୍ଠିତ ହୋଇଥିବା ଏହି ସମାବେଶରେ ଅନୁଷ୍ଠାନର ସଭାପତି ତଥା ପୁରାତନ ଛାତ୍ର ହଳଧର ଦାଶ ପୌରୋହିତ୍ୟ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଶିକ୍ଷକ ମନୋରଞ୍ଜନ ତ୍ରିପାଠୀ ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ପୂର୍ଣ୍ଣାନନ୍ଦ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ବିଭୁପ୍ରସାଦ କର ଯୋଗଦେଇ ବିଦ୍ୟାଳୟ ଓ ଶିକ୍ଷାର ମହତ୍ୱ ଓ ଛାତ୍ରଛାତ୍ରୀ, ଅଭିଭାବକଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ପୂର୍ବତନ ଛାତ୍ର ପ୍ରଭାକର ସାମଲ, କ୍ଷୀରୋଦ ସାମଲ, ଶରତ କର, ଜୟନ୍ତ ଦାସ, ଅମ୍ବିକା ପ୍ରସାଦ ମିଶ୍ର, ହୃଷିକେଶ ଦାସ ଓ ଜ୍ଞାନରଞ୍ଜନ ସାମଲ ପ୍ରମୁଖ ଯୋଗଦେଇ ଛାତ୍ର ସଂସଦର ଉଦ୍ଦେଶ୍ୟ, ଅଭିମୁଖ୍ୟ, କାର୍ଯ୍ୟଧାରା ସମ୍ପର୍କରେ ଆଲୋକପାତ କରିଥିଲେ। ଏ ଅବସରରେ ପୁରାତନ ଛାତ୍ରସଂସଦ ପକ୍ଷରୁ ପ୍ରତିବର୍ଷ ଭଳି ବିଗତ ବର୍ଷ ମାଟ୍ରିକ ବୋର୍ଡ ଓ ସପ୍ତମ ଶ୍ରେଣୀ ପରୀକ୍ଷାରେ ବିଦ୍ୟାଳୟ ଟପ୍ପର ହୋଇଥିବା କୃତୀ ଛାତ୍ରଛାତ୍ରୀଙ୍କୁ ସଚ୍ଚିଦାନନ୍ଦ ଓ ଜୟକୃଷ୍ଣ ସ୍ମାରକୀ ଟ୍ରଫି ସହ ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା। ପୁରାତନ ଛାତ୍ର ସଂସଦ କର୍ମକର୍ତ୍ତା ପବିତ୍ର ମୋହନ କରଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ଛାତ୍ରସଂସଦ ସମ୍ପାଦକ ଜିତେନ୍ଦ୍ର ବିଶ୍ୱାଳ ବାର୍ଷିକ ବିବରଣୀ ପଠନ କରିଥିଲେ। ପୁରାତନ ଛାତ୍ର ରାଜକିଶୋର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ପୁରାତନ ଛାତ୍ର ରତ୍ନାକର ସ୍ୱାଇଁ, କୃଷ୍ଣଚନ୍ଦ୍ର ଦାସ ଓ ବାନାମ୍ବର ଜେନା ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

ବରିଷ୍ଠ ଶକ୍ତି ଉପାସକଙ୍କୁ ସମ୍ବର୍ଦ୍ଧନା

ଡେରାବିଶ,୨୩।୧୦(ସମିସ): ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଖରିଦାସାହି ଗ୍ରାମରେ ପୂଜା ପାଇ ଆସୁଥିବା ମା' ଦୁର୍ଗାଙ୍କ ବରିଷ୍ଠ ଉପାସକ ବିଶ୍ୱରଞ୍ଜନ ଘୋଷାଲଙ୍କୁ ଦଶହରା ଅବସରରେ ପୂଜା ମଣ୍ଡପରେ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ କୁମାର ତ୍ରିପାଠୀ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଗ୍ରାମରେ ଦୁଇଶହରୁ ଊର୍ଦ୍ଧ୍ୱ ବର୍ଷ ହେବ ମା' ଦୁର୍ଗାଙ୍କ ଶାରଦୀୟ ପୂଜା ଅନୁଷ୍ଠିତ ହୋଇଆସୁଛି। ଏହି ପୀଠରେ ଶ୍ରୀ ଘୋଷାଲ ମା'ଙ୍କ ଉପାସକ ଭାବେ ପୂଜାର୍ଚ୍ଚନାରେ ସକ୍ରିୟ ଅଂଶଗ୍ରହଣ କରିଥା'ନ୍ତି। ଶ୍ରୀ ଘୋଷାଲ ଜଣେ ପଣ୍ଡିତ, ବାସ୍ତୁ ବିଶାରଦ ଭାବେ ଅଞ୍ଚଳରେ ସୁପରିଚିତ। ତାଙ୍କୁ ଶ୍ରୀ ତ୍ରିପାଠୀ ମା'ଙ୍କ ପୀଠରେ ପବିତ୍ର ଦଶହରା ଅବସରରେ ପୁଷ୍ପଗୁଚ୍ଛ, ଉତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂଘର ସଭାନେତ୍ରୀ କାମିନୀ ମିଶ୍ରୀ ଓ ସଂଘର ସଦସ୍ୟ ଉପସ୍ଥିତ ଥିଲେ।

ହଂସୁଆ କଳା ପ୍ରତିଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ

ରାଜନଗର,୨୩।୧୦(ସମିସ): ଦୁର୍ଗାପୂଜା ଅବସରରେ ହଂସୁଆ କଳା ପ୍ରତିଷ୍ଠାନ ପକ୍ଷରୁ ରାଜନଗରର ବିଭିନ୍ନ ପୂଜା ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋପାଳପୁର ଶିବ ପାର୍ବତୀ ପୂଜା କମିଟି ପକ୍ଷରୁ ଭଜନ ମଞ୍ଚ ଓ ନୃତ୍ୟ, ସେହିପରି ଧନଲକ୍ଷ୍ମୀ ପୂଜା କମିଟିଠାରେ ଭଜନ ମଞ୍ଚ ଓ ନୃତ୍ୟ, ଗଜାନନ ମେଢ଼ ମେଡିକାଲ ରୋଡ଼ଠାରେ ଭଜନ ମଞ୍ଚ ପ୍ରଦର୍ଶନ କରାଯାଇଥିଲା। ସଂଗୀତ କ୍ଷେତ୍ରରେ ଦେବରତୀ ରାଉତ, ବିନୋରି ଜେନା, ଆରିୟନ ବେହେରା, ପ୍ରତୀକ୍ଷା ବଳ, ଅର୍ଚ୍ଚନା ବେହେରା, ଲିପି ପଣ୍ଡା, ରଶ୍ମିତା ମାଇତି (କୁନି କଳାକାର), ସେହିପରି ନୃତ୍ୟଶିଳ୍ପୀଙ୍କ ମଧ୍ୟରେ ଦେବୁ ତରାଇ, ସଲୋନୀ ଘଡାଇ, ଅର୍ପିତା ପ୍ରଧାନ, ଲୋପା ଧଳ, ରୁପାଲି ରାଉତ, ରଶ୍ମିତା ଧଳ, ସ୍ୱୀକୃତି ପରିଡ, ଦେବଞ୍ଜନା ଜେନା ଅଂଶଗ୍ରହଣ କରିଥିଲେ। ଉପଦେଷ୍ଟା ପ୍ରଫୁଲ୍ଲ ଦାସ ଓ ପ୍ରତିଷ୍ଠାତା ସମ୍ପାଦକ ଶତ୍ରୁଘ୍ନ ତରାଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ହଜରତ ସୟଦ ଜମାଲ ଶାହା ପୀର ବାବାଙ୍କ ଉର୍ସ ଉତ୍ସବ

ଡେରାବିଶ,୨୩।୧୦(ସମିସ): ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ହଜରତ ସୟଦ ଜମାଲ ଶାହା ପୀର ବାବାଙ୍କ ପୀଠରେ ୧୧ତମ ବାର୍ଷିକ ଉର୍ସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ହଜରତ ସୟଦ ଜମାଲ ଶାହା ପୀର ବାବା ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଉର୍ସ ଉତ୍ସବ ଉପଲକ୍ଷେ ଅନୁଷ୍ଠିତ ଧର୍ମସଭା(ଜଲସା)ରେ ବରିଷ୍ଠ ମୌଲାନା ଫୟାଜ ଆଲମ ରିଜଭି ପୌରୋହିତ୍ୟ କରିଥିଲେ। ଏହି ଧର୍ମସଭାରେ ଉତ୍ତରପ୍ରଦେଶ ମୁରାଦାବାଦର ମୌଲାନା ସୟଦ୍ ସବାହତ୍ ହୁସେନ କାଦରୀ ମୁଖ୍ୟବକ୍ତା, କେନ୍ଦ୍ରାପଡାର ମୁଫତି ମୁସରଫ ରଜା ମିସବାହି ଓ ଅଜ୍‌ମତୁଲ୍ଲା ହସମତୀଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ମୌଲାନା, ହଫିଜ ଓ କାରୀମାନେ ଯୋଗଦାନ କରି ଇସଲାମ ଧର୍ମର ମହତ ବାଣୀ ସମେତ ଜମାଲ ଶାହା ପୀର ବାବାଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ଗୋଲରାହାଟ ସୁନ୍ନି ବରେଲି ମସଜିଦର ଇମାମ ହାଫିଜ୍ ଗୁଲାମ୍ ରବାନୀ ଓ କଟକର ମୌଲାନା ଅଖତର୍ ରଜା ଜିୟାୟିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଧର୍ମସଭାରେ ସାୟେରେ ଇସଲାମ୍ ଭାବେ ଯୋଗଦେଇଥିବା ଝାଡଖଣ୍ଡର ସହେବାଜ୍ ରଜା ସିଦ୍ଦିକି ଓ ଭଦ୍ରକର ସମଓିଲ୍ ଅଖତର୍ ମୁଜାହିଦିଙ୍କ ଇସଲାମ ଧର୍ମର ମହତବାଣୀ ସମ୍ପର୍କିତ ସଙ୍ଗୀତ ଉକ୍ତ ପୀଠର ପରିବେଶକୁ ଧାର୍ମିକ କରିଦେଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମୌଲାନା ଜାଫର୍ ଖାନ୍ ଅସ୍‌ରଫି, ମୌଲାନା ସାବିରୁଲ୍ କାଦରୀ, ହାଫିଜ୍ ଜାକିର ହୁସେନ ଓ ସାକିର୍ ରଜା ଓ ମୌଲାନା ମହେମୁଦ୍ ରଜା ପ୍ରମୁଖ ଯୋଗ ଦେଇଥିଲେ। ପୀର ବାବଙ୍କ ଏହି ଉର୍ସ ଉତ୍ସବ ପାଇଁ ସକାଳୁ ବ୍ଲକ ଅଧୀନ ବିଭିନ୍ନ ମୁସଲମାନ ସାହିର ସୁନ୍ନି ବରେଲି ଗୋଷ୍ଠୀର ଜନସାଧାରଣଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖାଯାଇଥିଲା। ପ୍ରାତଃ ନଜାଜ ପାଠ ପରେ ନବନିର୍ମିତ ଓ ସୁସଜ୍ଜିତ ଉକ୍ତ ଦର୍ଘାପୀଠରେ କୋରାନ ପାଠ କରାଯାଇ ସିରିଣି ବଣ୍ଟନ କରାଯାଇଥିଲା। ସେହିପରି ଅପରାହ୍ନରେ ବିଭିନ୍ନ ମୁସଲମାନ ସାହିର ଲୋକେ ଶୋଭାଯାତ୍ରରେ ଉକ୍ତ ପୀଠକୁ ଆସି ପୀର ବାବାଙ୍କ ସମାଧି ପୀଠରେ ଚାଦର ଚଢାଇଥିଲେ। ଏହି ଉର୍ସ ଉତ୍ସବରେ ବରିଷ୍ଠ ବିଜେଡି ନେତା ରବି ସାମଲ, ରାଜ୍ୟ ବିଜେପି ସଂଖ୍ୟାଲଘୁ ସେଲ ଉପସଭାପତି ସଲିମ ଖାନ୍, ଡେରାବିଶ ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁ ପ୍ରମୁଖ ଯୋଗଦେଇ ପୀର ବାବଙ୍କ କବର ସ୍ଥଳୀରେ ଚାଦର ଚଢାଇବା ସହିତ ବାବାଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ଉର୍ସ ଉତ୍ସବକୁ ସ୍ଥାନୀୟ ଗୋଲରାହାଟ ସମେତ ପଡୋଶୀ ୯ଟି ବରେଲି ମୁସଲମାନ ସାହିବାସୀଙ୍କୁ ନେଇ ଗଠିତ ସୟଦ ଜମାଲ ଶାହା ପୀର ବାବା ଚ୍ୟାରିଟେବୁଲ ଟ୍ରଷ୍ଟର ସଭାପତି ସୟଦ ଅରମାନ ଅଲ୍ଲୀ ଓ ସମ୍ପାଦକ ମହମ୍ମଦ ମହେଫୁଜ ଖାନଙ୍କ ସମେତ କର୍ମକର୍ତ୍ତା ତାଲେବ ଖାନ୍, ରୋସନ ଖାନ୍, ଜାହାଙ୍ଗିର ଖାନ୍, ମହମ୍ମଦ ସାଜିଦ ଖାନ୍, ସୟଦ ୟୁନୁଷ ଅଲ୍ଲୀ, ସୟଦ ଅଝର ଅଲ୍ଲୀ, ସୟଦ ଅକବର୍ ଅଲ୍ଲୀ, ସୟଦ ଅନସର ଅଲ୍ଲୀ, ସେଖ୍ ଲୋକମାନ ଖାନ ପ୍ରମୁଖ ପରିଚାଳନା କରିଥିଲେ।

କାଉପଡ଼ା ସମବାୟ ସମିତି ପରିଚାଳନା ପରିଷଦ ନିର୍ଦ୍ଦେଶକଙ୍କ ଶୋକସଭା

ଡେରାବିଶ, ୨୩।୧୦(ସମିସ): ଡେରାବିଶ ବ୍ଲକ ଅଧୀନ କାଉପଡ଼ା ପ୍ରାଥମିକ କୃଷି ସମବାୟ ସମିତି ପରିଚାଳନା ପରିଷଦ ନିର୍ଦ୍ଦେଶକ ଭାଗ୍ୟଧର ସ୍ୱାଇଁଙ୍କ ୧୯ ତାରିଖ ମଧ୍ୟରାତ୍ରରେ ମୃତ୍ୟୁ ହୋଇଯାଇଥିଲା। ଭାଗ୍ୟଧରଙ୍କ ବିୟୋଗରେ ସମବାୟ ସମିତି ପରିସରରେ ବୁଧବାର ଶୋକସଭା ପରିଚାଳନା ପରିଷଦ ସଭାପତି ପ୍ରଶାନ୍ତ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଶ୍ରଦ୍ଧାଞ୍ଜଳି ସଭାରେ ସମିତି ସମ୍ପାଦିକା ସୁମନ ସଙ୍ଗୀତା ଦାସଙ୍କ ସମେତ ପରିଚାଳନା ପରିଷଦର ସମସ୍ତ ସଦସ୍ୟ ସଦସ୍ୟା ଓ କର୍ମଚାରୀ ଉପସ୍ଥିତ ରହି ସ୍ୱର୍ଗତ ସ୍ୱାଇଁଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦାନପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ତାଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଉପସ୍ଥିତ ସମସ୍ତ କର୍ମଚାରୀ, ସଦସ୍ୟସଦସ୍ୟା ଓ ଚାଷୀ ମୃତକ ସ୍ୱର୍ଗତ ଭାଗ୍ୟଧରଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ନିରବ ପ୍ରାର୍ଥନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟି ସଦସ୍ୟା ପ୍ରମିଳା ଦାଶ, ରଶ୍ମୀବାଳା ଜେନା, ସଦସ୍ୟ ମଧୁସୁଧନ ରାଉତ, ବିପିନ ବିହାରୀ ପାଲ, ହେମନ୍ତ କୁମାର ମହାନ୍ତି ଓ ସୁରେନ୍ଦ୍ର ବେହେରାଙ୍କ ସମେତ ଅଡିଟର ମୃତ୍ୟୁଞ୍ଜୟ ଶତପଥୀ, ସମବାୟ ସମିତି କର୍ମଚାରୀ ସୌଭାଗ୍ୟ ଭୋଇ, ସୌମ୍ୟରଞ୍ଜନ ରାଉତ ଓ ପ୍ରଦୀପ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଭାଗ୍ୟଧରଙ୍କ ମୃତ୍ୟୁରେ ବ୍ଲକ ଅନ୍ତର୍ଗତ ସମସ୍ତ ସମବାୟ ସମିତିର କର୍ମଚାରୀ ଓ ନିର୍ଦ୍ଦେଶକଙ୍କ ସମେତ ସମବାୟବିତ୍ ଗୌରାଙ୍ଗ ଚରଣ ପ୍ରଧାନ, ଶିକ୍ଷାବିତ୍ କରୁଣାକର ସ୍ୱାଇଁ ପ୍ରମୁଖ ଶୋକବ୍ୟକ୍ତ କରିଥିଲେ।

ଲୁଣାନଦୀ ଛଡ଼ାଇ ନେଲା ତିନି ଅମୂଲ୍ୟ ଜୀବନ

ଅଧୁରା ରହିଗଲା ଅସୁମାରୀ ସ୍ୱପ୍ନ

କେନ୍ଦ୍ରାପଡ଼ା,୨୩।୧୦(ସମିସ):

ଯେଉଁ ଗାଁର ଗଳିକନ୍ଦିରେ ଦିନେ ତିନି ବନ୍ଧୁଙ୍କ ହସ ଓ ଖୁସିର ପ୍ରତିଧ୍ୱନି ଶୁଭୁଥିଲା, ଆଜି ସେହି ଗାଁରେ ଶୁଭୁଛି କେବଳ କାନ୍ଦବୋବାଳି। ଯେଉଁ ଘରେ ପୁଅଙ୍କ ଭବିଷ୍ୟତକୁ ନେଇ ବାପାମାଆ ଅସୁମାରୀ ସ୍ୱପ୍ନ ଦେଖିଥିଲେ, ସେହି ଘରେ ଆଜି ପୁଅର ମରଶରୀର ଦେଖି ଭାଙ୍ଗିପଡ଼ିଛନ୍ତି ପରିବାର। ଲୁହରେ ଭିଜିଛି ଗାଁ ଦାଣ୍ଡ, ଛାତିଫଟା କାନ୍ଦଣାରେ ଭାରାକ୍ରାନ୍ତ ହୋଇପଡ଼ିଛି ପରିବେଶ। ଲୁଣା ନଦୀରେ ବୁଡ଼ି ତିନି ଯୁବକଙ୍କ ଅକାଳ ମୃତ୍ୟୁ ପରେ ଗହଗା ଗାଁରେ ଏବେ ଖେଳିଯାଇଛି ଗଭୀର ଶୋକର ଛାୟା। ଶେଷରେ ଗାଁ ଶ୍ମଶାନରେ ଜଳିଛି ତିନି ବନ୍ଧୁଙ୍କ ଜୁଇ। ଗୋଟିଏ ଦୁଃଖଦ ଘଟଣା ଛଡ଼ାଇ ନେଇଛି ତିନିଟି ଜୀବନ। ଭାଙ୍ଗି ଦେଇଛି ତିନିଟି ପରିବାରର ସ୍ୱପ୍ନ ଓ ଆଶା।

କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଦାନପୁର ଘାଟ ଲୁଣା ନଦୀରେ ବୁଡ଼ି ପ୍ରାଣ ହରାଇଥିବା ତିନି ଯୁବକ ହେଉଛନ୍ତି ହିମାଂଶୁ ଶତପଥୀ, ସବ୍ୟସାଚୀ ସ୍ୱାଇଁ ଓ ଚିରଞ୍ଜିବୀ ପରିଡ଼ା। ତିନି ଜଣଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ମରଶରୀର ଗାଁରେ ପହଞ୍ଚିବା ମାତ୍ରେ ଶୋକାକୁଳ ପରିବେଶ ମଧ୍ୟରେ ସମସ୍ତଙ୍କ ଆଖି ଛଳଛଳ ହୋଇଯାଇଥିଲା। ଯେଉଁ ପୁଅମାନଙ୍କୁ ଦିନେ ହସିହସି ଘରୁ ବିଦା କରୁଥିଲେ ପରିବାର ଲୋକ, ଆଜି ସେହି ପୁଅମାନଙ୍କୁ ଶେଷ ବିଦାୟ ଦେବାର ଦୃଶ୍ୟ ସମସ୍ତଙ୍କୁ ସ୍ତବ୍ଧ କରିଦେଇଥିଲା। ଏକମାତ୍ର ପୁଅକୁ ହରାଇ ଭାଙ୍ଗିପଡ଼ିଲେ ବାପାମାଆ। ତିନି ପରିବାରର ଦୁଃଖ ମଧ୍ୟରୁ ସବ୍ୟସାଚୀ ସ୍ୱାଇଁଙ୍କ ପରିବାରର ଯନ୍ତ୍ରଣା ଥିଲା ଅତ୍ୟନ୍ତ ମର୍ମସ୍ପର୍ଶୀ। ବାପାମାଆଙ୍କ ସେ ଥିଲେ ଏକମାତ୍ର ପୁଅ। ପୁଅର ଭବିଷ୍ୟତକୁ ନେଇ ଦେଖିଥିବା ସମସ୍ତ ସ୍ୱପ୍ନ ଆଜି ଯେପରି ନିମିଷକ ମଧ୍ୟରେ ଭାଙ୍ଗି ଚୂରମାର ହୋଇଯାଇଛି। ଯେଉଁ ପୁଅ ଦିନେ ବାପାମାଙ୍କ ବାର୍ଦ୍ଧକ୍ୟର ଆଶାବାଡ଼ି ହୋଇଥାଆନ୍ତା, ସେହି ପୁଅକୁ ଆଜି ଚିରଦିନ ପାଇଁ ବିଦାୟ ଦେବାକୁ ପଡ଼ିଛି କ୍ଷ ପୁଅକୁ ହରାଇବାର ଅସହ୍ୟ ଯନ୍ତ୍ରଣାରେ ପରିବାର ଭାଙ୍ଗିପଡ଼ିଥିବା ବେଳେ ଏହି ଦୁଃଖକୁ କିପରି ସହିବେ, ତାହା ଭାବିବା ମଧ୍ୟ କଷ୍ଟକର। ଅଧାରେ ରହିଗଲା ହିମାଂଶୁଙ୍କ ଭବିଷ୍ୟତ ଗଢ଼ିବାର ସ୍ୱପ୍ନ। ମୃତ ହିମାଂଶୁ ଶତପଥୀ ଜଣେ ମେଧାବୀ ଛାତ୍ର ଥିଲେ। ସ୍କୁଲ ଶିକ୍ଷା ଶେଷ କରି ଏକ ଘରୋଇ ମହାବିଦ୍ୟାଳୟରେ ଡିପ୍ଲୋମା ପଢୁଥିଲେ। ପାଠପଢ଼ା ଶେଷ କରି ନିଜ ଭବିଷ୍ୟତ ଗଢ଼ିବା ସହ ପରିବାରର ଆଶା ପୂରଣ କରିବାର ସ୍ୱପ୍ନ ତାଙ୍କ ଆଖିରେ ଥିଲା। ମାତ୍ର ଲୁଣା ନଦୀର ଦୁଃଖଦ ଘଟଣା ତାଙ୍କ ଜୀବନର ସମସ୍ତ ସମ୍ଭାବନାକୁ ଅଧାବାଟରେ ଅଟକାଇ ଦେଇଛି। ଯେଉଁ ବୟସରେ ଜୀବନର ନୂଆ ଅଧ୍ୟାୟ ଆରମ୍ଭ ହେବା କଥା, ସେହି ବୟସରେ ତାଙ୍କ ଜୀବନରେ ପଡ଼ିଛି ଯବନିକା। ଚିରଞ୍ଜିବୀଙ୍କ ସ୍ୱପ୍ନ ବି ହୋଇଗଲା ଚୁରମାର। ଚିରଞ୍ଜିବୀ ପରିଡ଼ା ଜଣେ ବାଇକ୍ ମେକାନିକ୍ ଭାବେ କାମ କରୁଥିଲେ। ନିଜ ପରିଶ୍ରମ ବଳରେ ଜୀବନରେ ଆଗକୁ ବଢ଼ିବା ଓ ନିଜର ଏକ ଭବିଷ୍ୟତ ଗଢ଼ିବା ଥିଲା ତାଙ୍କ ଲକ୍ଷ୍ୟ। ନିଜ କାମ ମାଧ୍ୟମରେ ଜୀବନକୁ ସଜାଡ଼ିବାକୁ ଉଦ୍ୟମ କରୁଥିବା ଏହି ଯୁବକଙ୍କ ଜୀବନ ମଧ୍ୟ ଅକାଳରେ ଶେଷ ହୋଇଯାଇଛି। ତିନି ଯୁବକଙ୍କ ମୃତ୍ୟୁ କେବଳ ତିନୋଟି ପରିବାରକୁ ଅନାଥ କରିନାହିଁ, ବରଂ ସେମାନଙ୍କ ସହ ଜଡ଼ିତ ଅନେକ ଆଶା, ଆକାଂକ୍ଷା ଓ ସ୍ୱପ୍ନକୁ ମଧ୍ୟ ଅଧାରେ ଛାଡ଼ିଦେଇଛି।

ତିନି ବନ୍ଧୁଙ୍କ ମରଶରୀର ଗାଁରେ ପହଞ୍ଚିବା ପରେ ସାହିପଡ଼ିଶା ଓ ଗ୍ରାମବାସୀ ଶେଷ ଦର୍ଶନ କରିବା ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ମୃତ ହିମାଂଶୁ ଶତପଥୀଙ୍କ ମରଶରୀର ଘର ନିକଟସ୍ଥ ଶ୍ମଶାନରେ ସତ୍କାର କରାଯାଇଥିବାବେଳେ ସବ୍ୟସାଚୀ ସ୍ୱାଇଁ ଓ ଚିରଞ୍ଜିବୀ ପରିଡ଼ାଙ୍କ ଜୁଇ ଗୋଟିଏ ଶ୍ମଶାନରେ ପାଖାପାଖି ଜଳିଥିଲା। ଦିନେ ଯେଉଁ ବନ୍ଧୁତା ହସଖୁସିରେ ଭରି ରହିଥିଲା, ଆଜି ସେହି ବନ୍ଧୁତାର ଶେଷ ସାକ୍ଷୀ ପାଲଟିଥିଲା ଶ୍ମଶାନର ନିରବତା। ତିନି ଯୁବକଙ୍କ ଅକାଳ ବିୟୋଗରେ ଗହଗା ଗାଁ ଆଜି ଶୋକସାଗରରେ ବୁଡ଼ି ରହିଛି। ଗାଁର ପ୍ରତ୍ୟେକ ଲୋକଙ୍କ ମନରେ ରହିଯାଇଛି ଅନେକ ପ୍ରଶ୍ନ, ଅସରନ୍ତି ଦୁଃଖ ଓ ଅଭୁଲା ସ୍ମୃତି। ଲୁଣା ନଦୀର ଜଳରେ ତିନି ଯୁବକଙ୍କ ଜୀବନଦୀପ ଲିଭିଯାଇଥିବାବେଳେ ସେମାନଙ୍କୁ ହରାଇଥିବା ପରିବାରର ଜୀବନରେ ସୃଷ୍ଟି ହୋଇଛି ଏକ ଅପୂରଣୀୟ ଶୂନ୍ୟସ୍ଥାନ। ତିନିଟି ଜୁଇ ଜଳିଗଲା, ହେଲେ ଲୁହରେ ଭିଜି ରହିଗଲା ଗହଗା ଗାଁ। ଲୁଣାନଦୀରେ ଲିଭିଗଲା ତିନି ଯୁବକଙ୍କ ଜୀବନଦୀପ, ହେଲେ ସେମାନଙ୍କ ସ୍ମୃତି ଓ ସେମାନଙ୍କୁ ହରାଇଥିବା ପରିବାରର ଦୁଃଖ କେବେ ଲିଭିବ ନାହିଁ।

ଆଜିର ରାଶିଫଳ

ମେଷ: ବହୁଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

ବୃଷ: ପାରିବାରିକ ଜୀବନ ସୁଖମୟ ହେବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନୂଆ ବ୍ୟବସାୟ ଆରମ୍ଭ କରିବେ।

ମିଥୁନ: କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

କର୍କଟ: ଅଫିସରେ ପଦୋନ୍ନତି ସମ୍ଭାବନା ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

ସିଂହ: ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

କନ୍ୟା: ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ ବୁଝାମଣା ଦେଖାଦେବ।

ତୁଳା: ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

ବିଛା: ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିବ।

ଧନୁ: ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

ମକର: ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

କୁମ୍ଭ: ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

ମୀନ: ବ୍ୟବସାୟରେ ବାଧା ଆସିବ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

ଆଜିର ଇତିହାସ

- ୧୭୭୫- ଭାରତର ଶେଷ ମୋଗଲ ଶାସକ ବାହାଦୁର ଶାହ ଜାଫରଙ୍କ ଜନ୍ମ।
- ୧୯୧୪- ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମୀ ସେହଗଲଙ୍କ ଜନ୍ମ।
- ୧୯୪୫- ମିଳିତ ଜାତିସଂଘର ସ୍ଥାପନା।
- ୧୯୮୪- ଭାରତରେ ପ୍ରଥମେ ମେଟ୍ରୋ ରେଳ ସେବା ଆରମ୍ଭ ହେଲା।
- ୨୦୧୭- ପ୍ରସିଦ୍ଧ ଠୁମ୍‌ରୀ ଗାୟିକା ଗିରିଜା ଦେବୀଙ୍କ ପରଲୋକ।

ମିଳିତ ଜାତିସଂଘ ଦିବସ

ମିଳିତ ଜାତିସଂଘ ଦିବସ ପ୍ରତିବର୍ଷ ଅକ୍ଟୋବର ୨୪ ତାରିଖରେ ସାରା ବିଶ୍ୱରେ ଶାନ୍ତି, ସୁରକ୍ଷା ଓ ଏକତା ବଜାୟ ରଖିବା ଉଦ୍ଦେଶ୍ୟରେ ପାଳନ କରାଯାଏ। ୧୯୪୫ ମସିହା ଅକ୍ଟୋବର ୨୪ ରେ ଜାତିସଂଘର ସନନ୍ଦ କାର୍ଯ୍ୟକାରୀ ହୋଇଥିବାରୁ ଏହି ଦିନକୁ ସ୍ମରଣୀୟ କରିବା ପାଇଁ ଏହି ଦିବସ ପାଳିତ ହେଉଛି। ମିଳିତ ଜାତିସଂଘ ପ୍ରତିଷ୍ଠାର ମୁଖ୍ୟ ଉଦ୍ଦେଶ୍ୟ ଓ ଏହାର ଗୁରୁତ୍ୱ ଦିଗରେ ଲୋକଙ୍କୁ ସଚେତନ କରିବା ହେଉଛି ଉକ୍ତ ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଏହା ଦେଶଗୁଡ଼ିକ ମଧ୍ୟରେ ମୈତ୍ରୀପୂର୍ଣ୍ଣ ସମ୍ପର୍କ ବିକଶିତ କରିବା, ଅନ୍ତର୍ଜାତୀୟ ସହଯୋଗ ପ୍ରାପ୍ତ କରିବା, ରାଷ୍ଟ୍ର ଲାଗି ସମନ୍ୱୟ କେନ୍ଦ୍ର ହେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଏହାବାଦ୍ ଏହାର ଅନ୍ୟତମ ମୂଳ ଲକ୍ଷ୍ୟ ହେଲା ମାନବିକ ଅଧିକାରର ଅଗ୍ରାଧିକାର, ସାମାଜିକ ଓ ଅର୍ଥନୈତିକ ସନ୍ତୁଳନ ରକ୍ଷା, ପରିବେଶ ସୁରକ୍ଷା ଓ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ମାନବିକ ସହଯୋଗ ପ୍ରଦାନ କରିବା ତଥା ସାମରିକ ଦ୍ୱନ୍ଦ୍ୱର ସମାଧାନ କରିବା। ୧୯୪୮ ମସିହାରୁ ପ୍ରତିବର୍ଷ ଅକ୍ଟୋବର ୨୪କୁ ବିଶ୍ୱବ୍ୟାପୀ ଆନୁଷ୍ଠାନିକ ଭାବେ 'ମିଳିତ ଜାତିସଂଘ ଦିବସ' ରୂପେ ପାଳନ କରାଯାଉଛି। ସେହିପରି ୧୯୭୧ ମସିହାରେ ମିଳିତ ଜାତିସଂଘ ମହାସଭାରେ ଗୃହୀତ ଅନ୍ୟ ଏକ ପ୍ରସ୍ତାବ ଅନୁସାରେ, ଏହି ଦିବସକୁ ମିଳିତ ଜାତିସଂଘର ସମସ୍ତ ସଦସ୍ୟ ଦେଶଗୁଡ଼ିକ ପାଳନ କରିବେ ଏବଂ ଏହା ସାଧାରଣ ଛୁଟି ଦିବସ ହେବ ବୋଲି ପ୍ରସ୍ତାବ ରଖାଯାଇଥିଲା। ଅନ୍ୟପଟେ ଏହି ସଂସ୍ଥା ପ୍ରତିଷ୍ଠା ପରଠୁ ଏହାର ଯେତେ ସବୁ ଉପଲବ୍ଧି ଅଛି, ସେସବୁ ବିଷୟରେ ଜନ ସଚେତନତା ସୃଷ୍ଟି କରିବା ଏହି ଦିବସର ଅନ୍ୟତମ ଉଦ୍ଦେଶ୍ୟ। ସେହିପରି ସବୁ ବିକଶିତ ଓ ବିକାଶଶୀଳ ଦେଶ ପାଇଁ ଏହା ହେଉଛି ଏକ ମଞ୍ଚ ଏବଂ ଏଠାରେ ବିଶ୍ୱର ବିଭିନ୍ନ ସମସ୍ୟା ବାବଦରେ ଆଲୋଚନା କରାଯାଇ ତାହାର ସମାଧାନ କରାଯାଏ। ଏହି ଦିନ ବିଶ୍ୱବ୍ୟାପୀ ସାଂସ୍କୃତିକ କାର୍ଯ୍ୟକ୍ରମ, ଆଲୋଚନା ସଭା, ପ୍ରଦର୍ଶନୀ ଏବଂ ସ୍କୁଲ, କଲେଜରେ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଏ। ଭାରତରେ ମଧ୍ୟ ଏହି ଦିବସ ପାଳନ ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସଭା, ସମିତି ତଥା ପ୍ରଦର୍ଶନୀର ଆୟୋଜନ ହୋଇଥାଏ।

ବିଶ୍ୱ ପୋଲିଓ ଦିବସ

ପୋଲିଓ ବା 'ପୋଲିଓମାଇଲାଇଟିସ୍' ହେଉଛି ମାନବ ଇତିହାସର ସବୁଠାରୁ ଭୟଙ୍କର ସଂକ୍ରାମକ ରୋଗ ମଧ୍ୟରୁ ଅନ୍ୟତମ। ଏହି ଭୂତାଣୁଜନିତ ରୋଗ ବିଶେଷ କରି ଶିଶୁମାନଙ୍କୁ ଆକ୍ରାନ୍ତ କରିଥାଏ ଏବଂ ସେମାନଙ୍କୁ ଆଜୀବନ ପାଇଁ ପକ୍ଷାଘାତର ଶିକାର କରିଦିଏ। ଏହି ମାରାତ୍ମକ ରୋଗ ଦାଉରୁ ଶିଶୁମାନଙ୍କୁ ରକ୍ଷା କରିବା ଏବଂ ବିଶ୍ୱକୁ ପୋଲିଓ ମୁକ୍ତ କରିବା ପାଇଁ ପ୍ରତିବର୍ଷ ଅକ୍ଟୋବର ୨୪ ତାରିଖକୁ ବିଶ୍ୱ ପୋଲିଓ ଦିବସ ଭାବେ ପାଳନ କରାଯାଉଛି। ଏହି ବିଶେଷ ଦିବସ ପାଳନ ପଛରେ ଏକ ବଡ଼ କାରଣ ରହିଛି। ପୋଲିଓ ରୋଗ ବିରୋଧରେ ପ୍ରଥମ ସଫଳ ଟିକା ଆବିଷ୍କାର କରିଥିବା ମହାନ ଚିକିତ୍ସା ବିଜ୍ଞାନୀ ଡାକ୍ତର ଜୋନାସ୍ ସାଲ୍କଙ୍କ ଜନ୍ମଦିନ ଅବସରରେ ଏହି ଦିବସ ପାଳନ କରାଯାଏ। ସେ ରୋଟାରୀ ଫାଉଣ୍ଡେସନ ତରଫରୁ ଏହି ଟୀକା ପରୀକ୍ଷଣ କରିଥିଲେ। ପୋଲିଓ ମୁକ୍ତ ବିଶ୍ୱ ପାଇଁ ୧୯୮୮ ମସିହାରେ ଗ୍ଲୋବାଲ ପୋଲିଓ ଏରାଡିକସନ୍ ଇନସିଏଟିଭ୍ ବା ଜିପିଇଆଇ ଗଠନ କରାଯାଇଥିଲା। ଏଥିରେ ରୋଟାରୀ, ଡବ୍ଲୁଏଚଓ, ୟୁନିସେଫ୍ ଏବଂ ବିଭିନ୍ନ ଦେଶର ସରକାର ସାମିଲ ହୋଇ ବିଶ୍ୱକୁ ସମ୍ପୂର୍ଣ୍ଣ ପୋଲିଓ ମୁକ୍ତ କରିବାକୁ ଏକ ଅଭିଯାନର ଶୁଭାରମ୍ଭ କରିଥିଲେ। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବିଶ୍ୱର ପ୍ରତ୍ୟେକ କୋଣ ଅନୁକୋଣରେ ପୋଲିଓ ଟିକା ପହଞ୍ଚାଇବା ଏବଂ ଲୋକଙ୍କୁ ସଚେତନ କରିବା। ସ୍ୱାସ୍ଥ୍ୟ କର୍ମୀଙ୍କ ମାଧ୍ୟମରେ ହେଉ କିମ୍ବା ବିଜ୍ଞାପନ ଜରିଆରେ ଲୋକଙ୍କୁ ଦୁଇ ବୁନ୍ଦା ପୋଲିଓର ଗୁରୁତ୍ୱ ବାବଦରେ ଅବଗତ କରାଯାଏ। ଧୀରେ ଧୀରେ ଏହି ପ୍ରୟାସ ଭାରତକୁ ପୋଲିଓ ମୁକ୍ତ ମଧ୍ୟ କରିପାରିଛି। ୨୦୧୪ ମସିହାରେ ଭାରତକୁ ପୋଲିଓ ମୁକ୍ତ ଦେଶ ଭାବେ ଘୋଷଣା କରାଯାଇଥିଲା। ଭାରତ ପୋଲିଓ ମୁକ୍ତ ହୋଇଥିଲେ ବି ବିଶ୍ୱରୁ ଏହାର ମୂଳୋତ୍ପାଟନ ହୋଇନାହିଁ। ତେଣୁ ବିପଦ ମୁକ୍ତ ପାଇଁ ଜନ୍ମରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କୁ ପୋଲିଓ ଟିକା ଦେବା ଉପରେ ଗୁରୁତ୍ୱ ଦିଆଯାଏ। କୌଣସି ପିଲା ଯେପରି ଏହି ଭୟଙ୍କର ରୋଗର ଶିକାର ନ ହୁଏ ସେଥିପାଇଁ ବିଶ୍ୱ ପୋଲିଓ ଦିବସ ପାଳନ ଗୁରୁତ୍ୱ ବହନ କରେ।

'ଜଲିଏଲ୍‌ଏଲ୍‌ବି ୪'ରୁ ବାହାରିଲେ ଅକ୍ଷୟ

ବଲିଉଡ୍‌ର ଅନ୍ୟତମ ସଫଳ କମେଡି ଫ୍ରାଞ୍ଚାଇଜ୍ 'ଜଲିଏଲ୍‌ଏଲ୍‌ବି'କୁ ନେଇ ଏକ ବଡ଼ ଖବର ସାମ୍ନାକୁ ଆସିଛି। ଏହି ଫ୍ରାଞ୍ଚାଇଜ୍‌ର ଚତୁର୍ଥ ଫିଲ୍ମ 'ଜଲିଏଲ୍‌ଏଲ୍‌ବି ୪'ରେ ସୁପରଷ୍ଟାର୍ ଅକ୍ଷୟ କୁମାର ନଜର ଆସିବେ ନାହିଁ। ଏଥିରୁ ଅକ୍ଷୟ ବାଦ୍ ପଡ଼ିବା ପରେ ଏବେ ସମ୍ପୂର୍ଣ୍ଣ କାହାଣୀର ଭାର ଓକିଲ 'ଜଗଦୀଶ ତ୍ୟାଗୀ' ଓରଫ୍ ଜଲି ଭୂମିକାରେ ଅଭିନୟ କରିଥିବା ଅରଶଦ ୱର୍ସିଙ୍କ କାନ୍ଧକୁ ଚାଲିଆସିଛି। ନିକଟରେ ପ୍ରକାଶ ପାଇଥିବା କିଛି ରିପୋର୍ଟ ଅନୁଯାୟୀ, ନିର୍ମାତାମାନେ ଏଥର କାହାଣୀରେ ଏକ ଭିନ୍ନ ପ୍ରୟୋଗ କରିବାକୁ ଯାଉଛନ୍ତି। 'ଜଲିଏଲ୍‌ଏଲ୍‌ବି ୪' ସିକ୍ୱେଲ୍ ନୁହେଁ, ବରଂ ପ୍ରିକ୍ୱେଲ୍ ଫର୍ମାଟ୍‌ରେ ନିର୍ମାଣ ହେବ। ଏହାର ଅର୍ଥ ଚଳଚ୍ଚିତ୍ରର କାହାଣୀ ୨୦୧୩ ମସିହାରେ ଆସିଥିବା ପ୍ରଥମ ଭାଗର ପୂର୍ବ ସମୟକୁ ଫେରିଯିବ, ଯେଉଁଠି ଜଲିଙ୍କ ଓକିଲାତି କ୍ୟାରିୟରର ପ୍ରାରମ୍ଭିକ ସଂଘର୍ଷ ଦେଖିବାକୁ ମିଳିବ। ଯେହେତୁ ଫିଲ୍ମଟି ଟାଇମଲାଇନ୍ ପଛକୁ ଯାଉଛି, ତେଣୁ ଦ୍ୱିତୀୟ ଓ ତୃତୀୟ ଭାଗରେ ଓକିଲ 'ଜଗଦୀଶ୍ୱର ମିଶ୍ରା' ଭୂମିକାରେ ଅଭିନୟ କରିଥିବା ଅକ୍ଷୟ କୁମାରଙ୍କ ଚରିତ୍ରର ଏହି ସମୟରେ କୌଣସି ଆବଶ୍ୟକତା ନାହିଁ। ଫଳରେ ଅକ୍ଷୟଙ୍କୁ ଏଥିରୁ ବାଦ୍ ଦିଆଯାଇଛି। ସୂଚନାଯୋଗ୍ୟ ଯେ, 'ଜଲିଏଲ୍‌ଏଲ୍‌ବି ୩'ରେ ଉଭୟ ଅକ୍ଷୟ ଓ ଅରଶଦ କୋର୍ଟ ରୁମ୍‌ରେ ମୁହାଁମୁହିଁ ହୋଇଥିଲେ, ଯାହାକୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ। କେବଳ ଅଭିନେତା ନୁହନ୍ତି, ଚଳଚ୍ଚିତ୍ରର ନିର୍ଦ୍ଦେଶନାରେ ମଧ୍ୟ ଏକ ବଡ଼ ପରିବର୍ତ୍ତନ କରାଯାଇଛି। ପୂର୍ବ ତିନୋଟି ଯାକ ଭାଗର ନିର୍ଦ୍ଦେଶନା ସୁଭାଷ କପୁର ଦେଇଥିବା ବେଳେ, 'ଜଲିଏଲ୍‌ଏଲ୍‌ବି ୪'ର ନିର୍ଦ୍ଦେଶନା ଭାର ନିର୍ଦ୍ଦେଶକ ଉମେଶ ଶୁକ୍ଲାଙ୍କୁ ଦିଆଯାଇଛି। ଏବେ ଫିଲ୍ମର ପ୍ରି-ପ୍ରଡକ୍ସନ କାମ ଶେଷ ପର୍ଯ୍ୟାୟରେ ଥିବାବେଳେ ଜାନୁଆରୀ ୨୦୨୭ ସୁଦ୍ଧା ଏହାର ସୁଟିଂ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି।

ଗଜଲକ୍ଷ୍ମୀ ପୂଜା ଆସିଛି

ନଳିନୀ ଦାଶ

ଆଶ୍ୱିନ ମାସର ପୁନେଇଁ ତିଥିରେ
ହୁଏ ଗଜଲକ୍ଷ୍ମୀ ପୂଜା
ଗାଆଁ ଠୁ ସହରେ ଗହଳି ଲାଗିଛି
ମଣ୍ଡପ ହେଲାଣି ସଜା ।
ନିର୍ମଳ ଆକାଶେ ଜହ୍ନ ଉଇଁଲାଣି
ତାରାଗଣ ମେଳେ ହସି
ସବୁଜ ସୁନ୍ଦର ଧରଣୀ ବୁକୁରେ
ଜୋଛନା ଦେଲା ବରଷି ।
ଜଳ, ସ୍ଥଳ, ନଭ ଅପରୂପ ଶୋଭା
ଶରତ ଋତୁରେ ଦିଶେ
ମାଆ ଲକ୍ଷ୍ମୀଙ୍କର ଆଗମନ ବାର୍ତ୍ତା
ଧରଣୀରେ ପରକାଶେ ।
ମାଆ ଧନଲକ୍ଷ୍ମୀ ଐଶ୍ବର୍ଯ୍ୟଦାୟିନୀ
ମରତରେ ବିଜେ କର
ଅନ୍ନଦାତ୍ରୀ ମାଆ ଶାନ୍ତି ପ୍ରଦାୟିନୀ
ମର୍ତ୍ତ୍ୟରେ ଅମାର ଭର ।
ମାଆ ଗୋ ବରଦା ତୁମେ ହିଁ ସୁଖଦା
ବିପଦଭଞ୍ଜିନୀ ମାଆ
ସାଗରଦୂଲ୍ଲଣୀ ବିଷ୍ଣୁ ପାଟରାଣୀ
ଜଗତକୁ ହୁଅ ସାହା ।
ଗଜର ପିଠିରେ ବସି ବିଜେ କର
ଧରା ବୁକେ ପାଦ ରଖ
ଅମୃତ କଳସ ଢ଼ାଳି ଦିଅ ମାଆ
ଭରିଦିଅ ଶାନ୍ତି ସୁଖ ।
ତୁମ ଦିବ୍ୟ ରୂପ ଦରଶନେ ମାଆ
ଖୁସିର ଝରଣା ଝରୁ
କେଦାରେ କେଦାରେ ସୁନାର ଫସଲ
ତୁମ ଆଶିଷରୁ ଭରୁ ।
ଧନ ଧାନ୍ୟରେ ତ ପୁରି ଉଠୁ ମହୀ
ଆସ ମାଆ ଅବତରି
ସୁଖ ସମ୍ପଦର ମନ୍ଦାକିନୀ ବହୁ
ଦୁଃଖ ଯାଉ ଅପସରି । ■

ଭିକାରିପଡା, ଶରଣକୁଳ, ନୟାଗଡ଼

ପ୍ରହେଳିକା

- ଅଶିଣ ପୁନେଇଁ ସଞ୍ଜ ନଇଁଲେ
ଚାନ୍ଦ ପୂଜା ହୁଏ ତୁଳସୀ ମୂଳେ
ଖଇ, ଛେନା, ଗୁଡ଼, କଦଳୀ, ଦହି
ନଡ଼ିଆ ମିଶ୍ରଣେ ଭୋଗ ବନଇ
ସୁଆଦରେ ଅନୁପମ
ସାହି ପଡ଼ିଶାରେ କୁଆଁରୀ ବାଣ୍ଟନ୍ତି
କୁହ ତ ସେ ଭୋଗ ନାମ।

ଉତ୍ତର-ଚାନ୍ଦ ଚକଟା

- ପବିତ୍ର ଅଶିଣ ପୁନେଇଁ ଦିନ
ହସିଉଠେ ସର୍ବ କୁଆଁରୀ ମନ
ଖଇ ନାନା ଜାତି ଫଳକୁ ଧରି
ଆଞ୍ଜୁଳି ଦିଅନ୍ତି ଭକତି ଭରି
ସଞ୍ଜ ନଇଁଗଲେ ଚାନ୍ଦକୁ ପୂଜି
ପ୍ରସାଦ ବାଣ୍ଟନ୍ତି ଆନନ୍ଦେ ମଜି
ମହାନ ପରବ ସିଏ
ସାରା ଗାଆଁ ଝିଅ ସଙ୍ଗୀତ ଗାଆନ୍ତି
କୁହ ତ ତା'ନାମ କିଏ।

ଉତ୍ତର-କୁଆଁର ପୁନେଇଁ

- ପବିତ୍ର ଅଶିଣ ପୁନେଇଁ ଦିନ
ମାତାଙ୍କୁ ପୂଜନ୍ତି ରାଇଜେ ଜନ
ସେ ମାତାଙ୍କ ଅଟେ ଗଜ ବାହନ
ତାଙ୍କୁ ପୂଜା କଲେ ମିଳଇ ଧନ
ଐଶ୍ବର୍ଯ୍ୟର ଦେବୀ ସିଏ
ପଦ୍ମ ସ୍ୱର୍ଣ୍ଣମୁଦ୍ରା ତାଙ୍କ ହସ୍ତେ ଶୋହେ
କୁହ ତାଙ୍କ ନାମ କିଏ।

ଉତ୍ତର-ମା' ଗଜଲକ୍ଷ୍ମୀ

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର

ସୁମନ

ଲାଙ୍ଗୁଡ଼ା ଭୂତ କଥା

ରାଜେଶ ରାୟ

ରାତିରେ ଅସମ୍ଭାଳ ଗରମ ହେବାରୁ ପପୁଲି ଶୋଇ ନ ପାରି ଜୋରରେ କାନ୍ଦିବାକୁ ଲାଗିଲା । ୯ ବର୍ଷର ପିଲା ସିଏ କିନ୍ତୁ କଥାରେ ଏକଦମ୍ ଚାଇଁଖର ! ଆକାଶରୁ ପବନ ଗୋଟାଇ ଆଣିଲା ପରି କୋଉଠୁ ଶବ୍ଦ ଆଣି ଗାଲୁ ଗାଲୁ ବହୁକଥା କହି ପକାଏ । ସେଦିନ ପପୁଲି ଜିଦ୍ଦି ଧରି କହିଲା ବୁଢ଼ା ଜେଜେଙ୍କ ପାଖରୁ ଭୂତ ଗପ ଶୁଣିବ କାରଣ ପୂର୍ବରୁ ଦୁଇଥର ସେ ଗପ ଶୁଣିଛି । ଜେଜେ ମାଆ କୁହନ୍ତି ବୁଢ଼ା ଜେଜେ କାଳେ ଅଧା ଗୁଣିଆ ! ଯବାନ ଥିବା ସମୟରେ କେତେ ଭୂତ ପ୍ରେତଙ୍କୁ ଆଣ୍ଠୁଏ ଲେଖାଏଁ ପାଣି ପିଆଇଛନ୍ତି। ସେଥିପାଇଁ ରାତିହେଲେ ବୁଢ଼ା ଜେଜେଙ୍କ ପାଖକୁ ଭୂତମାନେ ଆସି କଥାବାର୍ତ୍ତା ହୁଅନ୍ତି । ସବୁଦିନ ସନ୍ଧ୍ୟାରେ ଜେଜେ ଅଫିମ ଚାମଚେ ଖାଇଦେଇ ଚଉରା ପିଣ୍ଡାରେ ବସି ଢୁଳାନ୍ତି ଆଉ ମନକୁ ମନ ଗପନ୍ତି । ପପୁଲି ବାରମ୍ବାର ଜିଦ୍ଦି କରି କାନ୍ଦିବାରୁ ଜେଜେ ମାଆ ତାକୁ ନେଇ ବୁଢ଼ାଜେଜେଙ୍କ ପାଖକୁ ଗଲେ । ଜେଜେଙ୍କୁ ଦେଖି ପପୁଲି ଦୌଡ଼ିଯାଇ ତାଙ୍କ କୋଳରେ ଆଉଜି ହୋଇ ବସିପଡ଼ି କହିଲା " ବୁଢ଼ା ଜେଜେ ଆଜି ମତେ ଗୋଟେ ଭୂତ ଗପ କୁହ।" ଜେଜେ ମୁରୁକି ହସି ଦେଇ ନାତୁଣୀକୁ କୋଳେଇ ନେଲେ ଆଉ କହିଲେ, "ଠିକ୍ ଅଛି ଆଜି ମୁଁ ତତେ ମୋ ଜୀବନର ସବୁଠୁ ବଡ଼ ଲାଙ୍ଗୁଡ଼ା ଭୂତ କଥା କହିବି ।" ଲାଙ୍ଗୁଡ଼ା ଭୂତ ! ପପୁଲି ନାଁ ଶୁଣି କାଠହୋଇ ବସିଲା । ଜେଜେ ଗପ କହିବା ଆରମ୍ଭ କଲେ । "ମୁଁ ଛୋଟ ଥିବା ସମୟରେ ଆମ ଘର ସାମ୍ନାପଟେ ଗୋଟିଏ ନଡ଼ିଆ ଗଛ ଥିଲା। ସେହି ଗଛରେ ଲାଙ୍ଗୁଡ଼ା ଭୂତ ରହୁଥିଲା, ଦେଖିବାକୁ ଠିକ୍ ବିଲୁଆ ପରି, ତାର ବଡ଼ ବଡ଼ ନଖ, ଦେହସାରା ଧଳା ଲମ୍ବା ଲମ୍ବା ବାଳ, ପାଟିରେ ଦୁଇଟି ମୁନିଆ ଦାନ୍ତ ଏବଂ ପଛରେ ଗୋଟିଏ ବଡ଼ ଲାଙ୍ଗୁଡ଼। ଆମ ସମୟରେ ରାସ୍ତାଘାଟ ନ ଥିଲା, ଲାଇନ୍ ନ ଥିଲା ଏବଂ ଚାରିଆଡ଼େ ଜଙ୍ଗଲ ଥିଲା ତେଣୁ ରାତିହେଲେ କଳା କିଟିମିଟି ଅନ୍ଧାର ମାଡ଼ି ଆସୁଥିଲା। ସେଇ ଅନ୍ଧାରରେ ନଡ଼ିଆ ଗଛରୁ ତଳକୁ ଓହ୍ଲାଇ ଆସି ଲାଙ୍ଗୁଡ଼ା ଘୁରି ବୁଲୁଥିଲା । ଏକଥା ଶୁଣି ପପୁଲି ବରଡ଼ା ପରି ଥରି ଥରି ପଚାରିଲା, "ସେ ରାତିରେ କ'ଣ ସବୁ କରୁଥିଲା?" ଜେଜେ ଉତ୍ତର ଦେଲେ, "ଲାଙ୍ଗୁଡ଼ା ଭୂତ ରାତିରେ ବାହାରି ପ୍ରଥମେ ଆମ ଗାଁର ଦଣ୍ଡାକୁ ଯାଇ ଝାଡ଼ା ବସୁଥିଲା ଏବଂ ତା' ପରେ ସବୁ ଲୋକଙ୍କ ଘର ସାମ୍ନାକୁ ଯାଇ ଘେରାଏ ବୁଲି ଆସୁଥିଲା । ତା' ପାଇଁ ସମସ୍ତେ ହାଣ୍ଡିରେ କିଛି ଖାଇବା ରଖି ଘର ସାମ୍ନାରେ ଥୋଇ ଦେଉଥିଲେ । ଖାଇ ସାରିବା ପରେ ମୋ ପାଖକୁ ଆସି ପିଙ୍କା ଖଣ୍ଡେ ଟାଣି ଗପସପ କରୁଥିଲା । ଶେଷରେ ପାଖରେ ଥିବା ବାଉଁଶ ବୁଦାକୁ ଯାଇ ହୁଁ କିନା ଗର୍ଜନ କରି ପୁଣି ନଡ଼ିଆ ଗଛକୁ ଚଢ଼ି ଯାଉଥିଲା । ତା ପରଦିନ ପୁଣି ରାତିରେ ସେମିତି ଆସୁଥିଲା ।" ପପୁଲି ଏଥର ପଚାରିଲା "ଆଚ୍ଛା ଜେଜେ , ସେ ଲାଙ୍ଗୁଡ଼ା ଭୂତ କ'ଣ କାହାକୁ ଡ଼ରାଉ ନ ଥିଲା ? " ଜେଜେ କହିଲେ " ସମସ୍ତେ ପାଳି କରି ତାକୁ ଖାଇବାକୁ ଦେଉଥିଲେ , ଭାତ , ଡାଲି , ଆଳୁ ଚକଟା, ଶୁଖୁଆ , ମାଛ , ମାଉଁସ , ସବୁକିଛି ସେ ଗାଉଁ ଗାଉଁ କରି ଖାଉଥିଲା । ବେଳେବେଳେ ଅଧାପେଟ ରହିଲେ ଲୋକଙ୍କ ଗୁହାଳରେ ପଶି ଛେଳି, ମେଣ୍ଢା , ବତକ, କୁକୁଡ଼ା ମଧ୍ୟ ଟେକି ନେଉଥିଲା ଏବଂ ଯେଉଁଦିନ ତାକୁ ଖାଇବାକୁ ଦେଉ ନଦେଲେ ସେ ଯାହାକୁ ସାମ୍ନାରେ ପାଉଥିଲା ଲାଙ୍ଗୁଡ଼ରେ ଗୁଡ଼ାଇ ପିଟି ପିଟି ମାରି ଦେଉଥିଲା । ମୁଁ ଅଧା ଗୁଣିଆ ଥିବାରୁ ସେ କେବଳ ମତେ ହିଁ ଡରୁଥିଲା ।" ଜେଜେଙ୍କର କଥାଶୁଣି ପପୁଲି ତାଜୁବ୍ ହୋଇଯାଇଥାଏ। ସେ ପୁଣି ପଚାରିଲା "ଜେଜେ ଏବେ କଣ ସେହି ଲାଙ୍ଗୁଡ଼ା ଭୂତ ଏବେ କ'ଣ ଅଛି ?" ଜେଜେ ଧିର ସ୍ୱରରେ କହିଲେ "ମହାବାତ୍ୟା ପରେ ସେ ନଡ଼ିଆ ଗଛଟି ଭାଙ୍ଗିଗଲା , ଲାଇନ୍ ପଳେଇ ଆସିବାରୁ ଚାରିଆଡ଼େ ଆଲୋକିତ ହୋଇଗଲା, ତେଣୁ ସେବେଠୁ ଲାଙ୍ଗୁଡ଼ା ଡରିକି କୁଆଡ଼େ ପଳେଇଛି ।" ଜେଜେ ନାତୁଣୀଙ୍କ ଗପସପ ଚାଲିଥିବାବେଳେ ହଠାତ୍ ଜେଜେମାଆ ଡାକ ଛାଡ଼ିଲେ "ଦୌଡ଼ି ଆସ, ରୋଷେଇ ଘରେ କାଳିଆ ହେଇକି କିଏ ଜଣେ ବସିଛି ।" ଏକଥା ଶୁଣି ସମସ୍ତେ ଭୟଭୀତ ହୋଇ ଦୌଡ଼ି ଆସିଲେ, ପପୁଲି ଛାନିଆରେ ତା' ମାଆଙ୍କୁ ମାଡ଼ି ବସି ଧରିଥାଏ । ଛାତିରେ ଛେପ ପକାଇ ଜେଜେ ଯାଇ ଦେଖିଲେ "କାଳି ବିଲେଇଟିଏ ମିଆଁଉ ମିଆଁଉ କରି କାନ୍ଥ ଉପରେ ବସିଛି ।" ଏତିକିବେଳେ ଜେଜେମାଆ ପପୁଲିକୁ ଅନାଇ କହିଲେ " ଦେଖିଲୁ ମାଆ, ତୋ ବୁଢ଼ାଜେଜେ କୁଆଡ଼େ ଅଧା ଗୁଣିଆ , କିନ୍ତୁ ବିଲେଇକୁ ଦେଖି ଡରିଗଲେ । ଆଉ ଇଏ ଯୋଉ ଲାଙ୍ଗୁଡ଼ା ଭୂତ ସହ ସାଙ୍ଗ ହେବା କଥା କହୁଛନ୍ତି ସବୁ ମିଛ । ଏକଥା ଶୁଣିବା ପରେ ପାଖରେ ଥିବା ସମସ୍ତେ ଜୋରରେ ହସିବାକୁ ଲାଗିଲେ । ■

ବିଦ୍ୱାନ୍ ମହାବିଦ୍ୟାଳୟ, ଜୟପୁର

କୁନି ହାତରେ ତୁଳୀ

ଆଦିତ୍ୟ ଦାସ
ସପ୍ତମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ
ନାଥପୁର, ଭୁବନେଶ୍ୱର

ଆଦିତ୍ରୀ ବିଶ୍ୱାଳ
ଚତୁର୍ଥ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ
ଭୁବନେଶ୍ୱର

ନିଶ୍ଚିତ ତୁଷାର ନାୟକ
ସପ୍ତମ ଶ୍ରେଣୀ
ଡି.ଏ. ଭି ପବ୍ଲିକ୍ ସ୍କୁଲ
ନିମାପଡ଼ା

ଶାନ୍ତନୁ ଶାନ୍ତିସ୍ୱରୂପ
ସପ୍ତମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ଭୀମଟାଙ୍ଗି
ଭୁବନେଶ୍ୱର

ସାଗର ପ୍ରଧାନ
ସପ୍ତମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ
ନାଥପୁର
ଭୁବନେଶ୍ୱର

୧୧୪ ପଦକ ସହ ଭାରତର ସର୍ବଶ୍ରେଷ୍ଠ ପ୍ରଦର୍ଶନ

ଟୋକିଓ, ୨୩।୧୦ (ଏଜେନ୍ସି)

ଜାପାନର ଆଇଚି-ନାଗୋୟାରେ ଚାଲିଥିବା ପାରା ଏସିଆନ ଗେମ୍ସର ୫ମ ସଂସ୍କରଣରେ ଭାରତ ଇତିହାସ ରଚିଛି। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଭାରତ ଏଥର ରେକର୍ଡ ୧୧୪ ପଦକ ଜିତି ଅଭିଯାନ ଶେଷ କରିଛି। ଯେଉଁଥିରେ ୩୦ ସ୍ୱର୍ଣ୍ଣ, ୩୫ ରୌପ୍ୟ ଓ ୪୯ଟି କାଂସ୍ୟ ପଦକ ସାମିଲ ରହିଛି। ଚାରି ବର୍ଷ ତଳେ ୨୦୨୨ରେ ହାଙ୍ଗଝୋଉରେ ଅନୁଷ୍ଠିତ ଗତ ସଂସ୍କରଣରେ ଭାରତ ୨୭ ସ୍ୱର୍ଣ୍ଣ, ୩୨ ରୌପ୍ୟ ଓ ୪୯ କାଂସ୍ୟ ସହ ମୋଟ୍ ୧୦୮ ପଦକ ଜିତିଥିଲା। ଯାହାକି ପାରା

ପାରା ଏସିଆନ ଗେମ୍ସ

ଏସିଆନ ଗେମ୍ସ ଇତିହାସରେ ଭାରତୀୟ ଦଳର ଶ୍ରେଷ୍ଠ ପ୍ରଦର୍ଶନ ଥିଲା। ଏଥର କିନ୍ତୁ ଭାରତ ଆଉ ୬ଟି ଅଧିକ ପଦକ ବିଜୟୀ ହୋଇ ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ କରିଛି। ଉଲ୍ଲେଖଯୋଗ୍ୟ, ପାରା ଏସିଆନ ଗେମ୍ସର ପ୍ରଥମ ଦୁଇଟି ସଂସ୍କରଣ ୨୦୧୪ ଓ ୨୦୧୮ରେ ଭାରତ ଯଥାକ୍ରମେ ୧୪ ଓ ୩୩ଟି ପଦକ ବିଜୟୀ ହୋଇଥିଲା। ଏହାପରେ ୨୦୧୮ରେ ଅନୁଷ୍ଠିତ ତୃତୀୟ ସଂସ୍କରଣରେ ଭାରତର ପଦକ ସଂଖ୍ୟା ବୃଦ୍ଧି ପାଇ ୭୨ରେ ପହଞ୍ଚିଥିଲା। ୨୦୩୦ରେ ଦୋହା ଓ ୨୦୩୪ରେ ରିୟାଧରେ ପରବର୍ତ୍ତୀ ଦୁଇଟି ସଂସ୍କରଣ ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି।



ଜାଭେଲିନରେ ପଦକ କ୍ଲିନସୁଇପ୍

ପୁରୁଷ ଜାଭେଲିନ ଥ୍ରୋ ଏଫ୪୨-ଏଫ୪୪/୬୧ ଓ ଏଫ୬୪ କାଟାଗୋରୀରେ ଭାରତ ପଦକ କ୍ଲିନସୁଇପ କରିନେଇଛି। ଡିଫେଣ୍ଡିଂ ଚାମ୍ପିଅନ ସୁମିତ ଆଣ୍ଟିଲ ଏଥର ମଧ୍ୟ ସ୍ୱର୍ଣ୍ଣ ପଦକ ବଜାୟ ରଖିବାରେ ସମର୍ଥ ହୋଇଛନ୍ତି। ସେ ୭୨.୪୬ ମିଟର ଜାଭେଲିନ ଫିଙ୍ଗି ପ୍ରଥମ ସ୍ଥାନରେ ରହିଥିଲେ। ଏହି ଇଭେଣ୍ଟରେ ଭାରତର ମହେନ୍ଦ୍ର ଗୁରଜାର ଓ ସନ୍ଦୀପ ସଞ୍ଜୟ ସାଗର ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପଦକ ବିଜୟୀ ହୋଇଥିଲେ।



ପ୍ରଣବଙ୍କୁ ଦ୍ୱିତୀୟ ସ୍ୱର୍ଣ୍ଣ

ଭାରତର ପ୍ରଣବ ସୁରମା ଚଳିତ ପାରା ଏସିଆନ ଗେମ୍ସରେ ବ୍ୟକ୍ତିଗତ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଶୁକ୍ରବାର ପ୍ରତିଯୋଗିତାର ୫ମ ଦିବସରେ ପ୍ରଣବ ପୁରୁଷ କ୍ଲବ ଥ୍ରୋ ଏଫ୍-୫୧ କାଟାଗୋରୀରେ ରେକର୍ଡ ୩୨.୮୭ ମିଟର ହାସଲ କରି ପ୍ରଥମ ସ୍ଥାନରେ ରହିଥିଲେ। ପ୍ରଣବ ଏଥିପୂର୍ବରୁ ମଙ୍ଗଳବାର ଡିସକସ୍ ଥ୍ରୋ ଏଫ୍୫୧/ଏଫ୫୨/ଏଫ୫୩ କାଟାଗୋରୀରେ ୧୧.୬୬ ମିଟର ଦୂରତା ସହ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ।

ରୌପ୍ୟ ସହ ପ୍ରମୋଦଙ୍କୁ ଦ୍ୱିତୀୟ ପଦକ

ଓଡ଼ିଶାର ତାରକା ପାରା ବ୍ୟାଡମିଣ୍ଟନ ଖେଳାଳି ପ୍ରମୋଦ ଭଗତ ପୁରୁଷ ଏକକ ଏସ୍‌ଏଲ୍-୩ ବର୍ଗରେ ରୌପ୍ୟ ପଦକ ହାସଲ କରିଛନ୍ତି। ଫାଇନାଲରେ ଅନ୍ୟତମ ଭାରତୀୟ ଖେଳାଳି ନିତେଶ କୁମାରଙ୍କଠାରୁ ପ୍ରମୋଦ ପରାଜୟବରଣ କରିଥିଲେ। ନିତେଶ ସିଧାସଳଖ ଦୁଇଟି ଗେମ୍‌ରେ ୨୧-୧୮ ଓ ୨୧-୧୬ରେ ବିଜୟୀ ହୋଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହି ଫାଇନାଲ ଭାରତୀୟ ପାରା ବ୍ୟାଡମିଣ୍ଟନ ପାଇଁ ବିଶେଷ ଗୁରୁତ୍ୱ ବହନ କରିଥିଲା। କାରଣ, ପ୍ରମୋଦ ଏହି ପ୍ରତିଯୋଗିତାକୁ ଦୁଇଥରର ଏସୀୟ ପାରା କ୍ରୀଡ଼ା ସ୍ୱର୍ଣ୍ଣ ବିଜେତା ଭାବେ ଓହ୍ଲାଇଥିଲେ। ସେ ୨୦୧୮ରେ ଜାକର୍ତ୍ତା ଏବଂ ୨୦୨୨ରେ ଚୀନ୍‌ର ହାଙ୍ଗଝୋଉରେ ଅନୁଷ୍ଠିତ ଏସୀୟ ପାରା କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ତେବେ ଏଥର ନିତେଶ ଉନ୍ନତ ପ୍ରଦର୍ଶନ କରି ବାଜିମାତ୍ କରିନେଇଛନ୍ତି। ଅପରପକ୍ଷରେ ଚଳିତ ପାରା ଏସିଆନ ଗେମ୍ସରେ ପ୍ରମୋଦଙ୍କ ଏହା ଦ୍ୱିତୀୟ ପଦକ ହୋଇଛି। ଏଥିପୂର୍ବରୁ ଗତକାଲି ସେ ମିକ୍ସଡ ଡବଲ୍ସରେ ମନୀଷା ଦାସଙ୍କ ସହ ଯୋଡ଼ି ହୋଇ କାଂସ୍ୟ ପଦକ ହାସଲ କରିଥିଲେ।

ସନ୍ତରଣରେ ହିମାଂଶୁଙ୍କ ପଦକ ହ୍ୟାଟ୍ରିକ୍

ଜାପାନର ନାଗୋୟାରେ ଚାଲିଥିବା ଏସୀୟ ପାରା କ୍ରୀଡ଼ା ୨୦୨୬ରେ ଭାରତୀୟ ସନ୍ତରଣକାର ହିମାଂଶୁ ନନ୍ଦଲ ଆଉ ଏକ କାଂସ୍ୟ ପଦକ ଜିତିଛନ୍ତି। ଶୁକ୍ରବାର ପୁରୁଷ ୧୦୦ ମିଟର ଫ୍ରିଷ୍ଟାଇଲ୍ ଏସ୍-୧୧ ବର୍ଗରେ ସେ ୧ ମିନିଟ୍ ୫.୯୦ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଏହି ଇଭେଣ୍ଟରେ ଜାପାନର ଉଚୁ ତୋମିତା ୫୮.୨୨ ସେକେଣ୍ଡ ସମୟ ସହ କ୍ରୀଡ଼ାର ନୂଆ ରେକର୍ଡ ସ୍ଥାପନ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଚୀନ୍‌ର ଚୁଆଙ୍ଗେନ୍ ସେନ୍ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଚଳିତ କ୍ରୀଡ଼ାରେ ଏହା ହିମାଂଶୁଙ୍କର ତୃତୀୟ ପଦକ। ଏହା ପୂର୍ବରୁ ସେ ପୁରୁଷ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ଏସ୍୧୩ ଏବଂ ୪୦୦ ମିଟର ଫ୍ରିଷ୍ଟାଇଲ୍ ଏସ୍-୧୧ ବର୍ଗରେ କାଂସ୍ୟ ପଦକ ଜିତିଥିଲେ। ଲଗାତାର ସଫଳତା ସହ ସେ ଭାରତୀୟ ଦଳର ପଦକ ସଂଖ୍ୟା ବୃଦ୍ଧିରେ ଯୋଗଦାନ ଦେଇଛନ୍ତି। ସନ୍ତରଣରେ ଭାରତ ଏପର୍ଯ୍ୟନ୍ତ ମୋଟ ୧୧ଟି ପଦକ ଜିତିଛି। ଏଥିରେ ୩ଟି ରୌପ୍ୟ ଓ ୮ଟି କାଂସ୍ୟ ପଦକ ରହିଛି।

ଉଦ୍‌ଯାପନୀରେ ତ୍ରିରଙ୍ଗା ଧରିବେ ମୋନା-ନିଶାଦ

ଚଳିତ ପାରା ଏସିଆନ ଗେମ୍ସ ଶନିବାର ଉଦ୍‌ଯାପିତ ହେବ। ଦୁଇଟି ଲେଖାଏଁ ସ୍ୱର୍ଣ୍ଣ ପଦକ ଜିତିଥିବା ଶୁଟର ମୋନା ଅଗ୍ରୱାଲ ଏବଂ ହାଇଜମ୍ପର ନିଶାଦ କୁମାର ଭାରତର ପତାକାବାହକ ହେବେ। ୩୮ ବର୍ଷୀୟା ମୋନା ୧୦ ମିଟର ଏୟାର ରାଇଫଲ୍ ଷ୍ଟାଣ୍ଡିଂ ଇଭେଣ୍ଟରେ ଗେମ୍ସ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହାପରେ ସେ ୫୦ ମିଟର ରାଇଫଲ୍ ୩ ପୋଜିସନ୍ ଇଭେଣ୍ଟରେ ସେ ବିଶ୍ୱ ରେକର୍ଡ ସହ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିଭଳି ୨୭ ବର୍ଷୀୟ ନିଶାଦ ପୁରୁଷଙ୍କ ହାଇ ଜମ୍ପ ଏବଂ ଲଙ୍ଗ ଜମ୍ପ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।

ଫ୍ରେଞ୍ଚ ଓପନ୍ ସେମିଫାଇନାଲରେ ସିନ୍ଧୁ

ପ୍ୟାରିସ୍,୨୩।୧୦(ଏଜେନ୍ସି): ଭାରତୀୟ ବ୍ୟାଡ୍‌ମିଣ୍ଟନ୍ ତାରକା ପିଭି ସିନ୍ଧୁ ଫ୍ରେଞ୍ଚ ଓପନ୍‌ର ମହିଳା ଏକକ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର କ୍ୱାର୍ଟରଫାଇନାଲରେ ସେ ଚାଇନିଜ୍ ତାଇପେଇର ଚିଉ ପିନ୍-ଚିଆନ୍‌ଙ୍କୁ ୨୧-୧୩, ୨୧-୧୪ ଗେମ୍‌ରେ ପରାସ୍ତ କରିଛନ୍ତି। ଦୁଇ ଥର ଅଲିମ୍ପିକ୍ ପଦକ ବିଜୟିନୀ ସିନ୍ଧୁ ପ୍ରଥମ ଗେମ୍‌ରୁ ହିଁ ଆଧିପତ୍ୟ ବିସ୍ତାର କରିଥିଲେ। ୨୧-୧୩ରେ ପ୍ରଥମ ଗେମ୍ ଜିତିବା ପରେ ଦ୍ୱିତୀୟ ଗେମ୍‌ରେ ମଧ୍ୟ ନିଜର ଆକ୍ରମଣାତ୍ମକ ଖେଳ ଜାରି ରଖିଥିଲେ। ମଧ୍ୟାନ୍ତର ସୁଦ୍ଧା ସେ ୧୧-୨ରେ ଆଗୁଆ ରହିଥିଲେ। ଚିଉ ପ୍ରତ୍ୟାବର୍ତ୍ତନ ପାଇଁ ଉଦ୍ୟମ କରିଥିଲେ ମଧ୍ୟ ସିନ୍ଧୁ ୨୧-୧୪ରେ ଦ୍ୱିତୀୟ ଗେମ୍ ଜିତି ମ୍ୟାଚ୍ ଶେଷ କରିଥିଲେ। ସେମିରେ ସିନ୍ଧୁ ଇଣ୍ଡୋନେସିଆର ପଞ୍ଚମ ସିଡ୍ ପୁତ୍ରୀ ୱାର୍‌ଦାନି କିମ୍ବା ଜାପାନର ହିନା ଆକେଚିଙ୍କୁ ଭେଟିବେ। ଏହା ପୂର୍ବରୁ ପ୍ରି-କ୍ୱାର୍ଟରଫାଇନାଲରେ ସିନ୍ଧୁ ଜାପାନର ରିକୋ ଗୁଞ୍ଜିଙ୍କୁ ୨୧-୧୨, ୨୧-୧୬ରେ ହରାଇଥିଲେ। ତେବେ ଏହା ପୂର୍ବ ରାଉଣ୍ଡରେ ଥାଇଲାଣ୍ଡର ସୁପାନିଦା କାଥେଥଙ୍ଗଙ୍କ ବିପକ୍ଷରେ ତାଙ୍କୁ କଡ଼ା ସଂଘର୍ଷ କରିବାକୁ ପଡ଼ିଥିଲା। ସିନ୍ଧୁ ୨୧-୧୪, ୮-୨୧, ୨୩-୨୧ରେ ବିଜୟୀ ହୋଇଥିଲେ। ମ୍ୟାଚ୍‌ର ନିର୍ଣ୍ଣାୟକ ମୁହୂର୍ତ୍ତରେ ଲଗାତାର ୧୧ ପଏଣ୍ଟ ହରାଇବା ସତ୍ତ୍ୱେ ସେ ଶେଷରେ ବିଜୟ ହାସଲ କରିଥିଲେ।

ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ସନ୍ନ୍ୟାସ ନେଲେ ମେଘନା

ନୂଆଦିଲ୍ଲୀ,୨୩।୧୦(ଏଜେନ୍ସି): ଭାରତୀୟ ମହିଳା କ୍ରିକେଟର ସବ୍ବିନେନି ମେଘନା ୩୦ ବର୍ଷ ବୟସରେ ଅନ୍ତର୍ଜାତୀୟ କ୍ରିକେଟ୍‌ର ସମସ୍ତ ଫର୍ମାଟ୍‌ରୁ ଅବସର ଘୋଷଣା କରିଛନ୍ତି। ଆନ୍ଧ୍ରପ୍ରଦେଶର ଏହି ବ୍ୟାଟର୍ ୨୦୧୬ରେ ଭାରତ ପାଇଁ ପଦାର୍ପଣ କରିଥିଲେ। ସେ ୩ଟି ଦିନିକିଆ ଓ ୧୭ଟି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ଘରୋଇ କ୍ରିକେଟ୍‌ରେ ମେଘନାଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ଥିଲା। ୨୦୨୧-୨୨ ମହିଳା ଦିନିକିଆ ପ୍ରତିଯୋଗିତାରେ ରେଳବାଇ ପକ୍ଷରୁ ଖେଳି ସେ ୬ଟି ମ୍ୟାଚ୍‌ରେ ୩୮୮ ରନ୍ କରିଥିଲେ। ମହିଳା ଏସିଆ କପ୍ ବିଜୟୀ ଭାରତୀୟ ଦଳର ସେ ସଦସ୍ୟ ଥିଲେ। ୨୦୨୨ ବର୍ମିହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ପଦକ ଜିତିଥିବା ଭାରତୀୟ ଦଳରେ ମଧ୍ୟ ସେ ସ୍ଥାନ ପାଇଥିଲେ। ମହିଳା ପ୍ରିମିଅର ଲିଗ୍‌ରେ ଗୁଜରାଟ ଜାଏଣ୍ଟସ୍ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପକ୍ଷରୁ ଖେଳି ମେଘନା ୧୫ଟି ମ୍ୟାଚ୍‌ରେ ୩୦୨ ରନ୍ କରିଥିଲେ।

ପରବିନ୍ଦର ଆୱାନାଙ୍କୁ ବଡ଼ ଦାୟିତ୍ୱ

ନୂଆଦିଲ୍ଲୀ,୨୩।୧୦(ଏଜେନ୍ସି): ଭାରତର ପୂର୍ବତନ ଦ୍ରୁତ ବୋଲର ପରବିନ୍ଦର ଆୱାନାଙ୍କୁ ବିସିସିଆଇ ଜୁନିଅର ଚୟନ କମିଟିର ଅଧ୍ୟକ୍ଷ ନିଯୁକ୍ତ କରିଛି। କ୍ରିକେଟ୍ ପରାମର୍ଶଦାତା କମିଟି ସାକ୍ଷାତ୍‌କାର ପ୍ରକ୍ରିୟା ପରେ ତାଙ୍କ ନାମ ସୁପାରିସ କରିଥିଲା। କମିଟିରେ ଅନ୍ୟ ତିନିଜଣ ସଦସ୍ୟଙ୍କୁ ମଧ୍ୟ ସାମିଲ କରାଯାଇଛି। ପଞ୍ଚମ ସଦସ୍ୟଙ୍କ ନିଯୁକ୍ତି ପରେ ହେବ। ଆୱାନା ଦିଲ୍ଲୀର ୧୬, ୧୯ ଓ ୨୩ ବର୍ଷରୁ କମ୍ ଦଳ ସହ ପ୍ରଶିକ୍ଷକ ଓ ଦଳ ପରିଚାଳନା କ୍ଷେତ୍ରରେ କାମ କରିଛନ୍ତି। ଭାରତୀୟ ୧୯ ବର୍ଷରୁ କମ୍ ଦଳ ଏବଂ ବିସିସିଆଇର ହାଇପରଫର୍ମାନ୍ସ ସେଣ୍ଟର ସହ ମଧ୍ୟ ସେ ଜଡ଼ିତ ଥିଲେ। ଘରୋଇ କ୍ରିକେଟ୍‌ରେ ୬୨ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳି ଆୱାନା ୧୯୧ଟି ୱିକେଟ୍ ନେଇଛନ୍ତି। ଆଇପିଏଲ୍‌ରେ କିଙ୍ଗ୍ସ ଇଲେଭେନ୍ ପଞ୍ଜାବ ପାଇଁ ୩୩ଟି ମ୍ୟାଚ୍ ଖେଳି ୩୯ଟି ୱିକେଟ୍ ହାସଲ କରିଥିଲେ। ଆୱାନା ଭାରତ ପକ୍ଷରୁ ଦୁଇଟି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। କମିଟିର ଅନ୍ୟ ସଦସ୍ୟଙ୍କ ମଧ୍ୟରେ ଆସାମ ଓ ଗୋଆର ପୂର୍ବତନ ଦ୍ରୁତ ବୋଲର କୃଷ୍ଣ ଦାସ, ଗୁଜରାଟ ଓ ବରୋଦା ପାଇଁ ଖେଳିଥିବା ରାକେଶ ପଟେଲ ଏବଂ ହାଇଦ୍ରାବାଦର ପୂର୍ବତନ କ୍ରିକେଟର ଅର୍ଜୁନ ଯାଦବ ରହିଛନ୍ତି। ଏମାନଙ୍କର ଖେଳାଳି ଓ ପ୍ରଶିକ୍ଷକ ଭାବେ ଘରୋଇ କ୍ରିକେଟ୍‌ରେ ଅଭିଜ୍ଞତା ରହିଛି। ଅର୍ଜୁନ ୨୦୦୦ ମସିହାରେ ୧୯ ବର୍ଷରୁ କମ୍ ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ସଦସ୍ୟ ଥିଲେ। ୨୦୨୨ରୁ ବିସିସିଆଇ ମ୍ୟାଚ୍ ରେଫରି ଭାବେ କାର୍ଯ୍ୟ କରୁଛନ୍ତି।

ପ୍ରଥମ ବିଜୟ ଲକ୍ଷ୍ୟରେ ଓଏଫ୍‌ସି

ଭୁବନେଶ୍ୱର,୨୩।୧୦(ସମିସ): ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍‌ଏଲ୍) ୨୦୨୬-୨୭ ଋତୁରେ ଘରୋଇ ଓଡ଼ିଶା ଏଫ୍‌ସି ଶନିବାର ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସିକୁ ଭେଟିବ। କଳିଙ୍ଗ ଷ୍ଟାଡିୟମ୍‌ରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ଓଡ଼ିଶା ପ୍ରଥମ ବିଜୟ ହାସଲ ଲକ୍ଷ୍ୟରେ ରହିଛି। ପ୍ରଥମ ଦୁଇଟି ମ୍ୟାଚ୍‌ରୁ ଓଡ଼ିଶା ମାତ୍ର ଗୋଟିଏ ପଏଣ୍ଟ ପାଇଥିବାବେଳେ ନର୍ଥଇଷ୍ଟ ଉଭୟ ମ୍ୟାଚ୍ ଜିତି ପଏଣ୍ଟ ତାଲିକାର ଶୀର୍ଷରେ ରହିଛି। ଗତ ମାର୍ଚ୍ଚରେ ଉଭୟ ଦଳର ମୁକାବିଲାରେ ଓଡ଼ିଶା ୪-୧ ଗୋଲ୍‌ରେ ବିଜୟୀ ହୋଇଥିଲା। ରାହୁଲ କେପି ଦୁଇଟି ଗୋଲ୍ ଦେଇଥିଲେ। ତେବେ ଏଥର ନର୍ଥଇଷ୍ଟ ଏକ କଠିନ ପ୍ରତିଦ୍ୱନ୍ଦ୍ୱୀ ବୋଲି ଓଡ଼ିଶା ପ୍ରଶିକ୍ଷକ ଟିଜି ପୁରୁଷୋତ୍ତମନ୍ କହିଛନ୍ତି। ଚାପମୁକ୍ତ ରହି ସକାରାତ୍ମକ ମନୋଭାବରେ ଖେଳିବାକୁ ସେ ଖେଳାଳିଙ୍କୁ ପରାମର୍ଶ ଦେଇଛନ୍ତି। ନର୍ଥଇଷ୍ଟ ପ୍ରଶିକ୍ଷକ ଜୁଆନ୍ ପେଡ୍ରୋ ବେନାଲି ମଧ୍ୟ ଓଡ଼ିଶାକୁ ହାଲୁକା ଭାବେ ନେବାକୁ ମନା କରିଛନ୍ତି। ଆହତ ଯୋଗୁଁ ନର୍ଥଇଷ୍ଟର ଡିଫେଣ୍ଡର ଆଶୀର ଅଖତାର ଖେଳିବେ ନାହିଁ। ଘରୋଇ ପରିବେଶର ଫାଇଦା ନେଇ ଓଡ଼ିଶା ବିଜୟ ପାଇଁ ଲଢ଼ିବ।

ପ୍ରଥମ ମହିଳା ଦିନିକିଆରେ ଜିମ୍ବାୱେ ପରାସ୍ତ

ପ୍ରତୀକା, ଶ୍ରୀଚରଣୀ ଭାରତକୁ ଜିତାଇଲେ

ଭଦୋଦରା, ୨୩।୧୦ (ଏଜେନ୍ସି): ଜିମ୍ବାୱେ ବିପକ୍ଷରେ ଶୁକ୍ରବାର ଏଠାରେ ଅନୁଷ୍ଠିତ ପ୍ରଥମ ଦିନିକିଆ ମ୍ୟାଚକୁ ଭାରତୀୟ ମହିଳା କ୍ରିକେଟ୍ ଦଳ ୯ ୱିକେଟର ବଡ଼ ବ୍ୟବଧାନରେ ବିଜୟୀ ହୋଇଛି। ଜିମ୍ବାୱେ ପ୍ରଦତ୍ତ ୧୯୮ ରନର ଲକ୍ଷ୍ୟକୁ ଭାରତ ଗୋଟିଏ ୱିକେଟ ହରାଇ ୨୭.୧ ଓଭରରେ ହାସଲ କରିନେଇଥିଲା। ଓପନର ପ୍ରତୀକା ରାୱଲଙ୍କ ଶତକ ଓ ବାମହାତୀ ସ୍ପିନର ଶ୍ରୀଚରଣୀ ପ୍ରଭାବୀ ବୋଲିଂ କରି ଭାରତକୁ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତିନି ମ୍ୟାଚବିଶିଷ୍ଟ ସିରିଜର ଦ୍ୱିତୀୟ ଦିନିକିଆ ରବିବାର ଏଠାରେ ଖେଳାଯିବ।

ଶୁକ୍ରବାର ଅନୁଷ୍ଠିତ ଏହି ପ୍ରଥମ ଦିନିକିଆ ମ୍ୟାଚରେ ଭ୍ରମଣକାରୀ ଜିମ୍ବାୱେ ମହିଳା କ୍ରିକେଟ୍ ଦଳ ଟସ୍ ଜିତି ବ୍ୟାଟିଂ କରିଥିଲା। ତେବେ ମଧ୍ୟକ୍ରମରେ ବିଲଭଡ୍ ବିଜାଙ୍କୁ ଛାଡ଼ିଦେଲେ ଅନ୍ୟକୌଣସି ବ୍ୟାଟର ବଡ଼ ସ୍କୋର କରିପାରି ନ ଥିଲେ। ଫଳରେ ଜିମ୍ବାୱେ ୪୯.୫ ଓଭରରେ ୧୯୭ ରନ କରି ଅଲଆଉଟ୍ ହୋଇଯାଇଥିଲା। ବିଜା ସର୍ବାଧିକ ୬୨ ରନ କରିଥିଲେ। ଭାରତ ପକ୍ଷରୁ ଶ୍ରୀଚରଣୀ (୧୦-୩-୨୩-୪) ସୁନ୍ଦର ବୋଲିଂ କରିଥିଲେ। ସେହିଭଳି କ୍ରାନ୍ତି ଗୌଡ଼ (୩/୪୨), ଦୀପ୍ତି ଶର୍ମା (୨/୪୪) ଓ ଶେଫାଳି ବର୍ମା (୧/୨୮) ମିଳିତ ଭାବରେ ଅନ୍ୟ ଛଅଟି ୱିକେଟ ନେଇଥିଲେ।

ଜବାବରେ ଓପନର ପ୍ରତୀକା ରାୱଲଙ୍କ ଅପରାଜିତ ୧୦୦ ରନ ବଳରେ ଭାରତ ୧୩୭ଟି ବଲ୍ ବଳକା ଥାଇ ଗୋଟିଏ ୱିକେଟ ହରାଇ ବିଜୟୀ ହୋଇଥିଲା। ୯୬ ବଲର ଏହି ଶତକୀୟ ପାଳିରେ ପ୍ରତୀକା ୧୫ଟି ଚୌକା ମାରିଥିଲେ। ସେହିଭଳି ଶେଫାଳି ୩୩ ବଲରେ ୬୪ ରନ କରି ଅପରାଜିତ ରହିଥିଲେ। ଅଧିନାୟିକା ସ୍ମୃତି ମନ୍ଧାନା ୩୨ ରନ କରି ଏକମାତ୍ର ବ୍ୟାଟର ଭାବରେ ଆଉଟ୍ ହୋଇଥିଲେ।

ବଲାଙ୍ଗିରରେ ଜାତୀୟ ଲନ୍ ବଲ୍ ଉଦ୍‌ଘାଟିତ

ବଲାଙ୍ଗିର,୨୩।୧୦(ସମିସ): ବଲାଙ୍ଗିର ରାଜେନ୍ଦ୍ର ନାରାୟଣ ସିଂହଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସସ୍ଥିତ "ବୋଲିଂ ଗ୍ରୀନ୍ସ' କୋର୍ଟରେ ଶୁକ୍ରବାର ପ୍ରଥମ ଜାତୀୟ ୧୮ ବର୍ଷରୁ କମ୍ ଏବଂ ଷଷ୍ଠ ୨୫ ବର୍ଷରୁ କମ୍ ଲନ୍‌ବଲ୍ ପ୍ରତିଯୋଗିତା ଆରମ୍ଭ ହୋଇଛି। ରାଜ୍ୟରେ ପ୍ରଥମଥର ଆୟୋଜିତ ଏହି ପ୍ରତିଯୋଗିତାରେ ଓଡ଼ିଶାର ଦୁଇଟି ଦଳ ଅଂଶଗ୍ରହଣ କରିଛି। ଓଡ଼ିଶା ଦଳର ଜୟଶଙ୍କର ପଟେଲ, ଶୁଭ୍ରାଂଶୁ ଡାଙ୍ଗ, ସୀମା ମୁଣ୍ଡା, ରାଜେଶ୍ୱରୀ ସେଠ, ରୋଶନୀ ସାହୁ ଏକକ ବର୍ଗରେ ବିଜୟୀ ହୋଇଛନ୍ତି। ତେବେ ଅଂଶୁମାନ ବାଗଙ୍କୁ ପରାଜୟର ସାମ୍ନା କରିବାକୁ ପଡ଼ିଛି। ସନ୍ଦୀପ ସାହାଣୀ-

ରଶ୍ମି ଦଣ୍ଡସେନାଙ୍କ ମିଶ୍ରିତ ଯୁଗଳ ଯୋଡ଼ି ୧୮ ବର୍ଷରୁ କମ୍ ବର୍ଗରେ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ଶିଖା ପୋଢଙ୍କୁ ୱାକ୍ ଓଭର ମିଳିଛି।

ଉଦ୍‌ଘାଟନୀ ଉତ୍ସବରେ ବଲାଙ୍ଗିର ଏସ୍‌ପି ଅଭିଳାଷ ଜୀ, ଅତିରିକ୍ତ ଏସ୍‌ପି ଗୁଣନିଧି ମଲ୍ଲିକ, ଅଭିନେତ୍ରୀ ତଥା ପୂର୍ବତନ ଖେଳାଳି ପ୍ରାଚୀ ତେହଲାନ, ଭାରତୀୟ ବୋଲିଂ ସଂଘ କୋଷାଧ୍ୟକ୍ଷ କ୍ରିଷ୍ଣବୀର ସିଂହ ରାଠି, ଭାରତୀୟ ଅସିଚାଳନା ସଂଘ କୋଷାଧ୍ୟକ୍ଷ ଦେବେନ୍ଦ୍ର କୁମାର ସାହୁ, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଡକ୍ଟର ଅଞ୍ଜୁ ଲୁଥାରା, ବଲାଙ୍ଗିର କ୍ରୀଡ଼ା ଛାତ୍ରାବାସ ଭାରପ୍ରାପ୍ତ ଅଧିକାରୀ ପରାଶର ବାଗ, ଅନ୍ତର୍ଜାତୀୟ କ୍ରୀଡ଼ାବିତ୍ ଆନନ୍ଦିନୀ ଦର୍ଜି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘର ସମ୍ପାଦକ ତପନ ସ୍ୱାଇଁଙ୍କୁ ସମ୍ମାନିତ କରାଯାଇଥିଲା। ଓଡ଼ିଶା ରାଜ୍ୟ ବୋଲିଂ ସଂଘର ସମ୍ପାଦକ ସୁମିତ ରଂଜନ ପୁରୋହିତଙ୍କ ତତ୍ତ୍ୱାବଧାନ ଓ ସଂଯୋଜନାରେ ଏହା ପରିଚାଳିତ ହେଉଛି।

ଏସୀୟ ଓ ରାଜ୍ୟଗୋଷ୍ଠୀ ପଦକ ବିଜେତାଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୩।୧୦ (ସମିସ): ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଜାପାନରେ ଶେଷ ହୋଇଥିବା ଏସୀୟ କ୍ରୀଡ଼ାରେ ପଦକ ସଫଳତା ହାସଲ କରିଥିବା କିଟ୍ ଓ କିସ୍‌ର କ୍ରୀଡ଼ାବିତ୍‌ଙ୍କୁ ଶୁକ୍ରବାର ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କିଟ୍ ପରିସରରେ ଶୁକ୍ରବାର ଆୟୋଜିତ ସମାରୋହରେ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉପସ୍ଥିତ ରହି ମୋଟ ୨୧ ଜଣ ପଦକ ବିଜେତାଙ୍କୁ ମୋଟ ୨କୋଟି ୫୦ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। ଏସୀୟ କ୍ରୀଡ଼ାରେ କିଟ୍ ଓ କିସ୍‌ର ୫୭ ଜଣ ଛାତ୍ରଛାତ୍ରୀ ଭାରତରୁ ପ୍ରତିନିଧିତ୍ୱ କରି ମୋଟ ୨୧ଟି ପଦକ ହାସଲ କରିଥିଲେ। ସେହିପରି ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ କିଟ୍‌ର ୫ ଜଣ କ୍ରୀଡ଼ାବିତ ପଦକ ଜିତିଥିଲେ। ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ବିଜେତାଙ୍କୁ ୭ଲକ୍ଷ, ରୌପ୍ୟ ବିଜେତାଙ୍କୁ ୫ଲକ୍ଷ ଓ କାଂସ୍ୟ ପଦକ ବିଜେତାଙ୍କୁ ୩ ଲକ୍ଷ ଲେଖାଏଁ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ସେହିପରି ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ବିଜେତାଙ୍କୁ ଯଥାକ୍ରମେ ୫,୩ ଓ ୨ଲକ୍ଷ ଲେଖାଏଁ ଟଙ୍କା ଦିଆଯାଇଥିଲା। ସେହିଭଳି ଅଂଶଗ୍ରହଣ କରିଥିବା ପ୍ରତ୍ୟେକ ଖେଳାଳିଙ୍କୁ ୧ଲକ୍ଷ ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଲିମ୍ପିଆନ୍ ଦୂତୀ ଚାନ୍ଦ, ଅନୁରାଧା ବିଶ୍ୱାଳ, ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଓ ସାଇକ୍ଲିଷ୍ଟ ମୀନତି ମହାପାତ୍ର, ଆଥଲେଟିକ୍ କୋଚ୍ ସଞ୍ଜୟ ଗଡ଼ନାୟକ, ପ୍ରଫେସର ଶରଣଜିତ ସିଂହ, ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, ଡ. ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟି-୨୦ ଆଜି

୨୦୦ତମ ବିଜୟ ଲକ୍ଷ୍ୟରେ ଭାରତ

ଖ୍ରୀଷ୍ଟଚର୍ଚ୍ଚ,୨୩।୧୦(ଏଜେନ୍ସି)

ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଶନିବାର ଦ୍ୱିତୀୟ ଟି-୨୦ ମ୍ୟାଚ୍ ଖେଳାଯିବ। ସ୍ଥାନୀୟ ହେଗ୍‌ଲି ଓଭାଲ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଦ୍ୱିତୀୟ ଟି-୨୦ ମୁକାବିଲା ଉପରେ ସମସ୍ତଙ୍କର ନଜର ରହିଛି। ଏଥିରେ ପୁଣି ଏକ ରୋମାଞ୍ଚକର ଲଢେଇ ଦେଖିବାକୁ ମିଳିପାରେ। ପ୍ରଥମ ମ୍ୟାଚ୍‌ରେ ୨୨୬ ରନ୍‌ର ବିଶାଳ ଲକ୍ଷ୍ୟ ପିଛା କରି ଭାରତ ବିଜୟୀ ହୋଇଥିବାରୁ ଦ୍ୱିତୀୟ ମୁକାବିଲାକୁ ନେଇ ଉତ୍ସାହ ବଢ଼ିଛି। ଏହି ମ୍ୟାଚ୍‌ରେ ଯୁବ ବ୍ୟାଟର୍ ବୈଭବ ସୂର୍ଯ୍ୟବଂଶୀଙ୍କ ଖେଳିବା ସମ୍ଭାବନା ରହିଛି। ସେହିଭଳି କାକର ମ୍ୟାଚ୍‌ର ଫଳାଫଳ ନିର୍ଣ୍ଣୟରେ ଗୁରୁତ୍ୱପୂର୍ଣ୍ଣ ହୋଇପାରେ। ଗୁରୁବାର ଖେଳାଯାଇଥିବା ପ୍ରଥମ ଟି-୨୦ରେ ନ୍ୟୁଜିଲାଣ୍ଡ ୨୨୫ ରନ୍ କରିଥିଲା। ଜବାବରେ ଭାରତୀୟ ଦଳ ଅଭିଷେକ ଶର୍ମା ଓ ସଞ୍ଜୁ ସାମସନ୍‌ଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ପାୱାର-ପ୍ଲେ ମଧ୍ୟରେ କୌଣସି ୱିକେଟ୍ ନ ହରାଇ ୯୩ ରନ୍ କରିଥିଲା। ଭାରତ ବିଜୟୀ ହୋଇଥିଲେ ମଧ୍ୟ ନ୍ୟୁଜିଲାଣ୍ଡ ଶେଷ ଓଭର ପର୍ଯ୍ୟନ୍ତ ଲଢେଇ ଜାରି ରଖି ମ୍ୟାଚ୍‌କୁ ରୋମାଞ୍ଚକର କରିଥିଲା। ଦୁଇ ଦଳ ମଧ୍ୟରେ ଏଥର ମଧ୍ୟ କଡ଼ା ଟକ୍କର ଆଶା କରାଯାଉଛି। ଏହି ମ୍ୟାଚ୍ ଜିତିଲେ ଭାରତ ଟି-୨୦ ଫର୍ମାଟ୍‌ରେ ୨୦୦ତମ ବିଜୟ ହାସଲ କରିବ। ଅପରପକ୍ଷରେ ନ୍ୟୁଜିଲାଣ୍ଡ ଘରୋଇ ପରିବେଶରେ ବିଜୟ ହାସଲ କରି ସିରିଜକୁ ପ୍ରତ୍ୟାବର୍ତ୍ତନ କରିବା ଲକ୍ଷ୍ୟରେ ରହିଛି।

ରେକର୍ଡ ନିକଟରେ ଭାରତ

ପ୍ରଥମ ଟି-୨୦ରେ ବିଜୟ ସହ ଭାରତ ଏହି ଫର୍ମାଟ୍‌ରେ ୧୯୯ତମ ବିଜୟ ହାସଲ କରିଛି। ଦଳ ଦ୍ୱିଶତକୀୟ ବିଜୟଠାରୁ ମାତ୍ର ଗୋଟିଏ ପାଦ ଦୂରରେ ରହିଛି। ଅନ୍ୟପକ୍ଷରେ ଅର୍ଶଦୀପ ସିଂହ ଓ ନ୍ୟୁଜିଲାଣ୍ଡ ଅଧିନାୟକ ମିଚେଲ୍ ସାଣ୍ଟନର୍ ଟି-୨୦ ଅନ୍ତର୍ଜାତୀୟରେ ୧୫୦ ୱିକେଟ୍ ପୂରଣ କରିବା ନିକଟରେ ଅଛନ୍ତି।

ସୂର୍ଯ୍ୟବଂଶୀଙ୍କୁ ମିଳିପାରେ ସୁଯୋଗ

ଭାରତୀୟ ଦଳର ଇଶାନ କିଶନ୍ ଆହତ ହୋଇ ଦ୍ୱିତୀୟ ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ବୈଭବ ସୂର୍ଯ୍ୟବଂଶୀ ଖେଳିବାର ସମ୍ଭାବନା ଅଧିକ। ସେ ଅଭିଷେକଙ୍କ ସହ ଇନିଂସ ଆରମ୍ଭ କରିପାରନ୍ତି। ଏପରି ହେଲେ ସାମସନ୍ ତୃତୀୟ ସ୍ଥାନରେ ବ୍ୟାଟିଂ କରିବେ। ଏପର୍ଯ୍ୟନ୍ତ ଆଠଟି ଟି-୨୦ ମ୍ୟାଚ୍‌ରେ ସୂର୍ଯ୍ୟବଂଶୀ ୩୦.୭୫ ହାରରେ ରନ୍ କରିବା ସହ ୧୮୬.୩୬ ଷ୍ଟ୍ରାଇକ୍ ରେଟ୍ ବଜାୟ ରଖିଛନ୍ତି। ତାଙ୍କ ଆକ୍ରମଣାତ୍ମକ ବ୍ୟାଟିଂ ଭାରତକୁ ଦ୍ରୁତ ଆରମ୍ଭ ଦେଇପାରେ। ତେବେ ପାୱାର-ପ୍ଲେ'ରେ ନ୍ୟୁଜିଲାଣ୍ଡର ଅଫ୍‌ସ୍ପିନର୍ ମାଇକେଲ ବ୍ରେସୱେଲ୍ କିମ୍ବା ଗ୍ଲେନ୍ ଫିଲିପ୍ସଙ୍କୁ ବ୍ୟବହାର କରିବାର ରଣନୀତି ଭାରତ ପାଇଁ ଚ୍ୟାଲେଞ୍ଜ୍ ସୃଷ୍ଟି କରିପାରେ।

ଭାରତ ସମ୍ଭାବ୍ୟ ଏକାଦଶ

ଅଭିଷେକ ଶର୍ମା, ବୈଭବ ସୂର୍ଯ୍ୟବଂଶୀ, ସଞ୍ଜୁ ସାମସନ୍ (ୱିକେଟ୍‌କିପର), ଶ୍ରେୟସ ଆୟର (ଅଧିନାୟକ), ତିଲକ ବର୍ମା, ନମନ ଧୀର, ନୀତୀଶ କୁମାର ରେଡ୍ଡୀ, ଅକ୍ଷର ପଟେଲ, ଭୁବନେଶ୍ୱର କୁମାର, ଅର୍ଶଦୀପ ସିଂହ, ମୟଙ୍କ ଯାଦବ।

ନ୍ୟୁଜିଲାଣ୍ଡ ସମ୍ଭାବ୍ୟ ଏକାଦଶ

ଫିନ୍ ଆଲେନ୍, ଟିମ୍ ସେଇଫର୍ଟ (ୱିକେଟ୍‌କିପର), ଡାରିଲ୍ ମିଚେଲ୍, ଗ୍ଲେନ୍ ଫିଲିପ୍ସ, ବେଭନ୍ ଜାକବ୍ସ, ମାଇକେଲ୍ ବ୍ରେସୱେଲ୍, ମିଚେଲ୍ ସାଣ୍ଟନର୍ (ଅଧିନାୟକ), ନାଥନ୍ ସ୍ମିଥ୍, ମ୍ୟାଟ୍ ହେନ୍‌ରୀ, ଆଡାମ୍ ମିଲ୍‌ନେ, ଲକି ଫର୍ଗୁସନ୍।

ମ୍ୟାଚ୍ ଆରମ୍ଭ: ଅପରାହ୍ଣ ୧୨ଟା ୩୦
ପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ/ ସୋନିଲିଭ୍

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY